# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୬/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 16/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୧୪୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 141 ମୂଲ୍ୟ₹୭/-



DSPL - 10

www.odishaskillconclave.in

Industry Partner

# ବିଶ୍ୱସ୍ତରୀୟ ଦକ୍ଷତା ଉତ୍ସବକୁ ସ୍ୱାଗତ

ଆସନ୍ତୁ, ଦକ୍ଷତା ଏବଂ ବୈଷୟିକ ଶିକ୍ଷାର ଉତ୍ସବ 'ଓଡିଶା ସ୍କିଲ୍ କନକ୍ଲେଭ ୨୦୨୩'ରେ ଆମ ସହିତ ଯୋଗ ଦିଅନ୍ତୁ । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଭାରତ ତଥା ବିଶ୍ୱର ଶିକ୍ଷାର୍ଥୀ ଏବଂ ଦକ୍ଷତା ବିକାଶ ଉପକ୍ରମରେ ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ସୁଯୋଗ ଆଣିଦେବ । 'ନୂଆ ବିଶ୍ୱ ପାଇଁ ଦକ୍ଷତା' ବିଷୟକୁ ନେଇ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମ ସହଭାଗିତା ସୃଷ୍ଟିରେ ସାହାଯ୍ୟ କରିବା ସହିତ ଏକ ନୂତନ ଭବିଷ୍ୟତର ସମ୍ଭାବନା ସୃଷ୍ଟି କରିବ ।

## ଓଡ଼ିଶା
## ସ୍କିଲ୍ କନକ୍ଲେଭ ୨୦୨୩
ଭୁବନେଶ୍ୱର । ୨୦ରୁ ୨୨ ଅପ୍ରେଲ

*ନୂଆ ବିଶ୍ୱ ପାଇଁ ଦକ୍ଷତା*

**କଳିଙ୍ଗ ଷ୍ଟାଡିୟମ୍, ଭୁବନେଶ୍ୱର**

3 ଦିନର ଦକ୍ଷତା ଉତ୍ସବ | 2000+ ଶିକ୍ଷାର୍ଥୀ ଅଂଶଗ୍ରହଣକାରୀ | 1000+ ଶିଳ୍ପପତି

100+ ବକ୍ତା | 7 ସ୍ୱତନ୍ତ୍ର ପ୍ୟାନେଲ ଆଲୋଚନା | 150+ ପ୍ରଦର୍ଶକ

"ଦିନ ଆସିବ ଯେତେବେଳେ ଲୋକେ ପଚାରିବେ, ଆପଣ କ'ଣ ଓଡ଼ିଶାରୁ ଦକ୍ଷତା ପ୍ରାପ୍ତ ?"

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ପଞ୍ଜିକରଣ ପାଇଁ ସ୍କାନ୍ କରନ୍ତୁ

**ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ**

@sdte.odisha @sdteodisha @SDTE_Odisha @SDTE_Odisha

OIPR-44011/13/0002/2324

# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଏପ୍ରିଲ ୧୬/୨୦୨୩ | Bhubaneswar, Sunday, April 16/2023




DSPL-09

SAMS Student Academic Management System

Skilled in ODISHA

## DIRECTORATE OF TECHNICAL EDUCATION & TRAINING, ODISHA

KILLAMAIDAN, BUXIBAZAR, CUTTACK-753001

email: ccrdiploma2023@gmail.com, Website: http://www.dtetorissa.gov.in

## DIPLOMA ADMISSION – 2023

NOTICE No.5270 Dt.15.04.2023

ONLINE Applications are invited from eligible candidates for admission into following Diploma courses in the Government & Private Engineering Schools/Polytechnics of Odisha for 2023-24 Academic Session through SAMS Portal (**www.samsodisha.gov.in**). The portal will be opened wef **17.04.2023 (Monday)** for registration and filling up of **Common Application Form (CAF)** by the applicants.

| Sl. | Diploma Courses | Eligibility |
|---|---|---|
| 1. | 1st Semester Diploma in Engineering/Technology | Pass in HSC examination/10th standard examination conducted/ declared equivalent by BSE, Odisha. |
| 2. | 3rd Semester Engineering/ Technology (Lateral Entry) | Pass in +2 Science Examination from CHSE, Odisha or its equivalent examination with PCM / +2 Vocational (2 years course) in any Engineering Trade / 2 years ITI in Engineering Trades/ COE Trades with pass in HSC examination or 10th standard examination conducted / declared equivalent by BSE, Odisha |

**AGE** – Minimum 14 years for the above courses as on 01.07.2023. No upper Age Limit.

**RESERVATION** – Reservation under different categories as applicable will be mentioned in the Diploma e-Admission 2023 Information Brochure to be notified shortly.

**OUTSIDE STATE CANDIDATES** – Outside State candidates fulfilling eligibility criteria are also eligible for:

(i) Admission to **1st** Semester of 3 year Diploma Engineering Courses against 15% seats reserved for them in Private Engineering Schools & Polytechnics only.

(ii) They are also eligible to take admission under Lateral Entry provided they have prosecuted their study for the qualifying examination in an institution inside the State of Odisha having approval from the competent authority after exhaustion of state merit list.

| Sl. | Diploma Courses | Eligibility |
|---|---|---|
| 3. | 1st Semester/ Year Non-Engineering | (i) **Modern Office Management (MOM):** Pass in 10+2 Examination from CHSE, Odisha or its equivalent examination in Science/ Arts/ Commerce recognized by CHSE, Odisha. |

**(ii) Pharmacy:** A pass in10+2 examination (science academic stream) with Physics, Chemistry and Biology or Mathematics or Any other qualification approved by Pharmacy Council of India as equivalent to the above examination.

**(iii)Hotel Management & Catering Technology (HM&CT):** Pass in 10+2 Examination from CHSE, Odisha or its equivalent examination in Science/ Arts/ Commerce recognized by CHSE, Odisha.

**(iv)Beauty Culture (BC):** Educational qualification is same as 1st Semester of Engineering/ Technology course.

**AGE**:Minimum 14 years for BC & 16 years for MOM, Pharmacy & HM&CT as on **01.07.2023**. No Upper Age limit.

| Sl. | Diploma Courses | Eligibility |
|---|---|---|
| 4. | 1st Semester Diploma in Vocational Courses | Pass in HSC examination/ 10th standard examination conducted/ declared equivalent by BSE, Odisha. |

**N.B.**

1) Reservation under different categories will be applicable as specified by Government of Odisha for admission to Diploma Courses.

2) Candidates appeared in the qualifying examination can also apply.

3) The Diploma e-Admission Information Brochure 2023 shall be made available shortly on the website: **www.samsodisha.gov.in** and **http://www.dtetorissa.gov.in**.

**How to Apply:** On the Home Page of the SAMS Portal, by clicking on **Diploma (Polytechnic)** TAB under **Skill Development & Tech Education** BOX, the applicant will be directed to DIPLOMA Admission Home Page. **Applicants need to download the USER MANUAL and follow the detailed procedure prior to Registration, Filling up of CAF, Uploading the valid Documents, Filling up of Choices, Payment of non-refundable Application Fee and submit the Application (CAF)**. The applicants may also visit the DTE&T, Odisha Website **www.dtetodisha.gov.in** where all admission related information will be made available and he/she will be redirected to SAMS Home Page by clicking DIPLOMA NEW ASPIRANT Tab for new registration.




**WELFARE SCHEMES:**

- **AICTE Pragati Scholarship for eligible GIRL STUDENTS (for Freshers) @ Rs.50,000/- Annum for all category.**
- **Financial Assistance for all GIRL STUDENTS under SUDAKHYA SCHEME of Govt. of Odisha.**
- Exemption of Fees and payment of Stipend to Orphans during study under GREEN PASSAGE SCHEME of Govt. of Odisha
- AICTE SAKSHAM Scholarship for eligible differently able students having disability 40% or more (for Fresher) @ Rs.50,000/- Annum for all category.
- AICTE SWANATH Scholarship for eligible Orphans/ children, whose either or both parents died due to Covid-19/ Wards of Armed Forces and Central Paramilitary Forces martyred in action (Shaheed)
- Merit-cum-poverty scholarships for 20% students in every discipline in every Govt. institute.
- Post-metric scholarships & other financial assistance sanctioned by Govt. from time to time for ST/ SC/OBC/ SEBC/EBC students.
- Scholarship for Minority Community students in all institutions as applicable.
- One time scholarship of **Rs.6000/-** to eligible **Topper/Girl Topper students** in each semester examination.
- National Scholarship/Junior Scholarship basing on HSC Marks.

**IMPORTANT NOTES:** Candidates should read the USER MANUAL carefully and apply through **ONLINE mode only** along with required DATA & non-refundable application fee of (i) **Rs.200/-** for **ST, SC & FEMALE** (ii) **Rs.300/-** for **MALE** candidates (Transgender, Orphan & **Physically Challenged category applicants are exempted from payment of Application Fee**) and the payment can be made through **ATM cum DEBIT/ Credit Card/ Net Banking only** through Internet before submission of the CAF.

**For any specific query, contact Diploma Admission Call Centre Phone No. 155335/1800-345-6770 (Toll Free) (From 9 AM to 6 PM) or email to ccrdiploma2023@gmail.com or Contact / Visit nearby Govt. Polytechnics for assistance.**

OIPR-44008/13/0001/2324 Sd./- Director of Technical Education & Training


# କୋଟିଆରେ ଆନ୍ଧ୍ର ଆଧାର କ୍ୟାମ୍ପ

***କୋଟିଆ ସୀମା ବିବାଦ ଅଦାଲତରେ ବିଚାରାଧୀନ ରହିଛି। ହେଲେ ଅନୁପ୍ରବେଶ ବନ୍ଦ ହେଉ ନାହିଁ। ଆନ୍ଧ୍ର ପକ୍ଷରୁ କେତେବେଳେ ଓଡ଼ିଶା ସୀମାନ୍ତ ଗ୍ରାମରେ ପ୍ରବେଶ କରି ନିର୍ବାଚନ ପାଇଁ ଚେଷ୍ଟା କରାଯାଉଛି ତ ଆଉ କେତେବେଳେ ଲୋକଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଭତ୍ତା ଏବଂ ସହାୟତା ବଣ୍ଟା ଯାଉଛି। ଏବେ ପୁଣି ଆଧାର କ୍ୟାମ୍ପ ପକାଇ ଲୋକମାନଙ୍କ ବାୟୋମେଟ୍ରିକ୍ ତଥ୍ୟ ସଂଗ୍ରହ କରାଯାଉଛି। କଳେବଳେ କୌଶଳେ କୋରାପୁଟ ଜିଲା କୋଟିଆ ପଞ୍ଚାୟତର କିଛି ଗ୍ରାମକୁ ଆନ୍ଧ୍ର ନିଜ ଅଧୀନକୁ ନେବାକୁ ଉଦ୍ୟମ କରି ଆସୁଛି।***

**ପଟ୍ଟାଙ୍ଗି, ୧୫।୪(ଡି.ଏନ୍.ଏ.)**

ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମା ବିବାଦ ଲାଗି ରହିଥିବାବେଳେ ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତର ସୀମାନ୍ତବର୍ତ୍ତୀ କିଛି ଗ୍ରାମରେ ନିଜର ଆଧିପତ୍ୟ ଜାରି ରଖିଛି। ଏବେ କୋଟିଆ ପଞ୍ଚାୟତ ତଳସେମ୍ଭି ଗ୍ରାମର ଏକ ଘରେ ଆନ୍ଧ୍ର ପାର୍ବତୀପୁରମ୍ ମାନ୍ୟମ୍ ଜିଲା ପ୍ରଶାସନ ପକ୍ଷରୁ ଏକ ୧୦ ଦିନିଆ ଆଧାର କ୍ୟାମ୍ପ ଆରମ୍ଭ ହୋଇଛି। ଏଥିରେ ପଞ୍ଚାୟତର ଉପରସେମ୍ଭି, ଧୁଳିପଦର, ପାନୁକୁଲୁବାଲସା, ଝଙ୍କାରବାଲସା, ଆରୁଜୁବାଲସା, ନେରିଡିବାଲସା ଓ ତାଡିବାଲସା ଗ୍ରାମର

## ତଳସେମ୍ଭି ଗ୍ରାମରେ ୧୦ଦିନିଆ ଶିବିର




କୋଟିଆ ପଞ୍ଚାୟତ ତଳସେମ୍ଭି ଗ୍ରାମରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପକ୍ଷରୁ ଚାଲିଥିବା ଆଧାର କ୍ୟାମ୍ପ।

## ଅନୁପ୍ରବେଶ ଜାରି

ଲୋକେ ଏହି କ୍ୟାମ୍ପରେ ପହଞ୍ଚି ନିଜ ଆଧାର କାର୍ଡ ନିମନ୍ତେ ନାମ ପଞ୍ଜୀକରଣ କରି ଫଟୋ ଉଠାଉଥିବା ଦେଖିବାକୁ ମିଳିଛି। ଏପରି କି ଲୋକମାନେ ଆଧାର କାର୍ଡ ଏବଂ ସଂଶୋଧନ ପାଇଁ କ୍ୟାମ୍ପ ନିକଟରେ ଲମ୍ବା ଧାଡ଼ି ଲଗାଇଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏପରି କାର୍ଯ୍ୟକ୍ରମ ଚାଲିଥିଲେ ମଧ୍ୟ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କୁ ଏସମ୍ପର୍କରେ ପଚାରିବାରେ ସେ ଆନ୍ଧ୍ରର ଆଧାର କ୍ୟାମ୍ପ ସମ୍ପର୍କରେ ଅବଗତ ଥିବା କହିଛନ୍ତି। ବିଗତ ଦିନରେ ଓଡିଶା ସରକାରଙ୍କ ନିର୍ଦ୍ଦେଶରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ଆଧାର କାର୍ଡ କ୍ୟାମ୍ପ କରି ସମସ୍ତ ପରିବାର ସଦସ୍ୟଙ୍କୁ ଆଧାର କାର୍ଡ ପ୍ରଦାନ କରାଯାଇଥିବାବେଳେ ପୁଣି ସେହି ଗ୍ରାମବାସୀଙ୍କୁ ଦ୍ୱିତୀୟ ଥର ଆନ୍ଧ୍ର ଆଧାର କାର୍ଡ କ୍ୟାମ୍ପ କରି ଗ୍ରାମବାସୀଙ୍କ ନାମ ପଞ୍ଜୀକରଣ ☞ପୃଷ୍ଠା-୨

# ପୁଲ୍‌ୱାମା ପ୍ରସଙ୍ଗ: ମୋଦି କହିଲେ 'ଚୁପ୍ ରୁହ'


କରନ୍ ଥାପର


ସତ୍ୟପାଳ ମଲିକ

**କେନ୍ଦ୍ରର ଭୁଲ୍ ଯୋଗୁ ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା: ସତ୍ୟପାଲ**

**ନୂଆଦିଲ୍ଲୀ, ୧୫।୪**

ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ପୁଲ୍‌ୱାମା ଆକ୍ରମଣ ପ୍ରସଙ୍ଗରେ ଚାଞ୍ଚଲ୍ୟକର ପ୍ରଘଟ କରିଛନ୍ତି। ୨୦୧୯ ଫେବୃୟାରୀ ୧୪ରେ ପୁଲ୍‌ୱାମାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ଗାଡ଼ିକୁ ଆତଙ୍କବାଦୀମାନେ ଆତ୍ମଘାତୀ ବିସ୍ଫୋରଣରେ ଉଡ଼ାଇଦେବାରୁ ୪୦ ଯବାନଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ଭାଜପା ନିର୍ବାଚନୀ ପ୍ରସଙ୍ଗରେ ପରିଣତ କରିଥିଲା ବୋଲି ସତ୍ୟପାଲ ଏକ ସାକ୍ଷାତ୍‌କାରରେ କହିଛନ୍ତି। ☞ପୃଷ୍ଠା-୨






# ସମ୍ବଲପୁରରେ କର୍ଫ୍ୟୁ ବଳବତ୍ତର

- **ଆଉ ୪୮ ଘଣ୍ଟା ଇଣ୍ଟରନେଟ୍ ବନ୍ଦ**
- **ପରୀକ୍ଷାର୍ଥୀଙ୍କ ପାଇଁ କର୍ଫ୍ୟୁ କୋହଳ ହେବ: ଡିଜିପି**

**ସମ୍ବଲପୁର, ୧୫।୪(ବ୍ୟୁରୋ)**

ସମ୍ବଲପୁରରେ ହନୁମାନ ଜୟନ୍ତୀ ଉପଲକ୍ଷେ ଗତ ବୁଧବାର ଏବଂ ଶୁକ୍ରବାର ହୋଇଥିବା ଶୋଭାଯାତ୍ରାବେଳେ ସାମ୍ପ୍ରଦାୟିକ ଦଙ୍ଗା ଦେଖିବାକୁ ମିଳିଛି। ବୁଧବାରଠାରୁ ସହର ଏକପ୍ରକାର ଅଶାନ୍ତର ଅଞ୍ଚଳ ପାଲଟିଛି। ଆକ୍ରମଣ, ପୋଡ଼ାଜଳା, ପଥରମାଡ଼ ଆଦି ହିଂସାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଶୁକ୍ରବାର ରାତି ୧୨ଟାରୁ ସହରରେ କର୍ଫ୍ୟୁ ଜାରି କରିଛି। ଟାପା ଉତ୍ତେଜନା ଥିବାରୁ ଶନିବାର ମଧ୍ୟ କର୍ଫ୍ୟୁ ବଳବତ୍ତର ରହିଛି।

ପୋଲିସ ଡିଜି ସୁନୀଲ ବଂଶଲ ଶନିବାର ସମ୍ବଲପୁର ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ସହିତ ଆଇନଶୃଙ୍ଖଳା ଏଡିଜି ଆର. କେ. ଶର୍ମା, ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଉପସ୍ଥିତ ଥିଲେ। ପ୍ରଥମେ ଆଇଜି ଅଫିସ୍‌ରେ ସମୀକ୍ଷା ବୈଠକ ହୋଇଥିଲା। ଘଟଣା ଦିନଠାରୁ ଏପର୍ଯ୍ୟନ୍ତ କ'ଣ ସବୁ ଘଟିଛି, କାହିଁକି ଏଭଳି ଅଘଟଣ ଘଟିଲା ସେନେଇ ଡିଜିପି ଆଲୋଚନା କରିଥିଲେ। ବୈଠକରେ ଉତ୍ତରାଞ୍ଚଳ ପୋଲିସ ଆଇଜି ଡ. ଦୀପକ କୁମାର, ଏସ୍‌ପି ବାତ୍ତୁଲା ଗଙ୍ଗାଧର ଉପସ୍ଥିତ ଥିଲେ। ପରେ ଡିଜିପି ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ବିତର୍କ ଲୋଡ଼ା




FOR TRADE ENQUIRIES : Wholesalers, Departmental Stores & Showrooms
EMAIL: jkjsparky@gmail.com | WEBSITE: www.sparkyjeans.in
Download Sparky Jeans App From: Google Play | facebook.com/sparkyclothing

**ଆଜିର ମନ୍ତବ୍ୟ**

"ଜଳବାୟୁ ପରିବର୍ତ୍ତନ ଏକବିଂଶ ଶତାବ୍ଦୀର ସବୁଠୁ ବଡ଼ ଚ୍ୟାଲେଞ୍ଜ। ଏହାର ମୁକାବିଲାରେ ସମସ୍ତଙ୍କର ଯୋଗଦାନ ଜରୁରୀ। କେବଳ ସମ୍ମିଳନୀ ଟେବୁଲ୍‌ରୁ ନୁହେଁ ପ୍ରତି ଘରର ଡାଇନିଂ ଟେବୁଲ୍‌ରୁ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼ିବାକୁ ହେବ। -**ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଡ଼ ମୁଦି ଆଗୁଆଳି**
**କଥାଏ ଦି'କଥା କହିଥାନ୍ତି**
**ସଙ୍ଗେ ସଙ୍ଗେ ଜଗୁଆଳି।**

ସାଧାରଣତଃ ସମୟ ସୁବିଧା ଦେଖି ବ୍ୟକ୍ତି ନିଜ ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିଥାନ୍ତି। ତେବେ ପାଖରେ ଯଦି କେହି ନିଜ ଲୋକ ବା ଆତ୍ମୀୟ ଉପସ୍ଥିତ ରହିଥାଏ ତା'ହେଲେ ମନର କଥା ଖୋଲି କହିବାରେ ଅସୁବିଧା ସୃଷ୍ଟି ହୋଇଥାଏ। ପାଖରେ ଆତ୍ମୀୟ ଲୋକ ଥିଲେ ଗୋପନ କଥା ପ୍ରକାଶ କରିବା ଅତ୍ୟନ୍ତ ବିପଜ୍ଜନକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗଲା ଅଇଲା କଥା ଯେତେ**
**ସଙ୍ଗାତ ନ ପକା ଏତେ।**

ଗଲା କଥା ଗଲାଣି। ତା' ଉପରେ ଆଉ ଚିନ୍ତା କରିବା ଅନୁଚିତ। ଅତୀତରେ ଘଟିଥିବା ଘଟଣାଗୁଡ଼ିକୁ ଭୁଲିଯିବା ସହ ବିଗତ କଥାକୁ ରେଣ୍ଟି କରି ନ ଧରିବାକୁ ବନ୍ଧୁଙ୍କୁ ଅନୁରୋଧ କରାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# କମ୍ପାନୀ କ୍ୟାମ୍ପରେ ନିଆଁ, ଜଳିଗଲା ପ୍ଲାଷ୍ଟିକ ସାମଗ୍ରୀ



କ୍ୟାମ୍ପରେ ଲାଗିଥିବା ନିଆଁକୁ ଅଗ୍ନିଶମ ବିଭାଗ କର୍ମଚାରୀ ଆୟତ୍ତ କରୁଛନ୍ତି।

■ **ସଇଁତଳା ରେଳ ଷ୍ଟେଶନ ନିକଟରେ ଘଟିଥିଲା ଅଗ୍ନିକାଣ୍ଡ**
■ **ରେଳଲାଇନ ଦୋହରାକରଣ ପାଇଁ କରାଯାଇଥିଲା କ୍ୟାମ୍ପ**

**ସଇଁତଳା, ୧୫।୪ (ଡି.ଏନ.ଏ.)**

ସମ୍ବଲପୁର-ଟିଟିଲାଗଡ଼ ରେଳଲାଇନ ଦୋହରାକରଣ କାର୍ଯ୍ୟ ନେଇଥିବା ଏଲ୍ଆଣ୍ଡଟି କମ୍ପାନୀର ସଇଁତଳା ରେଳଷ୍ଟେଶନ ନିକଟ କ୍ୟାମ୍ପରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ ସାମଗ୍ରୀ ଜଳିଯାଇଛି। ନିଆଁ ଅଧିକ ବ୍ୟାପିବା ପୂର୍ବରୁ ସଇଁତଳା ଓ ଦେଓଗାଁ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ତେବେ ନିଆଁ ଲାଗିଥିବା ସମୟରେ ଟ୍ରେନ ଚଳାଚଳ ଦୀର୍ଘ ସମୟ ଧରି ବ୍ୟାହତ ହୋଇଥିଲା। ଅଗ୍ନିକାଣ୍ଡର ତୀବ୍ରତାକୁ ଦେଖି ଜାମପଦର ଓ ସଇଁତଳାକୁ ସଂଯୋଗ କରୁଥିବା ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଏଲ୍ଆଣ୍ଡଟି କମ୍ପାନୀ କିମ୍ବା ରେଳୱେର କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବାରୁ ସେମାନଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଦୁଇବର୍ଷ ତଳେ ସମ୍ବଲପୁର-ଟିଟିଲାଗଡ଼ ରେଳଲାଇନ ଦୋହରୀକରଣ, ବିଭିନ୍ନ ରେଳ ଷ୍ଟେଶନର ଉନ୍ନତିକରଣ ସହ ବିଦ୍ୟୁତୀକରଣ କାମ ଏଲ୍ଆଣ୍ଡଟି କମ୍ପାନୀ ତରଫରୁ ଚାଲିଥିଲା। ଏହି ସମୟରେ ସଇଁତଳା ରେଳଷ୍ଟେଶନ ନିକଟ ସିଲେଟପଡ଼ା ପାଖରେ କମ୍ପାନୀ ତା'ର ଏକ କ୍ୟାମ୍ପ କରି ସେଠାରେ ପ୍ଲାଷ୍ଟିକ କେବୁଲ ପାଇପ, ବିଦ୍ୟୁତ୍ ତାର, ଲାଇଟ ଖମ୍ବ ସହ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ ସାମଗ୍ରୀ ରଖିଥିଲା। ରେଳଲାଇନ ଦୋହରୀକରଣ କାମ ସମାପ୍ତ ହୋଇଯାଇଥିବାବେଳେ ବଳି ଯାଇଥିବା ପ୍ଲାଷ୍ଟିକ ସାମଗ୍ରୀ କ୍ୟାମ୍ପରେ ହିଁ ପଡ଼ି ରହିଥିଲା। ଶନିବାର ସକାଳୁ କୌଣସି କାରଣରୁ ନିଆଁ ଲାଗି କ୍ୟାମ୍ପ ଜଳିବାକୁ ଲାଗିଥିଲା। ପଖରେ ଥିବା ସିଲେଟପଡ଼ା ଗ୍ରାମବାସୀ ତୁରନ୍ତ ସଇଁତଳା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ।

# ବଣଭୋଜି ବେଳେ ଆକ୍ରମଣ, ୫ ଆହତ

**ବାସୁଦେବପୁର, ୧୫।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗମେଇ ନଦୀପଠା ଝାଉଁବଣଠାରେ ଶନିବାର ଅପରାହ୍ନରେ ବଣଭୋଜି କରୁଥିବା ବେଳେ ମନ୍ଦାରୀ ଗ୍ରାମର ୫ଜଣଙ୍କୁ ଆକ୍ରମଣ କରାଯାଇଛି। ଏଥିରେ ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ସୁରେଶ ନାୟକ, ପ୍ରଦୀପ ନାୟକ, ରଞ୍ଜନ ନାୟକ, ଦିନେଶ ମଲ୍ଲିକ ଓ ଜୟନ୍ତୀ ମଲ୍ଲିକ। ବାସୁଦେବପୁର ଡାକ୍ତରଖାନାରେ ସେମାନଙ୍କର ପ୍ରାଥମିକ ଚିକିତ୍ସା କରାଯାଇଛି। ଏନେଇ ପ୍ରଦୀପ ସନ୍ଧ୍ୟାରେ ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ନନ୍ଦପୁର ଗ୍ରାମର ଏକ ପରିବାର ପୂର୍ବଶତ୍ରୁତାକୁ କେନ୍ଦ୍ରକରି ମାରଣାସ୍ତ୍ରରେ ଆକ୍ରମଣ କରିଥିବା ସେ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଅପରପକ୍ଷର ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ ମାମଲା ରୁଜୁ ହୋଇନାହିଁ।

## ପ୍ରଥମ ପୃଷ୍ଠାରୁ...



କର୍ଫ୍ୟୁ ଯୋଗୁ ଜିଲାସ୍କୁଲ ଛକ ଶୁନ୍‌ଶାନ୍ ହୋଇପଡ଼ିଛି।



ସମ୍ବଲପୁର ଗୋଲବଜାର ଅଞ୍ଚଳ ବୁଲି ସ୍ଥିତି ପରଖୁଛନ୍ତି ପୋଲିସ ଡିଜି ସୁନୀଲ ବଂଶଲ।

## ସମ୍ବଲପୁରରେ କର୍ଫ୍ୟୁ ...

ପୋଡ଼ାଜଳା ହୋଇଥିବା ସ୍ଥାନକୁ ଯାଇ ବୁଲି ଦେଖିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ କରି ଆଇନଶୃଙ୍ଖଳା ଫେରାଇ ଆଣିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ଡିଜିପି କହିଛନ୍ତି, ସ୍ଥିତିରେ ସୁଧାର ଆସିବା ନେଇ ପଦକ୍ଷେପ ଗ୍ରହଣ କରାଯାଉଛି। କର୍ଫ୍ୟୁ ସମୟ ବୃଦ୍ଧି କରାଯାଇଛି। ଶୁକ୍ରବାର ଅପେକ୍ଷା ଶନିବାର ସୁରକ୍ଷା ବ୍ୟବସ୍ଥା କଡ଼ା କରାଯାଇଛି। ଅଧିକ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି। ତେବେ ପରୀକ୍ଷାର୍ଥୀମାନଙ୍କ ପାଇଁ କର୍ଫ୍ୟୁ କୋହଳ ହେବ। ସେମାନେ ଆଡ୍‌ମିଟ୍ କାର୍ଡ ଦେଖାଇ ପରୀକ୍ଷା ପାଇଁ ଯାଇପାରିବେ। ଦୁଇଦିନ ଭିତରେ ସ୍ଥିତି ସ୍ୱାଭାବିକ ହୋଇଯିବ ବୋଲି ଆଶା କରାଯାଉଛି। ତଥ୍ୟ ପ୍ରମାଣ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି କହିଛନ୍ତି। ସମ୍ବଲପୁରବାସୀ ପ୍ରଶାସନ ଓ ପୋଲିସକୁ ସହଯୋଗ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ଜିଲାପାଳ ଅନନ୍ୟା ଦାସ କହିଛନ୍ତି ଯେ, ସମ୍ବଲପୁରକୁ ପରୀକ୍ଷା ଦେବାକୁ ଆସିବାକୁ ଥିବା ଛାତ୍ରୀଛାତ୍ରମାନଙ୍କୁ ବସ୍‌ଷ୍ଟାଣ୍ଡ ଓ ରେଲୱେ ଷ୍ଟେଶନରୁ ସ୍ୱତନ୍ତ୍ର ବସ୍‌ରେ ପରୀକ୍ଷା କେନ୍ଦ୍ରକୁ ନେବାଆଣିବା ବ୍ୟବସ୍ଥା କରାଯାଇଛି। ଏପରି କି ପରୀକ୍ଷାର୍ଥୀଙ୍କ ପାଇଁ ଦେୟଯୁକ୍ତ ଖାଇବା ବ୍ୟବସ୍ଥା ମଧ୍ୟ କରାଯାଇଥିବା ଜିଲାପାଳ କହିଛନ୍ତି।

କର୍ଫ୍ୟୁ ଯୋଗୁ ଦୋକାନବଜାର ବନ୍ଦ ସହ ରାସ୍ତା ଶୁନ୍‌ଶାନ ହୋଇପଡ଼ିଛି। ତେବେ ପୋଲିସ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିବାରୁ ଶନିବାର ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଆଉ ସେଭଳି କୌଣସି ଆଇନଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇନାହିଁ। ହିଂସା ଘଟଣାରେ ଶନିବାର ୧୭ଜଣଙ୍କୁ ମିଶାଇ ମୋଟ ୪୯ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ସଂଖ୍ୟା ଆହୁରି ବୃଦ୍ଧିପାଇବ ବୋଲି ଜଣେ ପୋଲିସ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ପୋଲିସ ଡ୍ରୋନ୍ ଓ ସିସିଟିଭି କ୍ୟାମେରାରେ ସ୍ଥିତି ଉପରେ ନଜର ରଖିଛି। ଇଣ୍ଟରନେଟ ସେବାକୁ ପୁଣି ୪୮ ଘଣ୍ଟା ପାଇଁ ବନ୍ଦ କରି ଦିଆଯାଇଛି। ଫଳରେ ଜନସାଧାରଣ ବହୁତ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ସରକାରୀ, ବେସରକାରୀ ଅଫିସ୍‌ଗୁଡ଼ିକର କାର୍ଯ୍ୟ ପ୍ରଭାବିତ ହୋଇଛି। ତେବେ କର୍ଫ୍ୟୁ ମଧ୍ୟରାତ୍ରିରେ ଘୋଷଣା କରାଯାଇଥିବାରୁ ଲୋକମାନେ ପୂର୍ବ ପ୍ରସ୍ତୁତି କରି ପାରି ନ ପାରି ସମସ୍ୟା ଭୋଗିଛନ୍ତି। ପ୍ରଶାସନ ପକ୍ଷରୁ ସକାଳେ ଡାକବାଜି ଯନ୍ତ୍ର ଜରିଆରେ କର୍ଫ୍ୟୁ ସମ୍ପର୍କରେ ଘୋଷଣା କରାଯାଇଥିଲା।

ସୂଚନାଯୋଗ୍ୟ ଯେ, ହନୁମାନ ଜୟନ୍ତୀ ଉପଲକ୍ଷେ ବୁଧବାର ବାଇକ ରାଲି ଆୟୋଜନ ହୋଇଥିଲା। ଏହି ସମୟରେ ପଥରମାଡ ହୋଇ ହିଂସା ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲାରେ ୪୮ ଘଣ୍ଟା ପାଇଁ ନେଟ୍ ସେବା ବନ୍ଦ କରିଦିଆଯିବା ସହ ୧୪୪ ଧାରା ଲାଗୁ କରାଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ସୁନାପାଲି ଅଞ୍ଚଳରୁ କେତେଜଣଙ୍କ ଘରୁ ଚଢାଉ କରି ୧୫ରୁ ଊର୍ଦ୍ଧ୍ୱ ପେଟ୍ରୋଲ ବୋମା, ୧୮ ପ୍ଲାଷ୍ଟିକ ଟ୍ରେରେ ଧାରୁଆ ପଥର ଜବତ କରିଥିଲା। ଏହାସହ ୪୦ ପ୍ଲାଟୁନ୍ ଫୋର୍ସ ସହରରେ ମୁତୟନ କରାଯାଇଥିଲା। କିନ୍ତୁ ଶୁକ୍ରବାର ହନୁମାନ ଜୟନ୍ତୀରେ ଶୋଭାଯାତ୍ରା ଚାଲିଥିବାବେଳେ ପୁଣି ହିଂସା ଦେଖିବାକୁ ମିଳିଥିଲା। ପୋଡ଼ାଜଳ, ଭଙ୍ଗାରୁଜା ସମେତ ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇ ହତ୍ୟା କରାଯାଇଥିଲା।

ଘଟଣାରେ ଗୋଇନ୍ଦା ଓ ପୋଲିସ ଫେଲ୍ ମାରିବା ସମ୍ପର୍କରେ ପଚରାଯିବାରୁ ଡିଜିପି ବଂଶଲ କହିଛନ୍ତି ଯେ, ପ୍ରଥମେ ଶାନ୍ତି ଫେରିବା ଉପରେ ପ୍ରାଥମିକତା ଦିଆଯାଇଛି। ପରବର୍ତ୍ତୀ ସମୟରେ ଘଟଣା ପାଇଁ କେଉଁମାନେ ଦାୟୀ କିମ୍ବା କାହାର ଅବହେଳା ରହିଛି ସେନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କୋଟିଆରେ ଆନ୍ଧ୍ର ...

ସହ ଫଟୋ ଉଠାଇବା ଜାରି ରଖିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଗତ ୧ ତାରିଖ ଓଡ଼ିଶା ପ୍ରତିଷ୍ଠା ଦିବସ ପାଳନ ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ୬ଜଣ ଭାଜପା ବିଧାୟକ ବିବାଦୀୟ କୋଟିଆର ବିଭିନ୍ନ ଅଞ୍ଚଳ ଗସ୍ତ କରି ଲୋକଙ୍କ ସହ ମିଶି ସେମାନଙ୍କ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଏପରି କି ଆନ୍ଧ୍ରର ଅନୁପ୍ରବେଶ ଚିନ୍ତାଧାରାକୁ ବିରୋଧ କରି ଏହାକୁ କେବେ ସଫଳ ହେବାକୁ ଦିଆଯିବ ନାହିଁ ବୋଲି ଧର୍ମେନ୍ଦ୍ର କହିଥିଲେ। ଗସ୍ତ ସମୟରେ ଧର୍ମେନ୍ଦ୍ର ସେଠାରେ ଉପସ୍ଥିତ ଥିବା ଆନ୍ଧ୍ରର କେତେଜଣ ପ୍ରଶାସନିକ ଅଧିକାରୀ ଏବଂ ପୋଲିସ କର୍ମଚାରୀଙ୍କୁ କୋଟିଆ ଅଞ୍ଚଳକୁ କାହିଁକି ଆସିଛ ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ କୋଟିଆର ୨୧ଟି ଗ୍ରାମ ଆନ୍ଧ୍ର ଅଧୀନରେ ଯାଉଛି ବୋଲି ଅଧିକାରୀମାନେ କହିଥିଲେ। ହେଲେ ଧର୍ମେନ୍ଦ୍ର ତାଙ୍କୁ କୋଟିଆ କେବଳ ଓଡ଼ିଶାର ବୋଲି କହିବା ସହ ତୁରନ୍ତ ଅଧିକାରୀମାନଙ୍କୁ ସେଠାରୁ ଚାଲିଯିବାକୁ କହି 'ଆନ୍ଧ୍ର ଗୋ ବ୍ୟାକ୍' ନାରା ଦେଇଥିଲେ। ସେହି ଘଟଣାରେ ଆନ୍ଧ୍ର ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଧର୍ମେନ୍ଦ୍ର ଜଣେ କେନ୍ଦ୍ରମନ୍ତ୍ରୀ ହୋଇଥିବାରୁ ସେ କେବଳ ଗୋଟିଏ ରାଜ୍ୟକୁ ସମର୍ଥନ କରିବା ଠିକ୍ ନୁହେଁ ବୋଲି ଆନ୍ଧ୍ର ପକ୍ଷରୁ କୁହାଯାଇଥିଲା। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଏଭଳି ତାଗିଦା ପରେ ଆନ୍ଧ୍ର ସରକାର ଏବେ ଏକ କେନ୍ଦ୍ରୀୟ ଯୋଜନାକୁ ଉକ୍ତ ବିବାଦୀୟ ଅଞ୍ଚଳରେ କାର୍ଯ୍ୟକାରୀ କରାଇ ନିଜ ଦାବିର ଯଥାର୍ଥତା ପ୍ରତିପାଦନ ପାଇଁ ଉଦ୍ୟମ ଚଳାଇଥିବା କୁହାଯାଉଛି।

## ପୁଲ୍‌ୱାମା ପ୍ରସଙ୍ଗ: ମୋଦି ...

ଯେତେବେଳେ ସତ୍ୟପାଲ ରାଜ୍ୟପାଳ ଭାବରେ ଏହି ଦୁର୍ଭାଗ୍ୟଜନକ ଘଟଣା ପାଇଁ କେନ୍ଦ୍ରର ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ଦାୟୀ କରି ରିପୋର୍ଟ ଦେଲେ, ସେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଚୁପ୍ ରହିବା ପାଇଁ କହିଥିଲେ ବୋଲି ସେ ଅଭିଯୋଗ ଆଣିଛନ୍ତି।

'ଦି ୱେର୍' ନ୍ୟୁଜ୍ ପୋର୍ଟାଲ ପାଇଁ ବରିଷ୍ଠ ଖବରଦାତା କରନ୍ ଥାପରଙ୍କୁ ସାକ୍ଷାତ୍କାର ଦେଇ ସତ୍ୟପାଲ କହିଛନ୍ତି, ପୁଲ୍‌ୱାମା ଘଟଣା ପୂର୍ବରୁ ସିଆର୍‌ପିଏଫ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ବିମାନ ମାଗିଥିଲା। ଏତେ ସଂଖ୍ୟାରେ ଯବାନଙ୍କୁ ସଡ଼କ ପଥରେ ନେବା ନିରାପଦ ନୁହେଁ ବୋଲି ସିଆର୍‌ପିଏଫ୍ ଜଣାଇବା ସହ ସେମାନଙ୍କ ପାଇଁ ୫ଟି ବିମାନ ଆବଶ୍ୟକ ବୋଲି କହିଥିଲା। ତେବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ବିମାନ ଦେବାକୁ ମନା କରିଦେଇଥିଲା। ସେଥିପାଇଁ ବିସ୍ଫୋରଣରେ ୪୦ ଯବାନଙ୍କ ଜୀବନ ଗଲା ବୋଲି ସତ୍ୟପାଲ କହିଛନ୍ତି। ବିସ୍ଫୋରଣ ଦିନ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡର କର୍ବେଟ୍ ଜାତୀୟ ଉଦ୍ୟାନ ବାହାରୁ ତାଙ୍କୁ ଫୋନ୍ କରି କେନ୍ଦ୍ରର ତ୍ରୁଟି ପାଇଁ ଯବାନ ଶହୀଦ ହେବା କଥାକୁ ସ୍ୱୀକାର କରିଥିଲେ। ତେବେ 'ବର୍ତ୍ତମାନ ତୁମେ ଚୁପ୍ ରୁହ' ବୋଲି ମୋଦି ସତ୍ୟପାଲଙ୍କୁ ପରାମର୍ଶ ଦେଇଥିଲେ। 'ଏସବୁ କୁହନାହିଁ, ଏହା କିଛି ଅଲଗା ଘଟଣା, ଆମକୁ କହିବାକୁ ଦିଅ' ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କେବଳ ପ୍ରଧାନମନ୍ତ୍ରୀ ନୁହନ୍ତି, ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ୍ ଡୋଭାଲ ମଧ୍ୟ ସତ୍ୟପାଲ୍‌ଙ୍କୁ ପୁଲ୍‌ୱାମା ସମ୍ପର୍କରେ କିଛି ନ କହି ନୀରବ ରହିବାକୁ ପରାମର୍ଶ ଦେଇଥିଲେ। ଏବେ ବିସ୍ଫୋରଣର ଦୋଷ ପାକିସ୍ତାନ ମୁଣ୍ଡରେ ଲଦିବାକୁ ହେଲେ ଚୁପ୍ ରହିବା ଆବଶ୍ୟକ ବୋଲି ସେ କହିଥିଲେ।

ପୂର୍ବତନ ରାଜ୍ୟପାଳ ସତ୍ୟପାଲ ଆହୁରି କହିଛନ୍ତି, ପୁଲ୍‌ୱାମା ଆକ୍ରମଣକୁ ନେଇ ଗୋଇନ୍ଦା ୧୦୦ ପ୍ରତିଶତ ବିଫଳ ହୋଇଥିଲା। ସିଆର୍‌ପିଏଫ୍ ଗାଡ଼ିକୁ ଧକ୍କା ଦେଇଥିବା କାର୍‌ରେ ୩୦୦ କିଲୋଗ୍ରାମ ବିସ୍ଫୋରକ ଥିଲା। କାର୍ ବିସ୍ଫୋରଣ ହେବା ପୂର୍ବରୁ ୧୦-୧୨ ଦିନ ଯାଏ ଉକ୍ତ ଅଞ୍ଚଳର ବିଭିନ୍ନ ଗ୍ରାମରେ ବୁଲିଥିଲେ ମଧ୍ୟ ତାହାକୁ ଚିହ୍ନଟ କରାଯାଇ ନ ଥିଲା। ଏତେ ପରିମାଣରେ ବିସ୍ଫୋରକ କେବଳ ପାକିସ୍ତାନରୁ ଆସିଥାଇପାରେ। କିନ୍ତୁ ଏନେଇ ଗୋଇନ୍ଦା ବିଭାଗ ସୁରାକ ନ ପାଇବା ଯବାନମାନଙ୍କ ମୃତ୍ୟୁର ଅନ୍ୟତମ କାରଣ ବୋଲି ସତ୍ୟପାଲ କହିଛନ୍ତି।

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯିବା ନେଇ ମୋଦି ସରକାରଙ୍କ ଯୋଜନା ସମ୍ପର୍କରେ ରାଜ୍ୟପାଳଙ୍କୁ ଆଗୁଆ ସୂଚନା ଦିଆଯାଇ ନ ଥିଲା। ତେବେ କେନ୍ଦ୍ର ଏଜେଣ୍ଡାରେ ଏହା ରହିଥିବାରୁ ଉକ୍ତ ରାଜ୍ୟରୁ ସ୍ୱତନ୍ତ୍ର ପାହ୍ୟା ପ୍ରତ୍ୟାହୃତ ହେବା ନେଇ ସେ ଜାଣିଥିଲେ ବୋଲି ସତ୍ୟପାଲ କହିଛନ୍ତି। ୩୭୦ ଉଚ୍ଛେଦ ହେବାର ପୂର୍ବଦିନ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ତାଙ୍କୁ ଫୋନ୍ କରିଥିଲେ। ତାଙ୍କ ପାଖକୁ ପଠାଯାଇଥିବା ଏକ ପତ୍ରକୁ କମିଟିରେ ଗୃହୀତ କରାଇ ପରଦିନ ପୂର୍ବାହ୍ନ ୧୧ଟା ସୁଦ୍ଧା ପଠାଇଦେବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଥିଲେ। ଯଦି ପୂର୍ବରୁ ତାଙ୍କର ପରାମର୍ଶ ନିଆଯାଇଥାନ୍ତା, ତେବେ ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ ହେବାକୁ ସେ ଦେଇ ନ ଥାନ୍ତେ। ବିଦ୍ରୋହକୁ ଡରି ପୋଲିସକୁ ନିଜ ନିୟନ୍ତ୍ରଣରେ ରଖିବା ପାଇଁ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିବା ସେ ଅନୁମାନ କରୁଛନ୍ତି ବୋଲି ପୂର୍ବତନ ରାଜ୍ୟପାଳ କହିଛନ୍ତି।

କଶ୍ମୀର ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭୁଲ୍ ସୂଚନା ଦିଆଯାଇଥିବା କଥା ସତ୍ୟପାଲ ୨୦୧୮ରେ ତାଙ୍କ ସହ ଆଲୋଚନା ବେଳେ ଜାଣିବାକୁ ପାଇଥିଲେ। ସେତେବେଳକୁ ମୋଦି ୪ ବର୍ଷ ପ୍ରଧାନମନ୍ତ୍ରୀ ପଦରେ ରହିସାରିଥିଲେ। ଏକ ବୀମା ଡିଲ୍ ଏବଂ ବିଦ୍ୟୁତ୍ ପ୍ରକଳ୍ପରେ ଦୁର୍ନୀତି ହୋଇଥିବା ସତ୍ୟପାଲ ଏକାଧିକ ଥର ଅଭିଯୋଗ କରିଛନ୍ତି। ସେ ରାଜ୍ୟପାଳ ଭାବେ ଉକ୍ତ ଡିଲ୍ ଓ ପ୍ରକଳ୍ପକୁ ଅଟକାଇଥିଲେ। ଏହି ଅଭିଯୋଗ ସହ ଏକ ବ୍ୟବସାୟ ପ୍ରତିଷ୍ଠାନ, ଜମ୍ମୁ-କଶ୍ମୀରର ଜଣେ ପୂର୍ବତନ ମନ୍ତ୍ରୀ ଏବଂ ଆର୍‌ଏସ୍‌ଏସ୍‌ର ଜଣେ ନେତା ସମ୍ପୃକ୍ତ। ଆର୍‌ଏସ୍‌ଏସ୍ ନେତା ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିଥିଲେ। ପ୍ରଧାନମନ୍ତ୍ରୀ ଦୁର୍ନୀତିକୁ ସେତେବେଶି ଘୃଣା କରନ୍ତି ନାହିଁ। ଦୁର୍ନୀତି ସମ୍ପର୍କରେ ମୋଦିଙ୍କୁ ଅଭିଯୋଗ କରିବାର ସପ୍ତାହେ ପରେ ତାଙ୍କୁ ଗୋଆରୁ ବଦଳି କରାଯାଇଥିଲା ବୋଲି ସତ୍ୟପାଲ କହିଛନ୍ତି। ତେବେ ଜମ୍ମୁ-କଶ୍ମୀରର ଅସାଧୁ ପ୍ରକଳ୍ପକୁ ବାତିଲ କରିବା ଘଟଣାରେ ମୋଦି ତାଙ୍କୁ ସମର୍ଥନ କରିଥିଲେ। ପାକିସ୍ତାନରୁ ତାଙ୍କ ପ୍ରତି ବିପଦ ଥିବା ଅଭିଯୋଗ ପରେ ଜେଡ୍ ସୁରକ୍ଷା ଓ ଘର ଯୋଗାଇଦେବାକୁ ସୁପାରିସ କରାଯାଇଥିଲା। ଏହା ସତ୍ତ୍ୱେ ତାଙ୍କୁ ମାତ୍ର ଜଣେ କନ୍‌ଷ୍ଟେବଲ ଯୋଗାଇଦିଆଯାଇଛି। ସରକାର ଚାହାନ୍ତି, ମୋତେ କେହି ମାରିଦେଉ ବୋଲି ସତ୍ୟପାଲ କହିଛନ୍ତି।

ସୂଚନାଯୋଗ୍ୟ, ସତ୍ୟପାଲ ମେଘାଳୟ ରାଜ୍ୟପାଳ ଥିବା ସମୟରୁ କେନ୍ଦ୍ର ବିରୋଧରେ ମନ୍ତବ୍ୟ ଦେଇଆସୁଛନ୍ତି। କେନ୍ଦ୍ରର କୃଷି ଆଇନ ବିରୋଧରେ ଚାଷୀ ଆନ୍ଦୋଳନକୁ ଦମନ କରିବାରେ ସରକାରଙ୍କ ପଦକ୍ଷେପକୁ ସତ୍ୟପାଲ ବିରୋଧ କରିଥିଲେ। ମୁସଲମାନଙ୍କ ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାରରେ ଥିବା ଭାଜପା ମନ୍ତ୍ରୀଙ୍କ ବିବାଦୀୟ ମନ୍ତବ୍ୟକୁ ମଧ୍ୟ ସେ ସମାଲୋଚନା କରିଥିଲେ। ଆଦାନୀ ଦୁର୍ନୀତି ପ୍ରସଙ୍ଗ ମୋଦି ସରକାରକୁ ଶେଷ କରିଦେବ। ବିରୋଧୀ ଯଦି ଜଣେ ସହ ଜଣେ ଲଢ଼େଇ ପାଇଁ ଆହ୍ୱାନ ଦିଅନ୍ତି, ତେବେ ମୋଦି ସରକାର ବର୍ତ୍ତିପାରିବେ ନାହିଁ ଏବଂ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ନିଜ ସପକ୍ଷରେ ପଦେ ବି ଉଚ୍ଚାରଣ କରିପାରିବେ ନାହିଁ ବୋଲି ସତ୍ୟପାଲ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ସାହାଯ୍ୟ ସହଯୋଗ ପାଉଥିବା ଲୋକଟି ସାଧାରଣ ସ୍ୱାର୍ଥହାନି ହେତୁ କୁତ୍ସାରଟନା କରିବାକୁ ପଛାଇବ ନାହିଁ। ଅଶ୍ୱିନୀ ନକ୍ଷତ୍ରର ପରିବାରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ପୂର୍ବ ଯୋଜନା ଅନୁଯାୟୀ କର୍ମକ୍ଷେତ୍ରସ୍ଥ ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟାକଲେ ଉପକୃତ ହେବେ। ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ।

**ବୃଷ** – ଆଜି କୃତ୍ତିକା ନକ୍ଷତ୍ର ସହକର୍ମୀଙ୍କ ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। ଆବଶ୍ୟକତାଠାରୁ ଅଧିକ ଖର୍ଚ୍ଚକରି ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ପ୍ରଯତ୍ନ କରିପାରନ୍ତି। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ କିନ୍ତୁ ପିଲାଙ୍କ ପଢ଼ାସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** – ଶନିଙ୍କ ପ୍ରଭାବରୁ ଆଧ୍ୟାତ୍ମିକତା ଦିଗରେ ଅନୁଧାବିତ ହୋଇପାରନ୍ତି। କିନ୍ତୁ ନିଜ ପରିସରସ୍ଥ ଭିନ୍ନ ଜାତି ବିଶେଷ ପରୋକ୍ଷ ଶତ୍ରୁତା ଆଚରଣ କରି ସମସ୍ୟାକୁ ବଢ଼ାଇଦେବେ। କହୁ କହୁ ଏପରି କିଛି କଥା କହିଦେବେ ଯେ କଳହ ଲାଗିଯିବ। ବ୍ୟବସାୟ କିମ୍ବା ଅନ୍ୟ କୌଣସି କାମରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** – ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ପାଇବେ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ରହିପାରନ୍ତି ଏବଂ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିବାକୁ ପଡ଼ିପାରେ। ଅଦାଲତ ସମ୍ବନ୍ଧୀୟ କେତେକ ଦୁଶ୍ଚିନ୍ତା ମନକୁ ବିଷାଦିତ କରିବ। ପୁନର୍ବସୁ ନକ୍ଷତ୍ର ସକାଶେ ସମୟଟି କିଛି ସୁଖ ଓ ଦୁଃଖ ଭିତରେ କଟିବ।

**ସିଂହ** – ପରିସ୍ଥିତି ସୁଧାରିବାକୁ ଯାଇ କରଜ କରିବାକୁ ବାଧ ହେବେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର କାହାର ଡାକରା ପାଇ ଦୂରଯାଗାକୁ ଯିବାକୁ ପଡ଼ିପାରେ। ଆଜି ଫେରିବା ସମୟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଆଣିବା ଲାଗି ଘରୁ ବରାଦ ପାଇବେ। କ୍ରୀଡ଼ା, ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ସମସ୍ୟାର ସମାଧାନ ହୋଇଯିବ।

**କନ୍ୟା** – କାର୍ଯ୍ୟହାନିଜନିତ କିମ୍ବା ସ୍ଥଗିତ କାର୍ଯ୍ୟ ସକାଶେ କର୍ମକ୍ଷେତ୍ରରେ ଅନୁତାପ କରିବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିବେ।

**ତୁଳା** – ଋଣ ପରିଶୋଧ ପାଇଁ ବ୍ୟାକୁଳ ହେବେ। ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। ଗତକାଲିର ଦରଖଣ୍ଡିଆ କାମଟିକୁ ଆଜି ପୂରା କରିବେ। ସ୍ୱାତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି। ପିଲାଙ୍କ ସମ୍ବନ୍ଧୀୟ କେତେକ ସମସ୍ୟା ମନକୁ ବିଶେଷ ଆନ୍ଦୋଳିତ କରିବ।

**ବିଛା** – ସମସ୍ୟା ଜାଲରେ ଛନ୍ଦି ହୋଇଥିବାରୁ ମନ କେବଳ ନେଗେଟିଭ୍ ଚିନ୍ତାରେ ଆକ୍ରାନ୍ତ ହେବ। ବିଶୃଙ୍ଖଳିତ କିମ୍ବା ଅସମାହିତ କର୍ମ ସକାଶେ ବ୍ୟସ୍ତ ହୋଇପାରନ୍ତି। ଏକ ସାଧାରଣ ଘଟଣାକୁ କେନ୍ଦ୍ରକରି ସାଙ୍ଗସାଥୀଙ୍କ ସହ ଉଚ୍ଚବାଚ ଘଟିପାରେ। ଅନୁରାଧା ନକ୍ଷତ୍ରର କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – କେତେକ କ୍ଷେତ୍ରରେ ମନରେ ଭୟ ଥିଲେ ମଧ୍ୟ ମୁହଁ ଟାଣ ରଖି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣ କରିନେବେ। କୌଣସି ଲୋକ ବିଷୟରେ କିଛି ନ ଜାଣି ତାହାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଉତ୍ତରାଷାଢ଼ା ନକ୍ଷତ୍ର ପିଲାଙ୍କ ବିବାହ ପ୍ରସ୍ତାବ ସମ୍ପର୍କରେ ବନ୍ଧୁ ଖବର ଦେଇପାରନ୍ତି। ବିଭିନ୍ନ ପ୍ରତିବନ୍ଧକ ହେତୁ ଉନ୍ନୟନ କାମ ବାଧାପ୍ରାପ୍ତ ହେବ।

**ମକର** – ଶ୍ରବଣା ନକ୍ଷତ୍ରର ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବ। ଉପସ୍ଥିତ ବୁଦ୍ଧିର ପ୍ରଶଂସା କରି ପାଖ, ପଡ଼ୋଶୀମାନେ ଭୂରି ଭୂରି ପ୍ରଶଂସା କରିପାରନ୍ତି।

**କୁମ୍ଭ** – ଆଜିର କାମଗୁଡ଼ିକ ବହୁତ ଅସୁବିଧା ଭିତରେ ସମ୍ପନ୍ନ ହେବ, ତେଣୁ ମାନସିକ ସ୍ଥିତି ଭଲ ରହି ନ ପାରେ। କଳା, ସାହିତ୍ୟ ଓ ସଙ୍ଗୀତ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ପୂର୍ବ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ। ଧନିଷ୍ଠା ନକ୍ଷତ୍ରର ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ଆଗାମୀ କାଲିର କାର୍ଯ୍ୟ ଲାଗି ତତ୍ପରତା ବଢ଼ିପାରେ।

**ମୀନ** – ଆଜି ଦିନଟିରେ ସତର୍କତାର ସହ କାମ କରିବା ଭଲ ହେବ ନଚେତ୍ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ କିମ୍ବା ସଭାସମିତିରେ ପ୍ରଶଂସିତ ହେବେ। ରେବତୀ ନକ୍ଷତ୍ରର ଆର୍ଥିକ ସ୍ୱଚ୍ଛଳତା ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ ଲାଭରୁ ଖୁସି ହେବେ। ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ସମାଲୋଚିତ ହେବା କାରଣରୁ ଅନୁତାପ କରିବାକୁ ପଡ଼ିପାରେ।

ଆଜି ବୈଶାଖ କୃଷ୍ଣପକ୍ଷର ସର୍ବସମ୍ମତ ବରୁଥିନୀ ଏକାଦଶୀ ରବିବାର,ଏପ୍ରିଲ ୧୬ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୨ମି. ଗତେ ଘ.୦୯।୪୧ମି. ମଧ୍ୟେ, ଘ.୦୧।୨୦ମି. ଗତେ ଘ.୦୧।୫୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୭ମି. ଗତେ ଘ.୬।୦୧ମି. ମଧ୍ୟେ ରାହୁକାଳ।




# ସୋମବାରରୁ ଖୋଲିବ ସ୍କୁଲ

## ୬ଟା ୩୦ରୁ ୧୧ଟା ଯାଏ ପାଠପଢ଼ା ହେବ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଆସନ୍ତା ସୋମବାର(୧୭ ତାରିଖ)ଠାରୁ ସ୍କୁଲ ଖୋଲିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲଗୁଡ଼ିକରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ସକାଳ ୬ଟା ୩୦ରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଚାଲିବ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲାପାଳମାନେ ସେମାନଙ୍କ ଜିଲାର ସ୍କୁଲଗୁଡ଼ିକର ସମୟ ନିର୍ଘଣ୍ଟକୁ ପରିବର୍ତ୍ତନ କରିପାରିବେ। ଏଥିସହିତ ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ସବୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗତ କିଛିଦିନ ହେବ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏପ୍ରିଲ ୧୨ ତାରିଖରୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ (ଦଶମ ଶ୍ରେଣୀ ଯାଏ) ୧୬ ତାରିଖ ଯାଏ ବନ୍ଦ କରିବାକୁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ ଗସ୍ତରୁ ଫେରିବା ପରେ ରାଜ୍ୟର ଗ୍ରୀଷ୍ମପ୍ରବାହ ସ୍ଥିତିକୁ ନେଇ ବରିଷ୍ଠ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରି ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଅଂଶୁଘାତ: କ୍ୟାପିଟାଲ ହସ୍ପିଟାଲରେ ଖୋଲିଲା ସ୍ୱତନ୍ତ୍ର ୱାର୍ଡ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

କିଛିଦିନ ହେବ ରାଜ୍ୟବାସୀଙ୍କୁ କଲବଲ କରୁଛି ତାତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସହ ଅସହ୍ୟ ତାତିରେ ଆଉଟୁପାଉଟୁ ହେଉଛନ୍ତି ରାଜ୍ୟବାସୀ। ସକାଳ ୮ଟା ସୁଦ୍ଧା ସହରର ତାପମାତ୍ରା ୩୦ ଡିଗ୍ରୀ ପାର କରୁଥିବାବେଳେ ଶନିବାର ସର୍ବାଧିକ ୪୧ ଡିଗ୍ରୀ ଛୁଇଁଛି। ଏଥିଯୋଗୁ ଅଂଶୁଘାତ ହେବା ସମ୍ଭାବନା ଥିବାରୁ ଏହାର ମୁକାବିଲା ପାଇଁ କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ୱାର୍ଡ ବା ଅଂଶୁଘାତ ଉପଚାର ବ୍ୟବସ୍ଥା କରାଯାଇଥିବା ହସ୍ପିଟାଲ ଅଧୀକ୍ଷକ ଡ. ଦିଲୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେ କହିଛନ୍ତି, କାଜୁଆଲିଟି ନିକଟରେ ୪ ଶଯ୍ୟା ବିଶିଷ୍ଟ ଏମରଜେନ୍ସି ଅଂଶୁଘାତ ଉପଚାର ରୁମ୍ ଖୋଲାଯାଇଛି। ସେହିପରି ଜରାୟୁ ରୋଗ ୱାର୍ଡ ନିକଟରେ ୧୦ ଶଯ୍ୟା ବିଶିଷ୍ଟ ଏକ ସ୍ୱତନ୍ତ୍ର ଉପଚାର ଗୃହ ଖୋଲାଯାଇଛି। ଔଷଧ ମହଜୁଦ ରଖାଯାଇଛି। ରୋଗୀମାନଙ୍କୁ ଓଆରଏସ୍ ଦିଆଯାଉଛି। ଡାକ୍ତର ସଜାଗ ଅଛନ୍ତି। ତେବେ ଲୋକମାନେ ଖରାରେ ବାହାରକୁ ବାହାରନ୍ତୁ ନାହିଁ। ଅତି ଜରୁରୀ କାମରେ ଯଦି ବାହାରକୁ ବାହାରୁଛନ୍ତି, ସାଥିରେ ଛତା, ଓଦା ଗାମୁଛା ଆଦି ରଖନ୍ତୁ। ଏଥିସହ ଖରାବେଳେ କାମ ନ କରିବାକୁ ଡ. ପଣ୍ଡା ଶ୍ରମିକଙ୍କୁ ପରାମର୍ଶ ଦେଇଛନ୍ତି।

## ୪୦ ଉପରେ ୨୩ ସହର

# ବୌଦ୍ଧ ସବୁଠୁ ଉତ୍ତପ୍ତ

## ବଦଳିବ ପାଗ, ୫ ଦିନ ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଗତ କିଛିଦିନ ହେବ ପ୍ରଚଣ୍ଡ ଗ୍ରୀଷ୍ମରେ ସାରା ରାଜ୍ୟ ସିଝୁଛି। ଅସହ୍ୟ ତାତି ସମଗ୍ର ରାଜ୍ୟକୁ କବଳିତ କରିଛି। ଗରମ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ତେବେ ଶନିବାରଠାରୁ ପାରଦ ସାମାନ୍ୟ ତଳମୁହାଁ ହୋଇଛି। ଅଧିକାଂଶ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୧ ଓ ୨ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆସନ୍ତା ୫ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଉପରେ ଟ୍ରଫ୍‌ଲାଇନ ରହିଛି। ଏହାର ପ୍ରଭାବରେ ୧୭ ତାରିଖରୁ ଅଧିକାଂଶ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ୧୭ ତାରିଖରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର ଆଦି ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଭଳି ପାଗ ୨୦ ତାରିଖ ଯାଏ ରହିବା ନେଇ ଅନୁମାନ କରାଯାଇଛି।



ଅନ୍ୟପକ୍ଷରେ ୨୩ ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ବୌଦ୍ଧ ୪୨.୫, ଝାରସୁଗୁଡ଼ାରେ ୪୨.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୨.୨, ଟିଟିଲାଗଡ଼ ୪୧, ସମ୍ବଲପୁର ୪୦.୯, ବଲାଙ୍ଗୀର ୪୧.୭, ଅନୁଗୋଳ ୪୧.୧, ସୋନପୁର ୪୦.୭, ସୁନ୍ଦରଗଡ଼ ୪୧, ରାଉରକେଲା ୪୧.୬, ଭବାନୀପାଟଣା ୪୧.୨, କଟକ ୪୧.୨, କେନ୍ଦୁଝର ୪୧, ହୀରାକୁଦ ୪୦, ଭୁବନେଶ୍ୱର ୪୧.୭, ଢେଙ୍କାନାଳ ୪୦.୮, ଚାନ୍ଦବାଲି ୪୦.୭, ପାରଳାଖେମୁଣ୍ଡି ୪୦.୪, ନୟାଗଡ଼ ୪୦, ଯାଜପୁର ୪୧, ଭଦ୍ରକ ୪୦, ଖୋର୍ଦ୍ଧା ୪୦ ଏବଂ ବରଗଡ଼ରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଭଦ୍ରକରେ ୩୯ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କେନ୍ଦ୍ରାପଡା ୩୯.୬, ଦେବଗଡରେ ସର୍ବାଧିକ ୩୯.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ତେବେ ଶନିବାର ବିଶ୍ୱର ତୃତୀୟ ଉତ୍ତପ୍ତ ସହର ପାଲଟିଥିବା ବାରିପଦାର ତାପମାତ୍ରା ହଠାତ୍ ୭.୪ ଡିଗ୍ରୀ ତଳକୁ ଖସି ୩୬.୬ ଡିଗ୍ରୀ ସେଲ୍‌ସିୟସରେ ପହଞ୍ଚିଛି। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ଥିଲା ୪୪ ଡିଗ୍ରୀ। ସେଠାରେ ପାଗ ମେଘୁଆ ରହିବା ଯୋଗୁ ତାପମାତ୍ରା ତଳକୁ ଖସିଲା ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ବୈଜ୍ଞାନିକ ଉମା ଶଙ୍କର ଦାସ କହିଛନ୍ତି।

# ୨୨ରେ ସବୁ ସ୍କୁଲ୍‌ରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

- ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖିଲା ଓସେପା
- ପିଲାଙ୍କ ସହ ଯୋଗଦେବେ ଅଭିଭାବକ

ରାଜ୍ୟର ସମସ୍ତ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସମ୍ପର୍କିତ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ କରାଯିବ। ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ଏହିକ୍ରମରେ ଆସନ୍ତା ୨୨ ତାରିଖରେ ବିଦ୍ୟାଳୟଗୁଡ଼ିକରେ ଶେଷ ପିରିୟଡ଼ରେ ଏହି ସଚେତନତା କାର୍ଯ୍ୟକ୍ରମ ହେବ। ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ଯୋଗଦେବେ। ଅନ୍ୟପଟେ ଜିଲାରେ ଥିବା ହେଲ୍ପଲାଇନର ନୋଡାଲ ଅଫିସର ଆବଶ୍ୟକତା ଅନୁଯାୟୀ ବିଷୟବସ୍ତୁ ଓ ନିୟମାବଳୀକୁ ପ୍ରତ୍ୟେକ ବିଦ୍ୟାଳୟରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟର ଅଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକଙ୍କ ଆଲୋଚନା ବା ସଚେତନତା ସୃଷ୍ଟି କରିବାର ଦାୟିତ୍ୱ ରହିବ। ଆଲୋଚନାର ବିଷୟବସ୍ତୁକୁ କଳାପଟାରେ ଚିତ୍ର ମାଧ୍ୟମରେ ବୁଝାଇବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟସ୍ତରରେ ଏହି କାର୍ଯ୍ୟକ୍ରମର ପରିଚାଳନା ଦିଗରେ ନୋଡାଲ ଅଫିସରମାନେ ଦୃଷ୍ଟି ଦେବାକୁ କୁହାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କିତ ଫଟୋଚିତ୍ର ପଠାଇବା ପାଇଁ ମେଲ୍ ଠିକଣା ଦିଆଯାଇଛି। ପିଲାଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସଡ଼କ ସୁରକ୍ଷା ସମ୍ପର୍କିତ ନିୟମ, ନିୟମ ଭଙ୍ଗ କଲେ ରହିଥିବା ବିଭିନ୍ନ ପ୍ରକାର ଦଣ୍ଡ ବିଧାନ, ଦୁର୍ଘଟଣାର କାରଣ, ରାସ୍ତାରେ ରହୁଥିବା ବିଭିନ୍ନ ସଙ୍କେତ ସମେତ ଯାନବାହାନ ଚଳାଚଳ ସମ୍ପର୍କରେ ସଚେତନତା ସୃଷ୍ଟି ସହ ତାଲିମ୍ ଦିଆଯିବ। ବିଶେଷକରି ସାଇକେଲ ଚାଳନା ସମୟରେ ପିଲାମାନେ କେଉଁ କେଉଁ ଦିଗପ୍ରତି ଗୁରୁତ୍ୱ ଦେବେ ସେନେଇ ବିସ୍ତୃତ ଭାବେ ଶିକ୍ଷା ପ୍ରଦାନ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।




# ୪୮ ଶିଳ୍ପୀଙ୍କୁ ନେଇ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ

**ଭୁବନେଶ୍ୱର,୧୫।୪(ବ୍ୟୁରୋ)**

ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନିଳାଦ୍ରୀବିହାରସ୍ଥିତ ବୁଦ୍ଧ ଆର୍ଟ ଗ୍ୟାଲେରୀଠାରେ ଶନିବାର ଏକ ସମସାମୟିକ ଚିତ୍ରକଳା ପ୍ରଦର୍ଶନୀ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ବଂଶୀଧର ପ୍ରତିହାରୀ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ। ଏକାଡେମୀ ସଚିବ ପଞ୍ଚାନନ ସାମଲ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିଙ୍କୁ ସ୍ୱାଗତ କରିବା ସହ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ପ୍ରଦର୍ଶନୀରେ ୪୮ଜଣ ବରିଷ୍ଠ ତଥା ଯୁବ ଶିଳ୍ପୀଙ୍କ ସମସାମୟିକ ସୃଜନଶୀଳ ଚିତ୍ରକଳାଗୁଡିକ ପ୍ରଦର୍ଶିତ ହୋଇଛି। ଚିତ୍ରରେ ଗ୍ରୀଷ୍ମ ଋତୁର ଦୃଶ୍ୟ ସହ ଶିଳ୍ପୀଙ୍କ ନିଜସ୍ୱ ଶୈଳୀର ଚିତ୍ର ବେଶ୍ ଭାବପୂର୍ଣ୍ଣ ହୋଇଥିବା ଅତିଥି ପ୍ରକାଶ କରିଥିଲେ। ଶିଳ୍ପୀ ଚନ୍ଦନ କୁମାର ସାମଲ, ରାଜକିଶୋର ମହାରଣା, ପ୍ରଦୀପ ପାଣ୍ଡେ, ଜନାର୍ଦ୍ଦନ ପରମ ଗୁରୁ, ରବୀନ୍ଦ୍ର କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।




## ହାଇୱା ଧକ୍କାରେ ଶିଶୁ ମୃତ, ୬ ଘଣ୍ଟା ରାସ୍ତାରୋକ

**କେନ୍ଦୁଝର,୧୫।୪(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଫୁଲଝର ପଞ୍ଚାୟତ ଧଳାଡ଼ିହି ଗ୍ରାମରେ ଶନିବାର ଏକ ହାଇୱା ଧକ୍କାରେ ୩ ବର୍ଷ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁ ଗ୍ରାମର ତପନ ବାରିକ ଓ ଗାୟିତ୍ରୀ ବାରିକଙ୍କ ଝିଅ ଖୁସି ବାରିକ। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ୬ ଘଣ୍ଟା ରାସ୍ତାରୋକ କରିଥିଲେ। ଅପରାହ୍ନ ସମୟରେ ଗାୟତ୍ରୀ ଝିଅ ଖୁସିଙ୍କୁ ନେଇ ପାଣି ଆଣିବାକୁ ଟ୍ୟାବ ନିକଟକୁ ଯାଇଥିଲେ। ପାଣି ସଂଗ୍ରହ ସମୟରେ ଝିଅ ରାସ୍ତା ଉପରକୁ ଚାଲିଯାଇଥିଲେ। ସେ ସମୟରେ ଧଳାଡ଼ିହି ପୋଲ କାମ କରୁଥିବା ଏକ ହାଇୱା ଶିଶୁ କନ୍ୟାକୁ ଧକ୍କା ଦେଇଥିଲା। ଫଳରେ ଶିଶୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ମୃତଦେହ ରାସ୍ତା ଉପରେ ରଖି କ୍ଷତିପୂରଣ ଦାବି କରି ଫୁଲଝର-ଧଳାଡିହି-ବଣେଇ ରାସ୍ତା ଅବରୋଧ କରିଥିଲେ। ବାଂଶପାଳ ତହସିଲଦାର ତପନ ସାହୁ, ନୟାକୋଟ ଥାନା ଅଧିକାରିଣୀ ସ୍ୱର୍ଣ୍ଣମଣୀ ହେମ୍ବ୍ରମ ପହଞ୍ଚି ବୁଝାସୁଝା କରିଥିଲେ। ଠିକାଦାର କ୍ଷତିପୂରଣ ଦେବା ପରେ ରାସ୍ତାରୋକୋ ହଟିଥିଲା।

## କାର୍ ଧକ୍କାରେ ବୃଦ୍ଧ ମୃତ

**ଖଇରା,୧୫।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ନିମପଲ୍ଲୀ ଛକ ନିକଟରେ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ କାର୍ ସଂକ୍ରାନ୍ତରେ ଖଇରା ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତ ବ୍ୟକ୍ତି ହେଲେ ମହେନ୍ଦ୍ର ମହାନ୍ତି (୭୪), ତାଙ୍କ ଘର ଔପଦା ଥାନା ଅଧୀନ ବିରିହା ଗ୍ରାମରେ। ଗୁରୁବାର ରାତି ପ୍ରାୟ ୧୧ଟା ବେଳେ ଔପଦା ଥାନା ଅଧୀନ ତଳକିଆ ଗ୍ରାମର ଅଜିତ କୁମାର ଚୌଧୁରୀ ନିଜ କାର୍‌ରେ ପରିବାର ଲୋକଙ୍କୁ ବସାଇ ଔପଦା-ଗଣ୍ଡିବେଡ ରାସ୍ତାରେ ଘଟଗାଁ ଯାଉଥିବା ବେଳେ ନିମପଲ୍ଲୀ ଛକ ନିକଟରେ ବାଇକ ରଖି ପୋଲ ଉପରେ ବସିଥିବା ମହେନ୍ଦ୍ରଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଖଇରା ପରେ ଭଦ୍ରକ ଏବଂ ଶେଷରେ କଟକ ନିଆଯାଉଥିବା ବେଳେ ବାଟରେ ସେ ଆଖି ବୁଜିଥିଲେ। ଖଇରା ପୋଲିସ କାର୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛନ୍ତି।






ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। —ଶ୍ରୀମା

# ବିତର୍କ ଲୋଡ଼ା



ଆକାର ପଟେଲ

ଏବକାର ସଂଖ୍ୟାବହୁଳବାଦ ରାଜନୀତିର ସମ୍ଭାବ୍ୟ ଗତିକୁ ନେଇ ଆମର ଉତ୍ସୁକତା ପଛରେ ଦୁଇଟି ଲକ୍ଷ୍ୟ ରହିଛି। ଏହା ମଧ୍ୟ ଜଣାଶୁଣା ଯେ, ଶେଷରେ କେବଳ ଗୋଟିଏ ସ୍ଥାନରେ ଆମେ ଶୀଘ୍ର ପହଞ୍ଚିପାରିବା। କିନ୍ତୁ ଆଉ ଏକ ଦୃଷ୍ଟିକୋଣ ଅଛି ଯାହା ଉପରେ ବିଚାର କରିବା ଉଚିତ। କିଛି ସପ୍ତାହ ତଳେ ନ୍ୟାୟପାଳିକା ଉପରେ ନ୍ୟାଶନାଲ ଲ' ସ୍କୁଲର ପୂର୍ବତନ ମୁଖ୍ୟ ପ୍ରଫେସର ମୋହନ ଗୋପାଳଙ୍କ ବକ୍ତବ୍ୟ 'ଲାଇଭ୍ ଲ'ରେ ପ୍ରକାଶ ପାଇଥିଲା। ବିଚାରପତିମାନେ ସମ୍ବିଧାନ ବଦଳରେ ଧର୍ମରେ ଆଇନର ଉତ୍ସ ପାଇବା ଧାରା ବଢୁଛି ବୋଲି ତାଙ୍କ ଶୀର୍ଷକର ସାରାଂଶ ଥିଲା। ୨୦୦୪ରୁ ଏଯାବତ ସୁପ୍ରିମକୋର୍ଟରେ ନିଯୁକ୍ତ ସମସ୍ତ ବିଚାରପତିଙ୍କ ରେକର୍ଡ ଅନୁଧ୍ୟାନକରି ସେ ଏଭଳି କହିଥିଲେ। ଏହି ସମୟ ମଧ୍ୟରେ ନିଯୁକ୍ତ ୧୧୧ ବିଚାରପତିଙ୍କ ମଧ୍ୟରୁ ଉପା ଶାସନ କାଳରେ ୫୬ ଏବଂ ଏବକାର ଭାଜପା ଶାସନ ଅମଳରେ ୫୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ବିଚାରପତିମାନେ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି ନା ପକ୍ଷପାତୀ ହୋଇଛନ୍ତି ତାହା ଉପରେ ସେ ଅନୁଧ୍ୟାନ କରିଥିଲେ। ତାଙ୍କ ନିଷ୍କର୍ଷ ଥିଲା, ଉପା ସରକାର ବେଳେ ୬ ଜଣ ବିଚାରପତି ସମ୍ବିଧାନବିତ୍ ଥିଲେ। ଅର୍ଥାତ୍ ସେମାନେ କେବଳ ସମ୍ବିଧାନର ଉତ୍କୃଷ୍ଟତାକୁ ବିଶ୍ୱାସ କରୁଥିଲେ ଓ ଅନ୍ୟ କୌଣସି ଆଇନର ଉତ୍ସକୁ ଭରସା କରୁ ନ ଥିଲେ। ଏନ୍‌ଡିଏ ଶାସନକାଳରେ ବି ଏଭଳି ବିଚାରପତିଙ୍କ ସଂଖ୍ୟା ବଢ଼ି ୯ରେ ପହଞ୍ଚିଥିଲା। ସେମାନଙ୍କ ରାୟଗୁଡ଼ିକୁ ସମୀକ୍ଷା କରି ସେ ଜାଣିପାରିଥିଲେ ଯେ, ସମ୍ବିଧାନକୁ ଛାଡ଼ି ଯେଉଁମାନେ ଆଇନକୁ ଖୋଜିଛନ୍ତି ସେମାନେ ତାହା ହିନ୍ଦୁ ଧର୍ମୀୟ ପୁସ୍ତକରୁ ପାଇଛନ୍ତି। ଉପା ସମୟରେ ନିଯୁକ୍ତ ବିଚାରପତିଙ୍କ ମଧ୍ୟରେ ଏଭଳି କେହି ନ ଥିଲା ବେଳେ ଏନ୍‌ଡିଏ ଦ୍ୱାରା ଏଭଳି ୯ଜଣଙ୍କୁ ନିଯୁକ୍ତି ଦିଆଯାଇଛି ଓ ଏମାନଙ୍କ ମଧ୍ୟରୁ ଏବେ ୫ ଜଣ ବେଞ୍ଚରେ ଅଛନ୍ତି। ଏମାନେ ସମ୍ବିଧାନ ବାହାରେ ଧର୍ମରେ ଆଇନର ଉତ୍ସ ଖୋଜି ରାୟ ପ୍ରଦାନ କରିଛନ୍ତି। ଅଯୋଧ୍ୟା ମାମଲାରେ ରାୟ ଆଇନର ଆଗକୁ ଚାଲିଗଲା ଏବଂ ସୁପ୍ରିମକୋର୍ଟଙ୍କ ହିଜାବ ରାୟ କ୍ଷେତ୍ରରେ ବି ଧର୍ମୀୟ ପୁସ୍ତକରେ ଏହାର ଅଧିକାରକୁ ଦେଖାଯାଇଛି।

ପ୍ରଫେସର ଗୋପାଳଙ୍କ ସିଦ୍ଧାନ୍ତ କହେ, ଦୁଇଟି ପର୍ଯ୍ୟାୟରେ ୨୦୪୭ ସୁଦ୍ଧା ଏକ ହିନ୍ଦୁ ରାଷ୍ଟ୍ର ସଫଳ ହେବ ବୋଲି ସେ ଲକ୍ଷ୍ୟ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ସମ୍ବିଧାନ ବାଦ୍ ଧର୍ମୀୟ ଉତ୍ସକୁ ଦେଖୁଥିବା ବିଚାରପତିଙ୍କୁ ନିଯୁକ୍ତ ଦେଇ ଏହା ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁମାନେ କେବଳ ଧର୍ମୀୟ ଆଇନକୁ ଉତ୍ସ ଭାବେ ଚିହ୍ନଟ କରିବେ, ସେମାନଙ୍କ ନିଯୁକ୍ତି ଦ୍ୱାରା ଏହା ଘଟିବ। ହିନ୍ଦୁ ରାଷ୍ଟ୍ର କେବଳ ସମ୍ବିଧାନକୁ ତ୍ୟାଗ କରିଦେଲେ ଆସିବ ନାହିଁ, ବରଂ ହିନ୍ଦୁ ଡକ୍ୟୁମେଣ୍ଟ ଭାବେ ସମ୍ବିଧାନର ପୁନଃ ବ୍ୟାଖ୍ୟା ଦ୍ୱାରା ସମ୍ଭବ ହେବ। ହିଜାବ୍ ରାୟ ଏହାର ଏକ ଉଦାହରଣ ଥିଲା ବୋଲି ପ୍ରଫେସର ଗୋପାଳ କହନ୍ତି। ସେହି ରାୟ କହେ, ସମ୍ବିଧାନ ଉପରେ ଧର୍ମ ଲାଗୁ କରାଯାଇଛି, କାରଣ ପ୍ରସ୍ତାବନାରେ ଧର୍ମନିରପେକ୍ଷ ପାଇଁ ଯେଉଁ ହିନ୍ଦୀ ଖଣ୍ଡବାକ୍ୟ ବ୍ୟବହାର କରାଯାଇଛି ତାହା ଧର୍ମ-ନିରପେକ୍ଷ ନୁହେଁ, ବରଂ ପନ୍ଥ-ନିରପେକ୍ଷ, ଯାହା ଏକ ଗୋଷ୍ଠୀ ବା ସମ୍ପ୍ରଦାୟକୁ ସୂଚିତ କରେ। ସେହି ଦୃଷ୍ଟିରୁ ସମ୍ବିଧାନ ଧର୍ମନିରପେକ୍ଷ ନୁହେଁ; ଏଠି ଧର୍ମ କହିଲେ ବୁଝାଏ କେବଳ ସନାତନ ଧର୍ମ। ହିଜାବ ରାୟ କହେ, ''ସମ୍ବିଧାନରେ ପନ୍ଥ ନିରପେକ୍ଷ ଶବ୍ଦର ବ୍ୟବହାର 'ଧର୍ମନିରପେକ୍ଷ' ଓ 'ପନ୍ଥ ନିରପେକ୍ଷ' ମଧ୍ୟରେ ଥିବା ପ୍ରଭେଦକୁ ସାମ୍ନାକୁ ଆଣିଛି। 'ପନ୍ଥ' କିମ୍ବା ଗୋଷ୍ଠୀ କହିଲେ ଯେକୌଣସି ନିର୍ଦ୍ଦିଷ୍ଟ ବିଶ୍ୱାସ, ଉପାସନା ପଦ୍ଧତି କିମ୍ବା ଈଶ୍ୱରଙ୍କ ସ୍ୱରୂପ ପ୍ରତି ଭକ୍ତିର ସଙ୍କେତ। କିନ୍ତୁ ଧର୍ମ ହେଉଛି ପରମ ବା ପୂର୍ଣ୍ଣ ତଥା ଶାଶ୍ୱତ ମୂଲ୍ୟବୋଧର ପ୍ରତୀକ, ଯାହାକୁ ପ୍ରକୃତିର ନିୟମ ଭଳି କେବେ ବି ପରିବର୍ତ୍ତନ କରାଯାଇପାରିବ ନାହିଁ। ଧର୍ମ କଲ୍ୟାଣକୁ ବଜାୟ ରଖେ, ଧରି ରଖେ ଏବଂ ଫଳାଫଳ ପ୍ରଦାନ କରେ। ଏହା ପ୍ରଜା ନାଗରିକ ଏବଂ ବିଶେଷକରି ପୂରା ସମାଜର ଉତ୍ଥାନ ପାଇଁ ଅଭିପ୍ରେତ।'' ଏଣୁ ସାମ୍ବିଧାନିକ ବିଧି ହେଉଛି ଧର୍ମ। କର୍ନାଟକ ସ୍କୁଲଗୁଡ଼ିକରେ ହୋମକୁ ଅନୁମତି ଦିଆଯାଏ, କିନ୍ତୁ ହିଜାବକୁ ନାହିଁ। କାରଣ ସମଗ୍ର ମାନଜାତିର ମଙ୍ଗଳ ପାଇଁ ହିଜାବ ହେଉଛି ସମ୍ପ୍ରଦାୟ ଓ ହୋମ ହେଉଛି ଧର୍ମ।

ପ୍ରଫେସର ଗୋପାଳ କହିଛନ୍ତି, ଏନ୍‌ଡିଏ ଅମଳରେ ସମ୍ବିଧାନବିତ୍ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କେବଳ କଲେଜିୟମର ସକ୍ରିୟତା ଯୋଗୁ ହୋଇଛି। ଭାଜପା ଦେଶକୁ ଯେଉଁ ଦିଗରେ ନେଉଛି ତାହା ପ୍ରତି କଲେଜିୟମ ଆଖି ବନ୍ଦ କରି ନ ଥିବାରୁ ଏହା ଘଟିଛି। ଏଭଳି ପ୍ରତିରୋଧ ନିକଟରେ ବିଚାରପତିଙ୍କ ନିଯୁକ୍ତିକୁ ନେଇ କଲେଜିୟମ ଓ ସରକାରଙ୍କ ମଧ୍ୟରେ ଲଢେଇରୁ ସ୍ପଷ୍ଟ ହେଉଛି। ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ସେ ସୂଚିତ କରିଛନ୍ତି, ସେ ସମ୍ପର୍କରେ ସଂକ୍ଷେପରେ ଦର୍ଶାଯାଇପାରେ। ପ୍ରଥମରେ, ଭାରତକୁ ଶାସନ କରୁଥିବା କିଛି ମୁଷ୍ଟିମେୟ ନେତା ସମ୍ବିଧାନ ଗୁରୁତ୍ୱ ଦେଇଥିବା ଧର୍ମନିରପେକ୍ଷ, ଏକତା ଏବଂ ଏଭଳି ଅନେକର ମୂଲ୍ୟକୁ ବିରୋଧ କରିଛନ୍ତି। କ୍ଷମତା ଦଖଲ ପାଇଁ ପ୍ରାଥମିକ ପ୍ରତିରୋଧ ସମ୍ବିଧାନରୁ ଆରମ୍ଭ ହୋଇଛି। ଏଣୁ ଭାଜପାର ସବୁ ଶକ୍ତି ସେଠାରେ କେନ୍ଦ୍ରୀଭୂତ ହୋଇଛି। ଶେଷରେ ଦଖଲ କରାଇବାରେ ନ୍ୟାୟପାଳିକା ଆଜ୍ଞାକାରୀ ପାଲଟିଛି। ତେବେ ଭାରତର ଏବକାର ସଂଖ୍ୟାବହୁଳବାଦ ଲକ୍ଷ୍ୟର ଶେଷ ପରିଣତି କ'ଣ ? ହିନ୍ଦୁତ୍ୱ କ'ଣ ଆଭ୍ୟନ୍ତରୀଣ ବିକାଶ ବଦଳରେ କେବଳ ନିର୍ଯାତନା ଦେବା ଭୂମିକା ନିଭାଉଛି। ପ୍ରଫେସର ଗୋପାଳ ତାଙ୍କ ଘଟଣାକୁ ବର୍ଣ୍ଣନା କରିବା ଲାଗି ଅଯୋଧ୍ୟା ଓ ହିଜାବ ରାୟକୁ ବ୍ୟବହାର କରିଛନ୍ତି। ସେ ଯାହା କହୁଛନ୍ତି ଯଦି ସତ ଧରାଯାଏ, ତେବେ ନ୍ୟାୟିକ ବ୍ୟାଖ୍ୟା ମାଧ୍ୟମରେ ସୃଷ୍ଟି କରାଯାଉଥିବା ହିନ୍ଦୁ ରାଷ୍ଟ୍ର ମଧ୍ୟ ଜାତି ଏବଂ ଚତୁର୍ବର୍ଣ୍ଣ ଭଳି ବିଷୟଗୁଡ଼ିକୁ କିଭଳି ସମାଧାନ କରିବ ତାହା ଦେଖିବା କୌତୂହଳପ୍ରଦ ହେବ। ସ୍ପଷ୍ଟ କରିବାକୁ ଯାଇ ପ୍ରଫେସର ଗୋପାଳ ସଂଖ୍ୟାଲଘୁଙ୍କ ଉତ୍ପୀଡ଼ନକୁ ବି ତାଙ୍କ ସିଦ୍ଧାନ୍ତରୁ ବାଦ୍ ଦେଇନାହାନ୍ତି। ତାଙ୍କ ବକ୍ତବ୍ୟ ସମ୍ପୂର୍ଣ୍ଣ ସ୍ପଷ୍ଟ, ଠିକ୍ ଓ ପ୍ରତ୍ୟକ୍ଷ ଏବଂ ଏହା ୟୁଟ୍ୟୁବ୍‌ରେ ଉପଲବ୍ଧ। ଏହାକୁ ଶୁଣିବା ଦରକାର, ବୁଝିବା ସହ ଏ ସମ୍ପର୍କରେ ବିତର୍କ ଲୋଡ଼ା।

Email:aakar.patel@gmail.com

# ମରିବାକୁ ଥିଲା ବହୁ ବାଟ...



ରଞ୍ଜନ କୁମାର ଦାସ

କଥାରେ ଅଛି ଏମିତି ବୋଧହୁଏ କବି କେହି ନାହିଁ ଯାହା ଜୀବନରେ ଦୁଃଖ ନାହିଁ। ଏଠି କବି କହିଲେ କେବଳ କବିତା ଲେଖୁଥିବା ଲୋକଙ୍କୁ ବୁଝାଏ ନାହିଁ। ଯିଏ କବିତା ପଢ଼େ ସେ ବି କବି। ଶୁଣିଶୁଣି ଯିଏ ତା'ର ଭାବରେ ତଲ୍ଲୀନ ହୁଏ ସେ ବି କବି। ଏପରିକି ଯିଏ ଗଳ୍ପ ଲେଖେ, ଉପନ୍ୟାସ ଲେଖେ, ଗୀତ ଲେଖେ, ଗୀତ ଗାଏ, ଚିତ୍ର କରେ, ନୃତ୍ୟ କରେ ସମସ୍ତେ ହୃଦୟରେ ଜଣେ ଜଣେ କବି। ସେମାନଙ୍କ ଜୀବନର ଭୌତିକ ଓ ମାନସିକ ଅଭାବବୋଧ ତାଙ୍କୁ ସୃଜନଶୀଳତାର ହାତ ଧରାଏ। ଏ ପୃଥିବୀରେ ସମସ୍ତେ ଚାହାନ୍ତି ତା' ଚାରିପଟର ପୃଥିବୀଟି ସୁନ୍ଦର ହେଉ। ଯାହା କିଛି ସମ୍ପର୍କ ଏ ପୃଥିବୀରେ ଅଛି ସବୁ ସୁନ୍ଦର ଓ କମନୀୟ ହୋଇଥାଉ। କୋଉଥିରେ କେମିତି ଊଣା ଲାଗିଲେ କି ଖୁଣ ଦେଖିଲେ କବି ହେଉ ବା କଳାକାର ସେଇ ଅଭାବ ଟିକକ ପୂରଣ କରିବାକୁ ସେ ଅଣ୍ଟାଭିଡ଼େ। ତା'ଛଡ଼ା ଅନେକ ସୃଜନଶୀଳ ବ୍ୟକ୍ତିଙ୍କ ଅତୀତଟି ଅନେକାଂଶରେ ଦୁଃଖମୟ, କଷ୍ଟଦାୟକ ଓ ସଂଘର୍ଷପୂର୍ଣ୍ଣ ହୋଇଥାଏ, ଯାହାର ବୟାନ କରିବାକୁ ସେମାନେ କଲମ, ନିହାଣ ବା ତୂଳୀ ଧରିଥାନ୍ତି। ନିଜ କଣ୍ଠରେ ବି ତା'ର ବୟାନ କରିଥାନ୍ତି। ଭୀମ ଭୋଇ ଦୃଷ୍ଟିବାଧିତ ହୋଇ ନ ଥିଲେ ବା ସାଲବେଗ ପତିତ ହୋଇ ନ ଥିଲେ ତାଙ୍କ କବିତାରେ ଯେତିକି ବେଦନା ଅଛି ବୋଧହୁଏ ସେତିକି ଆସିପାରି ନ ଥାଆନ୍ତା। ବ୍ୟକ୍ତିଗତ ଜୀବନର ଦୁଃଖ, ଦୈନ୍ୟ, ନିରାଶା, ସାଧାରଣ ମଣିଷକୁ କବି ବନେଇବାର ଏଇଭଳି ରାଶିରାଶି ଉଦାହରଣ ଅଛି। ପରିସ୍ଥିତି ଅନେକଙ୍କୁ କବି କରେ।

ମାତ୍ର ଏମିତି ବି ଅନେକେ ଅଛନ୍ତି, ଯେଉଁମାନେ ନିଜର ପନ୍ଥା ନିଜେ ନିର୍ଦ୍ଧାରଣ କରିଥାନ୍ତି। ପରିସ୍ଥିତି ଅପେକ୍ଷା ତାଙ୍କ ପ୍ରବୃତ୍ତି ତାଙ୍କୁ କବି ବନାଏ। ଏମାନେ ନିଜେ କଷ୍ଟ ଭୋଗି ନ ଥିଲେ ବି, ଦୁଃଖ ଯାତନାର ସାମ୍ନା କରି ନ ଥିଲେ ବି ଅନ୍ୟର ଦୁଃଖ ଯାତନା ଦେଖି ଏମାନେ ସହିପାରି ନ ଥାଆନ୍ତି। ସୃଷ୍ଟିରେ ସୁନ୍ଦର ଜିନିଷଟିଏ ଦେଖିଲେ ତା'ର ପ୍ରଶଂସାରେ ଶତମୁଖ ନ ହୋଇ ଏମାନେ ରହିପାରନ୍ତି ନାହିଁ। ତାଙ୍କ କଲମରୁ କାଳି ଝରିଆସେ, କଣ୍ଠରୁ ଝରିଆସେ ମନ୍ଦ୍ରମଧୁର ସଙ୍ଗୀତ, ତାଙ୍କ ତୂଳୀରେ ଉତୁରିଆସେ ମନୋମୁଗ୍ଧକର ଚିତ୍ରକଳା। କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର କ'ଣ ବା ଅଭାବ ଥିଲା ? କ'ଣ ଅଭାବ ଥିଲା ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କର ? କି ଅଭାବବୋଧ ବ୍ୟସ୍ତ କରୁଥିଲା ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କୁ କି ଅବା ରାଜା ରବି ବର୍ମାଙ୍କୁ। କାହିଁକି ପୁଣି ରାଜସିଂହାସନର ମୋହ ତ୍ୟାଗକରି ସନ୍ନ୍ୟାସର ପଥ କରିନେଇଥିଲେ ଶାକ୍ୟମୁନି ଗୌତମବୁଦ୍ଧ ?



ଈଶ୍ୱର ଏ ସମସ୍ତଙ୍କୁ ତ ଖୁବ୍ ନିରୁପଦ୍ରବ, ଆରାମଦାୟକ ଜୀବନର ସବୁ ଉପାଦାନ ଖଞ୍ଜିହୋଇ ରହିଥିବା ଏକ ଜୀବନ ଦେଇଥିଲେ। ମାତ୍ର ଗୌତମଙ୍କୁ ବ୍ୟଥିତ କଲା ଅନ୍ୟ ମଣିଷର ରୋଗ, ଶୋକ, ଦୁଃଖ, ଯାତନା ଓ ମରଣ। ଜୀବନ ତାଙ୍କର କୁଚ୍ଛ୍ର ସାଧନାରେ ପରିଣତ ହୋଇଗଲା। ରାଜା ହେବାର ଅଭିଳାଷଠୁ କବି ହେବାର ଅଭିଳାଷ, ଉପେନ୍ଦ୍ର ଭଞ୍ଜ ଓ ଅଭିମନ୍ୟୁଙ୍କ ଜୀବନକୁ କରିଦେଲା ସୃଜନମୁଖର। ଧନର ପ୍ରାଚୁର୍ଯ୍ୟଠୁ ମୁହଁ ବୁଲେଇଆଣି ସେମାନେ ମନର ପ୍ରାଚୁର୍ଯ୍ୟକୁ ନେଇ ନୂଆ ଏକ ସାମ୍ରାଜ୍ୟ ଗଢ଼ିଲେ, ଯାହା ଚିର ଅମଳିନ ହୋଇ ରହିଗଲା।

ଉପରୋକ୍ତ ଦୁଇଟି ବର୍ଗ ମଧ୍ୟରୁ ପ୍ରଥମଟି ଦୁଃଖ ଭୋଗିଭୋଗି କବି ହୋଇଗଲେ, ଦ୍ୱିତୀୟ ବର୍ଗଟି କବି ହେଉ ହେଉ ଜୀବନସାରା ଦୁଃଖ ଦୈନ୍ୟ ଭୋଗିଲେ। ଅନେକେ ଏଭଳି କବି ଓ ଲେଖକ ଅଛନ୍ତି ଯେଉଁମାନେ ରାଜଦରବାରରେ, ସମାଜରେ ଅବହେଳିତ, ଲାଞ୍ଛିତ ହୋଇଛନ୍ତି। ଜୀବନସାରା ଦୀପ ପରି ଜଳିଜଳି ଅନ୍ୟକୁ ଆଲୋକିତ କରିଛନ୍ତି ଅଥଚ ନିଜେ ଘୋର ଅନ୍ଧାର ଭିତରେ ବିତେଇଛନ୍ତି ନିଜ ଜୀବନ। ଅକ୍ଷୟ ମହାନ୍ତିଙ୍କର ଗୋଟେ ବହୁ ପୁରୁଣା ଗୀତ ମନେପଡ଼େ ଯାହାର ମର୍ମ ଥିଲା ''ମରିବାକୁ ଥିଲା ବହୁ ବାଟ, ହେଲେ କାହିଁକି ମୁଁ ଭଲପାଇଲି; ଦୁଃଖ ଭୁଲିବାକୁ ଲୁହ ନ ଢାଳି ମୁଁ କାହିଁକି ବା ଗୀତ ଗାଇଲି?'' ଗୀତଟି ଦିନେ ମତେ ବହୁତ ବ୍ୟତିବ୍ୟସ୍ତ କଲା। ଜୀବନସାରା ଗୀତ ଗାଇଗାଇ ସତରେ ସେ ପାଇଲେ କ'ଣ ? ଗୀତ ପାଇଁ ଚାକିରି ଛାଡ଼ିଲେ ଅଥଚ ଗୀତରୁ ବି କୋଉ ବିପୁଳ ଅର୍ଥ ପାଇଲେ ? ଓଡ଼ିଆ ଗୀତକୁ ନୂଆ ଏକ ଦିଗ ଦେଲେ, ହେଲେ ତାଙ୍କ ଆଧୁନିକତାର ସ୍ୱର୍ଶକୁ ତତ୍କାଳୀନ ସମାଜ ବୁଝିବାକୁ ଅନେକ ସମୟ ନେଲା। ତାଙ୍କ ଚରିତ୍ରର ହନନ କରିବାରେ କିଛିଲୋକ ମଜା ନେଲେ। ସତରେ ଯଦିଖାଲି ଦୁଃଖ ଭୁଲିବାର ଥିଲା, ସେ ଗୀତ ନ ଗାଇ ମହାନଦୀ, କାଠଯୋଡ଼ି କୂଳରେ ବସି ଲଟକମଣି ଗୁଡ଼ି ଉଡ଼େଇ ପାରିଥାନ୍ତେ, ରଜାଝିଅର ପ୍ରେମରେ ପଡ଼ିପାରିଥାନ୍ତେ, ଚିତ୍ରଲେଖାର ଓଠରେ ଚନ୍ଦ୍ରମଲ୍ଲୀର ହସ ଦେଖି ବିଭୋର ହୋଇପାରିଥାନ୍ତେ ଭରାଭରା ଜହ୍ନରାତିରେ। ହେଲେ ସେ ଗୀତ ଗାଇବେ ବୋଲି ସବୁକିଛି ପଛରେ ଛାଡ଼ିଦେଇ ଚାଲିଆସିଲେ ଅମଡ଼ା ବାଟରେ।

ଖାଲି ଅକ୍ଷୟ ମହାନ୍ତି ନୁହନ୍ତି, ଏମିତି ଅନେକ ପ୍ରତିଭାବାନ୍ କବି, ଲେଖକ, ଚିତ୍ରକର, ସ୍ଥପତି ଓ ସଙ୍ଗୀତଜ୍ଞ ଜୀବନବ୍ୟାପୀ ସାଧନା ସତ୍ତ୍ୱେ ଈର୍ଷା, ଅସୂୟା, ନିନ୍ଦା ବ୍ୟତୀତ ଆଉ ବିଶେଷକିଛି ପାଆନ୍ତି ନାହିଁ। ସମସାମୟିକ ସମୟ ତାଙ୍କୁ ବୁଝେନାହିଁ। ପରବର୍ତ୍ତୀ ସମୟ ତାଙ୍କୁ ମନେ ରଖେନାହିଁ। ଖାଲି ବୁଝି ନ ଥିଲେ କିଛି କଥା ନ ଥିଲା, ବରଂ ସମସାମୟିକ ସମୟ ତାଙ୍କ ବିଷୟରେ ଅପପ୍ରଚାର କରେ, ତାଙ୍କର ନିନ୍ଦା ଗାନ କରେ, ତାଙ୍କୁ ଢେଲା ମାଡ଼ କରେ, ତାଙ୍କ ବହିକୁ ରାଜରାସ୍ତାରେ ଜଳାଏ, ତାଙ୍କ ସିନେମା ବା ସଙ୍ଗୀତକୁ ବିରୋଧ କରାଯାଏ। ବିଚରା ସାଧକଟି ନିଜକୁ ପ୍ରଶ୍ନ କରେ, କ'ଣ ମୁଁ ଭୁଲ୍ କରିଥିଲି ଯେ ଏ ଦଣ୍ଡସବୁ ମିଳିଲା ? ଭଲ ହୋଇଥାନ୍ତା ବରଂ ଛୋଟ ହେଉପଛେ ଚାକିରିଟେ କି ଦୋକାନଟେ କରି ବସିଥାନ୍ତି। କ'ଣ ମିଳିଲା ଏ ଗୀତ ଗାଇ, ଚିତ୍ରକରି ଓ କବିତା ଲେଖି ? ଜୀବନ ଯେତିକି ଦୁର୍ବିଷହ ଥିଲା, ତା'ଠାରୁ ତ ଆହୁରି ଦୁର୍ବିଷହ ପାଲଟିଗଲା। କଳା କେବଳ କଳଙ୍କ ଦେଲା ସିନା ! ଦୁଃଖ ଭୁଲେଇବ କ'ଣ ଆହୁରି ଦୁଃଖ ଦେଲା।

କବି, ଲେଖକ ଅନ୍ୟର ଦୁଃଖ ଦେଖିପାରେନା, ସହିପାରେନା ବୋଲି ଅନେକ ସମୟରେ ନିଜେ ନ ଭୋଗି ମଧ୍ୟ ଅନ୍ୟର ଦୁଃଖରେ ସମଦୁଃଖୀ ହୋଇ ଅନ୍ୟକୁ ସାନ୍ତ୍ୱନା ଦେବାକୁ ଲେଖେ। କଣ୍ଠଶିଳ୍ପୀ ତା'ର ସ୍ୱରରେ ଅନ୍ୟକୁ ସମବେଦନା ଜଣାଇ ଗୀତ ମଧ୍ୟ ଗାଏ। ମାତ୍ର କବି, ଲେଖକ, କଳାକାରଙ୍କୁ ତାଙ୍କ ଦୁଃଖରେ ସମବେଦନା ଜଣାଇବାକୁ କେହି ନ ଥା'ନ୍ତି। ବରଂ ତା'ର କଟା ଘା'ରେ ଲୁଣ ଦେବାକୁ ଲୋକ ଥାଆନ୍ତି। ତାକୁ କଷ୍ଟଦେବାକୁ ଲୋକ ଥାଆନ୍ତି। ତାକୁ ଏମିତି ବ୍ୟବହାର କରାଯାଏ ଯେମିତି ସେ ଜୀବନସାରା କିଛି ପାପ କରୁଥିଲା। ତା'ର ଅସୁମାରି ସାଧନାର ମୂଲ୍ୟ ମିଳେନା। ଶେଷରେ ତାକୁ ଲାଗେ ସତରେ କ'ଣ ମୁଁ ଏକ ଅନ୍ଧରାଇଜକୁ ଦର୍ପଣ ବିକିବାକୁ ଆସିଥିଲି ? ଜହ୍ଲାଦକୁ ଗୋଦାନ ଦେବାର ସ୍ପର୍ଦ୍ଧା କରିଥିଲି ? ସବୁଠୁ ବଡ଼କଥା ହେଲା ପରଲୋକ ମାରିଲେ ମାଡ଼ କାଟେନି, ହେଲେ ନିଜ ଲୋକମାନେ ଯେତେବେଳେ ମାରନ୍ତି ସେତେବେଳେ ବହୁତ କଷ୍ଟ ହୁଏ। ଭାଇ ଯେତେବେଳେ ଭଗାରି ହୁଏ ସବୁଠୁ ବେଶି ଦୁଃଖ ଆସେ। ଆଜିକାଲି କବି, ଲେଖକଙ୍କର ସବୁଠୁ ବଡ଼ ଶତ୍ରୁ ହେଲେ ସେଇ କବି ଓ ଲେଖକମାନେ। କେହି ଜଣେ ଯଦି ପୁରସ୍କାରଟିଏ ପାଉଛି ସାଧାରଣ ଲୋକଙ୍କ ଅପେକ୍ଷା କବି ଓ ଲେଖକମାନେ ଯେଉଁମାନେ ତାଙ୍କ ସୁହୃଦୟ ହେବାକଥା ସେଇମାନେ ହିଁ ତା' ପଛରେ ପଡ଼ିଯାଉଛନ୍ତି। ସାମାଜିକ ଗଣମାଧ୍ୟମରେ ଆରମ୍ଭ ହୋଇଯାଉଛି ତାଙ୍କ ବିରୋଧରେ କୁତ୍ସାରଟନା, ଈର୍ଷା, ଅସୂୟା ଓ ପରଶ୍ରୀକାତରତାର ନିଦର୍ଶନସ୍ୱରୂପ ନାନାଦି ଅପଶବ୍ଦର ପ୍ରୟୋଗ। ଛିଃ କରିଦେବାକୁ ଇଚ୍ଛାହୁଏ ସେତେବେଳେ। ମନକୁ ପ୍ରଶ୍ନଟିଏ ଆସେ ଏଇଆ କ'ଣ ସତରେ ''ସହିତ ରହିବାର ଭାବ: ସାହିତ୍ୟ'' ?

ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

# ପରିସଂଖ୍ୟାନ ଗୁରୁ

ବ୍ୟକ୍ତିତ୍ୱ



ପ୍ରଫେସର ସି.ଆର୍. ରାଓ

ପରିସଂଖ୍ୟାନ ପାଠ ପଢ଼ିଥିବା ୪ ଜଣ ବନ୍ଧୁ ଏକ ନଦୀ କୂଳରେ ପହଞ୍ଚି ତାହାକୁ ଅତିକ୍ରମ କରିବାକୁ ଚାହିଁଲେ। ନଦୀର ଗଭୀରତା ମାପିବାକୁ ଯାଇ ଦେଖିଲେ ଯେ ୫ ଫୁଟ ୪ ଇଞ୍ଚ ଜଳ ରହିଛି। ବନ୍ଧୁମାନଙ୍କ ଉଚ୍ଚତା ଯଥାକ୍ରମେ ୬ ଫୁଟ ୨ ଇଞ୍ଚ, ୬ ଫୁଟ, ୫ ଫୁଟ ୮ ଇଞ୍ଚ ଏବଂ ୫ ଫୁଟ ୩ ଇଞ୍ଚ। ହାରାହାରି ଉଚ୍ଚତା ବାହାର କଲା ବେଳକୁ ଏହା ରହିଲା ୫ ଫୁଟ ୭ ଇଞ୍ଚରୁ ସାମାନ୍ୟ ଅଧିକ। ଜଳର ଗଭୀରତା ୫ ଫୁଟ ୪ ଥିବାରୁ ସମସ୍ତେ ଅତିକ୍ରମ କରିଯାଇପାରିବେ ବୋଲି ହିସାବ କରି ନଦୀ ଭିତରକୁ ପଶିଲେ। ହେଲେ ୫ ଫୁଟ ୩ ଇଞ୍ଚର ବନ୍ଧୁ ବୁଡ଼ିଗଲେ। ତତ୍‌କ୍ଷଣାତ୍ ବନ୍ଧୁମାନେ କୂଳକୁ ଫେରି ଆସି ବୁଡ଼ିବାର କାରଣ ଖୋଜିଲେ ଓ ପରେ ବୁଝିଗଲେ ପରିସଂଖ୍ୟାନ ସବୁ କ୍ଷେତ୍ରରେ ବାସ୍ତବ ଫଳ ଦେଇ ନ ଥାଏ। ତେଣୁ ପରିସ୍ଥିତି, ପରିବେଶ ଓ ନିର୍ଦ୍ଦିଷ୍ଟ ବିଷୟକୁ ନେଇ ବିଚାର କଲା ବେଳେ ଏଥିପ୍ରତି ଗଭୀର ଅନୁଶୀଳନ ଦରକାର। ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିସଂଖ୍ୟାନ ୯୯ ପ୍ରତିଶତରୁ ଅଧିକ ପରିଶୁଦ୍ଧ ଫଳ ଦେଉଥିବାରୁ ତାହାର ଉପସ୍ଥିତି ସବୁଆଡ଼େ ଲୋଡ଼ା ପଡୁଛି। ସେଥିପାଇଁ ଗଣିତ ସମେତ ଅର୍ଥନୀତିଠାରୁ ଆରମ୍ଭ କରି ନୃତତ୍ତ୍ୱ, ଭୂତତ୍ତ୍ୱ, ଜାତୀୟ ଯୋଜନା, ଜନସଂଖ୍ୟା ତତ୍ତ୍ୱ, ଭେଷଜ କ୍ଷେତ୍ର ଯାଏ ଏହାର ବହୁଳ ଆଦୃତି ରହିଛି। ଏବେ ଭାରତୀୟଙ୍କ ପାଇଁ ଗର୍ବର ବିଷୟ ଯେ, ଭାରତୀୟ-ଆମେରିକୀୟ ପରିସଂଖ୍ୟାନବିତ୍ ତଥା ଗଣିତଜ୍ଞ ସି. ଆର୍. ରାଓ ତାଙ୍କ ଦୀର୍ଘବର୍ଷର ଗବେଷଣା ଓ ତାହାକୁ ପ୍ରୟୋଗ କରି ଜୀବନବ୍ୟାପୀ ଯେଉଁସବୁ ଜନହିତକର ତତ୍ତ୍ୱ ଆଣିଥିଲେ, ତାହା ତାଙ୍କୁ ବିଶ୍ୱର ବଡ଼ ସମ୍ମାନ ଦେବାରେ ସହାୟକ ହୋଇଛି। ନୋବେଲ ପୁରସ୍କାର ସମକକ୍ଷ 'ଇଣ୍ଟରନ୍ୟାଶନାଲ ପ୍ରାଇଜ୍ ଇନ୍ ଷ୍ଟାଟିଷ୍ଟିକ୍ସ ୨୦୨୩' ପାଇବାକୁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି। ୮୦ ହଜାର ଆମେରିକୀୟ ଡଲାର ଅର୍ଥରାଶିର ଏହି ପୁରସ୍କାର ଆସନ୍ତା ଜୁଲାଇରେ କାନାଡ଼ାର ଓଟ୍ଟାଓ୍ୱାଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିବାର୍ଷିକ ଇଣ୍ଟରନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍‌ର ୱାର୍ଲଡ ଷ୍ଟାଟିଷ୍ଟିକ୍ସ କଂଗ୍ରେସରେ ପ୍ରଫେସର ରାଓଙ୍କୁ ପ୍ରଦାନ କରାଯିବା କାର୍ଯ୍ୟକ୍ରମ ରହିଛି। ୭୫ବର୍ଷ ତଳେ ତାଙ୍କ ଯୁଗାନ୍ତକାରୀ କାର୍ଯ୍ୟ ପରିସଂଖ୍ୟାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଥିଲା ବୋଲି ଇଣ୍ଟରନ୍ୟାଶନାଲ ପ୍ରାଇଜ୍ ଇନ୍ ଷ୍ଟାଟିଷ୍ଟିକ୍ସ ଫାଉଣ୍ଡେଶନ ପକ୍ଷରୁ କୁହାଯାଇଛି।

ରାଓଙ୍କ ବ୍ୟକ୍ତିତ୍ୱ ଏତେ ବ୍ୟାପକ ଯେ କିଛି ଶବ୍ଦରେ ବର୍ଣ୍ଣନା କରି ତାଙ୍କୁ ସୀମିତ ରଖାଯାଇପାରିବ ନାହିଁ। କାରଣ ୧୦୨ ବର୍ଷରେ ପହଞ୍ଚି ସକ୍ରିୟ ଥିବା ଏଭଳି ଜଣେ ଶତାବ୍ଦୀ ପୁରୁଷ ବିଶ୍ୱକୁ ଯେଉଁ ଭାବେ ଦେଖିଆସିଛନ୍ତି, ତାହା ନିଶ୍ଚିତ ଭାବେ ପିଢ଼ି ପରେ ପିଢ଼ିକୁ ଦିଗ୍‌ଦର୍ଶନ ଦେବା ପାଇଁ ଯଥେଷ୍ଟ ହେବ।

୧୯୨୦ ସେପ୍ଟେମ୍ବର ୧୦ରେ ବ୍ରିଟିଶ ଇଣ୍ଡିଆ ଅଧୀନ ମାଡ୍ରାସ ପ୍ରେସିଡେନ୍ସିର ହାଡାଗାଲି (ଏବେ କର୍ନାଟକ)ଠାରେ କାଲ୍ୟାମ୍‌ପୁଡି ରାଧାକ୍ରିଷ୍ଣ ରାଓ (ସି. ଆର୍. ରାଓ) ଏକ ତେଲୁଗୁ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପରିବାରର ୧୦ ସନ୍ତାନ ମଧ୍ୟରୁ ତାଙ୍କ ସ୍ଥାନ ଥିଲା ଅଷ୍ଟମ। ତେବେ ତାଙ୍କ ସ୍କୁଲ ଶିକ୍ଷା ଆନ୍ଧ୍ରପ୍ରଦେଶର ଗୁଣ୍ଟୁର, ନୁଜ୍‌ଭିଡ୍, ନନ୍ଦିଗାମା ଓ ବିଶାଖାପାଟଣାରେ ହୋଇଥିଲା। ସେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟରୁ ଗଣିତରେ ସ୍ନାତକୋତ୍ତର ଏବଂ ୧୯୪୩ରେ କାଲ୍‌କାଟା ୟୁନିଭର୍ସିଟିରୁ ପରିସଂଖ୍ୟାନରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ । ଗବେଷଣା କ୍ଷେତ୍ରକୁ ଯାଇ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର କିଙ୍ଗ୍‌ସ କଲେଜରୁ ଆର୍. ଏ. ଫିସରଙ୍କ ଅଧୀନରେ ୧୯୪୮ରେ ପିଏଚ୍.ଡି. କରିଥିଲେ। ସେହି ବିଶ୍ୱବିଦ୍ୟାଳୟରୁ ୧୯୬୫ରେ ଡିଏସ୍ ଡିଗ୍ରୀ ମଧ୍ୟ ଅର୍ଜନ କରିଥିଲେ। ରାଓଙ୍କ ଚାକିରି ଜୀବନ ଦେଖିଲେ ସେ ପ୍ରଥମେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଯୋଗ ଦେଇଥିଲେ। କେମ୍ବ୍ରିଜ୍‌ର ଆନ୍ଥ୍ରୋପୋଲୋଜିକାଲ୍ ମ୍ୟୁଜିୟମ୍‌ରେ କାମ କରିଥିଲେ। ପରବର୍ତ୍ତୀ ସମୟରେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ମଧ୍ୟ ହୋଇଥିଲେ। ଭାରତରେ ଜବାହରଲାଲ ନେହେରୁ ପ୍ରଫେସର, ନ୍ୟାଶନାଲ ପ୍ରଫେସର ହେବା ପରେ ଆମେରିକାର ୟୁନିଭର୍ସିଟି ଅଫ୍ ପିଟ୍ସବର୍ଗ, ପେନ୍‌ସିଲଭାନିଆ ଷ୍ଟେଟ୍ ୟୁନିଭର୍ସିଟିର 'ଦି ସେଣ୍ଟର ଫର୍ ମଲ୍ଟିଭାରିଏଟ୍ ଆନାଲିସିସ୍'ରେ ନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ପ୍ରଫେସର ରାଓ ଅବସ୍ଥାପିତ ହୋଇଥିଲେ। ତେବେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ ଓ ପରେ ନିର୍ଦ୍ଦେଶକ ଭାବେ ୪୦ ବର୍ଷ ଧରି ଜଡ଼ିତ ରହିବା ବେଳେ ସେ ବିକଶିତ କରିଥିବା ଗବେଷଣା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମରୁ ବହୁ ଗଣିତ ଓ ପରିସଂଖ୍ୟାନ ବିଶେଷଜ୍ଞ ସୃଷ୍ଟି କରିପାରିଛନ୍ତି।

ରାଓଙ୍କ ଶ୍ରେଷ୍ଠ ଆବିଷ୍କାର ଭାବେ ଅଟକଳକାରୀଙ୍କ ଗୁଣବତ୍ତା ଲାଗି କ୍ରାମେର-ରାଓ ବାଉଣ୍ଡ ଏବଂ ରାଓ-ବ୍ଲାକ୍-ୱେଲ ଥିଓରମ୍ ପ୍ରସିଦ୍ଧି ଅର୍ଜନ କରିଛି। ସେହିପରି ମଲ୍ଟିଭେରିଏଟ୍ ଆନାଲିସିସ୍, ଏଷ୍ଟିମେଶନ ଥିଓରି, ଡିଫରେନ୍‌ସିଆଲ୍ ଜେମୋଟ୍ରି, ରାଓ ଡିଷ୍ଟାନ୍ସ ଏବଂ ଅର୍ଥୋଗୋନାଲ ଆରେଜ୍ ଭଳି ଗବେଷଣାପ୍ରସୂତ କାର୍ଯ୍ୟ ଗଣିତ ଓ ପରିସଂଖ୍ୟାନ କ୍ଷେତ୍ରକୁ ଅବଦାନ ସ୍ୱରୂପ ହୋଇଛି। ୧୪ ଖଣ୍ଡ ପୁସ୍ତକର ରଚୟିତା ତଥା ୪୦୦ ଜର୍ନାଲ ପବ୍ଲିକେଶନ୍ସ ରାଓଙ୍କ ବୌଦ୍ଧିକତାର ଜ୍ୱଳନ୍ତ ନିଦର୍ଶନ ବୋଲି କୁହାଯାଇଥାଏ। ଜୀବନବ୍ୟାପୀ ସାଧନା ଲାଗି ସେ ବିଶ୍ୱର ପ୍ରସିଦ୍ଧ ୧୯ଟି ବିଶ୍ୱବିଦ୍ୟାଳୟରୁ ୩୮ ସମ୍ମାନସୂଚକ ଡକ୍ଟୋରାଲ୍ ଡିଗ୍ରୀ ଅର୍ଜନ କରିଛନ୍ତି। ଏଥିସହିତ ୨୦୦୨ରେ ବିଜ୍ଞାନ କ୍ଷେତ୍ରରେ ଆମେରିକାର ସର୍ବୋଚ୍ଚ ସମ୍ମାନ ୟୁନାଇଟେଡ୍ ନେଶନ୍ସ ନ୍ୟାଶନାଲ ମେଡାଲ ଅଫ୍ ସାଇନ୍ସ ଏବଂ ଭାରତରେ ବିଜ୍ଞାନ କ୍ଷେତ୍ରରେ ଶ୍ରେଷ୍ଠ ସମ୍ମାନ ଇଣ୍ଡିଆନ୍ ସାଇନ୍ସ ଆୱାର୍ଡ ୨୦୧୦ରେ ମିଳିଥିଲା। ଏପରିକି ୨୦୧୩ରେ ତାଙ୍କ ନାମ ଇଣ୍ଟରନ୍ୟାଶନାଲ ଏନ୍‌ସାଇକ୍ଲୋପିଡିଆ ଅଫ୍ ଷ୍ଟାଟିଷ୍ଟିକାଲ୍ ସାଇନ୍ସକୁ ଅବଦାନ ନିମନ୍ତେ ନୋବେଲ ଶାନ୍ତି ପୁରସ୍କାର ସକାଶେ ମଧ୍ୟ ମନୋନୀତ ହୋଇଥିଲା। ଭାରତ ସରକାରଙ୍କ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମ ବିଭୂଷଣ'ରେ ସେ ଭୂଷିତ ହୋଇଛନ୍ତି। ତେବେ ତାଙ୍କ ସଫଳତାରେ ଆଉ ଏକ ଅନ୍ତର୍ଜାତୀୟ ଫର୍ଦ୍ଦ ଯୋଡ଼ିଦେଇଥିବା 'ଇଣ୍ଟରନ୍ୟାଶନାଲ ପ୍ରାଇଜ୍ ଇନ୍ ଷ୍ଟାଟିଷ୍ଟିକ୍ସ ୨୦୨୩' ରାଓଙ୍କୁ ବିଶ୍ୱର 'ପରିସଂଖ୍ୟାନ ଗୁରୁ' ସ୍ଥାନରେ ନେଇ ବସାଇଦେଇଛି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ମୋବାଇଲ ଚୋରି ହେବା କଥା ଶୁଣିବାକୁ ମିଳିଥାଏ। କିନ୍ତୁ ପୂରା ମୋବାଇଲ ଟାୱାର ଚୋରିହେବା ଆଶ୍ଚର୍ଯ୍ୟର ବିଷୟ। ବିହାରର ମୁଜାଫରପୁରରେ ଚୋରମାନଙ୍କର ଏଭଳି ଅଦ୍ଭୁତ କାର୍ଯ୍ୟ ସାମ୍ନାକୁ ଆସିଛି। ଚୋରମାନେ ମେକାନିକ୍ ଭଳି ଆସି ଲୋକଙ୍କ ସାମ୍ନାରେ ଟାୱାର ସବୁ ପାର୍ଟ ଖୋଲି ନେଇଚାଲିଗଲେ। ଏହି ଘଟଣା ଜିଲା ସଦର ପୋଲିସ ଷ୍ଟେଶନର ଶ୍ରମଜୀବୀ ନଗରରେ ଘଟିଛି। ପୋଲିସ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛି। ସେଠାକାର ମନୀଷା କୁମାରୀଙ୍କ ଆବାସିକ କମ୍ପ୍ଲେକ୍ସରେ ଜିଟିଏଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିମିଟେଡ ଏହି ମୋବାଇଲ ଟାୱାର ବସାଇଥିଲା। କିନ୍ତୁ କିଛିଦିନ ଧରି ଏହା କାମକରୁ ନ ଥିଲା। ଚୋରମାନେ ଡିଜେଲ ଜେନେରେଟର ଏସ୍‌ଏମ୍‌ପିଏଫ୍ ଷ୍ଟାବିଲାଇଜରକୁ ମଧ୍ୟ ନେଇ ଯାଇଛନ୍ତି, ଯାହାର ମୂଲ୍ୟ ବର୍ତ୍ତମାନ ସାଢ଼େ ଚାରି ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏନେଇ ସ୍ଥାନୀୟ ଲୋକେ କହିଛନ୍ତି, କିଛିଦିନ ପୂର୍ବରୁ ୫ ଜଣ ଲୋକ ମୋବାଇଲ ଟାୱାର ଖୋଲିବାକୁ ଆସିଥିଲେ। ମୋବାଇଲ ଟାୱାର ଖୋଲିବା ପରେ ଏହାକୁ ଏକ ଟ୍ରକ୍‌ରେ ଲୋଡ୍ କରି ସେମାନେ ଚାଲିଯାଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଏପ୍ରିଲ ୧୯୯୮

- ବାଂଲାଦେଶର ଉତ୍ତର ଗାଲବାନ୍ଧା ଜିଲ୍ଲାରେ ବିଷାକ୍ତ ଦେଶୀ ମଦ ପିଇ ୨୧ଜଣଙ୍କ ମୃତ୍ୟୁ।
- ଦକ୍ଷିଣକୋରିଆର ସିଓଲଠାରେ ଅନୁଷ୍ଠିତ ଏସୀୟ ଭାରୋତ୍ତୋଳନ ଚାମ୍ପିୟନ୍‌ଶିପ୍‌ରେ ୭୫ କିଗ୍ରା ଜେଡ ଲିଫ୍ଟ ଇଭେଣ୍ଟରେ ସରଳା ସେଟ୍ଟୀଙ୍କ ନୂତନ ଏସୀୟ ରେକର୍ଡ ପ୍ରତିଷ୍ଠା।
- ଗୁରୁ ରବୀନ୍ଦ୍ରନାଥ ଟାଗୋରଙ୍କ ପ୍ରିୟ ଶିଷ୍ୟା ତଥା 'ଦେଶୀ କୋତ୍ତମା' ପୁରସ୍କାର ବିଜୟିନୀ ସାବିତ୍ରୀ କ୍ରିଷ୍ଣନ୍‌ଙ୍କ ୮୫ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଲୁକ୍କାୟିତ ବିଶ୍ୱ ମଧ୍ୟେ ମାନବ-ପ୍ରାଣର ଆଶା ଆଦି
ଏ ପାଷାଣ ନିମ୍ନେ ହୋଇ ସ୍ତୂପୀକୃତ ଲଭିଛି ସମାଧି,
ବିରହ ବିଧୁରା କୋଟି ଯୁବତୀ ଗୁହାରି,
ସନ୍ତାନହୀନାର କେତେ ଶୋକ-ଅଶ୍ରୁ ବାରି,
ହୋଇଅଛି ଏଥି ଘନୀଭୂତ,
ଅନ୍ତରର ବାସନା ଅୟୁତ,
କେତେ ନିରାଶ୍ରୟ
ଲୋଡ଼ିଛି ଅଭୟ
ସଂଗୋପନେ
ଆଶାମନେ !

(ପୁରୀ-ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | 7 | | | | 2 | |
| | | 3 | | 5 | 2 | | | |
| | | 8 | | | | | | |
| | | | | 1 | | | | 9 |
| | 6 | | | | 4 | | | |
| | 1 | | 9 | | 8 | | 4 | |
| | 5 | | | 9 | | 7 | | |
| | | 2 | | | | | | |
| | | 9 | 6 | 4 | 1 | 2 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 1 | 6 | 9 | 2 | 3 | 7 | 8 |
| 6 | 3 | 9 | 7 | 1 | 8 | 4 | 2 | 5 |
| 8 | 2 | 7 | 3 | 5 | 4 | 1 | 6 | 9 |
| 9 | 8 | 2 | 1 | 4 | 7 | 5 | 3 | 6 |
| 7 | 4 | 5 | 8 | 3 | 6 | 2 | 9 | 1 |
| 1 | 6 | 3 | 5 | 2 | 9 | 8 | 4 | 7 |
| 2 | 9 | 8 | 4 | 7 | 1 | 6 | 5 | 3 |
| 5 | 7 | 6 | 2 | 8 | 3 | 9 | 1 | 4 |
| 3 | 1 | 4 | 9 | 6 | 5 | 7 | 8 | 2 |

ଗତ କାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୋଟିଆ ସମସ୍ୟା ଛୋଟିଆ ନୁହେଁ

ମହାଶୟ,

ଓଡ଼ିଶା ସୀମାକୁ ଲାଗି କୋରାପୁଟ ଜିଲା କୋଟିଆ ଅଞ୍ଚଳକୁ ନିଜର ବୋଲି ଆନ୍ଧ୍ର ସରକାର ଦାବି କରିବା ସଙ୍ଗେସଙ୍ଗେ ସେ ଅଞ୍ଚଳରେ ତେଲୁଗୁ ଭାଷାରେ ବିଭିନ୍ନ ନାମଫଳକ ଲଗାଇବା ସହିତ ସେଠାରେ ତଥାକଥିତ ଏକ ପଞ୍ଚାୟତ ଅଫିସ ପ୍ରତିଷ୍ଠା ପାଇଁ ପ୍ରଚେଷ୍ଟା ଚଳାଇଛି। ସ୍ଥାନୀୟ ଓଡ଼ିଆ ବାସିନ୍ଦାମାନେ ଏହାକୁ ବିରୋଧ କରୁଛନ୍ତି। ସେଠାକାର ଅଧିବାସୀମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଉଛନ୍ତି। କିନ୍ତୁ ଓଡ଼ିଶା ସରକାର ଏ ନେଇ ଦୃଢ଼ ସକ୍ରିୟ କାର୍ଯ୍ୟାନୁଷ୍ଠାନ ପାଇଁ ଯତ୍ନବାନ୍ ହେଉନାହାନ୍ତି। ଏହାର ଉଚିତ ସମାଧାନ ଠିକ୍ ସମୟରେ ନ ହେଲେ ଭବିଷ୍ୟତରେ ଏହା ଭୟଙ୍କର ରୂପ ନେବ। ଏଣୁ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ତୁରନ୍ତ ସମାଧାନ ଲାଗି ପ୍ରଚେଷ୍ଟା ଜାରି ରହୁ।

– ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯୁବକଙ୍କ କୌଣସି ବୟସ ନ ଥାଏ: ପ୍ରଭୁ




ୟୁଥ୍-୨୦ ଗଣମାଧ୍ୟମ କର୍ମଶାଳାରେ ଇଣ୍ଡିଆନ୍ ଏକ୍ସପ୍ରେସ୍ ଗ୍ରୁପ୍‌ର ଏଡିଟୋରିଆଲ ଡାଇରେକ୍ଟର ପ୍ରଭୁ ଚାୱ୍‌ଲା ଉଦ୍‌ବୋଧନ ଦେଉଛନ୍ତି। ମଞ୍ଚାସୀନ ଅଛନ୍ତି କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ, ସୂଚନା କମିଶନର ସୁଶାନ୍ତ ମହାନ୍ତି, ସମାଜ ସମ୍ପାଦକ ନିରଞ୍ଜନ ରଥ, ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ କୋଲକାତାର ନିର୍ଦ୍ଦେଶକ ହିମାଂଶୁ ଖଟୁଆ।

## ୟୁଥ୍-୨୦ ପରାମର୍ଶ କର୍ମଶାଳା-୨୦୨୩

### ବୟସ କେବଳ ଏକ ସଂଖ୍ୟା: ତଥାଗତ

ଭୁବନେଶ୍ୱର,୧୫।୪

ଦେଶର ବିକାଶ ଓ ରାଷ୍ଟ୍ରର ଅଭିବୃଦ୍ଧି ପାଇଁ ଯୁବକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏପରିକି ଯୁବକଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ବୟସସୀମା ନ ଥାଏ। ପ୍ରତିଟି ଭାରତୀୟ ମନରେ ଦେଶପ୍ରୀତି ଆବଶ୍ୟକ ଥିବାବେଳେ ଦେଶର ସ୍ୱାଭିମାନ ଓ ସଂସ୍କୃତି ବିଷୟରେ ଭଲ ଭାବେ ଅବଗତ ହେବା ଆଜିର ଯୁବସମାଜ ପାଇଁ ଅନିବାର୍ଯ୍ୟ ହୋଇପଡ଼ିଛି ବୋଲି ବରିଷ୍ଠ ପତ୍ରକାର ତଥା ଇଣ୍ଡିଆନ ଏକ୍ସପ୍ରେସ୍ ଗ୍ରୁପ୍‌ର ଏଡିଟୋରିଆଲ ଡାଇରେକ୍ଟର ପ୍ରଭୁ ଚାୱ୍‌ଲା ମତପ୍ରକାଶ କରିଛନ୍ତି। ବିଶେଷକରି ଜି-୨୦ ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟ (ୱାଇ-୨୦) ଓ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଆୟୋଜିତ ୟୁଥ୍-୨୦ ପରାମର୍ଶ କର୍ମଶାଳା-୨୦୨୩ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାୱ୍‌ଲା କହିଥିଲେ, ମନର ମାନସିକତା ହିଁ ଆମର ବୟସାବସ୍ଥାକୁ ସୂଚାଇଥାଏ। ଯଦି ଆମର ମାନସିକତା ଠିକ୍ ଅଛି ଏବଂ ଦେଶର ବିକାଶ ପାଇଁ କିଛି କରିବାର ମନୋବୃତ୍ତି ରହିଛି, ତା'ହେଲେ ବୟସ ବାଧକ ସାଜିବ ନାହିଁ। ସେହିଭଳି ଦେଶର କଳା, ସଂସ୍କୃତି ଓ ଇତିହାସକୁ ମଧ୍ୟ ସେହି ଅନୁସାରେ ଅନୁଶୀଳନ କରିବାକୁ ହେବ। କାରଣ ବିନା ଇତିହାସରେ କୌଣସି କାର୍ଯ୍ୟ କେବେ ବି ପୂରା ହୋଇପାରିନାହିଁ ବୋଲି ସେ ମତପ୍ରକାଶ କରିଥିଲେ। ଏପରିକି ବର୍ତ୍ତମାନର ଯୁବସମାଜର କାର୍ଯ୍ୟକଳାପ ଓ ଆଭିମୁଖ୍ୟ ସମ୍ପର୍କରେ ଚାୱ୍‌ଲା ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅପରପକ୍ଷରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ବୟସ କେବଳ ଏକ ସଂଖ୍ୟା। ଏହାର ପରିବର୍ତ୍ତନ ହୋଇଥାଏ, ହେଲେ ସମ୍ପୃକ୍ତ ବ୍ୟକ୍ତିର ମାନସିକତା ଓ ଇଚ୍ଛାଶକ୍ତି ହିଁ ବୟସ ଓ ଯୁବକର ତୁଳନା କରିଥାଏ। ବର୍ତ୍ତମାନର ପରିସ୍ଥିତିରେ ଯୁବାବସ୍ଥା ଭିନ୍ନ ଏକ ପଥରେ ଅଗ୍ରସର ହେଉଛନ୍ତି। ପ୍ରତିଟି ଯୁବକ ଜାଣିବା ଆବଶ୍ୟକ ଯେ ଦେଶର ଭାର ଗ୍ରହଣ କରିବାକୁ ହେଲେ ଆଗକୁ ଆସିବା ଦରକାର ବୋଲି ସତପଥୀ ଆଶାପୋଷଣ କରିଛନ୍ତି। ସେହିପରି ଯୁବଶକ୍ତି ଓ ସମାଜ ନିକଟରେ ପରିବର୍ତ୍ତନର ଶକ୍ତି ରହିଛି। ଯୁବସମାଜ ସୃଜନାତ୍ମକ ଓ ସ୍ୱାଭିମାନ ଅନୁଯାୟୀ କାର୍ଯ୍ୟ କରିବା ଆବଶ୍ୟକ। ସମାଜରେ ପରିବର୍ତ୍ତନ ଆଣିବା ପାଇଁ କୌଣସି ବୟସ କିମ୍ବା ଜାତି ଓ ଧର୍ମର ଆବଶ୍ୟକତା ନାହିଁ। ଖାଲି ମନରେ ଉତ୍ସାହ ଓ ଆଗ୍ରହ ଥଲେ ସବୁ ସମ୍ଭବ ହୋଇପାରିବ, ଯାହାକୁ ଆଜିର ଯୁବସମାଜ କରିପାରିବେ ମୋର ବିଶ୍ୱାସ ରହିଛି ବୋଲି ସତପଥୀ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହି ପରିପ୍ରେକ୍ଷୀରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି କନ୍ଧମାଳ ଡ. ଅଚ୍ୟୁତ ସାମନ୍ତ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଆଜିର ଯୁବସମାଜର କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଭାବେ ସେ ଆଲୋକପାତ କରିଥିଲେ। ଉଲ୍ଲେଖଯୋଗ୍ୟ, ୟୁଥ୍-୨୦ ପରାମର୍ଶ କର୍ମଶାଳା-୨୦୨୩ ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର ମିଡିଆ ସେସନ ଦି ପାୱାର ଅଫ୍ ୟୁଥ୍- ଡ୍ରାଇଭିଂ ଚେଞ୍ଜ ଆଣ୍ଡ ବିଲ୍ଡିଂ ଏ ବେଟର ୱାର୍ଲଡ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମାଜର ସମ୍ପାଦକ ନିରଞ୍ଜନ ରଥ, ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଓଡ଼ିଶା ସରକାରଙ୍କ ସୂଚନା କମିଶନର ସୁଶାନ୍ତ ମହାନ୍ତି ଓ ସତ୍ୟଜିତ ରାୟ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ କୋଲକାତାର ନିର୍ଦ୍ଦେଶକ ହିମାଂଶୁ ଖଟୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ପରିଶେଷରେ ଦେଶର ବିଭିନ୍ନ ରାଜ୍ୟ ଓ ଗଣମାଧ୍ୟମ ସଂସ୍ଥାର ୫୦ରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା।

# ଓଡ଼ିଆରେ ମୁକ୍ତିଲାଭ କରିବ 'ସାର୍ ମ୍ୟାଡାମ ସରପଞ୍ଚ'

### ଗଞ୍ଜାମର ପୂର୍ବତନ ମହିଳା ସରପଞ୍ଚଙ୍କ କାହାଣୀକୁ ନେଇ ବଲିଉଡ୍ ଫିଲ୍ମ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଗଞ୍ଜାମ ଜିଲାର ଆରତୀ ଦେବୀ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଜଣେ ଉଚ୍ଚ ଶିକ୍ଷିତା ଓ ସ୍ୱଚ୍ଛଳ ବ୍ୟାଙ୍କ ଚାକିରି ଛାଡି ରାଜନୀତିରେ ପ୍ରବେଶ କରି ୨୦୧୨ ମସିହାରେ ଦେଶର ସର୍ବକନିଷ୍ଠ ମହିଳା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ଲୋଗାନ ଥିଲା 'ଟିପ ଚିହ୍ନ ନୁହେଁ, ଦସ୍ତଖତ ଦିଅ'। ନାରୀ ଶିକ୍ଷା ଓ ମହିଳା ଗ୍ରାମସଭା ଭଳି କାର୍ଯ୍ୟ ହାତକୁ ନେଇ ସବୁବେଳେ ଚର୍ଚ୍ଚାରେ ଥିବା ଆରତୀ ଦେବୀଙ୍କ ଆଦର୍ଶ ଓ କାର୍ଯ୍ୟ ଏବେ ଜାତୀୟ ସ୍ତରରେ ପହଞ୍ଚିଛି। ଏଥିରେ ଅନୁପ୍ରାଣିତ ହୋଇ ବଲିଉଡ୍ ପ୍ରଯୋଜକ ତଥା ନିର୍ଦ୍ଦେଶକ ପ୍ରବୀନ ମୋର୍ଚ୍ଚଲେ ଏକ ବହୁଭାଷୀ ଚଳଚ୍ଚିତ୍ର 'ସାର୍ ମ୍ୟାଡ଼ମ ସରପଞ୍ଚ' ତିଆରି କରିଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ଆରତୀ ଦେବୀଙ୍କ ଚରିତ୍ରକୁ ହଲିଉଡ୍ ଷ୍ଟାର ଆର୍‌ୟାନା ସଜନାନୀ ନିଖୁଣ ଭାବରେ ଚିତ୍ରଣ କରିଛନ୍ତି। ସୀମା ବିଶ୍ୱାସଙ୍କ ଭଳି ଜଣେ ଉଚ୍ଚକୋଟୀର ଅଭିନେତ୍ରୀଙ୍କ ଅଭିନୟ ମଧ୍ୟ ଚଳଚ୍ଚିତ୍ରକୁ ଆହୁରି ଶିକ୍ଷଣୀୟ କରିଦେଇଛି। ଏହି ଚଳଚ୍ଚିତ୍ର ୪ଟି ଭାଷାରେ ନିର୍ମାଣ ହୋଇ ସର୍ବ ଭାରତୀୟ ସ୍ତରରେ ମୁକ୍ତିଲାଭ କରିଥିବାବେଳେ ଓଡ଼ିଆ ଭାଷାରେ ଖୁବଶୀଘ୍ର ମୁକ୍ତିଲାଭ ହେବାକୁ ଯାଉଛି ବୋଲି ଶନିବାର ସ୍ଥାନୀୟ ପ୍ରେସକ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ସମାଜସେବୀ ନମ୍ରତା ଚଢ଼ା, ସିନେ ପ୍ରଯୋଜକ ସଚ୍ଚିକାନ୍ତ ଜେନା, ମିଡ଼ିଆ ପ୍ଲାନର ମୁଖ୍ୟ ପ୍ରଣୟ ଜେଠୀଙ୍କ ସହିତ ପୂର୍ବତନ ସର୍ବ କନିଷ୍ଠା ସରପଞ୍ଚ ଆରତୀ ଦେବୀ ଉପସ୍ଥିତ ଥିଲେ। ଓଡ଼ିଶାରେ ପୂର୍ବରୁ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରଗୁଡ଼ିକୁ ଯେପରି ଲୋକ ପସନ୍ଦ କରିଥିଲେ ଏବଂ ରାଜ୍ୟ ସରକାର ପ୍ରମୋଦ କର ଛାଡ଼ କରିଥିଲେ, ସେହିପରି ଏହି ଚଳଚ୍ଚିତ୍ରଟିକୁ ମଧ୍ୟ ଦୃଷ୍ଟି ଦେବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଶା ପ୍ରକଟ କରାଯାଇଛି।




# ଛାତ୍ରୀଛାତ୍ରଙ୍କୁ ଇଣ୍ଟର୍ନଶିପ୍ ଦେବ ଫିକି ଫ୍ଲୋ

### ମୋ କଲେଜ ଅଭିଯାନ ସହ ଏମ୍‌ଓୟୁ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ମୋ କଲେଜ ଅଭିଯାନ ଅଧୀନ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି(ଫିକି ଫ୍ଲୋ) ନିଯୁକ୍ତି ତାଲିମ ଦେବ। ଏଥିପାଇଁ ମୋ କଲେଜ ଅଭିଯାନ ଓ ଫିକି ଫ୍ଲୋ ମଧ୍ୟରେ ଏମ୍‌ଓୟୁ ହୋଇଛି। ଛାତ୍ରୀଛାତ୍ରଙ୍କୁ ଅନ୍-ଜବ୍ ଟ୍ରେନିଂ ପ୍ରୋଗ୍ରାମ୍ ବା ଇଣ୍ଟର୍ନଶିପ୍ ପ୍ରଦାନ କରାଯିବ। ମୋ କଲେଜ ଅଭିଯାନ ଅଧ୍ୟକ୍ଷ ଆକାଶ ଦାଶ ନାୟକ ଓ ଫିକି ଫ୍ଲୋ ଭୁବନେଶ୍ୱର ଚାପ୍ଟର ଚେୟାରମ୍ୟାନ ପୁନମ୍ ମହାପାତ୍ରଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷରିତ କରାଯାଇଛି। ଅଭିଯାନର ସିଇଓ ଅମୀୟ କୁମାର ରାଉତ, ମୋ କଲେଜର ଆଦିତ୍ୟ ଚୌଧୁରୀ, ଫିକି ଫ୍ଲୋର ସଦସ୍ୟ ତଥା ଶିକ୍ଷା ଓ ଦକ୍ଷତା ପାଇଁ ପଦକ୍ଷେପର ମୁଖ୍ୟ ଲିପ୍ସା ହଂସ, ଏମ୍‌ଏସ୍‌ଏମ୍‌ଇ ପଦକ୍ଷେପର ମୁଖ୍ୟ ସୁମନ ଜେନା ଏବଂ ପୂର୍ବତନ ଚେୟାରମ୍ୟାନ ନର୍ମିତା ଚହଲ ମଧ୍ୟ ଉପସ୍ଥିତ ଥିଲେ। ରିଟେଲ୍, ଫ୍ୟାଶନ୍, ଷ୍ଟିଲ୍ ଆଣ୍ଡ ମାଇନ୍ସ, ଆଇଟି ଆଣ୍ଡ ଆଇଟି ସର୍ଭିସ୍, ଆକାଉଣ୍ଟ ଆଣ୍ଡ ଫାଇନାନ୍ସ, ବିୟୁଟି ଆଣ୍ଡ ୱେଲ୍‌ନେସ୍, ଡିଜିଟାଲ୍ ମାର୍କେଟିଂ, ଅନ୍‌ଲାଇନ୍ ସେଲ୍ସ, ଫୁଡ୍ ପ୍ରୋସେସିଂ, ଏନର୍ଜି, ମାର୍କେଟିଂ, ହୋଟେଲ୍, ରିସର୍ଟ, ହୋମ୍ ବେକର୍, ସ୍ୱାସ୍ଥ୍ୟ ସେବା, ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟ, କୋଚିଂ ଇନଷ୍ଟିଚ୍ୟୁଟ୍ ଏବଂ କୃଷି କ୍ଷେତ୍ରରେ ୨୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ୨ଟି ପର୍ଯ୍ୟାୟରେ ଇଣ୍ଟର୍ନସିପ୍‌ର ସୁଯୋଗ ଦେବ। ଇଣ୍ଟର୍ନସିପ୍‌ର ଅବଧି ୪୫ ଦିନ, ୯୦ ଦିନ, ୧୮୦ଦିନ ବା ନିଯୁକ୍ତିଦାତାଙ୍କ ତାଲିମ୍ ଛାତ୍ରୀଛାତ୍ର ବାଛିଥିବା କ୍ଷେତ୍ର ଉପରେ ନିର୍ଭର କରିବ। ତାଲିମ ଶେଷ ହେବା ପରେ ଛାତ୍ରୀଛାତ୍ରମାନେ ପ୍ରମାଣପତ୍ର ପାଇବେ, ଯାହା ଭବିଷ୍ୟତରେ ନିଯୁକ୍ତି ପାଇଁ ସେମାନଙ୍କୁ ସାହାଯ୍ୟ କରିବ।

## ପରିତ୍ୟକ୍ତ ଖଣିରୁ ଛାତ୍ରଙ୍କ ମୃତଦେହ ଜବତ

କେନ୍ଦୁଝର,୧୫।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ତୁଳସୀଚଉଁରା ଗ୍ରାମ ନିକଟରେ ଥିବା ଏକ ବନ୍ଦ ପଥର ଖଣିରୁ ଜଣେ ଛାତ୍ରଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ କେନ୍ଦୁଝର ସହର ବୁଲା ଦୁଆର ସାହିର ଭାବେଶ ପିଠାଡ଼ିଆ(୨୦) ବୋଲି ଜଣାପଡ଼ିଛି। ସେ ଧରଣୀଧର ସ୍ୱୟଂଶାସିତ କଲେଜରେ ଯୁକ୍ତ ଦୁଇରେ ଦ୍ୱିତୀୟ ବର୍ଷରେ ପାଠ ପଢୁଥିଲେ। ଶନିବାର ଦିନ ଅପରାହ୍ଣ ୨ଟାରେ ଉକ୍ତ ପରିତ୍ୟକ୍ତ ଖଣିରେ ଜମିଥିବା ପାଣିରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଏ ନେଇ ପୋଲିସକୁ ସୂଚନା ଦେବା ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ପାଣି ଭିତରୁ ମୃତଦେହ ବାହାର କରିଥିଲେ। ଘଟଣାସ୍ଥଳରୁ ଏକ ବାଇକ, ମୋବାଇଲ ଓ ବ୍ୟାଗ ପୋଲିସ ଜବତ କରିଛି। ମୃତକଙ୍କ ବାପା ହରିଶ ପିଠାଡ଼ିଆଙ୍କ ଏତଲା କ୍ରମେ ପୋଲିସ (ନଂ. ୩୫/୨୩) ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ଏହା ଏକ ଆତ୍ମହତ୍ୟା ନା ହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ପୋଲିସ ପ୍ରକାଶ କରିଛି।

# ଜଗନ୍ନାଥ ପାଣିଙ୍କ ସାହିତ୍ୟରେ ସମାଜ ଜୀବନର ବିଶ୍ୱସ୍ତ ଛବି ପ୍ରତିଫଳିତ ହୋଇଛି



### ଲୋକକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗନ୍ନାଥ ପାଣି ସ୍ମୃତି ସଂସଦ ପକ୍ଷରୁ ଶନିବାର ସଂସ୍କୃତି ବିଭାଗ ସମ୍ମିଳନୀ କକ୍ଷରେ ଲୋକକବି ଜଗନ୍ନାଥ ପାଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକ ଯୋଗଦେଇ ଲୋକକବିଙ୍କ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ବରେଣ୍ୟ ବକ୍ତା ଭାବେ ବରିଷ୍ଠ ଭାଷାବିତ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଊନବିଂଶ ଶତାବ୍ଦୀରେ ଓଡ଼ିଆ ଭାଷାକୁ ଲୋକମୁଖୀ କରାଇବାରେ ଜଗନ୍ନାଥ ପାଣି ପ୍ରମୁଖ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ତଥା ସ୍ମୃତି ସଂସଦର ସମ୍ପାଦକ ନାଟ୍ୟକାର ଓ ନାଟ୍ୟ ଗବେଷକ ଡ. ଉପେନ୍ଦ୍ର ପ୍ରସାଦ ନାୟକ ଯୋଗଦେଇ ପାଣି ସାହିତ୍ୟର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ଲୋକକବିଙ୍କ ସାରସ୍ୱତ ଜୀବନୀ ଉପରେ ଅଭିଭାଷଣ ରଖି କହିଲେ, ଜଗନ୍ନାଥ ପାଣିଙ୍କ ସାହିତ୍ୟରେ ସମାଜ ଜୀବନର ବିଶ୍ୱସ୍ତ ଛବି ପ୍ରତିଫଳିତ ହୋଇଛି। ଦୈନ୍ୟପୀଡିତ ଜନ ଜୀବନରେ ରସବୋଧ ଜାଗ୍ରତ କରିବାରେ ପାଣି ସାହିତ୍ୟର ଭୂମିକା ଅତୁଳନୀୟ। ଏକାଡେମୀ ଉପ-ସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ରଖିଥିଲେ। ଉପବିଭାଗ ଅଧିକାରୀ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଦେବାଶିଷ ପଟ୍ଟନାୟକ ଓ ସାଥୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଓ ଲୋକକବି ଜଗନ୍ନାଥ ପାଣିଙ୍କ ରଚନାରୁ ସଙ୍ଗୀତ ଗାନ କରାଯାଇଥିଲା।

# ସରିଲା ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ



ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ପାଇଁ କଟକ କଚେରି ରୋଡ୍‌ରେ ଆଇନଜୀବୀଙ୍କ ଗହଳି।

- ସମ୍ବଲପୁରରେ ହେଲାନି ମତଦାନ
- କର୍ଫ୍ୟୁ ଉଠିଲେ ହେବ ଭୋଟଗ୍ରହଣ

କଟକ ଅଫିସ,୧୫।୪

ସମ୍ବଲପୁର ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲାରେ ରାଜ୍ୟ ବାର୍ କାଉନ୍‌ସିଲ୍‌ର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଚାଲିଥିଲା। ପ୍ରାୟ ୬୦% ମତଦାନ ହୋଇଥିବା କୁହାଯାଉଥିବାବେଳେ ଆନୁଷ୍ଠାନିକ ଭାବେ ରାଜ୍ୟ ବାର୍ କାଉନ୍‌ସିଲ୍ ପକ୍ଷରୁ ଭୋଟ ଗ୍ରହଣ ସମ୍ପର୍କିତ ନିର୍ଦ୍ଦିଷ୍ଟ ତଥ୍ୟ ଦିଆଯାଇନାହିଁ। ଆସନ୍ତା ୨୧ ତାରିଖରୁ ଭୋଟଗଣତି ଆରମ୍ଭ ହେବ। ଅପରପକ୍ଷରେ ସମ୍ବଲପୁରରେ କର୍ଫ୍ୟୁ ଉଠିଲେ ଭୋଟଗ୍ରହଣ ହେବ ବୋଲି ବାର୍ କାଉନ୍‌ସିଲ ପକ୍ଷରୁ କୁହାଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ମତଦାନ ନିମନ୍ତେ ଆଇନଜୀବୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସବୁଠି ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ସର୍ବାଧିକ ଭୋଟଗ୍ରହଣ କେନ୍ଦ୍ର କଟକରେ ୭,୩୯୯ ଜଣ ଆଇନଜୀବୀଙ୍କ ପାଇଁ ୨୫ଟି ଓ ଭୁବନେଶ୍ୱରରେ ୪୧୪୫ ଜଣ ଆଇନଜୀବୀଙ୍କ ପାଇଁ ୧୫ଟି କେନ୍ଦ୍ର କରାଯାଇଥିଲା। ଓଡ଼ିଶା ହାଇକୋର୍ଟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରାର୍ଥୀମାନଙ୍କର ପ୍ରଚାର ବ୍ୟାନର ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଦର୍ଶିତ ହୋଇଥିଲା। ବିଶେଷକରି ଯୁବ ଆଇନଜୀବୀମାନେ ଏହି ନିର୍ବାଚନ ପ୍ରକ୍ରିୟାରେ ବେଶି ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା। ଏହି ନିର୍ବାଚନ ନିମନ୍ତେ ହାଇକୋର୍ଟ ରାଜ୍ୟର ସମସ୍ତ ନ୍ୟାୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଥିଲେ। ଏଥିସହ ବିଚାର ବିଭାଗୀୟ ଅଧିକାରୀମାନେ ପୋଲିଂ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ରାଜ୍ୟ ବାର୍ କାଉନ୍‌ସିଲ୍‌ର ୨୫ଟି ପଦ ନିମନ୍ତେ ୯୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ। ରାଜ୍ୟରେ ଭୋଟ ଗ୍ରହଣ ନିମନ୍ତେ ମୋଟ ୧୬୭ଟି ପୋଲିଂ ବୁଥ୍ କରାଯାଇଥିଲା। ସେହିପରି ରାଜ୍ୟର ମୋଟ ୩୪,୯୦୮ ଜଣ ଆଇନଜୀବୀ ଭୋଟର ଥିବା ଜଣାପଡ଼ିଛି। ମତଦାନ ନିୟମ ଅନୁଯାୟୀ, ଜଣେ ମତଦାତା ସର୍ବନିମ୍ନ ୫ଟି ଭୋଟ ଦେବାକୁ ବାଧ୍ୟ। ୫ରୁ କମ୍ ହେଲେ ତାଙ୍କର ମତଦାନ ନାକଚ ହୋଇଯିବ। ସେହିପରି ଜଣେ ସର୍ବାଧିକ ୨୫ଟି ଭୋଟ ଦେଇପାରିବେ। ଦୀର୍ଘ ୧୦ ବର୍ଷ ପରେ ରାଜ୍ୟ ବାର୍ କାଉନ୍‌ସିଲ୍ ନିର୍ବାଚନ ଅନୁଷ୍ଠିତ ହେଉଛି। ଏହି ନିର୍ବାଚନ ଶେଷ ଥର ପାଇଁ ୨୦୧୩ ନଭେମ୍ବରରେ ହୋଇଥିଲା।

# ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ୫-ଟି ସଚିବ

ପୁରୀ ଅଫିସ,୧୫।୪

ଧାର୍ମିକ ସହର ପୁରୀକୁ ରାଜ୍ୟ ସରକାର ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ପାଇଁ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଅନେକ ସମୟରେ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି। ଅଧିକାଂଶ ସମୟରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ପୁରୀ ଆସି କାର୍ଯ୍ୟର ତଦାରଖ କରିଥାନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ୫-ଟି ସଚିବ ପାଣ୍ଡିଆନ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୁରୀରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସକାଳ ସମୟରେ ୫-ଟି ସଚିବ ପାଣ୍ଡିଆନ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମେତ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ ଅଗ୍ରଗତି କାର୍ଯ୍ୟ ସମୀକ୍ଷା କରିଥିଲେ। ପାଣ୍ଡିଆନ ପୁରୀ ଆସି ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ବିଭିନ୍ନ ପ୍ରକଳ୍ପର ଅନୁଧ୍ୟାନ କରିଥିଲେ।



ପ୍ରଥମେ ଶ୍ରୀମନ୍ଦିର ଚାରିପଟେ ଚାଲିଥିବା ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ଧର୍ମଶାଳା କାର୍ଯ୍ୟ ସମୀକ୍ଷା କରିବାକୁ ଯାଇଥିଲେ। ବାସେଳୀ ସାହି ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି-୨ରେ ସ୍ୱଳ୍ପ ମୂଲ୍ୟରେ ଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କ ରହିବା ପାଇଁ ୧୦ଏକର ଜାଗାରେ ଧର୍ମଶାଳା ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ୧୩୫ କୋଟି ଟଙ୍କା ବ୍ୟୟ ହେବାକୁ ଥିବାବେଳେ ୫ଟି ବ୍ଲକ ବିଶିଷ୍ଟ ଏହି ଧର୍ମଶାଳାରେ ୩୭୦୦ ଯାତ୍ରୀ ରହିବାର ବ୍ୟବସ୍ଥା ହେଉଛି। ୪୩ ଏକର ପରିମିତ ଅଞ୍ଚଳରେ ୬୭ କୋଟି ଟଙ୍କା ବ୍ୟୟରେ ପାର୍କିଂ ସ୍ଥଳର ବ୍ୟବସ୍ଥା ହୋଇଛି। ଏଠାରେ ୪୨୦ଟି ବସ୍, ୨୫୮ ଅଟୋ, ୫୪୯ ଚାରିଚକିଆ ଗାଡ଼ି ଓ ୧୦୫୪ଟି ଦୁଇଚକିଆ ଗାଡ଼ି ପାର୍କିଂର ବ୍ୟବସ୍ଥା ରହିବ। ୧୬୧ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଶ୍ରୀ ସେତୁର ଗୋଟିଏ ପାର୍ଶ୍ୱ ଜଗନ୍ନାଥ ବଲ୍ଲଭ ପାର୍କିଂ ସ୍ଥଳକୁ ରଥଯାତ୍ରା ପୂର୍ବରୁ ସଂଯୋଗ ପାଇଁ ତ୍ୱରାନ୍ୱିତ କାର୍ଯ୍ୟ କରିବାକୁ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟକୁ ପାଣ୍ଡିଆନ ପରିଦର୍ଶନ କରି ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ସମୟରେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ, ଓବିସିସିର ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀ ଓ ଅନ୍ୟାନ୍ୟ ଅଧିକାରୀ, ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପ୍ରଶାସନ କଲାନି: ନଳକୂପ ଚାନ୍ଦିନୀ ନିର୍ମାଣ କଲେ ଯୁବଗୋଷ୍ଠୀ

**ଲୋଇସିଂହା,୧୫ ।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ କନ୍ଦାଜୁରୀ ଗ୍ରାମର ଏକ ନଳକୂପର ଚାନ୍ଦିନୀ ନ ଥିଲା। ଲୋକେ ପାଣି ନେବା ବେଳେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପାଣି ଜମି କନ୍ଦମାକ୍ତ ହୋଇଯାଇଥିଲା । ଚାନ୍ଦିନୀ ନିର୍ମାଣ ପାଇଁ ଗ୍ରାମବାସୀ ପଞ୍ଚାୟତରୁ ବ୍ଲକ ଅଫିସ ଯାଏ କହିଲେ ବି କେହି ଶୁଣିଲେନି। ଶେଷରେ ଗ୍ରାମର ଯୁବଗୋଷ୍ଠୀ ମିଳିତ ହୋଇ ନିଜସ୍ୱ ଉଦ୍ୟମରେ ଚାନ୍ଦା କରି ସିମେଣ୍ଟ, ବାଲି, ଗେଟି ଆଦି କିଣିଥିଲେ। ପୂର୍ବ ପ୍ରସ୍ତୁତି ଅନୁସାରେ ଶନିବାର ଶ୍ରମଦାନ କରି ଉକ୍ତ ନଳକୂପର ଚାନ୍ଦିନୀ ନିର୍ମାଣ କରିଥିଲେ। ଫଳରେ ଏବେ ଉକ୍ତ ନଳକୂପ ଉପରେ ନିର୍ଭର କରୁଥିବା ୭ରୁ ୮ଶହ ଲୋକେ ଏବେ ସ୍ୱଚ୍ଛନ୍ଦ୍ୟରେ ନଳକୂପର ପାଣି ବ୍ୟବହାର କରି ପାରିବେ ବୋଲି ଗ୍ରାମର ଉମାକାନ୍ତ ବେହେରା, ମିଲୁ ସେଠ, ପଞ୍ଚା ଥାର୍ଟି, ଜୟସିଂ ସେଠ, ରାଧାକାନ୍ତ ଭୋଇ, ଗୋପାଳ ଭୋଇ, ଭୀମ ପଧାନ, କମଳଲୋଚନ ବେହେରା ପ୍ରମୁଖ କହିଛନ୍ତି।

### ତହସିଲଦାରଙ୍କୁ ବସ୍ତିବାସିନ୍ଦାଙ୍କ ଦାବିପତ୍ର

**କଣ୍ଟାବାଞ୍ଜି,୧୫।୪(ଡି.ଏନ.ଏ.):** ଚାରିଦଫା ଦାବି ନେଇ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ତହସିଲଦାରଙ୍କ ଜରିଆରେ ବସ୍ତି ବାସିନ୍ଦାମାନେ ଶନିବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। କଣ୍ଟାବାଞ୍ଜି ଏନଏସିର ଏକମାତ୍ର ପୋଖରୀ ଦୀର୍ଘବର୍ଷ ହେଲା ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଏହି ପୋଖରୀ ଉପରେ ସହରର ୱାର୍ଡ ନଂ. ୧୧,୧୨ ଓ ୧୩ର ଜନସାଧାରଣ ନିର୍ଭର କରୁଥିଲେ। ବିଭିନ୍ନ ସମୟରେ ଅନୁଦାନ ଆସୁଥିଲେ ହେଁ ଏହାର ପୁନଃରୁଦ୍ଧାର ହେଉନାହିଁ। ଅବିଳମ୍ବେ ଏହି ଜଳାଶୟର ପୁନଃରୁଦ୍ଧାର କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କଣ୍ଟାବାଞ୍ଜି ସହରରେ ଥିବା ସରକାରୀ ଜମି ଏବଂ ରେଲୱେ ଜମିରେ ବର୍ଷ ବର୍ଷ ଧରି ରହି ଆସୁଥିବା ଲୋକଙ୍କୁ ସହରାଞ୍ଚଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ଭାଜପା ନେତା ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ନଗର ସଭାପତି ବେଦବ୍ୟାସ ନାଗ ଓ କର୍ମକର୍ତ୍ତା ତହସିଲଦାର ଅମୃତଲାଲ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

### ଦେଓଗାଁ ବ୍ଲକରେ ଜାଲ୍ ସାର୍ଟିଫିକେଟ୍‌କୁ ନେଇ ଚର୍ଚ୍ଚା

**ଦେଓଗାଁ,୧୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ମୁଖ୍ୟାଳୟସ୍ଥିତ ପୋଷ୍ଟ ଅଫିସରେ ଜାଲ୍ ସାର୍ଟିଫିକେଟ ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି । ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏବେ ଛନକା ପଶିଛି। ଦେଓଗାଁ ବ୍ଲକରେ ପ୍ରାଥମିକ ଓ ଉଚ୍ଚଶିକ୍ଷା ବିଭାଗରେ କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ଜାଲ୍ ସାର୍ଟିଫିକେଟ୍ ବ୍ୟବହାର କରି ଦୀର୍ଘବର୍ଷ ହେଲା ଚାକିରି କରୁଥିବା ଚର୍ଚ୍ଚା ହେଉଛି । ଏପରିକି ଉକ୍ତ ବ୍ଲକର ଜଣେ ପାକ୍ସ ସମ୍ପାଦକ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି କରୁଥିବା କେତେକ ଆଶାୟୀ ପ୍ରାର୍ଥୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିବା ଜଣାପଡିଛି। ସମ୍ପୃକ୍ତ ପାକ୍ସ ସମ୍ପାଦକ ଜାଲିଆତି ସାର୍ଟିଫିକେଟକୁ ରଫାଦଫା କରିବାପାଇଁ ଅଫିସ କାର୍ଯ୍ୟାଳୟ ଦୌଡୁଥିବା ଚର୍ଚ୍ଚା ଯୋର ଧରିଛି । ସପ୍ତାହେ ତଳେ ଶିକ୍ଷା ବିଭାଗ କମିଶନର ସମସ୍ତ ବିଭାଗ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରି ଦୁଇଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିଭଳି ଓ କେଉଁ ଉପାୟରେ ଯାଞ୍ଚ କରି ବ୍ଲକ ଶିକ୍ଷାଧିକାରୀମାନେ ରିପୋର୍ଟ ପ୍ରଦାନ କରିଛନ୍ତି ତାହା ଜଣା ପଡିନାହିଁ। ଜିଲା ପ୍ରଶାସନ ଜାଲ୍ ସାର୍ଟିଫିକେଟ୍‌କୁ ନେଇ ବ୍ଲକସ୍ତରରେ ତଦନ୍ତ କଲେ ଅନେକ ସ୍କୁଲରେ ଚାକିରି କରୁଥିବା ଶିକ୍ଷକଙ୍କ ତାଲିକା ବେଶ ଲମ୍ୱା ହେବ ବୋଲି ଆଲୋଚନା ହେଉଛି। ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସମାଲୋଚନା ଭଲ ସାହିତ୍ୟ ସୃଷ୍ଟି କରେ

**ବଲାଙ୍ଗୀର ଅଫିସ, ୧୫।୪**


ସାହିତ୍ୟିକ ଶ୍ରୀକାନ୍ତ ଚାଟାର୍ଜୀଙ୍କୁ ପ୍ରଫେସର ମଧୁସୂଦନ ପତି ସମ୍ମାନଜନକ ଭୂମିକା ସମ୍ମାନ ପ୍ରଦାନ କରୁଛନ୍ତି।

- ସାହିତ୍ୟିକ ଶ୍ରୀକାନ୍ତ ଚାଟାର୍ଜୀ ଭୂମିକା ସମ୍ମାନରେ ସମ୍ମାନିତ
- ଭୂମିକାର ବିଷୁବୋତ୍ସବରେ କବିତା ଏବଂ ଗଳ୍ପ ପାଠ

ସମାଲୋଚନା ସାହିତ୍ୟକୁ ନେଇ ଭାରତୀୟ ସମାଜରେ ଏକ ବିଚିତ୍ର ଭାବବୋଧ ରହିଛି। ସମାଲୋଚନା କହିଲେ ଗାଳି ଦେବା ନୁହେଁ। ସମାଲୋଚନାର ଅର୍ଥ ମୂଲ୍ୟାଙ୍କନ। ଯିଏ ସମାଲୋଚକ ସିଏ ଅନେକ କିଛି ପଢ଼ିଥିବା, ଜାଣିଥିବା କଥା। କୌଣସି ବିଷୟକୁ ବିଶ୍ୱସ୍ତରୀୟ, ଜାତୀୟ ସ୍ତରରେ ପ୍ରାଦେଶିକ ଏବଂ ଆଞ୍ଚଳିକ ସ୍ତରରେ ଉକ୍ତ ବିଷୟକୁ ନେଇ ମୂଲ୍ୟାଙ୍କନ କରିବାର ସାମର୍ଥ୍ୟ ରହିଥିବା ଆବଶ୍ୟକ। କୌଣସି ଲେଖା କାହାର କପି ବା ନୂଆ କିଛି ବିଚାରବୋଧ ଦେଇଛି ସେ ଉପରେ ମୂଲ୍ୟାଙ୍କନ କରିବା ସାମର୍ଥ୍ୟ ରହିଥିବା କଥା। ଭଲ ସମାଲୋଚନା ହେଲେ ଭଲ ସାହିତ୍ୟ ସୃଷ୍ଟି ହୁଏ। ସମାଲୋଚନା କଲେ ଲେଖକ କ'ଣ ଭାବିବ ବୋଲି ଆମେ ସମାଲୋଚନାଠାରୁ ଦୂରରେ ରହିଛୁ। ସମାଲୋଚନା ବିଷୟରେ ଆମକୁ ଗଭୀର ଭାବେ ଆଲୋଚନା ଓ ମନ୍ଥନ କରିବାକୁ ପଡିବ ବୋଲି ସାହିତ୍ୟିକ ଶ୍ରୀକାନ୍ତ ଚାଟାର୍ଜୀ ଭୂମିକାର ବିଷୁବୋତ୍ସବ ଅଭିଭାଷଣରେ କହିଥିଲେ। ସେ ଆହୁରି କହିଥିଲେ ଯେ, ବହି କିଣିଲେ ସାହିତ୍ୟ ଏବଂ ସାହିତ୍ୟିକ ଉଭୟେ ବଞ୍ଚିବେ। ଏଣୁ ପ୍ରଥମେ ବହି କିଣିବା ଏବଂ ପଢ଼ିବା ଅଭ୍ୟାସ ଆରମ୍ଭ ହେଉ ବୋଲି ସେ କହିଥିଲେ।

ପ୍ରଖ୍ୟାତ ଚିତ୍ରଶିଳ୍ପୀ ଓ କବି ଛନ୍ଦାଚରଣ ଆଚାର୍ଯ୍ୟଙ୍କ ସ୍ମୃତିରେ ସାଂସ୍କୃତିକ-ସାମାଜିକ ଅନୁଷ୍ଠାନ ଭୂମିକା ପକ୍ଷରୁ ସ୍ଥାନୀୟ ଯୁଧିଷ୍ଠିର ମିଶ୍ର ଆଇନ ମହାବିଦ୍ୟାଳୟ ପ୍ରାଙ୍ଗଣରେ ବିଷୁବୋତ୍ସବ ଅବସରରେ ଏକ ସାରସ୍ୱତ କାର୍ଯ୍ୟକ୍ରମ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାର ପ୍ରବୀଣ ଏବଂ ନବୀନ କବି ଏବଂ ଗାଳ୍ପିକ ଯୋଗଦାନ କରିଥିଲେ। ଏହି ଅବସରରେ ଭୂମିକାର ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ଉଲ୍ଲେଖନୀୟ ଅବଦାନ ପାଇଁ ସାହିତ୍ୟିକ ଶ୍ରୀକାନ୍ତ ଚାଟାର୍ଜୀଙ୍କୁ ମର୍ଯ୍ୟାଦାଜନକ ଭୂମିକା ସମ୍ମାନ ପ୍ରଦାନ କରିଥିଲେ। ଭୂମିକା ସଭାପତି ଚିତ୍ତରଞ୍ଜନ ଦାଶ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନା ପରେ ସାରସ୍ୱତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ରାଜୀବ ଲୋଚନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ସାରସ୍ୱତ କାର୍ଯ୍ୟକ୍ରମରେ ବଲାଙ୍ଗୀରର କଥାକାର ଡ. ମଞ୍ଜୁବାଳା ପଣ୍ଡା ଏବଂ ବରଗଡର ରୋହିତ ଦାଶ, ବଲାଙ୍ଗୀରର ପ୍ରତିଷ୍ଠିତ କବି ଡ. ପ୍ରହ୍ଲାଦ ଶତପଥୀ, ବିଜୟ କୁମାର ତ୍ରିପାଠୀ, ରମାକାନ୍ତ ନାଏକ, ସବିତା ମହରା, ବରଗଡର ଡ ଅଶୋକ ମହାପାତ୍ର, ଗଞ୍ଜାମର ଦେବଦାସ ଖଟେଇ, ସୋନପୁରର ଅବକାଶ ପ୍ରଧାନ ଯୋଗଦେଇ ସ୍ୱରଚିତ କବିତା ଓ ଗଳ୍ପ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର, ବାଞ୍ଛାନିଧି ରଥ, ଆହ୍ଲାଦ ପାଣିଗ୍ରାହୀ, ଗାଳ୍ପିକା ଗାୟତ୍ରୀ ସରାଫ, ପଶୁକବି ସୁଶୀଳ ମିଶ୍ର, କବି ଭାଗିରଥି, ଗାଳ୍ପିକ ମଳୟ ମିଶ୍ର, ପୀତବାସ ପଣ୍ଡା, ନବୀନ ନାୟକ, ମନୋରଞ୍ଜନ ସାହୁ, ସନ୍ତୋଷ ପାଢ଼ୀ, ପ୍ରିୟରଞ୍ଜନ ବହିଦାର, ସୁଶାନ୍ତ ବାଗ, ଧର୍ମେନ୍ଦ୍ର ନନ୍ଦ, ଅଖିଳ ଚନ୍ଦ୍ର ହୋତା, ବ୍ଯାସଦେବ ନନ୍ଦ, ବୀରେନ୍ଦ୍ର ବନଛୋର, ଜିତେନ୍ଦ୍ରୀୟ ତ୍ରିପାଠୀ, ସଞ୍ଜୀବ ମହାନ୍ତି, ନିଗମ ନାଥ, ଅର୍ଜୁନ ସାହୁ ଉପସ୍ଥିତ ଥିଲେ।

# ଡ୍ରେନ୍ ନିର୍ମାଣକୁ ବିରୋଧ

**ଲୋଇସିଂହା,୧୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ଲୋଇସିଂହା ବ୍ଲକ ବୁର୍ଡା ଜାତୀୟ ରାଜପଥ ୨୬ରୁ ଆଗଲପୁର ବ୍ଲକ ନଅଗାଁ(ଖ) ଭାୟା ବଡଟିକା ପର୍ଯ୍ୟନ୍ତ ୭.୪୩୦ କିମି ରାସ୍ତା ପ୍ରଧାନମନ୍ତ୍ରୀ ସଡକ ରାସ୍ତାରେ ସାମିଲ କରାଯାଇଛି। ୮ ସେପ୍ଟେମ୍ବର ୨୦୨୧ରୁ କାମ ଆରମ୍ଭ ହୋଇ ୭ ସେପ୍ଟେମ୍ବର ୨୦୨୨ରେ ଶେଷ ହେବା କଥା । ହେଲେ ବିଭାଗୀୟ ଅବହେଳାରୁ କାମ ବିଳମ୍ବିତ ହୋଇଥିଲା । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜରବଦଖଲ ସମସ୍ୟା ଯୋଗୁ ନିର୍ମାଣ ବିଳମ୍ବ ହେଉଥିବା ବିଭାଗ ପକ୍ଷରୁ କୁହାଯାଇଥିଲା। ଏହାପରେ ସ୍ଥାନୀୟ ତହସିଲ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଅଗାଁ(ଖ) ହାଇସ୍କୁଲ ଛକଠାରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ସେତେବେଳେ ଜବରଦଖଲ ଉଚ୍ଛେଦ ବେଳେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଥିଲା । ଜବରଦଖଲ ଉଚ୍ଛେଦ ପରେ ମଧ୍ୟ ରାସ୍ତା କାମକୁ ତ୍ୱରାନ୍ୱିତ କରାଯାଇ ନ ଥିଲା । ଉଚ୍ଛେଦର ୨ ମାସ ପରେ ରାସ୍ତା କାମ ସମ୍ପୂର୍ଣ୍ଣ ପାଇଁ କାମ ପୁଣି ଆରମ୍ଭ ହୋଇଛି । ହେଲେ ନଆଗାଁ(ଖ) ହାଇସ୍କୁଲ ଛକରେ ବୁର୍ଡା ପଟରୁ ଗଲାବେଳେ ବାମ ପଟରେ ପ୍ରଥମେ ଡ୍ରେନ ପାଇଁ ନିଅଁ ଖୋଳା ଚାଲିଛି । ଏବେ ଡ୍ରେନ ପାଇଁ ଯେଉଁଠି ନିଅଁ ଖୋଳା ଚାଲିଛି ତା ପଛକୁ ଏକ ପୁରଣା ଡ୍ରେନ ରହିଛି। ସେହି ଡ୍ରେନ ଉପରେ କେତେକ ପରିବାର ଘର ନିର୍ମାଣ କରିଛନ୍ତି। ଡ୍ରେନ ଆଗରେ ପୁଣି କାହିଁକି ଡ୍ରେନ କାମ ଚାଲିଛି ଏବଂ ରାସ୍ତାର ଅପରପାର୍ଶ୍ୱ ଜମି ଗୋଚର ହୋଇଥିଲେ ମଧ୍ୟ ପ୍ରଶାସନ ଜବରଦଖଲ ପାଇଁ ପଛଘଞ୍ଚା ଦେବାର ଉଦ୍ଦେଶ୍ୟ କଣ ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ।


ଅଧାଖୋଳା ହୋଇ ପଡିଥିବା ଡ୍ରେନ ନିହ।

# ଶୃଙ୍ଖଳିତ ଉତ୍ସବ ପାଳନ ନେଇ ଆଲୋଚନା


ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।

**ଖପ୍ରାଖୋଲ,୧୫।୪(ଡି.ଏନ.ଏ.)**

## ବୈଶାଖ ମେଳା, ହରିଶଙ୍କର ମହୋତ୍ସବ

ବଲାଙ୍ଗୀର ଜିଲା ଖପ୍ରାଖୋଲ ପଞ୍ଚାୟତ ସମିତି ସଭା ଗୃହରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ନିରୂପମା ପଟେଲ ଅଧକ୍ଷତା କରିଥିଲେ। ପାଟଣାଗଡ଼ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ା ବିଜୟାନନ୍ଦ ସେଠୀ, ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର , ଜିଲା ପରିଷଦ ସଭ୍ୟା ସଂଯୁକ୍ତ ମେହେର, ପ୍ରମିଳା ପାଥର ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ୫ଦିନ ଧରି ପାଳନ ହେବାକୁ ଥିବା ବୈଶାଖ ମେଳା ତଥା ହରିଶଙ୍କର ମହୋତ୍ସବକୁ କିଭଳି ସୁଚାରୁ ରୂପେ ସମ୍ପାଦନ କରାଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା। ପାନୀୟ ଜଳ ଯୋଗାଣ, ଆଲୋକ ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ହୋମଯଜ୍ଞ, ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ବିଡିଓ ସ୍ୱପ୍ନେଶ୍ୱର ନାଏକ, ଏସବିଓ ମିନିକେତନ ବରିହା, ବିଏଓ ସୁଜିତ କୁମାର ଭୋଇ, ଏଏଚଓ ବିନିତା ବରୁଆ, ସିଡ଼ିପିଓ ସୁଜାତା ଦୋରା, ଥାନା ଏସଆଇ ଗୋପୀନାଥ ମହାକୁଡ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ବୈଦ୍ୟନାଥ ମିଶ୍ର, ସୁମତି ପ୍ରଧାନ, ଦେବକାନ୍ତ ପାଣିଗ୍ରାହୀ, ଉମାକାନ୍ତ ମେହେର, ରମେଶ ପାଢ଼ୀ, ଜୟଶ୍ରୀ ଭଇଁସାଲ, ସନ୍ତୋଷିନି ବରିହାଙ୍କ ସହ ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ବିଭାଗ ଅଧିକାରୀ, ଗଣମାଧମ ପ୍ରତିନିଧି ଉପସ୍ଥିତ ଥିଲେ। ଶେଷରେ ବ୍ଲକ ଉପାଧକ୍ଷ ସୁଖିରାମ ସାଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଖରୀରେ ବୁଡ଼ି ବାଳିକା ମୃତ

**ଖପ୍ରାଖୋଲ,୧୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ବେଦେର ପଞ୍ଚାୟତ ଭାଲୁଟୁଆଁ ଗାଁର ଏକ ପୋଖରୀରେ ଗାଧୋଇବା ବେଳେ ଜଣେ ବାଳିକାର ମୃତ୍ୟୁ ଘଟିଛି। ମୃତା ଲରମ୍ବା ଥାନା ଦମାଇପାଲି ପଞ୍ଚାୟତ ଭୋଜରାଜ ବରିହାଙ୍କ ଝିଅ ଶୋଭାଗିନୀ(୭)। ଭୋଜରାଜ ସପରିବାର ଏକ ମାସ ହେବ ଶଶୁର ଘରେ ରହୁଥିଲେ। ଶନିବାର ମଧାହ୍ନରେ ଶୋଭାଗିନୀ ଅନ୍ୟମାନଙ୍କ ସହ ଗାଧୋଉଥିବା ବେଳେ ପୋଖରୀରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନା ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା( ୩/୨୩)ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# କଲେଜରୁ ସିସିଟିଭି କ୍ୟାମେରା ଚୋରି

**ଦେଓଗାଁ,୧୫।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହା ବୁଢାଡଙ୍ଗର କଲେଜ ପରିସରରୁ ସିସିଟିଭି କ୍ୟାମେରା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତ ୧୩ ତାରିଖରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ସରିବାପରେ କଲେଜ ବନ୍ଦ କରି ଶିକ୍ଷକମାନେ ଘରକୁ ଯାଇଥିଲେ। ଶୁକ୍ରବାର ବିଷୁବ ସଂକ୍ରାନ୍ତି ଛୁଟି ଥିବାରୁ ତାର ସୁଯୋଗ ନେଇ ଦୁର୍ବୃତ୍ତ କଲେଜ ବାହାରେ ଲାଗିଥିବା କ୍ୟାମେରାକୁ ଚୋରି କରିନେଇଥିବା କଲେଜ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅକ୍ଷୟ କୁମାର ଚୌଧୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ପାଇବ ଦେଓଗାଁ ଥାନା ଏସଆଇ ମନୋଜ କୁମାର ମୁଣ୍ଡା ଘଟଣାସ୍ଥଳ ପରିଦର୍ଶନ କରିଥିଲେ। କଲେଜରେ ରାତ୍ର ଜଗୁଆଳି ନାହାନ୍ତି। ଫଳରେ ସନ୍ଧ୍ୟା ହେଲେ ଏହି କଲେଜ ଆଖପାଖରେ ମଦୁଆଙ୍କ ଆଡ୍ଡା ଜମୁଛି । ତେଣୁ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ କଡାକଡି କରିବାକ ଦାବି ହେଉଛି।

# ଶ୍ରୀରାମ ସେନା ପକ୍ଷରୁ ହନୁମାନ ଜୟନ୍ତୀ

**କୋକସରା,୧୫।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ସଦର ମହକୁମାଠାରେ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଶ୍ରୀରାମ ସେନା ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ କୋକସରା ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପୂଜା କର୍ତ୍ତା ଭାବେ କିଶୋର ଚନ୍ଦ୍ର ପ୍ରଧାନୀ ଓ ସାରଙ୍ଗିନୀ ପ୍ରଧାନୀ ସପତ୍ନୀକ ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଟିକିନା ମିଶ୍ର ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଶ୍ରୀରାମ ସେନା ପକ୍ଷରୁ ଏକ ବିଶାଳ ରାଲି ବାହାରି କୋକସରା ସହର ପରିକ୍ରମା କରି ହନୁମାନ ମନ୍ଦିରରେ ପହଞ୍ଚିଥିଲା। ରାଲିରେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ଶ୍ରୀରାମ ସେନା କମିଟିର କ୍ଷୀରସିନ୍ଧୁ ନେଗି, ମାନସ ରଞ୍ଜନ ପ୍ରଧାନୀ, ମହେଶ ଗୁପ୍ତା, ମହେନ୍ଦ୍ର ପ୍ରଧାନୀ, ତପନ ମାଝୀ, ସିଦ୍ଧାର୍ଥ ଶଙ୍କର ପ୍ରଧାନୀ, କମଳାକାନ୍ତ ଚିନ୍ଦା, ମାନସ ବେହେରା, ବିବେକ ଶର୍ମା ସାମିଲ ଥିଲେ। ସେହିପରି ହନୁମାନ ଜୟନ୍ତୀ କମିଟିର ସଭାପତି ମହେନ୍ଦ୍ର ନେଗି, ସମ୍ପାଦକ ପ୍ରମୋଦ ପ୍ରଧାନୀ, କୋଷାଧ୍ୟକ୍ଷ ବିଶ୍ୱନାଥ ପଟ୍ଟନାୟକ, ଅଜୟ ସାହୁ, ହୃଷୀକେଶ ରାଉତ , ସୁରେନ୍ଦ୍ର ମାଝି, ତ୍ରିଲୋଚନ ମହାପାତ୍ର, ସୁଶାନ୍ତ ବେହେରା, ସୁନିଲ ପ୍ରଧାନୀ, ବସନ୍ତ ପଟ୍ଟନାୟକ, ଦେବ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ହନୁମାନ ଜୟନ୍ତୀ ଅବସରରେ ଦୃଷ୍ଟିହୀନ କଳାକାର ଓ ଦାବ୍ରିଗୁଡାର ଭଜନ ମଣ୍ଡଳୀର କଳାକାରମାନେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ହନୁମାନ ଜୟନ୍ତୀ ଅବସରରେ ରାଲି।

# ମଧୁ ମାଧବ ତୀର୍ଥକ୍ଷେତ୍ରରେ ସଫେଇ କାର୍ଯ୍ୟକ୍ରମ

**କୋକସରା,୧୫।୪(ଡି.ଏନ.ଏ.)**



ସଫେଇ କାର୍ଯ୍ୟକ୍ରମ ଅବସରରେ ଗୁଡହାଣ୍ଡି ଉନ୍ନୟନ କମିଟି ଓ ସତ୍ୟ ସାଇ ଭଜନ ମଣ୍ଡଳୀର କର୍ମକର୍ତ୍ତା।

କଳାହାଣ୍ଡି ଜିଲା କୋକସରା ବ୍ଲକ ଅଧୀନ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ଗୁଡହାଣ୍ଡି ଡୋକରୀଚଞ୍ଚରା ମଧୁ ମାଧବ ତୀର୍ଥକ୍ଷେତ୍ରରେ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତବର୍ଷ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ତେବେ ଏହି ସ୍ଥାନ ଅଳିଆ ଆବର୍ଜନାପୂର୍ଣ୍ଣ ହେବା ସହ ପରିବେଶ ଅପରିଷ୍କାର ହୋଇପଡିଥିଲା। ଏହାକୁ ଦୃଷ୍ଟିରେ ରଖି କୋକସରା ବ୍ଲକ ମାଝୀଗୁଡା ସତ୍ୟସାଇ ଭଜନ ମଣ୍ଡଳୀର କର୍ମକର୍ତ୍ତାମାନେ ସେଠାରେ ପଡିଥିବା ଅଳିଆ, ଆବର୍ଜନା ସଫା କରିଛନ୍ତି। ସତ୍ୟସାଇ ଭଜନମଣ୍ଡଳୀର ଆବାହକ ଧର୍ମରାଜ ସାହୁ, ସେବାଦଳ ସଂଯୋଜକ ଚମ୍ପେଶ୍ୱର ନାଏକ, ଯୁବ ସଂଯୋଜକ ତ୍ରିବିକ୍ରମ ଯାଦବ, ଆଧ୍ୟାତ୍ମିକ ସଂଯୋଜକ ଲକ୍ଷ୍ମୀକାନ୍ତ ପୁଞ୍ଜି, ଅରୁଣ ଘି, କୈବଲ୍ୟ ବାଗ, ଜୟଶଙ୍କର ପୁଞ୍ଜି, ତ୍ରିଭୁବନ ପୁଞ୍ଜି, ଆନନ୍ଦ ବାଗ, ଯଶୋବନ୍ତ ପୁଞ୍ଜି, ତୁଷାର ସାହୁ ପ୍ରମୁଖ ଶୁକ୍ରବାର ଅଳିଆ ଆବର୍ଜନା ସଫା କରିଥିଲେ। ଗୁଡହାଣ୍ଡି ଉନ୍ନୟନ କମିଟିର ସଭାପତି ଭଦ୍ରେଶ୍ୱର ପାତ୍ର, ଉପ ସଭାପତି ଅଇରୀ ନାସନ ଚିନ୍ଦା, ସମ୍ପାଦକ ନୀଳାମ୍ବର ନାଏକ, ଗୋଦାବରୀଶ ପାତ୍ର, ଦୁଷ୍ମନ୍ତ ପାଇଯୋଷୀ, କୈଳାସ ଚଲାନ, ଯତୀନ୍ଦ୍ର ମାଝୀ, ଗିରିଧାରୀ ମାଝୀ, ଚିତ୍ରସେନ ପାତ୍ର, ଭୁବନାନନ୍ଦ ନାଏକ, ନରେନ୍ଦ୍ର ନାଏକ ପ୍ରମୁଖ କର୍ମକର୍ତ୍ତାମାନେ ସଫେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ନୂଆପଡ଼ା ଅଫିସ,୧୫।୪**

ନୂଆପଡ଼ାସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ବ୍ରାହ୍ମଣ ସମାଜ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି।


ପର୍ଶୁରାମଙ୍କୁ ପୂଜା କରାଯାଉଛି।

ପ୍ରଥମେ ଭଗବାନ ପର୍ଶୁରାମଙ୍କ ଫଟୋଚିତ୍ର ପାଖରେ ଦୀପ ପ୍ରଜ୍ୱଳନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆସନ୍ତା ୨୨ରେ ଅନୁଷ୍ଠିତ ହେବାକୁ ଥିବା ପର୍ଶୁରାମ ଜୟନ୍ତୀ ପାଳନକୁ ନେଇ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ନୂଆପଡା ବ୍ରାହ୍ମଣ ସମାଜ ତରଫରୁ ଭଗବାନ ପର୍ଶୁରାମଙ୍କ ଜୟନ୍ତୀକୁ ଭବ୍ୟ ଭାବରେ ପାଳନ କରାଯିବାର ନିଷ୍ପତି ନିଆଗଲା। ଜୟନ୍ତୀ ଦିନ ସକାଳୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ସନ୍ଧ୍ୟାରେ ଏକ ଭଜନ ସନ୍ଧ୍ୟା କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଗଲା । ତାହା ସହ ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ବିଭୂତି ପାଣିଗ୍ରାହୀ, କ୍ଷୀରୋଦ ପଣ୍ଡା, ଭାଗିରଥି ପାଢୀ, ସିନ୍ଧୁ ଅଶୋକ ବୋଧନକର, ଜୟ ହୋତା, ସୁଶାନ୍ତି ପତି, କମଳ ପଣ୍ଡା, ଅରବିନ୍ଦ ଯୋଶୀ, କୀର୍ତ୍ତନ ପୁରୋହିତ, ସଞ୍ଜୟ ପାଢୀ, ସୁବଳଶ୍ୟାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# କଳାହାଣ୍ଡି ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ

**ଭବାନୀପାଟଣା,୧୫।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଗତ କିଛି ଦିନ ହେବ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏପରି ପରିସ୍ଥିତିରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ଜଙ୍ଗଲ ଗୁଡିକରେ ନିଆଁ ଲାଗୁଥିବା ସୂଚନା ମିଳିଛି। ଜିଲାର ଉତ୍ତର ଡିଭିଜନରେ ଶୁକ୍ରବାର ୨୭ ଗୋଟି ସ୍ଥାନ ରେ ନିଆଁ ଲାଗି ଯାଇଥିଲା। ତେବେ ରାତି ସୁଦ୍ଧା ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିବା ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର ସୂଚନା ଦେଇଛନ୍ତି। ପ୍ରବଳ ତାତି ଏବଂ ଅନ୍ୟାନ୍ୟ କାରଣରୁ ଶୁକ୍ରବାର ଜିଲାର ମଦନପୁର ରାମପୁର ଡିଭିଜନର ଜୁରାଖମନ, ମଦନପୁର ଜଙ୍ଗଲରେ ବଡଧରଣର ନିଆଁ ଲାଗିଥିଲା। ସେହିପରି ଭବାନୀପାଟଣା ଡିଭିଜନ ଥୁଆପଦର ଗୁଣ୍ଡି ଜଙ୍ଗଲ ଏବଂ ଭଟାଙ୍ଗପଦର ଜଙ୍ଗଲରେ ମଧ ନିଆଁ ଲାଗିଥିବା ବେଳେ ନିଆଁକୁ ଆୟତ୍ତ କରାଯାଇଛି। ଏହାସହିତ ସାଉଥ ଡିଭିଜନ ଅଧୀନରେ ଥିବା ଗୋଲାମୁଣ୍ଡା ବ୍ଲକର ଗରଗାବ, ଦଶପୁର, ବୋର୍ଡା, କେଗାଁ ସମେତ ଧର୍ମଗଡ ରେଞ୍ଜ ଅଧୀନରେ ଥିବା ଆମପାଣି ସେକ୍ସନର ସାହାଜଖୋଲ ଜଙ୍ଗଲରେ ନିଆଁ ଲାଗିଥିଲା। ଏହାକୁ ବନବିଭାଗ ଅଧିକାରୀ ଏବଂ କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ଆୟତ୍ତ କରାଯାଇଛି।


କଳାହାଣ୍ଡି ଜିଲାର ଏକ ଜଙ୍ଗଲରେ ଲାଗିଥିବା ନିଆଁ।

## ଆୟତ୍ତ କରୁଛି ବନ ବିଭାଗ

## ସଂକ୍ଷେପରେ

### ରାମେଶ୍ୱର ମନ୍ଦିରରେ ମେରୁଯାତ୍ରା ସରିଲା

**ଅମରପାଲି,୧୫।୪(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ହରିହରଯୋର ଠେଙ୍ଗୋଡ୍ୟାମ ରାମେଶ୍ୱର ମନ୍ଦିର ପରିସରରେ ମେରୁଦଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାମେଶ୍ୱର ମହାପ୍ରଭୁ ପାର୍ଶ୍ୱବର୍ତ୍ତୀ ଦେବାଦେବୀଙ୍କ ସହ ୨୧ଦିନ ବିଭିନ୍ନ ଗ୍ରାମ ପରିକ୍ରମା କରି ଦଣ୍ଡଯାତ୍ରା କରିବା ସହ ମେରୁରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଏହି ଅବସରରେ ସକାଳେ ସୁଦର୍ଶନ ମେଣ୍ଡଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୋଲସୁଆଁଙ୍କ ପାଣିଦଣ୍ଡ ଅନୁଷ୍ଠିତ ହୋଇଥଇଲା। ପରେ ମହା ପ୍ରଭୁଙ୍କଠାରେ ପଣା ଲାଗୁହେବା ପରେ ଭକ୍ତମାନେ ପଣା ପାଇଥିଲେ ।ମନ୍ଦିର ପରିଚାଳନା କମିଟି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଆୟୋଜିତ ହୋଇଥିଲା।

### ପୋଖରୀରେ ବୁଡ଼ି ବାଳିକା ମୃତ

**ଖପ୍ରାଖୋଲ,୧୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ବେନ୍ଦେର ପଞ୍ଚାୟତ ଭାଲୁଟୁଆଁ ଗାଁର ଏକ ପୋଖରୀରେ ଗାଧୋଇବା ବେଳେ ଜଣେ ବାଳିକାର ମୃତ୍ୟୁ ଘଟିଛି। ମୃତା ଲରମ୍ଭା ଥାନା ଦମାଇପାଲି ପଞ୍ଚାୟତ ଭୋଜରାଜ ବରିହାଙ୍କ ଝିଅ ଶୋଭାଗିନୀ(୭)। ଭୋଜରାଜ ସପରିବାର ଏକ ମାସ ହେବ ଶଶୁର ଘରେ ରହୁଥିଲେ। ଶନିବାର ମଧାହ୍ନରେ ଶୋଭାଗିନୀ ଅନ୍ୟମାନଙ୍କ ସହ ଗାଧୋଉଥିବା ବେଳେ ପୋଖରୀରେ ଭାସି ଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନା ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖପ୍ରାଖୋଲ ଥାନାରେ ଏକ ଅପମୃତ୍ୟୁ ମାମଲା( ୩/୨୩)ରୁଜୁ ହୋଇଛି।

### କଲେଜରୁ ସିସିଟିଭି କ୍ୟାମେରା ଚୋରି

ଦେଓଗାଁ,୧୫।୪(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହା ବୁଢାଡଙ୍ଗର କଲେଜ ପରିସରରୁ ସିସିଟିଭି କ୍ୟାମେରା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଗତ ୧୩ ତାରିଖରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପରୀକ୍ଷା ସରିବାପରେ କଲେଜ ବନ୍ଦ କରି ଶିକ୍ଷକମାନେ ଘରକୁ ଯାଇଥିଲେ। ଶୁକ୍ରବାର ବିଷୁବ ସଂକ୍ରାନ୍ତି ଛୁଟି ଥିବାରୁ ତାର ସୁଯୋଗ ନେଇ ଦୁର୍ବୃତ୍ତ କଲେଜ ବାହାରେ ଲାଗିଥିବା କ୍ୟାମେରାକୁ ଚୋରି କରିନେଇଥିବା କଲେଜ ଅଧକ୍ଷ ଦାୟିତ୍ୱରେ ଥିବା ଅକ୍ଷୟ କୁମାର ଚୌଧୁରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ନାମଯଜ୍ଞ ପାଇଁ କଳସଯାତ୍ରା



**ବରଗଡ଼ ଅଫିସ୍,୧୫।୪:** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧ ନିଗମାନନ୍ଦ ବିହାର ସଂକୀର୍ତ୍ତନ ମଣ୍ଡଳୀ ଆନୁକୂଲ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶନିବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିରା ନଦୀରୁ ମହିଳାମାନେ ଜଳପୂର୍ଣ୍ଣ କଳସ ଆଣି ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଅପରାହ୍ନ ୩ଟାରୁ ନାମଯଜ୍ଞ ଆରମ୍ଭ ହୋଇଥିଲା। ରବିବାର ଅପରାହ୍ନ ୩ଟାରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି। ପଣ୍ଡିତ ଉତ୍ତମ ଆଚାର୍ଯ୍ୟ ପୂଜାକାର୍ଯ୍ୟ କରୁଛନ୍ତି। ସେହିପରି ଅଧ୍ୟାପକ ସୁରେଶ ବାରିକ ସପତ୍ନୀକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରୁଛନ୍ତି। ନାମଯଜ୍ଞ ଅବଧି ମଧ୍ୟରେ ଆମିଷ ଭକ୍ଷଣ ନ କରିବାକୁ ପଡ଼ାବାସୀ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ସହଯୋଗ କରିବା ପାଇଁ କମିଟିର ସମ୍ପାଦକ ଟିକେଲାଲ ନାଏକ ପଡ଼ାବାସୀଙ୍କୁ ନିବେଦନ କରିଛନ୍ତି।

# ମେ ୨୨ରୁ ୧୦୦ମଣ୍ଡିରେ ଧାନ ସଂଗ୍ରହ

- ଧାନ କିଣାରେ ୬୦ ପାକ୍ସ, ୩୪ ଡବ୍ଲ୍ୟୁଏସ୍ଏଚ୍‌ଜି ସାମିଲ
- ପର୍ଯ୍ୟାୟକ୍ରମେ ଖୋଲିବ ଜିଲାର ସମସ୍ତ ଧାନମଣ୍ଡି
- ପଞ୍ଜୀକୃତ ହୋଇଛନ୍ତି ୩୫,୫୮୫ ଚାଷୀ

**ସୋନପୁର,୧୫।୪(ନି.ପ୍ର.)**



ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ, ଜିଲା ପରିଷଦ ଅଧକ୍ଷା ଓ ଅନ୍ୟ ଅଧିକାରୀ ବୃନ୍ଦ ।

ସୁବର୍ଣ୍ଣପୁର ଜିଲାରେ ଆସନ୍ତା ମେ ୨୨ରୁ ରବିରତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ୬୦ ପାକ୍ସ ଓ ୩୪ ଡବ୍ଲ୍ୟୁଏସ୍ଏଚ୍‌ଜି ଜରିଆରେ ଯୋଗାଣ ନିଗମ ପଞ୍ଜିକୃତ ଚାଷୀଙ୍କ ନିକଟରୁ ଧାନ କିଣିବ। ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକରେ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟ ନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ। ତେବେ ଏକର ପ୍ରତି କେତେ ପରିମାଣର ଧାନ କିଣାଯିବ ଏବଂ ଟୋକନ ଅବଧି କେତେ ଦିନ ରହିବ, ତାହା ସ୍ପଷ୍ଟ କରାଯାଇନାହିଁ। ରାଜ୍ୟ ସରକାର ସେ ନେଇ ନିଷ୍ପତ୍ତି ନେବେ ବୋଲି ସୂଚନା ଦିଆଯାଇଥିଲା।

ଧାନ ସଂଗ୍ରହ ପାଇଁ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଓ ବୀରମହାରାଜପୁର ଆରଏମ୍‌ସି ଅଧିନରେ ଚଳିତ ଥର ମୋଟ ୧୦୦ଟି ମଣ୍ଡି ଖୋଲିବ। ମଣ୍ଡିଗୁଡ଼ିକ ସପ୍ତାହକ ୬ ଦିନ ଖୋଲା ରହିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨୦୪୦ ଟଙ୍କା ଓ ଗ୍ରେଡ୍-ଏ ଧାନ କୁଇଣ୍ଟାଲ ପ୍ରତି ୨୦୬୦ ଟଙ୍କା ରହିଛି। ବିକ୍ରି ଧାନର ପ୍ରାପ୍ୟ ପି-ପାସ୍(ପେଡି ପ୍ରକ୍ୟୁମେଣ୍ଟ ଅଟୋମେସନ ସିଷ୍ଟମ) ମାଧ୍ୟମରେ ଡାଇରେକ୍ଟ ଫଣ୍ଡ ଟ୍ରାନ୍ସଫର ଜରିଆରେ ଧାନ ବିକ୍ରିର ୨୪ ରୁ ୪୮ ଘଣ୍ଟା ଭିତରେ ଚାଷୀଙ୍କ ଆକାଉଣ୍ଟରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଧାନ ସଂଗ୍ରହ ହେବ। ଜିଲାର ମିଲର୍ସ ମାନେ ଗତ ଖରିଫ ଧାନ ସଂଗ୍ରହର ୫୮% କଷ୍ଟମ ମିଲିଂ ଚାଉଳ ସରକାରଙ୍କୁ ଦେଇଥିବା ଜିଲା ଯୋଗାଣ ଅଧିକାରୀ ସୁରେଶ କୁମାର ପାଣିଗ୍ରାହୀ ସୂଚନା ଦେଇଥିଲେ। ଏଫ୍‌ସିଆଇ ଅପ୍ରେଲ ମାସରେ ୫ ଲକ୍ଷ କୁଇଣ୍ଟାଲ ଚାଉଳ ଜିଲାର ମିଲର୍ସଙ୍କ ଠାରୁ ନେବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ । ଏଫ୍‌ସିଆଇ ଓ ଆରଆରସି ଚାଉଳ ସଂଗ୍ରହ ତ୍ୱରାନ୍ୱିତ କରିବାକୁ ମିଲର୍ସ ଏବଂ ଚାଷୀ ପ୍ରତିନିଧିଙ୍କ ପକ୍ଷରୁ ଦାବି ହୋଇଥିଲା । ଜିଲାର ୩୫ ହଜାର ୫୮୫ ଜଣ ଚାଷୀ ରବି ଧାନ ବିକ୍ରି ପାଇଁ ପଞ୍ଜିକୃତ ହୋଇଛନ୍ତି। ୨୦୨୧-୨୨ ରବି ଋତୁ ଠାରୁ ଚଳିତ ବର୍ଷ ଅଧିକ ୨୬୩୯ ଜଣ ଚାଷୀ ଧାନ ବିକ୍ରି କରିବାକୁ ନିଜ ନାମ ପଞ୍ଜିକରଣ କରିଛନ୍ତି। ସେହିପରି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ମଣ୍ଡିରେ ଆବଶ୍ୟକ ପାନୀୟ ଜଳ, ତାରପୋଲିନ ବ୍ୟବସ୍ଥା କରିବା ପାଇଁ ଜିଲାପାଳ ଦାଶ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇ ଅଦିନିଆ ବର୍ଷା, କାଳବୈଶାଖୀ ଓ କରାମାଡରେ ଚାଷୀଙ୍କ ଅମଳ ଧାନ ଯେଭଳି କ୍ଷତିଗ୍ରସ୍ତ ନ ହୁଏ, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ, ବୀରମହାରାଜପୁର ବିଧାୟକଙ୍କ ପ୍ରତିନିଧି ଦ୍ୱାରିକାନାଥ ସାହୁ ଉପସ୍ଥିତ ରହି ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ନିଜ ମତ ରଖିଥିଲେ। ଡୁଙ୍ଗୁରିପାଲି ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ସେଠୀ, ବଲାଙ୍ଗୀର ଡିଆରସିଏସ୍ ଦମୟନ୍ତୀ ସିଂ, ଡୁଙ୍ଗୁରିପାଲି ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ବୀରମହାରାଜପୁର ସମ୍ପାଦକ ମନୋଜ କୁମାର ଜେନା, ଚାଷୀ ପ୍ରତିନିଧି ସର୍ଜନ ପଣ୍ଡା, ଜିଲା କୃଷକ ସଂଗଠନ ସଭାପତି ବୈକୁଣ୍ଠନାଥ ଶତପଥୀ, ପ୍ରଦୀପ କୁମାର ପୁରୋହିତ, ମିଲର୍ସ ପ୍ରତିନିଧି ମନୋଜ କୁମାର ପ୍ରଧାନ, ଆନନ୍ଦ ବାବୁ, ସୁଶାନ୍ତ କୁମାର ସାହୁ, ନନ୍ଦୁଲାଲ ପୁରୋହିତ, ଆଶିଷ ବାବୁ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଦେଓଗାଁ ବ୍ଲକରେ ଜାଲ୍ ସାର୍ଟିଫିକେଟ୍‌କୁ ନେଇ ଚର୍ଚ୍ଚା

**ଦେଓଗାଁ,୧୫।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ମୁଖ୍ୟାଳୟସ୍ଥିତ ପୋଷ୍ଟ ଅଫିସରେ ଜାଲ୍ ସାର୍ଟିଫିକେଟ ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି । ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏବେ ଛନକା ପଶିଛି। ଦେଓଗାଁ ବ୍ଲକରେ ପ୍ରାଥମିକ ଓ ଉଚ୍ଚଶିକ୍ଷା ବିଭାଗରେ କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ଜାଲ୍ ସାର୍ଟିଫିକେଟ୍ ବ୍ୟବହାର କରି ଦୀର୍ଘବର୍ଷ ହେଲା ଚାକିରି କରୁଥିବା ଚର୍ଚ୍ଚା ହେଉଛି । ଏପରିକି ଉକ୍ତ ବ୍ଲକର ଜଣେ ପାକ୍ସ ସମ୍ପାଦକ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି କରୁଥିବା କେତେକ ଆଶାୟୀ ପ୍ରାର୍ଥୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିବା ଜଣାପଡିଛି। ସମ୍ପୃକ୍ତ ପାକ୍ସ ସମ୍ପାଦକ ଜାଲିଆତି ସାର୍ଟିଫିକେଟକୁ ରଫାଦଫା କରିବାପାଇଁ ଅଫିସ କାର୍ଯ୍ୟାଳୟ ଦୌଡୁଥିବା ଚର୍ଚ୍ଚା ଯୋର ଧରିଛି । ସପ୍ତାହେ ତଳେ ଶିକ୍ଷା ବିଭାଗ କମିଶନର ସମସ୍ତ ବିଭାଗ ଶିକ୍ଷକଙ୍କ ସାର୍ଟିଫିକେଟ ଯାଞ୍ଚ କରି ଦୁଇଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କିଭଳି ଓ କେଉଁ ଉପାୟରେ ଯାଞ୍ଚ କରି ବ୍ଲକ ଶିକ୍ଷାଧିକାରୀମାନେ ରିପୋର୍ଟ ପ୍ରଦାନ କରିଛନ୍ତି ତାହା ଜଣା ପଡିନାହିଁ। ଜିଲା ପ୍ରଶାସନ ଜାଲ୍ ସାର୍ଟିଫିକେଟ୍‌କୁ ନେଇ ବ୍ଲକସ୍ତରରେ ତଦନ୍ତ କଲେ ଅନେକ ସ୍କୁଲରେ ଚାକିରି କରୁଥିବା ଶିକ୍ଷକଙ୍କ ତାଲିକା ବେଶ ଲମ୍ବା ହେବ ବୋଲି ଆଲୋଚନା ହେଉଛି।

## ସମସ୍ତଙ୍କ ପାଖରେ ପହଞ୍ଚୁ ସାମ୍ବିଧାନିକ ବାର୍ତ୍ତା




ଲୁତୁରପଙ୍କରେ ଜୟନ୍ତୀ ପାଳନ ସଭାରେ ମଞ୍ଚାସୀନ ଅତିଥି।

**ଅମରପାଲି,୧୫।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ଗ୍ରାମରେ ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକରଙ୍କ ୧୩୨ତମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ବୀରମହାରାଜପୁର ବସ୍‌ଷ୍ଟାଣ୍ଡରୁ ଏକ ବାଇକ ରାଲି ବାହାରି ଆମ୍ବେଦକର ସେବାସଂଘରେ ପହଞ୍ଚିବା ପରେ ସେଠାରେ ବାବା ସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଭୀମ ଆର୍ମୀ ଏକତା ମିଶନ ବୀରମହାରାଜପୁର ବ୍ଲକ ସଭାପତି ଧିମାନ ସୁବଳ ଜଗଦଲାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟ ଅତିଥି, ଶିକ୍ଷାବିତ୍ ବଂଶୀଧର ଦୀପ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମ୍ବେଡକରଙ୍କ ଲିଖିତ ସମ୍ବିଧାନର ସାମ୍ବିଧାନିକ ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚୁ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଜିଲା ଭୀମ ଆର୍ମୀ ସଭାପତି ଧିମାନ ପ୍ରଦୀପ ଜାଲ, ଅଧ୍ୟାପକ ସୁଧାଂଶୁ ଶେଖର ପଧାନ, ଜମ୍ମେଶ୍ୱର ଦୀପ, ରାଜକୁମାର ବାଦୀ, ଆମ ଅଦମୀ ପାର୍ଟି ସୁବର୍ଣ୍ଣପୁର ଜିଲା ସଭାପତି ସୁରେଶ କଲତା, ଅଜିତ ନାଏକ ଓ ମେଘନାଦ ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଭିମନ୍ୟୁ ବଗର୍ତ୍ତି ସଭା ପରିଚାଳନା ଏବଂ ରମେଶ ଜଗଦଲା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଦୀପ ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ବାବା ସାହେବଙ୍କ ଉପରେ ଆଧାରିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ତହସିଲଦାରଙ୍କୁ ବସ୍ତିବାସିନ୍ଦାଙ୍କ ଦାବିପତ୍ର

**କଣ୍ଟାବାଞ୍ଜି,୧୫।୪(ଡି.ଏନ.ଏ.)**

ଚାରିଦଫା ଦାବି ନେଇ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ତହସିଲଦାରଙ୍କ ଜରିଆରେ ବାସ୍ତି ବାସୀନ୍ଦାମାନେ ଶନିବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ୪ଦଫା ସମ୍ବଳିତ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। କଣ୍ଟାବାଞ୍ଜି ଏନଏସିର ଏକମାତ୍ର ପୋଖରୀ ଦୀର୍ଘବର୍ଷ ହେଲା ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ । ଏହି ପୋଖରୀ ଉପରେ ସହରର ୱାର୍ଡ ନଂ. ୧୧,୧୨ ଓ ୧୩ର ଜନସାଧାରଣ ନିର୍ଭର କରୁଥିଲେ। ବିଭିନ୍ନ ସମୟରେ ଅନୁଦାନ ଆସୁଥିଲେ ହେଁ ଏହାର ପୁନଃରୁଦ୍ଧାର ହେଉନାହିଁ। ଅବିଳମ୍ବେ ଏହି ଜଳାଶୟର ପୁନଃରୁଦ୍ଧାର କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କଣ୍ଟାବାଞ୍ଜି ସହରରେ ଥିବା ସରକାରୀ ଜମି ଏବଂ ରେଲୱେ ଜମିରେ ବର୍ଷ ବର୍ଷ ଧରି ରହି ଆସୁଥିବା ଲୋକଙ୍କୁ ସହରାଞ୍ଚଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ଭାଜପା ନେତା ଲକ୍ଷ୍ମଣ ବାଗଙ୍କ ନେତୃତ୍ୱରେ ନଗର ସଭାପତି ବେଦବ୍ୟାସ ନାଗ ଓ କର୍ମକର୍ତ୍ତା ତହସିଲଦାର ଅମୃତଲାଲ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ସ୍ୱଚ୍ଛ ଭାରତ ସଙ୍ଗଠନ ପକ୍ଷରୁ ଖୋଲିଲା ଜଳଛତ୍ର



ସୁବର୍ଣ୍ଣପୁର ଏସ୍‌ପି ଜଳଛତ୍ରର ଶୁଭାରମ୍ଭ କରୁଛନ୍ତି।

**ସୋନପୁର,୧୫।୪(ନି.ପ୍ର )**

ହନୁମାନ ଜୟନ୍ତୀ ଓ ଓଡ଼ିଆ ନବ ବର୍ଷ ଉପଲକ୍ଷେ ସୋନପୁର-ମନମୁଣ୍ଡା ସ୍ୱଚ୍ଛ ଭାରତ ସଂଗଠନ ପକ୍ଷରୁ ବିଜୁ ପଟ୍ଟନାୟକ ଛକରେ ଏକ ଜଳଛତ୍ରର ଶୁଭାରମ୍ଭ ହୋଇଛି । ଏହା ଦୁଇମାସ ଧରି ଚାଲିବ। ସୁବର୍ଣ୍ଣପୁର ଏସ୍‌ପି ଅମରେଶ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ହନୁମାନଙ୍କୁ ଧୂପ ଦୀପ ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ ।ସମ୍ମାନୀତ ଅତିଥି ଭାବେ ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର, ଅଧାପକ ଆଶିଷ ଅଗ୍ରୱାଲା, କାଉନସିଲର ପିୟୁଷ ପଣ୍ଡା, ସ୍ୱଚ୍ଛ ଭାରତ ସଂଗଠନର ସୟଦ ଅଲିମୁଲ ଇସଲାମ, ଉପଦେଷ୍ଟା ଗରିବ ଲୋଇ, ବିନୋଦ ମେହେର, ଇନ୍ଦୁମତୀ ପୁରୋହିତ, ପ୍ରମୋଦ ସାହୁ, ପରେଶ ମେହେର, ଶଙ୍କର ମେହେର, ରାମଚନ୍ଦ୍ର ଆଗ୍ରୱାଲା, ଗଣେଶ ମିଶ୍ର, ଶ୍ରୀବନ୍ତ ମିଶ୍ର ଓ ସନ୍ତୋଷ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଂଗଠନର ସଂଯୋଜକ ମନୋରଞ୍ଜନ ତ୍ରିପାଠୀ, ପ୍ରଭାସ ମେହେର, ପ୍ରତ୍ୟୁଷ ମେହେର, ପ୍ରଫୁଲ୍ଲ ନାଏକ, ତରଣୀ ମେହେର, ଜୟନ୍ତ ବେହେରା, ତ୍ରିଲୋଚନ ତରିଆ, ଡ଼, ସରୋଜ ପଟେଲ, ଦିଲ୍ଲୀପ ଭୁକ୍ତା, ଜୟନାରାଣ ସାହୁ, ନାରାୟଣ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳରେ ସହଯୋଗ କରିଥିଲେ ।

## ରାମ ରାଜ୍ୟାଭିଷେକ ସହ ରାମଲୀଳା ଉଦ୍‌ଯାପିତ

**ଅମରପାଲି,୧୫।୪(ଡି.ଏନ.ଏ)**



ବମରାଜ ଶ୍ରୀରାମ ଲୀଳାରେ କାଳାକାରମାନେ।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ବମରାଜ ଗ୍ରାମର ଗୋପାଳଜୀ ନାଟ୍ୟ ପରିଷଦ ପକ୍ଷରୁ ଗାଁ ନାଟ୍ୟ ମଣ୍ଡପରେ ଚାଲିଥିବା ଶ୍ରୀରାମ ଲୀଳା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଶେଷ ରଜନୀରେ ରାମ ଅଭିଷେକ ନାଟକ ପରିବେଷଣ କରାଯାଇଥିଲା। ୧୪ଦିନ ଧରି ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀରାମ ଲୀଳାକୁ କଳାକାରମାନେ ଅତ୍ୟନ୍ତ ନିପୁଣ ଭାବରେ ପ୍ରଦର୍ଶନ କରିଥିଲେ। ରାମ ବନବାସ, ସୀତା ଚୋରି, ସୀତା ଠାବ, ମହିରାବଣ ବଧ ଓ ରାବଣ ବଧ ସହିତ ରାମ ଅଭିଷେକ କ୍ରମାନ୍ୱୟରେ ପରିବେଷଣ ହୋଇଥିଲା । ଏଥିରେ ବିଭିନ୍ନ ଭୂମିକାରେ ଲଳିତ କର୍ଣ୍ଣ, କିଶୋର ମହାକୁର, ସୁଦର୍ଶନ ବଘାର, ମଣ୍ଟୁ ପଲତା, ସଦାନନ୍ଦ ସିଂହ, ଜଗନ୍ନାଥ କର୍ଣ୍ଣ, ରାଜେନ୍ଦ୍ର କର୍ଣ୍ଣ, ପ୍ରଶାନ୍ତ ପାଣିଗ୍ରାହୀ ପ୍ରମୁଖ ଅଭିନୟ କରିଥିଲେ। ଗ୍ରାମରେ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ଶ୍ରୀରାମ ଲୀଳା ମହୋତ୍ସବ ପାଳିତ ହୋଇ ଆସୁଛି।

## ବିଜେଡିର ମହିଳା ଜନସମ୍ପର୍କ ଅଭିଯାନ

**ବରଗଡ଼ ଅଫିସ୍,୧୫।୪**



ଜନସମ୍ପର୍କ ଅଭିଯାନରେ ବରଗଡ଼ ବିଧାୟକ ମହିଳାଙ୍କ ଅଭିଯୋଗ ଶୁଣୁଛନ୍ତି ।

ବରଗଡ଼ ବ୍ଲକ ଅନ୍ତର୍ଗତ ବରାହଗୋଡ଼ା ପଞ୍ଚାୟତରେ ଶନିବାର ବିଜେଡ଼ି ପକ୍ଷରୁ ମହିଳା ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ଯୋଗଦେଇ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ସଦସ୍ୟାଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ରାଜ୍ୟ ସରକାରଙ୍କ ଯୋଜନା ମାଧ୍ୟମରେ ମହିଳାମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ, ସେ ନେଇ ବିଧାୟକ ଆଚାର୍ଯ୍ୟ ଗୁରୁତ୍ୱାରୋପ କରିଥିଲେ। ମହିଳା ନେତ୍ରୀ ସୁକାନ୍ତୀ ନାୟକ, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜମୁର୍ଡ଼ା ସରପଞ୍ଚ ପଦ୍ମଲୋଚନ ପ୍ରଧାନ, ଅବିନାଶ ମଲ୍ଲିକ ପ୍ରମୁଖ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ମହିଳା ଉପସ୍ଥିତ ଥିଲେ ।

## ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ

**ଡୁଙ୍ଗୁରିପାଲି, ୧୫।୪(ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ଜବତ ଗଞ୍ଜେଇ ଓ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ପୋଲିସ ଶନିବାର ଏକ କାରରୁ ଦେଢ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। କାର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ତେବେ କାରରେ ଥିବା ଅନ୍ୟ ଜଣଙ୍କୁ ପୋଲିସ ଗିରଫ କରିଛି। କାର(ଜେଏଚ୦୧ଇସି୭୭୯୬)ରୁ ୮ଟି ପ୍ଲାଷ୍ଟିକ ବ୍ୟାଗରେ ଥିବା ଦେଢ଼ କୁଇଣ୍ଟାଲ ଗଞ୍ଜେଇ, ଏକ ଓପୋ ମୋବାଇଲ ଫୋନ ଓ ନଗଦ ୧୦୧୦ଟଙ୍କା ଜବତ କରାଯାଇଥିବା ଡୁଙ୍ଗୁରିପାଲି ଥାନା ଅଧିକାରୀ ସତ୍ୟ ନାରାୟଣ ପଧାନ କହିଛନ୍ତି। ଶୁକ୍ରବାର ଡୁଙ୍ଗୁରିପାଲି ଥାନା ପୋଲିସର ଏକ ଟିମ୍ ହନୁମାନ ଜୟନ୍ତୀ ପାଳନ ପାଇଁ ଚିନାଜୁରୀ ଡୁଙ୍ଗୁରିପାଲିରୁ ଚେରୁପାଲି ମଧ୍ୟରେ ପ୍ରାଟ୍ରୋଲିଂ କରୁଥିବା ବେଳେ ବଲାଙ୍ଗୀର ପଟରୁ ଆସୁଥିବା ଏକ ନୀଳରଙ୍ଗର ସୁଇଫଟ ଡିଜୟାର ଗାଡି ଆସୁଥିଲା। ଡୁଙ୍ଗୁରିପାଲି ସହଲା ଛକରେ ପୋଲିସକୁ ଦେଖି ଡ୍ରାଇଭର ଗାଡିକୁ ବଲାଙ୍ଗୀର ପଟକୁ ନେଇଯାଇଥିଲେ। ପୋଲିସ ଟିମ ପିଛା କରୁଥିବା ବେଳେ ଜାତୀୟ ରାଜପଥ ୨୬ର ସରସ୍ୱତୀ ଶିଶୁ ମନ୍ଦିର ଛକ ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଡ୍ରାଇଭର ସେଠାରୁ ଫେରାର ହୋଇଯାଇଥିଲା। ଗାଡିରେ ଥିବା ବିହାର ଆରାଭୋଜପୁର ଜିଲା କୁଇଓଳାର ଥାନା ମଥୁରାପୁର ଗ୍ରାମର ଭିମ ସିଂ(୩୦)ଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଉକ୍ତ ଗଞ୍ଜେଇ ବାହାର ରାଜ୍ୟ ବିହାରକୁ ଚାଲାଣ ହେଉଥିଲା।

## ଚୁଆ-ଚନ୍ଦନ ବାସରେ ମହକିଲା ପଥପ୍ରାନ୍ତ

**ସୋନପୁର,୧୫।୪(ନି. ପ୍ର.)**



ଆସରରେ ଅତିଥି ବୃନ୍ଦ।

ସୁବର୍ଣ୍ଣପୁରର ବ୍ଲକ ଛକ ନ୍ୟୁମାର୍କେଟ ପରିସରରେ ସୃଜନର ଚନ୍ଦନ ଛିଟା ବୈଶାଖୀ ଆସର ଅନୁଷ୍ଠିତ ହୋଇଯାଇଛି। ସଙ୍ଗୀତ, ନୃତ୍ୟ, ଚିତ୍ର ଓ କବିତାର ବର୍ଣ୍ଣିଳ ଆସର ବୈଶାଖୀ-୨୩ କାର୍ଯ୍ୟକ୍ରମରେ ବିଭିନ୍ନ ରୂପ ଓ ରଙ୍ଗ ପରଶି ଥିଲେ ଅନେକ ସୃଜକ। ସୁବର୍ଣ୍ଣପୁରର ଅଗ୍ରଣୀ ଅନୁଷ୍ଠାନ ନାଟ ପକ୍ଷରୁ ଆୟୋଜିତ ଏହି ଅଭିନବ କାର୍ଯ୍ୟକ୍ରମକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସମ୍ବଲପୁର ମଣ୍ଡଳର ସର୍କଲ ମୁଖ୍ୟ ଅଜିତ କୁମାର ମେହେର ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ବିଶିଷ୍ଟ ସାମାଜିକ କର୍ମୀ ଘାସିରାମ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ଓ ସଂସ୍କୃତି ସଂଗଠକ ବେଣୁଧର ପ୍ରଧାନ ଓଁକାର ପର୍ବରେ ଯୋଗଦେଇ ବୈଶାଖୀର ଏହି ଅଭିନବତାକୁ ପ୍ରଶଂସା କରିଥିଲେ। ଯୁବ ଲେଖକ କ୍ଷୀରୋଦ୍ର ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ସୃଜନର ଚନ୍ଦନ ଛିଟା ବୈଶାଖୀ ଆସରରେ ୩୬ରୁ ଅଧିକ କବି,ସଙ୍ଗୀତ ଶିଳ୍ପୀ, ଶିଶୁ ନୃତ୍ୟ ଶିଳ୍ପୀ ଓ ଚିତ୍ରକର ଦୁର୍ଯ୍ୟୋଧନ ମେହେର ନିଜ ନିଜର ସୃଜନ ପରିବେଷଣ କରିଥିଲେ। କବି

### ବୈଶାଖୀ ଆସର ଅନୁଷ୍ଠିତ

ରଞ୍ଜିତା ପଣ୍ଡା, ସସ୍ମିତା ମେହେର, ଆଶିଷ ମିଶ୍ର, ସର୍ଣ୍ଣମୟୀ ମହାପାତ୍ର, ଗାଳ୍ପିକ ଆଦିତ୍ୟ ମିଶ୍ର, ଚିତ୍ରଶିଳ୍ପୀ ଦୁର୍ଯ୍ୟୋଧନ ମେହେର, ନୃତ୍ୟଶିଳ୍ପୀ ଆଇନୁର ବଣିଆଁ, ଯୋଗକର୍ମୀ ଶିବଦତ୍ତ ଚାନ୍ଦ, ନାଟର କାର୍ଯ୍ୟକାରୀ ଅଧ୍ୟକ୍ଷ୍ୟ ପ୍ରଦ୍ୟୁମ୍ନ ସାହୁ, ସାଧାରଣ ସମ୍ପାଦକ ବନମାଳୀ ପଣ୍ଡା, ସମାଜସେବା ସମ୍ପାଦକ ସଞ୍ଜୀୟ କୁମାର ପଣ୍ଡା, ସଂସ୍କୃତି ସମ୍ପାଦକ ଅବିନାଶ ହୋତା, ଲକ୍ଷ୍ମୀ ନାରାୟଣ ସାହୁ ପ୍ରମୁଖ ବୈଶାଖୀ ଆସରକୁ ସଫଳ କରିବାରେ ସହାୟତା କରିଥିଲେ। ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ଏକ୍ସ କ୍ୟାଡର ଶିକ୍ଷକଙ୍କ ବିଭିନ୍ନ ଦାବିକୁ ନେଇ ଆଲୋଚନା

ବଡ଼ଗାଁ, ୧୫।୪(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ଏକ୍ସ କ୍ୟାଡର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ବିଭିନ୍ନ ଦାବିକୁ ନେଇ ଶନିବାର ସରକାରୀ ପ୍ରାଥମିକ ବାଳକ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ଜିଲା ସଭାପତି ଦୀପକ ରଞ୍ଜନ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ କର୍ମକର୍ତ୍ତା ସୁବାସ ଚନ୍ଦ୍ର ସାହୁ, ପ୍ରଦୀପ କୁମାର ନାଏକ, କୈଳାସ ଖର୍ଡିଆ, ସଞ୍ଜୀବ ବିଶି, ଜୟଦେବ ସାହୁ, ଅଭୟା କିଶୋରୀ ଏକା, ଆଜିଦ ହେମ୍ବ୍ରମ, ଅହଲ୍ୟା ରଣା, ବଲ୍ଲବୀ ବେହେରା ପ୍ରମୁଖ କର୍ମକର୍ତ୍ତା ଦାବି ଗୁଡ଼ିକ ଉପରେ ସରକାର ଅଣଦେଖା କରୁଥିବାରୁ କ୍ଷୋଭ ପ୍ରକଟ କରିଥିଲେ। ବାର୍ଷିକ ଇନକ୍ରିମେଣ୍ଟ ପ୍ରଦାନ, ଟ୍ରେଜେରୀ ମାଧମରେ ଦରମା ପ୍ରଦାନ, ବାଦ୍ ପଡ଼ିଥିବା ଗଣ ଶିକ୍ଷକଙ୍କୁ ନିୟମିତ କରିବା, ଏନ୍‌ପିଏସ୍ ମ୍ୟାଚିଂ ଗ୍ରାଣ୍ଡ ପ୍ରଦାନ, ସପ୍ତମ ବେତନ ବକେୟା ଟଙ୍କା ଦିଆଯିବା, ଏକ୍ସ କ୍ୟାଡର୍ ଉଚ୍ଛେଦ ଆଦି ଦାବି ଆଉ କେତେକ ଦାବି ପୂରଣ ପାଇଁ କିପରି ପନ୍ଥା ଗ୍ରହଣ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ସଂଘର ଦୃଢ଼ୀକରଣ ଉପରେ କର୍ମକର୍ତ୍ତାମାନେ ମତ ଉପସ୍ଥାପନ କରିଥିଲେ।

### ଗଇଲୋ ଘାଟିରେ ଓଲଟିଲା ବୋଲେରୋ : ୩ ଆହତ



ଦେବଗଡ଼, ୧୫।୪(ଡି.ଏନ୍.ଏ.): ଦେବଗଡ଼ ଜିଲା ତିଲେଇବଣି ବ୍ଲକର କୈଳାସ-ଲଇମୁରା ରାସ୍ତାରେ ଥିବା ବିପଜ୍ଜନକ ଗଇଲୋ ଘାଟିରେ ଶନିବାର ଏକ ବୋଲେରୋ ଓଲଟି ପଡିବାରୁ ୩ ଯାତ୍ରୀ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ସୁନ୍ଦରଗଡ଼ ଜିଲାର ଏକ ପରିବାରର ସଦସ୍ୟ ସଦସ୍ୟାମାନେ ଶନିବାର ଏକ ବୋଲେରୋ ନଂ. ଓଡି ୧୬କେ-୩୪୫୭ ଯୋଗେ ଗଇଲୋ ଗ୍ରାମରେ ରହୁଥିବା ସେମାନଙ୍କର ଜଣେ ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। ତେବେ ସନ୍ଧ୍ୟା ପ୍ରାୟ ୫ଟାରେ ସେମାନେ ଗଇଲୋ ଘାଟି ରାସ୍ତା ଦେଇ ଫେରୁଥିବାବେଳେ ଏହାର ଚାଳକ ଏକ ବୁଲାଣିରେ ହଠାତ ଭାରସାମ୍ୟ ହରାଇବାରୁ ବୋଲେରୋ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଫଳରେ ସେଥିରେ ବସିଥିବା ମାର୍ଗାରେଟ ବାର୍ଲା, ସରୋଜିନୀ ଏକ୍କା ଓ ଦୀପକ ଏକ୍କା ଆହତ ହୋଇଥିଲେ। ସୂଚନା ପାଇ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୂଚନାଯୋଗ୍ୟ ଯେ, ୨୦୧୬ ମସିହା ଏପ୍ରିଲରେ ଉକ୍ତ ଗଇଲୋ ଘାଟିରେ ଏକ ଯାତ୍ରା ପାର୍ଟି ବସ ଓଲଟି ପଡିବାରୁ ୨୭ଜଣଙ୍କର ମୃତ୍ୟୁ ଘଟିଥିଲା।

# କାନାଡାରେ ଓଡ଼ିଆ ସଙ୍ଗୀତ, ନୃତ୍ୟ ପରିବେଷଣ





କାନାଡ଼ାରେ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମରେ ଭାଗନେଇଥିବା ଓଡ଼ିଆ। ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି।

ସୁନ୍ଦରଗଡ଼,୧୫।୪(ଡି.ଏନ.ଏ.)

କାନାଡ଼ାର କାଲଗାରୀ ସହରରେ ଓଡ଼ିଆ ସାମାଜିକ ଏବଂ ସାଂସ୍କୃତିକ ସଂଘ (ଓସ୍କା) ତରଫରୁ ଉତ୍କଳ ଦିବସ ଏପ୍ରିଲ ୮ସନ୍ଧ୍ୟାରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଓସ୍କାର ସଭାପତି ଜ୍ୟୋସ୍ନାରାଣୀ ଦେବୀଙ୍କ ସ୍ୱାଗତ ସମ୍ଭାଷଣ ପରେ ଜଗନ୍ନାଥଙ୍କ ଆଗରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରାର୍ଥନା କରାଯାଇଥିଲା। ଓସ୍କାର କୋଷାଧ୍ୟକ୍ଷ ଦେବବ୍ରତ ରାଉତ ଓ ଦିଲୀପ ଦାସ ମହାପାତ୍ର ଏଡମଣ୍ଟନ ମୁଖ୍ୟ ଅତିଥି ଏବଂ ମୁଖ୍ୟବକ୍ତା ଭାବରେ ଡ. ସୂର୍ଯ୍ୟ ଆଚାର୍ଯ୍ୟ ଲେଥବ୍ରିଜ ଯୋଗଦେଇ ଉତ୍କଳ ଦିବସର ତାତ୍ପର୍ଯ୍ୟ ତଥା ଓଡ଼ିଶାର ବିଚ୍ଛିନ୍ନାଞ୍ଚଳର ଓଡ଼ିଶା ସହିତ ସାମିଲ ହେବାର ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଦାସ ମହାପାତ୍ର ଓସ୍କାର ବାର୍ଷିକ ସ୍ମରଣିକା କରବର୍ଣ୍ଣାର ଦ୍ୱିତୀୟ ସଂଖ୍ୟାକୁ ଉନ୍ମୋଚିତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓସ୍କାର ସଦସ୍ୟ ସୁହେଲ, ପ୍ରକାଶ, ସମୀର, ଭାଗବତ, ସେମାନଙ୍କ ସୁମଧୁର କଣ୍ଠରେ ଓଡ଼ିଆ ସଙ୍ଗୀତ ପରିବେଷଣ କରିଥିଲେ। ଲିପୁନ, ସୁପ୍ରଭା, ଶ୍ରାବଣୀ, ନିଶା, ଅପରାଜିତା, ଗୌରୀଶଙ୍କର, ଅନନ୍ତ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ। ଓସ୍କା ପରିବାରର ଶିଶୁ କଳାକାରମାନଙ୍କ ନୃତ୍ୟ, ସଙ୍ଗୀତ, ଏବଂ ବକ୍ତୃତା ପ୍ରତିଯୋଗିତା ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଭାଗବତ, ସୁମିତ୍ର, ଗୌରୀ, ଐଶ୍ୱର୍ଯ୍ୟ, ସମୀର, ରୁବି ଆଦି କଳାକାରମାନଙ୍କ ଦ୍ୱାରା ଅଭିନୀତ ବ୍ୟଙ୍ଗ ନାଟକ 'ଗାର୍ଲଫ୍ରେଣ୍ଡର ବାହାଘର' ମଧ୍ୟ ଦର୍ଶକମାନଙ୍କୁ ଖୁବ ଆମୋଦିତ କରିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ଓସ୍କାର ସାଧାରଣ ସମ୍ପାଦକ ଶୁଭଦର୍ଶିନୀ ଦାସ ଏବଂ ମୁଖ୍ୟ ଅତିଥି ଶିଶୁ କଳାକାରମାନଙ୍କୁ ଉପହାର ପ୍ରଦାନ କରିଥିଲେ। ଶେଷରେ ଓସ୍କାର ଉପସଭାପତି ଭାରତ ଭୂଷଣ ଗୁଞ୍ଜୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ ଭାଗବତ ପଟ୍ଟନାୟକ ଏବଂ ସ୍ନିଗ୍ଧା ପ୍ରିୟଦର୍ଶିନୀ ଏବଂ କ୍ୟାମେରାରେ ଫଟୋ ଉତ୍ତୋଳନ କରିଥିଲେ ଅନନ୍ତ ପଟେଲ ଏବଂ ସୁମିତ୍ର କୁମାର ପଟେଲ।

# ଏନ୍‌ଟିପିସି ପକ୍ଷରୁ ଆମ୍ବେଡ଼କର ଜୟନ୍ତୀ

ସୁନ୍ଦରଗଡ଼,୧୫।୪(ଡି.ଏନ୍.ଏ.)



ଆମ୍ବେଡ଼କର ଜୟନ୍ତୀରେ ଏନ୍‌ଟିପିସି ପକ୍ଷରୁ ବୃକ୍ଷରୋପଣ।

ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଭାରତ ସମ୍ବିଧାନର ସ୍ଥପତି ଡକ୍ଟର ଭୀମରାଓ ଆମ୍ବେଡ଼କରଙ୍କ ୧୩୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏନ୍‌ଟିପିସି ଦର୍ଲିପାଲି ସାପ୍ତାହିକ ବଜାରରେ ବିଭିନ୍ନ ଫଳ ଏବଂ ଘନ ସବୁଜ ବନାନୀ ପାଇଁ ୧୫୦ଟି ବିଭିନ୍ନ କିସମର ବୃକ୍ଷ ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଟିପିସି ଦର୍ଲିପାଲିର ସିଜିଏମ୍ ଅଜୟ କୁମାର ଟଣ୍ଡନ ବକ୍ତବ୍ୟ ରଖି ଆମ୍ବେଡ଼କର ଜୟନ୍ତୀ ଅବସରରେ ଲୋକଙ୍କୁ ଅଭିବାଦନ ଜଣାଇବା ସହ ଡକ୍ଟର ବି.ଆର ଆମ୍ବେଡ଼କରଙ୍କ ଆଦର୍ଶ, ଜୀବନ ମୂଲ୍ୟ ଏବଂ ଅବଦାନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସିଜିଏମ ଟଣ୍ଡନଙ୍କ ସମେତ ସମସ୍ତ ବିଭାଗର ଜିଏମ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଦର୍ଲିପାଲି ସରପଞ୍ଚ ଏବଂ ନିକଟ ଗ୍ରାମବାସୀ ମଧ୍ୟ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଆହୁରି ମଧ୍ୟ ଏନ୍‌ଟିପିସି ଦର୍ଲିପାଲି ଟାଉନଶିପସ୍ଥିତ ଉତ୍କର୍ଷ ଭବନଠାରେ ମଧ୍ୟ ସମାଜ ସଂସ୍କାରକ ଡକ୍ଟର ଭୀମରାଓଙ୍କ ସ୍ମୃତି ଉଦ୍ଦେଶ୍ୟରେ କର୍ମଚାରୀ ଏବଂ ବାସିନ୍ଦାଙ୍କ ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# କଳିକା ପକ୍ଷରୁ ବନ୍ଧୁମିଳନ, କବିତା ପାଠୋତ୍ସବ



ବନ୍ଧୁମିଳନ ଓ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି।

ଦେବଗଡ଼ ୧୫।୪(ଡି.ଏନ୍.ଏ.)

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଉତ୍କଳୀୟ ନବବର୍ଷ ଅବସରରେ ଶୁକ୍ରବାର ସ୍ଥାନୀୟ କଲ୍ୟାଣ ମଣ୍ଡପ ଠାରେ ଏକ ବନ୍ଧୁ ମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେବଗଡ଼ର ଅନ୍ୟତମ ଅଗ୍ରଣୀ ଅନୁଷ୍ଠାନ 'କଳିକା' ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଓ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ସାହିତ୍ୟ ଓ କଳାର ବିକାଶ ନିମନ୍ତେ ଅନୁଷ୍ଠାନ ପକ୍ଷରୁ ଏପରି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। କଳିକା ଅନୁଷ୍ଠାନର ସଭାପତି ଅତୁଲ୍ୟ କୁମାର ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଦିଲୀପ କୁମାର ଗୁରୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତବର୍ଷ ପାଇଁ ସାହିତ୍ୟ ସାଧନା କ୍ଷେତ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସନ୍ତୋଷ ଦେବତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। କବିତା ପାଠୋତ୍ସବରେ ଜିଲାର ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀ ଯୋଗ ଦେଇ ନିଜର ସ୍ୱରଚିତ କବିତା ପାଠ କରିଥିଲେ। କବିତା ଗୁଡ଼ିକର ସଂଯୋଜନା ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଓ ଶିକ୍ଷୟିତ୍ରୀ ପଦ୍ମିନୀ ଦାଶ ମହାପାତ୍ର କରିଥିଲେ। ଏହି ଅବସରରେ ନିକଟରେ ଦେବଗଡ଼ର ଜାଗରଣ ନାଟ୍ୟଅନୁଷ୍ଠାନ ଦାମନଯୋଡିରେ ଅନୁଷ୍ଠିତ ନାଟକ ପ୍ରତିଯୋଗିତାରେ ବିପୁଳ ସଫଳତା ପାଇଥିବାରୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଶିଶୁ କଣ୍ଠ ଶିଳ୍ପୀ ଅରୁନ୍ଧତୀ ଦାଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଅଶୋକ ନନ୍ଦ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ବଂଶୀଧର ସାହୁ, ସଞ୍ଜିବ ସାହୁ, ଅନଦା ଶଙ୍କର ପାଣି, ପ୍ରେମା ମାଝୀ ପ୍ରମୁଖଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାଜଗାଙ୍ଗପୁରରେ ୬୭ ଆଇନଜୀବୀଙ୍କ ଭୋଟଦାନ

### ଓଡ଼ିଶା ଷ୍ଟେଟ ବାର୍‌କାଉନସିଲ ନିର୍ବାଚନ

ରାଜଗାଙ୍ଗପୁର, ୧୫।୪ (ଡି.ଏନ.ଏ.)

ଓଡ଼ିଶା ଷ୍ଟେଟ ବାର୍ କାଉନସିଲ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଗାଙ୍ଗପୁରରେ ଆଇନଜୀବୀମାନେ ଉପସ୍ଥିତ ରହି ନିଜର ମତ ଭୋଟ ମାଧ୍ୟମରେ ସାବ୍ୟସ୍ତ କରିଥିଲେ। ରାଜଗାଙ୍ଗପୁରରେ ମୋଟ ୮୮ ଆଇନଜୀବୀଙ୍କ ମଧ୍ୟରୁ ୬୭ ଜଣ ଉପସ୍ଥିତ ରହି ଭୋଟ ଦେଇଥିଲେ। ଏହି ଭୋଟକୁ ରାଜଗାଙ୍ଗପୁର ସବ୍‌ଜଜ୍ ସସ୍ମିତା ନାଏକ ନିର୍ବାଚନ ଅଧିକାରୀ ଭାବେ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଚଳିତବର୍ଷ ଓଡ଼ିଶା ଷ୍ଟେଟ ବାର୍ କାଉନସିଲ ନିର୍ବାଚନରେ ବିଭିନ୍ନ ଅଞ୍ଚଳରୁ ୯୭ଜଣ ଆଇନଜୀବୀ ୨୫ଟି ସିଟ ପାଇଁ ପ୍ରତିଦ୍ୱନ୍ଦିତା କରୁଛନ୍ତି।

## ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

କୁଆଁରମୁଣ୍ଡା,୧୫।୪(ଡି.ଏନ.ଏ.)

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଜଗଦୀଶପୁର ନାଳରେ ଶନିବାର ଏକ ଅଜଣା ବୃଦ୍ଧଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଫାଣ୍ଡି ପୋଲିସ ଜବତ କରିଛି। ମୃତକଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# ମିଶନ ଶକ୍ତି ଭବନ ଉଦ୍‌ଘାଟିତ



ମିଶନ ଶକ୍ତି ଭବନ ଉଦ୍‌ଘାଟନ କରାଯାଉଛି।

ଦେବଗଡ଼, ୧୫।୪(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ବାରକୋଟ ବ୍ଲକ ସଦର ମହକୁମାରେ ନୂତନ ଭାବେ ନିର୍ମିତ ମିଶନ ଶକ୍ତି ଭବନ ଶନିବାର ଉଦଘାଟିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନର ଜିଲା ସଂଯୋଜିକା ସ୍ମରଣିକା ମହାପାତ୍ରଙ୍କ ତତ୍ତ୍ୱାବଧାନରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଫିତାକାଟି ଏହି ମିଶନ ଶକ୍ତି ଭବନକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଓ ବାରକୋଟ ବ୍ଲକର ଅତିରିକ୍ତ ବିଡିଓ ସୁଧାଂଶୁ ଶେଖର ତରାଇ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଜିଲାପାଳ ଉପାଧ୍ୟାୟ ନିଜର ବକ୍ତବ୍ୟ ଉପସ୍ଥାପନ କରି ମିଶନ ଶକ୍ତି ଭବନ ଦ୍ୱାରା ମିଶନ ଶକ୍ତିର ମହିଳାଙ୍କ ସମେତ ବାରକୋଟ ବ୍ଲକର ସ୍ୱୟଂ ସହାୟିକା ଗୋଷ୍ଠୀ ସମୂହ ଉପକୃତ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ସାହୁ ଓ କନିଷ୍ଠ ଯନ୍ତ୍ରୀ କଲ୍ୟାଣୀ ସେଠୀଙ୍କ ସମେତ ବହୁ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ। ଏହି ଅବସରରେ ବାରକୋଟ ଗଙ୍ଗାନାଳୀ ସ୍ଥିତ ଗାୟତ୍ରୀ ସ୍ୱୟଂ ସହାୟିକା ଗୋଷ୍ଠି ଦ୍ୱାରା ଦୁଇଲକ୍ଷ ଟଙ୍କା ବିନିଯୋଗରେ ଏକ 'ମିଶନ ଶକ୍ତି କାଫେ' ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏହି କାଫେରେ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ପାଇଁ ମାଗଣାରେ ଲସି, ବେଲପଣା ଓ ଲେମ୍ବୁ ସରବତ ବିତରଣ କରାଯାଇଥିବାବେଳେ ରବିବାରଠାରୁ ଲସି, ବେଲପଣା ଓ ଲେମ୍ବୁ ସରବତ ଆଦି ସୁଲଭ ଦରରେ ବିକ୍ରୟ କରାଯିବ। ସେହିପରି ଆଗାମୀ ବର୍ଷା ଓ ଶୀତ ଋତୁରେ ଉକ୍ତ କାଫେରେ ଚା' ଏବଂ ପକୁଡି ସହିତ ମିଲ ମଧ୍ୟ ବିକ୍ରି କରାଯିବ ଓ ଏହା ଦ୍ୱାରା ସମ୍ପୃକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ଭଲ ଦୁଇ ପଇସା ରୋଜଗାର କରି ଆତ୍ମନିର୍ଭର ହୋଇପାରିବା ସହ ଜନସାଧାରଣ ମଧ୍ୟ ଉପକୃତ ହେବେ ବୋଲି ଜୀବିକା ମିଶନ ପକ୍ଷରୁ ଜିଲା ସଂଯୋଜିକା ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଯୋଗୀମାଲ ଗ୍ରାମ ପଞ୍ଚାୟତରେ ନୂତନ ଲ୍ୟାମ୍ପସ

ସୁନ୍ଦରଗଡ଼,୧୫।୪(ଡି.ଏନ୍.ଏ.)



ଶନିବାର ଟାଙ୍ଗରପାଲି ବ୍ଲକର ମଙ୍ଗସପୁର ଲ୍ୟାମ୍ପସ ଅଧିନସ୍ଥ ଯୋଗୀମାଲ ଗ୍ରାମ ପଞ୍ଚାୟତରେ ନୂତନ ଲ୍ୟାମ୍ପସ ପଞ୍ଜିକରଣ ହୋଇଯାଇଛି। ଏହାର ପରିସୀମା ବିଲେଇଗଡ଼, ଗୁଲୁଠା, ସର୍ଦ୍ଧାପାଲି, ଡମବହୋଲ ଓ ଯୋଗୀମାଲ ରାଜସ୍ୱ ଗ୍ରାମକୁ ନେଇ ଗଠିତ ହୋଇଛି । ଉକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ସୌଦାମିନୀ ଭୋଇ ଲ୍ୟାମ୍ପସ ପଞ୍ଜିକରଣ ପାଇଁ ସମବାୟ ବିଭାଗକୁ ଲିଖିତ ଜଣାଇଥିଲେ। ଯୁବ ସମାଜସେବୀ ଡ. ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ନୂତନ ଲ୍ୟାମ୍ପସର ସଙ୍ଗଠକ ନୀଳୟ ରଞ୍ଜନ ପଟେଲ, ସଭାପତି ପରେଶ ଚନ୍ଦ୍ର ନାଏକ, କିଶୋର କୁମାର ପଟେଲ, ପ୍ରଫୁଲ୍ଲ କୁମାର ପଟେଲ, ଫକିର ଚରଣ ନାଏକ, ନଳୀନ କୁମାର ପଟେଲ ଓ ସୁଶାନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରି ସହକାରୀ ନିବନ୍ଧକଙ୍କ ଠାରୁ ଏହି ପଞ୍ଜୀକରଣ ପ୍ରମାଣପତ୍ର ଗ୍ରହଣ କରିଛନ୍ତି। ସହକାରୀ ନିବନ୍ଧକ ସମବାୟ ଗାବ୍ରିଏଲ ସରେଙ୍ଗ ନୂତନ ଲ୍ୟାମ୍ପସ ପଞ୍ଜିକରଣର ପ୍ରମାଣପତ୍ର କର୍ମକର୍ତ୍ତାଙ୍କୁ ପ୍ରଦାନ କରିଛନ୍ତି। ପ୍ରମାଣପତ୍ର ପାଇ ଯୋଗୀମାଲ ପଞ୍ଚାୟତବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି।

# ସ୍ୱଚ୍ଛତା ପକ୍ଷ ସଚେତନତା ଶୋଭାଯାତ୍ରା

କୁଆଁରମୁଣ୍ଡା,୧୫।୪(ଡି.ଏନ.ଏ.)

କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସ୍ୱଚ୍ଛତା ପକ୍ଷ ସଚେତନତା ଶୋଭାଯାତ୍ରା ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ଶ୍ରୀମନ୍ତ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଏହା ସହ ସ୍ୱେଚ୍ଛାସେବୀ ସଙ୍ଗଠନ ସଂସ୍କାର ଓ ହର୍ଷ ଟ୍ରଷ୍ଟର ସଭ୍ୟ ଅମୂଲ୍ୟ ଜେନା, ଘନଶ୍ୟାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସଚେତନତା ଶୋଭାଯାତ୍ରାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଦେବାଶିଷ ସାହୁ ପରିଚାଳନା କରିଥିଲେ।

# ବ୍ୟବସାୟିକ ଛତୁଚାଷ ସମ୍ପର୍କିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

ଦେବଗଡ଼, ୧୫।୪(ଡି.ଏନ୍.ଏ.)



ଛତୁଚାଷ ସମ୍ପର୍କିତ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମରେ ଉପସ୍ଥିତ କୃଷି ଅଧିକାରୀ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ୨ ଦିନିଆଁ ଦେବଗଡ଼ ଜିଲା ଗସ୍ତରେ ଆସି କୃଷି ବିଜ୍ଞାନ କେନ୍ଦ୍ର ଓ ଏଗ୍ରୋ ପଲିଟେକନିକ କାର୍ଯ୍ୟର ସମୀକ୍ଷା କରିଥିବା ଜଣାପଡିଛି। ପ୍ରଫେସର ରାଉଳ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ପ୍ରଦର୍ଶନ କେନ୍ଦ୍ର ପରିଦର୍ଶନ କରିବାସହ ଏଗୁଡିକୁ ବୈଜ୍ଞାନିକ ଭିତ୍ତିଭୂମୀରେ ପରିବର୍ତ୍ତିତ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ଆୟୋଜିତ ବ୍ୟବସାୟିକ ଛତୁ ଚାଷ ଉପରେ ଅନୁଷ୍ଠିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରଫେସର ରାଉଳ ଉଦ୍‌ଘାଟନ କରିବା ସହ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନଜିତ ମିଶ୍ର ଓ ରାଜ୍ୟ ସରକାରଙ୍କ ଅମବାସିଡି ପ୍ରକଳ୍ପର ବିଶ୍ୱ ବିଦ୍ୟାଳୟ ପ୍ରମୁଖ ଡକ୍ଟର ସନତ ମିଶ୍ର ଯୋଗଦେଇ ଛତୁ ଚାଷକୁ ଗ୍ରାମୀଣ ମହିଳା ଓ ଯୁବକମାନଙ୍କର ରୋଜଗାରର ମାଧ୍ୟମରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁଳପତି ମିଶ୍ର ରିଆମାଳ ବ୍ଲକ ଅନ୍ତର୍ଗତ ଚୁହିଲାମାଳ ଗ୍ରାମର ମହିଳା ଛତୁ ଉଦ୍ୟୋଗୀ ଜୟନ୍ତୀ ଲୁହାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡକ୍ଟର ସୁଜିତ କୁମାର ନାଥ, ଜିଲା ମୁଖ୍ୟ କୃଷି ଅଧିକାରୀ ରାମଶଙ୍କର ରାଓ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ସାହୁ ଓ ଜଳଛାୟା ମିଶନର ବହୁ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଦେବଗଡ କୃଷି ବିଜ୍ଞାନ କେନ୍ଦ୍ରର ଗୃହ ବିଜ୍ଞାନୀ ଡକ୍ଟର ବିଜୟଲକ୍ଷ୍ମୀ ସାହୁ ପରିଚାଳନା କରିଥିବା ବେଳେ ଶସ୍ୟ ସଂରକ୍ଷଣ ବୈଜ୍ଞାନିକ ଲବ ସୋରେନ, ମୃତିକା ବିଜ୍ଞାନୀ ଚିନ୍ମୟ ମିଶ୍ର, କାର୍ଯ୍ୟକ୍ରମ ସହାୟକ ଗଙ୍ଗାଧର ମହାରଣା ଓ ବେଣୁଧର ମହାରଣା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

# ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲକୁ ୯ ପୁରସ୍କାର

## ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତା

ଦେବଗଡ, ୧୫।୪(ଡି.ଏନ.ଏ.)



ପୁରସ୍କୃତ ହୋଇଥିବା ଜାଗରଣ ଆର୍ଟର କଳାକାରମାନେ।

ଚଳିତବର୍ଷ ଦାମନଯୋଡିଠାରେ ଗତ ୩ ରୁ ୧୨ତାରିଖ ପର୍ଯ୍ୟନ୍ତ ସପ୍ତଦଶ ପଞ୍ଚ ପଞ୍ଚମାଳି ନାଟ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ୨୦ଟି ଜିଲାରୁ ଆସି କଳାକାରମାନେ ଏହି ନାଟକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦେବଗଡ଼ ଜିଲାର ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ଦେବଗଡ଼ ନାଟକ ଲୁହର ରଙ୍ଗ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ନାଟକ ପ୍ରତିଯୋଗିତାରେ ସମସ୍ତଙ୍କୁ ପଛରେ ପକାଇ ଜାଗରଣ ଆର୍ଟର କଳାକାରମାନେ ୯ ଟି ବିଭାଗରେ ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ପ୍ରଯୋଜନା, ଶ୍ରେଷ୍ଠ ନିର୍ଦ୍ଦେଶକ ସୁଜିତ କୁମାର ପାତ୍ର, ଶ୍ରେଷ୍ଠ ଲେଖକ ଅଶୋକ ବହିଦାର, ଶ୍ରେଷ୍ଠ ଅଭିନେତା ଅମ୍ଳାଂଶୁ ପୂଜାରୀ, ଦ୍ୱିତୀୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା ରାକେଶ ଶତପଥୀ, ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶନା ଶକ୍ତି ପ୍ରସାଦ ମିଶ୍ର, ଦର୍ଶକ ଅନୁମୋଦିତ ନାଟକ, ତୃତୀୟ ଶ୍ରେଷ୍ଠ ମଞ୍ଚସଜ୍ଜା ଜନ୍ମେଜୟ ନାୟକ ଓ ପ୍ରଦୀପ ପାତ୍ର, ନିର୍ଣ୍ଣାୟକ ଶିଶୁ କଳାକାର ଭୁବନେଶରୀ ପାତ୍ର ଏହି ସବୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ଦେବଗଡ଼ର କଳାକାରମାନେ ଜିଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।

## ସଂକ୍ଷେପରେ

### ପୁଣି ଏକ ବାଛୁରୀକୁ ଖାଇଲା ବାଘ

**ନୂଆପଡ଼ା ଅଫିସ,୧୫।୪:** ନୂଆପଡ଼ା ରେଞ୍ଜ ଅଧିନସ୍ଥ ଧରମବନ୍ଧା ସେକ୍ସନ କଲମିଦାଦର ଗାଁ ନିକଟ ଚୂଳାଭାଟ ପିଆର୍‌ଏଫ୍ ଜଙ୍ଗଲରେ ପୁଣି ଏକ ବାଛୁରୀକୁ ବାଘ ମାରି ଖାଇଥିବା ଅଭିଯୋଗ ହୋଇଛି। ଶନିବାର ପ୍ରାୟ ୭ଟାରେ କଲମିଦାଦର ଗାଁ ନିକଟ ଚୂଳାଭାଟ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲକୁ ବାଛୁରୀ ଚରିବାକୁ ଯାଇଥିଲା। ସେଠାରେ କଲରାପତରିଆ ବାଘ ବାଛୁରୀକୁ ମାରି ଖାଇଥିବା ଜଣାପଡିଛି। ଅପରାହ୍ନରେ ଖବରପାଇ ବନ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ପ୍ରକୃତରେ ବାଘ ଖାଇଛି ବୋଲି ସ୍ୱୀକାର କରିଛନ୍ତି। ବନ ବିଭାଗ ପକ୍ଷରୁ ପାହାଡ଼ତଳି ଗାଁରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରାଯାଇଛି।

### ଶ୍ରମ ଅଫିସ ପଠାଇଲା ପୋଲିସ

#### ନ୍ୟାୟ ପାଇଁ ଥାନା ଯାଇଥିଲେ ଶ୍ରମିକ

**ଦେଓଗାଁ,୧୫।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗ୍ରାମରେ ଗତ ଦୁଇମାସ ଧରି ବାହାର ଜିଲାର ଶ୍ରମିକମାନେ ଇଟାଭାଟିରେ କାମ କରୁଥିଲେ। ସମ୍ପୃକ୍ତ ଇଟାଭାଟିର ମାଲିକ ନିର୍ଯାତନା ଦେବା ସହ ପ୍ରାପ୍ୟ ଦେଉନାହାନ୍ତି। ଏହିଭଳି ଅଭିଯୋଗ କରି ଉକ୍ତ ଇଟାଭାଟିରେ କାମ କରୁଥିବା ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଜଗମୋହନପୁର ଗାଁର ଜୁରୁ ସାହୁ ଓ ସୁରେନ୍ଦ୍ର ବିନ୍ଧାଣୀ ଶନିବାର ସକାଳେ ଥାନାକୁ ଆସିଥିଲେ। ଟଙ୍କା ମାଗିଲେ ଇଟାଭାଟି ମାଲିକ ମାଡ ମାରୁଥିବା ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ଇଟାଭାଟି ମାଲିକଙ୍କୁ ଥାନାକୁ ଡକାଇ ପଚରାଉଚରା କରିଥିଲା। ସେଠାରେ ଆଲୋଚନା ପରେ ଥାନାରେ କିଛି କରିହେବ ନାହିଁ ତୁମେମାନେ ବଲାଙ୍ଗୀର ଲେବର ଅଫିସ ଯାଅ ବୋଲି ଶ୍ରମିକମାନଙ୍କୁ କହି ଫେରାଇ ଦେଇଥିଲେ। ଶ୍ରମିକମାନେ ପୋଲିସ ପକ୍ଷରୁ ନ୍ୟାୟ ନ ପାଇ ଫେରିଯାଇଥିବା ଜଣାପଡିଛି। ଏ ବିଷୟରେ ଦେଓଗାଁ ଥାନା ଏସଆଇ ଜଗତଜୀବନ ସାଙ୍କୁ ପଚାରିବାରୁ ଅଭିଯୋଗ କରିବାକୁ ଆସିଥିବା ଶ୍ରମିକମାନଙ୍କୁ ଜିଲଶ ଶ୍ରମ ଅଫିସର ଦ୍ୱାରସ୍ଥ ହେବାକୁ କୁହାଯାଇଥିବା କହିଛନ୍ତି।

# ମୃତ ଜଗଦୀଶଙ୍କ ପରିବାରକୁ ନ୍ୟାୟ ଦାବିରେ ଧାରଣା

**ନୂଆପଡ଼ା ଅଫିସ,୧୫।୪**

ନୂଆପଡ଼ା ସଦର ବ୍ଲକ ଜୋଙ୍କ ଥାନା କଲ୍ୟାଣପୁର ଗାଁର ଜଗଦିଶ ଚୌହାନଙ୍କ କାର୍ଯ୍ୟକୁ ସଦର ତହସିଲ କାର୍ଯ୍ୟାଳୟରେ ବିଳମ୍ବ କରିବା ସହ ତାଙ୍କୁ ହଇରାଣ କରିଥିବାରୁ ମାର୍ଚ୍ଚ ୧୬ରେ ଆତ୍ମାହୁତି ଦେଇଥିଲେ। ଆତ୍ମାହୁତି ଦେଲା ପରେ ପରିବାର ଲୋକଙ୍କୁ ଜିଲା ପ୍ରଶାସନ ତରଫରୁ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିଲା। ୩୦ ଦିନ ବିତି ଯାଇଥିଲେ ମଧ ପୂରଣ ନ ହେବାରୁ ଶନିବାର ଗରିବ ସେନା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଦାବି ଥିଲା ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କା ସରକାରୀ ସହାୟତା, ଜଣଙ୍କୁ ଚାକିରୀ, ଦୁଇ ପିଲାକୁ ପାଠପଢା ସୁବିଧା, ଦୋଷୀଙ୍କୁ ଗିରଫ କରିବା। ହେଲେ ଆଜି ପର୍ଯ୍ୟନ୍ତ ଜଗଦିଶଙ୍କ ସ୍ତ୍ରୀ ପ୍ରିତି ହରିଜନଙ୍କୁ ୩ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ପାଠ ପଢା ବାବଦକୁ ଦୁଇ ପୁଅ ଲୋକେଶ ଓ ତ୍ରିଲୋକଙ୍କ ଖାତାକୁ ୪୮ ହଜାର ଯାଇଛି। ଏ ପର୍ଯ୍ୟନ୍ତ ଦୋଷୀଙ୍କୁ ଗିରଫ କରାଯାଇ ନାହିଁ କିମ୍ବା ଦାବି ମୁତାବକ ସହାୟତା ରାଶି ପ୍ରଦାନ କରାଯାଇ ନାହିଁ। ଗରିବ ସେନା ପକ୍ଷରୁ ଧାରଣାରେ ବସିଲା ପରେ ଜଗଦିଶଙ୍କ ସ୍ତ୍ରୀ ପ୍ରିତିଙ୍କୁ ଖରିଆରରୋଡ ନିୟନ୍ତ୍ରିତ ବଜାର କମିଟିରେ ଦୈନିକ ମଜୁରିଆ ଭାବରେ ଅବସ୍ଥାପିତ କରାଯାଇଛି। ୫୦ ଲକ୍ଷ ଦାବିରୁ ୨୦ ଲକ୍ଷ ଟଙ୍କା ପରିବାର ଲୋକଙ୍କୁ ଦେବା ସହ ଦୋଷୀ କର୍ମଚାରୀମାନଙ୍କୁ ଶୀଘ୍ର ଗିରଫ କରାଯାଉ ବୋଲି ମଙ୍ଗରାଜଙ୍କ ସମେତ କାର୍ତ୍ତିକ ଦୀପ, ଭୋଜରାଜ ବାଗ, ରାଜୁ ଚୌହାନ, ରାଧେଶ୍ୟାମ ବାଗ, ମୁରଲି ସୁନା, ଲାଲ ବାହାଦୂର ଦାସ, ଲଲୁ ଚେଲକ, ଏକାମ ଦୀପ, ଅରଖ ରାମ ପାଣ୍ଡେ, ଉଗ୍ରେସନ ତାଣ୍ଡି, ମନିଯର ଆର୍ଯ୍ୟ, ବିରଞ୍ଚି ଦୀପ, ଘାସି ଦୁରିଆ, ଈଶ୍ୱର ସୁନାନୀ, ସୁନୀଳ ଦୀପ, ତ୍ରିନାଥ ବାଗ, ମନୋଜ ଦୀପ, ହରିକେଶ ଜାଲ ପ୍ରମୁଖ ଦାବିକରି ଧାରଣାରେ ବସିଥିଲେ। ଏହାକୁ ଜିଲା ଓକିଲ ସଂଘ ମଧ୍ୟ ସମର୍ଥନ କରି ଧାରଣାରେ ବସିଥିଲେ। ଯେଉଁଦିନ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେହି ପର୍ଯ୍ୟନ୍ତ ଧାରଣାରୁ ଉଠିବୁ ନାହିଁ। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ଚେତାବନୀ ଦେଇଛନ୍ତି।


ନ୍ୟାୟ ଦାବିରେ ଧାରଣାରେ ବସିଛନ୍ତି।

# ଉପାନ୍ତ ଇଲାକାରେ ଗଡ଼ିବ ଆମ୍ବୁଲାନ୍ସ

**ଭବାନୀପାଟଣା,୧୫।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅନେକ ବିକଳ ଚିତ୍ର ସାମ୍ନାକୁ ଆସେ। କେତେବେଳେ ଆମ୍ବୁଲାନ୍ସ ଅଭାବରୁ ରୋଗୀ ମେଡ଼ିକାଲରେ ପହଞ୍ଚି ପାରେ ନାହିଁ ତ ପୁଣି ଆଉ କେତେବେଳେ ଲୋକଙ୍କ ପାଖରେ ପହଞ୍ଚି ପାରେନି ଉପଯୁକ୍ତ ସ୍ୱାସ୍ଥ୍ୟସେବା। ଅନେକ ସମୟରେ ରୋଗୀଙ୍କୁ ଖଟିଆରେ ବୋହି ନେବାର ଦୃଶ୍ୟ ଦେଖିବାକୁ ମିଳେ। ଏପରି କି ଆମ୍ବୁଲାନ୍ସ ଗାଁକୁ ଯାଇ ନ ପାରିବାରୁ ସଙ୍କଟାପନ୍ନ ରୋଗୀ ଅବସ୍ଥା ଶୋଚନୀୟ ହୋଇପଡେ। ହେଲେ ଏବେ ଆଦିବାସୀଙ୍କ ଦୁଃଖ ଦୂର ହେବାକୁ ଯାଉଛି। ଦୀର୍ଘ ବର୍ଷ ପରେ ଉପାନ୍ତ ଇଲାକାରେ ଗଡ଼ିବ ଆମ୍ବୁଲାନ୍ସ। ବ୍ଲକର କେରପାଇ, କାଣୀଗୁମା ଓ ସିଲେଟ ଭଳି ଉପାନ୍ତ ପଞ୍ଚାୟତରେ ସ୍ୱାସ୍ଥ୍ୟ ସ୍ୱରାଜ ପକ୍ଷରୁ ଡାକ୍ତରଖାନା ଖୋଲା ଯାଇଥିବା ବେଳେ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ଏକ ବଡ଼ ଦାୟିତ୍ୱ ହାତକୁ ନେଇଛି ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟି। ଲୋକଙ୍କୁ ଶୀଘ୍ର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଏଲଆଇସି ହାଉସିଂ ଫାଇନାନ୍ସ ଓ ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟି ପକ୍ଷରୁ ଏକ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଭବାନୀପାଟଣାଠାରେ ଥିବା ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟି କାର୍ଯ୍ୟାଳୟରେ ଆମ୍ବୁଲାନ୍ସ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏଲଆଇସି ହାଉସିଂ ଫାଇନାନ୍ସ କମ୍ପାନୀର ସିଇଓ ୱାଇ ବିଶ୍ୱନାଥ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଗିରିଶ ଚନ୍ଦ୍ର ରାଉତ, ସ୍ୱାସ୍ଥ୍ୟ ସ୍ୱରାଜ ସିଇଓ ଆକୁଆନ୍ସ ଇଦାସାରୀଙ୍କ ସମେତ ସ୍ୱାସ୍ଥ୍ୟ ସ୍ୱରାଜ ସଂଗଠନ ଓ ଏଲଆଇସି ହାଉସିଂ ଫାଇନାନ୍ସ କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ଏଲଆଇସି ହାଉସିଂ ଫାଇନାନ୍ସ କମ୍ପାନୀର ସିଇଓ ୱାଇ ବିଶ୍ୱନାଥ ସବୁଜ ପତାକା ଦେଖାଇ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ। ଏନେଇ ସେ କହିଛନ୍ତି, ଆମ୍ବୁଲାନ୍ସ ସହ ଦୁଇଟି ଇଲିଜ ମେଶିନ ମଧ ଯୋଗାଇ ଦିଆଯାଇଛି। ଉପାନ୍ତ ଇଲାକାର ଗର୍ଭବତୀ ମହିଳାଙ୍କ ପାଇଁ ଅନେକ ଅତ୍ୟାଧୁନିକ ସାମଗ୍ରୀ ଏହି ଆମ୍ବୁଲାନ୍ସରେ ରହିଛି।

ଏହି କାର୍ଯ୍ୟକ୍ରମରେ ଏଲଆଇସି ହାଉସିଂ ଫାଇନାନ୍ସ ଆଞ୍ଚଳିକ ପରିଚାଳକ ରମେଶ ଚନ୍ଦ୍ର ଖୋରା, ଏଲଆଇସି ହାଉସିଂ ଫାଇନାନ୍ସ ସିଏସଆର ମୁଖ୍ୟ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ରହିଥିଲେ। ପୂର୍ବରୁ ସ୍ୱେଚ୍ଛାସେବୀ ସଂଗଠନ ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟି ପକ୍ଷରୁ ଥୁଆମୂଳ ରାମପୁର ବ୍ଲକର ୩ଟି ସ୍ଥାନରେ ମେଡ଼ିକାଲ ନିର୍ମାଣ କରାଯାଇ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ବିଶେଷ କରି ମ୍ୟାଲେରିଆ ନିରାକରଣ ଓ ଟିବି ଭଳି ମାରାତ୍ମକ ରୋଗ ବିରୋଧରେ ଏହି ସଂଗଠନ କାମ କରୁଛି।



ସବୁଜ ପତାକା ଦେଖାଇ ଆମ୍ବୁଲାନ୍ସର ଶୁଭାରମ୍ଭ କରାଯାଉଛି।

## କୃଷି ବୈଷୟିକ ଦଳ ବୈଠକ

**ଦେଓଗାଁ,୧୫।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୃଷି ପରାମର୍ଶ କେନ୍ଦ୍ରରେ ବୈଷୟିକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆବାହକ ତଥା ବ୍ଲକ କୃଷି ଅଧିକାରୀ ଜଗବନ୍ଧୁ ପଟେଲଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବିଭାଗୀୟ କାର୍ଯ୍ୟ ଓ ତାର ଅଗ୍ରଗତି ଉପରେ ଆଲୋଚନା କରାଯାଇଥିଲା। ବୈଠକରେ କୃଷି ବିଭାଗ ଯନ୍ତ୍ରୀ ଅଙ୍କିତା ପୁରୋହିତ ଯୋଗଦେଇ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସରକାରୀ ସହାୟତା ଉପରେ ଧାରଣା ପ୍ରଦାନ କରିଥିଲେ। ବ୍ଲକରେ ସମସ୍ତ ଅଗ୍ରଣୀଚାଷୀ କିପରି ଏହି ଯୋଜନାର ଲାଭ ନେଇପାରିବେ ସେଉପରେ ସୂଚନା ଦେଇଥିଲେ। ଉଦ୍ୟାନ ଅଧିକାରୀ ପ୍ରଜେତା ପୁରୋହିତ ଚାଷୀଙ୍କୁ ନିଜ କ୍ଷେତରେ ପାଣି ସଞ୍ଚାଳନ କରିବା ପାଇଁ ସରକାରୀ ରିହାତି ମୂଲ୍ୟରେ ପାଇପ ଯୋଗାଣ ବ୍ୟବସ୍ଥା ଉପରେ ଅବଗତ କରିଥିଲେ। ଏଫଇଏସ ମାଷ୍ଟରଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ ଚାଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମତ୍ସ୍ୟ ଅଧିକାରୀ ସ୍ନିଗ୍ଧାରାଣୀ କହଁର, ପ୍ରାଣୀଧନ ଚିକିତ୍ସକ ଡା. ସୁନିତା ବେହେରା, ଅମୂଲ୍ୟ କୁମାର ବେହେରା, ଏଟିଏମ ପ୍ରାଣବନ୍ଧୁ ରାଉତ, ପ୍ରଶାନ୍ତ କୁମାର ବହିଦାର ସୌମ୍ୟଶକ୍ତି ଦାଶ, ପ୍ରେମାଶଙ୍କର ନନ୍ଦ ଏବଂ ଗ୍ରାମ୍ୟ କୃଷି କର୍ମୀ ଉପସ୍ଥିତ ଥିଲେ।

## ସ୍ନାତକୋତ୍ତର ଆଇନରେ ରାଜ୍ୟପାଳଙ୍କଠାରୁ ସ୍ୱର୍ଣ୍ଣ ପଦକ

**ଖଡ଼ିଆଳ,୧୫।୪(ଡି.ଏନ.ଏ)**

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁକଲା ଗ୍ରାମର ପ୍ରତିଭା ଦାଶ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଆଇନ ଏଲଏଲଏମରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୨୦ ମସିହାରେ ୟୁନିଭରସିଟି ଲ କଲେଜ ଭୁବନେଶ୍ୱରରୁ ସେ ସ୍ନାତକ ଏବଂ ୨୦୨୨ରେ ଏଲଏଲଏମ ସାରିଥିଲେ। ଗତ ୧୨ତାରିଖ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଗଣେଶୀଚନ୍ଦ୍ର ଲାଲଙ୍କଠାରୁ ସ୍ୱର୍ଣ୍ଣ ପଦକ ପାଇଥିଲେ। ପ୍ରତିଭା ଜଣେ ମେଧାବୀ ଛାତ୍ରୀ ଓ ପ୍ରଥମ ପ୍ରୟାସରେ ଓଜେଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ କରି ସିଭିଲ ଜଜ୍ ପଦବୀରେ ନିଯୁକ୍ତି ପାଇଛନ୍ତି। ତାଙ୍କ ପିତା ପ୍ରସନ୍ନ କୁମାର ଦାଶ ବିଏସ୍‌ଏଫ୍‌ରେ କାର୍ଯ୍ୟ କରୁଥିବା ବେଳେ ମାତା ପ୍ରିୟଦର୍ଶିନୀ ରଥ ଜଣେ ଆଦର୍ଶ ଗୃହିଣୀ। ନିଜ ସଫଳତାର ଶ୍ରେୟ ସେ ନିଜ ପିତାମାତା, ପରିବାର ଓ ଅଧାପକମାନଙ୍କୁ ଦେଇଛନ୍ତି।


ସ୍ୱର୍ଣ୍ଣପଦକ ପାଇଥିବା ପ୍ରତିଭା ଦାଶ।

## ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଖଡ଼ିଆଳ,୧୫।୪(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଦମାପଲା–ଚିନ୍ଦାଗୁଡ଼ାଠାରେ ପଣା ସଂକ୍ରାନ୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ୧୨ ତାରିଖ ଗାଁର ଶହଶହ ମହିଳା ଓ ପୁରୁଷ ବୈଦେହୀ ସାଗରରୁ କଳସ ଯାତ୍ରାରେ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ୧୩ ତାରିଖ ସକାଳରୁ ବଲାଙ୍ଗୀର କଳାହାଣ୍ଡି ତଥା ଆଖପାଖ ଅଞ୍ଚଳର ବଛାବଛା ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଦ୍ୱାରା ଭଗବାନଙ୍କ ହରେକୃଷ୍ଣ ହରେରାମ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ଦଳମାନଙ୍କ ଚିତାକର୍ଷକ ଗୀତବାଦ୍ୟ ଓ ନୃତ୍ୟରେ ଦର୍ଶକ ଝୁମି ଭଗବାନଙ୍କ ନାମରସ ପାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦମାପଲାର ଜଗବନ୍ଧୁ ପଟେଲ ଓ ତାଙ୍କ ସ୍ତ୍ରୀ ଲୁକେଶ୍ୱରୀ ପଟେଲ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। କାର୍ତ୍ତିକ ବିଶି, ଯତୀନ୍ଦ୍ର ବିଶି, ନନ୍ଦ କିଶୋର ପ୍ରଧାନୀ, ଅଚ୍ୟୁତାନନ୍ଦ ପଟେଲ, ଉଗ୍ରସେନ ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଷୋହଳ ପ୍ରହର ନାମଯଜ୍ଞ ଚାଲିଛି।

# ଆମ୍ବେଡ୍‌କରଙ୍କ ଜୟନ୍ତୀ, ପ୍ରତିମୂର୍ତ୍ତି ଉନ୍ମୋଚନ

**ଖଡ଼ିଆଳ,୧୫।୪(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଖେଳ ପଡିଆଠାରେ ବାବା ସାହେବ ଆମ୍ବେଡ଼କରଙ୍କ ୧୩୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଖଡ଼ିଆଳ ଆମ୍ବେଡ଼କର ଛକ ଠାରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ। ପରେ ଏକ ବିରାଟ ଶୋଭାଯାତ୍ରାରେ ହଜାର ହଜାର ଆମ୍ବେଡ଼କର ପ୍ରେମୀ ଖଡ଼ିଆଳ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ଆମ୍ବେଡ଼କର ପରିବାର ସଭାପତି ନିମାଇଁଚରଣ ତାଣ୍ଡି, ମୁଖ୍ୟ ଅତିଥି ଭାବେ ଯୋଜନା ଓ ସଂଯୋଜକ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ନୂଆପଡ଼ା ବିଜେଡ଼ି ମହିଳା ସଭାନେତ୍ରୀ ସରସତୀ ବାଗ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା, ମୁଖ୍ୟବକ୍ତା ଅଧାପକ ସମୁଏଲ ଦାନୀ, ଅନ୍ୟତମ ଅତିଥି, ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ମୁଙ୍ଗୁଲି ସମାଜ ଉପ ସଭାପତି ରୁଦ୍ରରାଜ ବାଗ, ହାଡ଼ିପା ଗୁରୁ ସମାଜ ଉପ ସଭାପତି ସୁରେନ୍ଦ୍ର କୁମାର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଆମ ଆଦମୀ ପାର୍ଟି ପକ୍ଷରୁ ପାଳନ କରାଯାଇଥିଲା। ପରୀକ୍ଷିତ ଯୁକ୍ତ ଦୁଇ କଲେଜରେ ପାଳିତ ହୋଇଥିଲା। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**

**ଏକାମ୍ର ହାଟ, ଭୁବନେଶ୍ୱରରେ ଷ୍ଟଲ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ**

ବିଜ୍ଞାପନ ସଂଖ୍ୟା: ୧୨୧୫ ତାରିଖ: ୧୩।୦୪।୨୦୨୩

No. PP-04: ରାଜ୍ୟର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଏକାମ୍ର ହାଟରେ ଷ୍ଟଲ ଭଡ଼ା ସୂତ୍ରେ ଆବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ୨୦୨୩-୨୪ ବର୍ଷ ପାଇଁ ଉଦ୍ଦିଷ୍ଟ ପ୍ରଦର୍ଶନୀ ପଞ୍ଜିକାରେ ଖାଲି ରହିଥିବା ସମୟ ୨୨।୦୫।୨୦୨୩ଠାରୁ ୩୧।୦୫।୨୦୨୩, ୦୧।୦୬।୨୦୨୩ଠାରୁ ୩୧।୦୭।୨୦୨୩ ଓ ୧୬।୧୧।୨୦୨୩ଠାରୁ ୩୦।୧୧।୨୦୨୩ ପାଇଁ କେବଳ ଏହି ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନ ପତ୍ର ଓ ସର୍ତ୍ତାବଳୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନର ୱେବ୍‌ସାଇଟ୍ **www.sidacodisha.org.in**ରେ ଉପଲବ୍ଧ ଅଛି। ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନେ ନିଜର ସୁବିଧା ମୁତାବକ ସର୍ବନିମ୍ନ ୧ଟି ଓ ସର୍ବାଧିକ ୩ଟି ଅବଧି ପାଇଁ ଆବେଦନ କରିପାରିବେ। ପୂରଣ ହୋଇଥିବା ଆବେଦନ ପତ୍ର ଓ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା୨୯।୦୪।୨୦୨୩ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା, ନିଜ ଜିଲ୍ଲାର ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ/ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନକୁ ଗ୍ରହଣ ଅଥବା ପ୍ରତ୍ୟାଖ୍ୟାନ କରିପାରିବେ।

**ଅତିରିକ୍ତ ସଚିବ**

SIDAC
**ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ.: ଖଣ୍ଡଗିରି, ଭୁବନେଶ୍ୱର – ୭୫୧୦୩୦
ଫୋନ୍: ୦୬୭୪-୨୩୫୦୩୧୮, ଇମେଲ୍: sidacorissa@gmail.com
OIPR-31001/11/0001/2324

**JHRKHAND STATE BEVERAGES CORPORATION LTD. RANCHI**
(A GOVT. OF JHARKHAND UNDERTAKING)
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.com
Utpad Bhawan, Ground Floor, Near New Police Station, Kanke Road, Ranchi - 834008

Letter No :-780 Date-15.04.2023

**Corrigendum**

E- Tenders are invited for empanelment of placement agency for supply of manpower for retail vending shops of JSBCL in the designated three (03) zones within the state of Jharkhand through e-tender process vide E Tender Notice No :- JSBCL/08, Dated :- 10.04.2023, PR No.-294784 have been ammended as follows.

**Important dates**

| S.N. | Particulars | Previous Date | Previous Time | Extended Date | Extended Time |
|---|---|---|---|---|---|
| 1 | Last date/closing date for submission of E-Tender | 17/04/2023 | 04:00 P.M. | 20/04/2023 | 04:00 P.M. |
| 5 | Last date for submission of document (Hard copy) in the JSBCL office. | 17/04/2023 | 06:00 P.M. | 20/04/2023 | 06:00 P.M. |
| 6 | Online opening of Technical Bid. | 18/04/2023 | 11:00 A.M. | 21/04/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.

Sd/-
Managing Director
Jharkhand State Beverages Corporation Ltd.
Jharkhand, Ranchi

PR 295221 Excise (23-24)_D

**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 02 of 2023-24**

No. O-47: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 03 Nos.
3. Estimated Cost : Rs.245.78 lakh to 521.16 lakh
4. Eligible Class of Contractor : "B", "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To |
|---|---|---|---|
| Superintending Engineer, RWSS Division, Balangir | 02 of 2023 - 24 | Dt.21.04.2023 at 11.00 hrs. | Dt.03.05.2023 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

Sd./- Superintending Engineer
RWS&S Division, Balangir
OIPR-25033/11/0003/2324

**NOTICE**

No. C-94: One Lab Technician (only Women/Transgender person of locality) will be hired for Dhenkanal Faecal Sludge Treatment Plant (FSTP), Ward No. 08, Banjhakusuma, Mahisapat, which has to be operated by SHG/Mission Shakti Group.

**Qualification:**
1. **Compulsory:** M.Sc. in Chemistry/M.Sc. Biochemistry/M.Sc. Environmental Science or any equivalent degree and B.Sc. Chemistry, I.Sc. Chemistry.

**Job Role:**
1. To support the CLF/ALF/Mission Shakti Group/Transgender Group towards adherence to the standardized SOP for O&M of the FSTP.
2. To perform all the tests required to be done at the FSTP at every interface as per SOP developed by OWSSB.
3. To maintain record of all data generated and ensure sufficient inventory of all consumables required at the FSTP.
4. To coordinate with the ULB on O&M of FSTP.
5. To seek technical support from OWSSB and ULB as and when required.

**Remuneration: Rs.15000/- per month (Consolidated)**
- Interested candidates may send their CV (with personal Email Id and Mobile No.) to **sulochana.sahu111@gmail.com** by **18.04.2023**.
- For any query kindly Contact: **7008928613, 8456047739**.

Sd./- ALF President
Jeevan Jyoti ALF, Dhenkanal
OIPR-13146/11/0003/2324

**NOTICE**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
**O.A. No. 817 OF 2022**

State Bank of India, Stressed Asset Recovery Branch, Bhubaneswar........ Applicant
-Versus-
M/s. S. R. Beverages and others........ Defendants

To,
1. **M/s. S. R. Beverages,** Proprietorship Firm At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050, Represented by its **Prop.: Mrs. Sasmita Ray**
2. **Mrs. Sasmita Ray,** W/o.: Mr. Prasanta Kumar Ray, At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050
3. **Mr. Prasanta Kumar Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
4. **Mr. Dusmanta Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
5. **Mrs. Chanchala Ray,** W/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050 ... Defendants

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 817 of 2022** in the court of Debts Recovery Tribunal at Cuttack for recovery of ₹ **22,67,294/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorised agent, in support of their defence to show cause on **Dt. 31.05.2023 at 10.30 AM** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this the **11th day of April, 2023.**

REGISTRAR
Debts Recovery Tribunal, Cuttack

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
Tel & Fax: 06858-222833 (O), E-mail ID: eerbngpur@yahoo.com
**e-Procurement Notice**
**Bid Identification No. S.E. (R&B) - 01/2023-24/NGP**

**No. 2129** **Date: 12.04.2023**

No. B-74: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Name of the work : Civil Construction Work as mentioned in DTCN
2. No. of work : 04 Nos.
3. Estimated cost : Rs.174.81 lakhs to 297.00 lakhs
4. Period of Completion : 5 Calendar of months
5. Date & time of bidding : From 11.00 hours of 19.04.2023 upto 16.00 hours of 03.05.2023
6. Last date & time for receipt of bids in portal : 16.00 hours of 03.05.2023
7. Bids received online shall be opened on : 11.00 hours of 04.05.2023
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in**.

Sd./- Superintending Engineer
Nabarangpur (R&B) Division

OIPR-34143/11/0001/2324

# ଦୁଲ୍‌ଦୁଲି, ଘଣ୍ଟବାଦ୍ୟରେ କମ୍ପିଲା ସହର

## ବୌଦ୍ଧ ରାମଲୀଳା ଯାତ୍ରା ଉଦ୍‌ଯାପିତ

- ଷ୍ଟାଡ଼ିୟମ ପଡିଆରେ ମୁକ୍ତାକାଶ ରଙ୍ଗମଞ୍ଚରେ ୧୦ ରାବଣ ସହ ରାମଙ୍କ ଯୁଦ୍ଧ
- ୩୦ ଫୁଟର ରାବଣ ପୋଡି

ବୌଦ୍ଧ,୧୫।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାର ସର୍ବପୁରାତନ ସାଂସ୍କୃତିକ ଅନୁଷ୍ଠାନ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ମାରୁତିମଣ୍ଡପଠାରେ ଗତ ରାମନବମୀ ଠାରୁ ଦୀର୍ଘ ୧୮ ଦିନ ଧରି ଚାଲି ଆସୁଥିବା ବୌଦ୍ଧ ଗଡଜାତର ଗଣପର୍ବ ରାମଲୀଳା ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ପରିବେଷିତ ହୋଇଥିଲା ନାଟକ ରାବଣ ବଧ। ଏହି ଯାତ୍ରା ଅବସରରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଲୀଳାକୁ ପର୍ଯ୍ୟାୟ କ୍ରମେ ରାମଜନ୍ମଠାରୁ ଆରମ୍ଭ କରି ରାବଣ ବଧ ପର୍ଯ୍ୟନ୍ତ ନାଟକ ପରିବେଷିତ ହୋଇଥିଲା। ରାମଲୀଳା ଯାତ୍ରା ଦେଖିବାକୁ ପ୍ରତିଦିନ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଦୀର୍ଘ ୧୮ ଦିନ ଧରି ଅନୁଷ୍ଠାନର କଳାକାରମାନେ ଅତ୍ୟନ୍ତ କାଷ୍ଠା ଓ ନିଷ୍ଠାର ସହ ରହି ନାଟକ ମାଧ୍ୟମରେ ପ୍ରତ୍ୟେକ ମଣିଷକୁ ଆଧ୍ୟାତ୍ମିକ ମାର୍ଗଦର୍ଶନ କରାଇଥିଲେ। ରାବଣ ବଧ ନାଟକ ଦିନ ପୁରା ସହର ଆତସବାଜି, ଦୁଲଦୁଲି ଓ ଘଣ୍ଟବାଦ୍ୟରେ କମ୍ପି ଉଠିଥିଲା। ଜିଲାର ବିଭିନ୍ନ ପଞ୍ଚାୟତର ତେଲିବନ୍ଧ, କାଶଲପୁର, ଧୁଡୁରବାହାଲ, ପୋଲାମ, ଗୋବିନ୍ଦପୁର, ସରସରା, ବାମଣ୍ଡା, ବିରିଗଡ, କେଲକଟା ଅଞ୍ଚଳରୁ ନଅ ଗୋଟି ସୁସଜ୍ଜିତ ରାବଣ ରଥ ବିରାଟ ପଟୁଆରରେ ଆସି ବୁଟୁପାଲିଠାରେ ଥିବା ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲା। ସେଠାରୁ ବୌଦ୍ଧର ମୁଖ୍ୟ ରାବଣ ରଥ ସହ ଏକତ୍ରିତ ହୋଇ ସମସ୍ତ ରଥ ଏକା ସଙ୍ଗରେ ଏକ ବିରାଟ ପଟୁଆରରେ ବାହାରିଥିଲେ। ସମସ୍ତ ରାବଣ ରଥ ଏକତ୍ରିତ ହୋଇ ଯୁଦ୍ଧ ବାଦ୍ୟ ଓ ବିଭିନ୍ନ ସୁଆଙ୍ଗ ନୃତ୍ୟ ସହ ଯୁଦ୍ଧ ଯାତ୍ରା ଆରମ୍ଭ କରିଥିଲେ।





ଶୋଭାଯାତ୍ରାରେ ରାମ ରଥ ଓ ରାବଣ ରଥ।

ସମସ୍ତ ରାବଣରଥ ବୁଟୁପାଲି, ହାତୀଶାଳ ଛକ ଦେଇ ଷ୍ଟାଡିୟମଠାରେ ପହଞ୍ଚି ଥିଲା। ସେହିପରି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରଥ ସହ ବାନର ସେନା ରାମେଶ୍ୱର ମନ୍ଦିରଠାରୁ ବାହାରି ପୁରୁଣା ବ୍ଲକ ଛକ, ଡେଲିମାର୍କେଟ, ପୋଡାପୋଡା, ନୂଆସାହି ଦେଇ ଷ୍ଟାଡିୟମଠାରେ ପହଞ୍ଚି ଥିଲା। ସେଠାରେ ମୁକ୍ତ ଆକାଶ ରଙ୍ଗମଞ୍ଚରେ ପ୍ରଭୁ ଶ୍ରୀରାମ ଓ ବାନର ସେନା ସହିତ ଦଶଗୋଟି ରାବଣ ମଧ୍ୟରେ ପ୍ରଥମ ସମର ଅନୁଷ୍ଠିତ ହୋଇଥିଲା। ଏହାସହ ସେଠାରେ ଆତସବାଜି କାର୍ଯ୍ୟକ୍ରମ ସାଙ୍ଗକୁ ଷ୍ଟାଡିୟମଠାରେ ଏକ ସଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଜଙ୍ଗଲ ଓ ପରିବେଶ, ପଞ୍ଚାୟତିରାଜ, ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ରାମଲୀଳା ନାଟ୍ୟ ସଂସଦର ସଭାପତି ତଥା ବୌଦ୍ଧଗଡ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଂପାଦକ ମନୋଜ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଷ୍ଟାଡିୟମଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ପୁନଶ୍ଚ ଷ୍ଟାଡିୟମଠାରୁ ଉଭୟ ରାମ ରଥ ଓ ରାବଣ ରଥ ସହରର ଅଲଗା ଅଲଗା ରାସ୍ତା ଦେଇ ବାଘଗୁଡା ଛକଠାରେ ପହଞ୍ଚି ଥିଲା। ସେଠାରେ ଉଭୟ ସେନା ମଧ୍ୟରେ ଦ୍ୱିତୀୟ ମହାସମର ଅନୁଷ୍ଠିତ ହୋଇଥିଲା। ଏଥିସହିତ ସେଠାରେ ଆତସବାଜି ଓ ସମ୍ବଲପୁର ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେଠାରୁ ଉଭୟ ରାମଚନ୍ଦ୍ରଙ୍କ ରଥ ଓ ରାବଣ ରଥ ଯାତ୍ରା ପଡିଆରେ ପହଞ୍ଚିଥିଲା। ସେଠାରେ ରାବଣ ସହିତ ପ୍ରଭୁ ଶ୍ରୀରାମଙ୍କ ଯୁଦ୍ଧ ହୋଇଥିଲା। ଶେଷରେ ରାବଣ ବଧ ହୋଇଥିଲା। ଏହି ଅବସରରେ ଯାତ୍ରା ପଡିଆରେ ଏକ ୩୦ ଫୁଟ ଉଚ୍ଚ ବିଶିଷ୍ଟ ରାବଣ ପୋଡି କରାଯାଇଥିଲା। ସମର ଶୋଭାଯାତ୍ରାରେ ବଲାଙ୍ଗୀର ଓ ବିନିକାର ଘଣ୍ଟବାଦ୍ୟ, ଦୁଲଦୁଲି, ଗଞ୍ଜାମ ଜିଲାର ବାଘନୃତ୍ୟ, ଦଶବତାର, ରଣପା, ଖୋର୍ଦ୍ଧାର ପାଇକ ଆଖଡା, ବୌଦ୍ଧ ଜିଲାର ଦୁଲଦୁଲି ଓ ବିଭିନ୍ନ ଅଞ୍ଚଳର ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ସେହିପରି କଚେରୀ ପଡିଆଠାରେ ମୀନାବଜାର ସାଙ୍ଗକୁ ସମ୍ବଲପୁର ମେଲୋଡି ପରିବେଷିତ ହୋଇଥିଲା। ରାମ ଭୂମିକାରେ ଶିରିଶ ବେହେରା, ଲକ୍ଷ୍ମଣ ଦର୍ନାଦନ ମିଶ୍ର, ସୀତା ବିଶ୍ୱାମିତ୍ର ସାହୁ, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦିବାକର ଜେନା, ବିଭୀଷଣ ନାରାୟଣ ବାରିକ, ମନ୍ଦୋଦରୀ ଜଗଦୀଶ ବାରିକ, ଅଙ୍ଗଦ ସତ୍ୟଜିତ ମିଶ୍ର, ରାବଣ ଭୂମିକାରେ ସୁଦାମ ବେରିହାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଜନଗହଳିକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲା। ରାବଣ ବଧ ନାଟକ ଦେଖିବାକୁ ଜିଲା ଓ ଜିଲା ବାହାରୁ ଦର୍ଶକଙ୍କ ଭିଡ ଜମିଥିଲା। ରବିବାର ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ରାଜ୍ୟାଭିଷେକ ହେବ।

# ଛେଳି ଚୋରିକରି ହଟହଟା

## ଗ୍ରାମବାସୀଙ୍କଠାରୁ ଖାଇଲେ ମାଡ଼

କନ୍ଧମାଳ,୧୫।୪(ଡି.ଏନ.ଏ.)

ବୌଦ୍ଧ ଜିଲା କନ୍ଧମାଳ ଥାନା ବଲମତୁମାଠାରେ ଶନିବାର ଦିନ ଛେଳି ଚୋରି କରିବାକୁ ଯାଇ ଦୁଇ ଜଣ ଯୁବକଙ୍କୁ ହଟହଟା ହେବାକୁ ପଡିଛି। ଗ୍ରାମବାସୀ ଉଭୟଙ୍କୁ କାବୁ କରି ନିସ୍ତୁକ ମାଡ ମାରିବା ସହ ପୋଲିସ ଜିମା ଦେଇଥିବା ଖବର ମିଳିଛି। ପ୍ରକାଶ ଯେ, ସୁବର୍ଣ୍ଣପୁର ଜିଲା ତରଭା ଥାନା ରେଙ୍ଗସା ଗ୍ରାମର ଜଣେ ଯୁବକ ଓ ଅର୍ଡା ଗ୍ରାମର ଅନ୍ୟ ଜଣେ ଯୁବକ ବାଇକ୍‌ରେ ଆସି ବଲମତୁମା ଗ୍ରାମର ଜଣେ ମହିଳା ଛେଳି ଚରାଉଥିବା ବେଳେ କୌଶଳକ୍ରମେ ଏକ ଛେଳି ଚୋରି କରି ନେଇ ପଳାଉଥିଲେ। ଏହା ଜାଣି ଗ୍ରାମବାସୀ ଚୋରଙ୍କ ପିଛା କରିବାରୁ ସମ୍ପୃକ୍ତ ଯୁବକ ଅଲିକୁଦ ନିକଟରେ ଛେଳି ଛାଡି ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। ତେବେ ବୋରିଗୋଭା ନିକଟରେ ଦୁଇ ଯୁବକଙ୍କୁ ଗ୍ରାମବାସୀ ଧରି ମାଡ ଦେବା ପରେ ପୋଲିସର ଜିମା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ସ୍ନାତକୋତ୍ତର ଆଇନରେ ରାଜ୍ୟପାଳଙ୍କଠାରୁ ସ୍ୱର୍ଣ୍ଣ ପଦକ



ସ୍ୱର୍ଣ୍ଣପଦକ ପାଇଥିବା ପ୍ରତିଭା ଦାଶ।

ଖଡ଼ିଆଳ,୧୫।୪(ଡି.ଏନ.ଏ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ପ୍ରତିଭା ଦାଶ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଆଇନ ଏଲଏଲଏମରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୨୦ ମସିହାରେ ୟୁନିଭରସିଟି ଲ କଲେଜ ଭୁବନେଶ୍ୱରରୁ ସେ ସ୍ନାତକ ଏବଂ ୨୦୨୨ରେ ଏଲଏଲଏମ ସାରିଥିଲେ। ଗତ ୧୨ତାରିଖ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଗଣେଶୀଚନ୍ଦ୍ର ଲାଲଙ୍କଠାରୁ ସ୍ୱର୍ଣ୍ଣ ପଦକ ପାଇଥିଲେ। ପ୍ରତିଭା ଜଣେ ମେଧାବୀ ଛାତ୍ରୀ ଓ ପ୍ରଥମ ପ୍ରୟାସରେ ଓଜେଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ କରି ସିଭିଲ ଜଜ୍ ପଦବୀରେ ନିଯୁକ୍ତି ପାଇଛନ୍ତି। ତାଙ୍କ ପିତା ପ୍ରସନ୍ନ କୁମାର ଦାଶ ବିଏସ୍‌ଏଫ୍‌ରେ କାର୍ଯ୍ୟ କରୁଥିବା ବେଳେ ମାତା ପ୍ରିୟଦର୍ଶିନୀ ରଥ ଜଣେ ଆଦର୍ଶ ଗୃହିଣୀ। ନିଜ ସଫଳତାର ଶ୍ରେୟ ସେ ନିଜ ପିତାମାତା, ପରିବାର ଓ ଅଧ୍ୟାପକମାନଙ୍କୁ ଦେଇଛନ୍ତି।

# ଶ୍ରମ ଅଫିସ ପଠାଇଲା ପୋଲିସ

## ନ୍ୟାୟ ପାଇଁ ଥାନା ଯାଇଥିଲେ ଶ୍ରମିକ

ଦେଓଗାଁ,୧୫।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କରୁଆଁଝର ଗ୍ରାମରେ ଗତ ଦୁଇମାସ ଧରି ବାହାର ଜିଲାର ଶ୍ରମିକମାନେ ଇଟାଭାଟିରେ କାମ କରୁଥିଲେ। ସମ୍ପୃକ୍ତ ଇଟାଭାଟିର ମାଲିକ ନିର୍ଯାତନା ଦେବା ସହ ପ୍ରାପ୍ୟ ଦେଉନାହାନ୍ତି। ଏହିଭଳି ଅଭିଯୋଗ କରି ଉକ୍ତ ଇଟାଭାଟିରେ କାମ କରୁଥିବା ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଜଗମୋହନପୁର ଗାଁର ଜୁରୁ ସାହୁ ଓ ସୁରେନ୍ଦ୍ର ବିନ୍ଧାଣୀ ଶନିବାର ସକାଳେ ଥାନାକୁ ଆସିଥିଲେ। ଟଙ୍କା ମାଗିଲେ ଇଟାଭାଟି ମାଲିକ ମାଡ ମାରୁଥିବା ଅଭିଯୋଗ କରିଥିଲେ। ପୋଲିସ ପ୍ରଥମେ ଇଟାଭାଟି ମାଲିକଙ୍କୁ ଥାନାକୁ ଡକାଇ ପଚରାଉଚରା କରିଥିଲା। ସେଠାରେ ଆଲୋଚନା ପରେ ଥାନାରେ କିଛି କରିହେବ ନାହିଁ ତୁମେମାନେ ବଲାଙ୍ଗୀର ଲେବର ଅଫିସ ଯାଅ ବୋଲି ଶ୍ରମିକମାନଙ୍କୁ କହି ଫେରାଇ ଦେଇଥିଲେ। ଶ୍ରମିକମାନେ ପୋଲିସ ପକ୍ଷରୁ ନ୍ୟାୟ ନ ପାଇ ଫେରିଯାଇଥିବା ଜଣାପଡିଛି। ଏ ବିଷୟରେ ଦେଓଗାଁ ଥାନା ଏସଆଇ ଜଗତଜୀବନ ସାଙ୍କୁ ପଚାରିବାରୁ ଅଭିଯୋଗ କରିବାକୁ ଆସିଥିବା ଶ୍ରମିକମାନଙ୍କୁ ଜିଲଶ ଶ୍ରମ ଅଫିସର ଦ୍ୱାରସ୍ଥ ହେବାକୁ କୁହାଯାଇଥିବା କହିଛନ୍ତି।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖଡ଼ିଆଳ,୧୫।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଦମାପଲା-ଚିନ୍ଦାଗୁଡ଼ାଠାରେ ପଣା ସଂକ୍ରାନ୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ୧୨ ତାରିଖ ଗାଁର ଶହଶହ ମହିଳା ଓ ପୁରୁଷ ବୈଦେହୀ ସାଗରରୁ କଳସ ଯାତ୍ରାରେ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ୧୩ ତାରିଖ ସକାଳରୁ ବଲାଙ୍ଗୀର କଳାହାଣ୍ଡି ତଥା ଆଖପାଖ ଅଞ୍ଚଳର ବଛାବଛା ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଦ୍ୱାରା ଭଗବାନଙ୍କ ହରେକୃଷ୍ଣ ହରେରାମ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ଦଳମାନଙ୍କ ଚିତାକର୍ଷକ ଗୀତବାଦ୍ୟ ଓ ନୃତ୍ୟରେ ଦର୍ଶକ ଝୁମି ଭଗବାନଙ୍କ ନାମରସ ପାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦମାପଲାର ଜଗବନ୍ଧୁ ପଟେଲ ଓ ତାଙ୍କ ସ୍ତ୍ରୀ ଲୁକେଶ୍ୱରୀ ପଟେଲ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। କାର୍ତ୍ତିକ ବିଶି, ଯତୀନ୍ଦ୍ର ବିଶି, ନନ୍ଦ କିଶୋର ପ୍ରଧାନୀ, ଅଚ୍ୟୁତାନନ୍ଦ ପଟେଲ, ଉଗ୍ରସେନ ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଷୋହଳ ପ୍ରହର ନାମଯଜ୍ଞ ଚାଲିଛି।

# ଆମ୍ବେଡ଼କରଙ୍କ ଜୟନ୍ତୀ, ପ୍ରତିମୂର୍ତ୍ତି ଉନ୍ମୋଚନ

ଖଡ଼ିଆଳ,୧୫।୪(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଖେଳ ପଡିଆଠାରେ ବାବା ସାହେବ ଆମ୍ବେଡ଼କରଙ୍କ ୧୩୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଖଡ଼ିଆଳ ଆମ୍ବେଡ଼କର ଛକ ଠାରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ। ପରେ ଏକ ବିରାଟ ଶୋଭାଯାତ୍ରାରେ ହଜାର ହଜାର ଆମ୍ବେଡ଼କର ପ୍ରେମୀ ଖଡ଼ିଆଳ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ଆମ୍ବେଡ଼କର ପରିବାର ସଭାପତି ନିମାଇଁଚରଣ ତାଣ୍ଡି, ମୁଖ୍ୟ ଅତିଥି ଭାବେ ଯୋଜନା ଓ ସଂଯୋଜକ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ନୂଆପଡ଼ା ବିଜେଡ଼ି ମହିଳା ସଭାନେତ୍ରୀ ସରସତୀ ବାଗ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା, ମୁଖ୍ୟବକ୍ତା ଅଧ୍ୟାପକ ସମୁଏଲ ଦାନୀ, ଅନ୍ୟତମ ଅତିଥି, ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ମୁଙ୍ଗୁଳି ସମାଜ ଉପ ସଭାପତି ରୁଦ୍ରରାଜ ବାଗ, ହାଡ଼ିପା ଗୁରୁ ସମାଜ ଉପ ସଭାପତି ସୁରେନ୍ଦ୍ର କୁମାର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ଆମ ଆଦମୀ ପାର୍ଟି ପକ୍ଷରୁ ପାଳନ କରାଯାଇଥିଲା। ପରୀକ୍ଷିତ ଯୁକ୍ତ ଦୁଇ କଲେଜରେ ପାଳିତ ହୋଇଥିଲା। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ଏକାମ୍ର ହାଟ, ଭୁବନେଶ୍ୱରରେ ଷ୍ଟଲ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ
ବିଜ୍ଞାପନ ସଂଖ୍ୟା: ୧୨୧୫ ତାରିଖ: ୧୩।୦୪।୨୦୨୩
No. PP-04: ରାଜ୍ୟର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଏକାମ୍ର ହାଟରେ ଷ୍ଟଲ ଭଡ଼ା ସୂତ୍ରେ ଆବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ୨୦୨୩-୨୪ ବର୍ଷ ପାଇଁ ଉଦ୍ଦିଷ୍ଟ ପ୍ରଦର୍ଶନୀ ପଞ୍ଜିକାରେ ଖାଲି ରହିଥିବା ସମୟ ୨୨।୦୫।୨୦୨୩ଠାରୁ ୩୧।୦୫।୨୦୨୩, ୦୧।୦୭।୨୦୨୩ଠାରୁ ୩୧।୦୭।୨୦୨୩ ଓ ୧୬।୧୧।୨୦୨୩ଠାରୁ ୩୦।୧୧।୨୦୨୩ ପାଇଁ କେବଳ ଏହି ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନ ପତ୍ର ଓ ସର୍ତ୍ତାବଳୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନର ୱେବ୍‌ସାଇଟ୍ www.sidacodisha.org.inରେ ଉପଲବ୍ଧ ଅଛି। ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନେ ନିଜର ସୁବିଧା ମୁତାବକ ସର୍ବନିମ୍ନ ୧ଟି ଓ ସର୍ବାଧିକ ୩ଟି ଅବଧି ପାଇଁ ଆବେଦନ କରିପାରିବେ। ପୂରଣ ହୋଇଥିବା ଆବେଦନ ପତ୍ର ଓ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା୨୯।୦୪।୨୦୨୩ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା, ନିଜ ଜିଲ୍ଲାର ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ/ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନକୁ ଗ୍ରହଣ ଅଥବା ପ୍ରତ୍ୟାଖ୍ୟାନ କରିପାରିବେ।
ଅତିରିକ୍ତ ସଚିବ
SIDAC
ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ.: ଖଣ୍ଡଗିରି, ଭୁବନେଶ୍ୱର – ୭୫୧୦୩୦
ଫୋନ୍: ୦୬୭୪-୨୩୫୦୩୧୮, ଇମେଲ୍: sidacorissa@gmail.com
OIPR-31001/11/0001/2324

JHRKHAND STATE BEVERAGES CORPORATION LTD. RANCHI
(A GOVT. OF JHARKHAND UNDERTAKING)
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.com
Utpad Bhawan, Ground Floor, Near New Police Station, Kanke Road, Ranchi - 834008

Letter No :-780 Date-15.04.2023

Corrigendum

E- Tenders are invited for empanelment of placement agency for supply of manpower for retail vending shops of JSBCL in the designated three (03) zones within the state of Jharkhand through e-tender process vide E Tender Notice No :- JSBCL/08, Dated :- 10.04.2023, PR No.-294784 have been ammended as follows.

Important dates

| S.N. | Particulars | Previous Date | Previous Time | Extended Date | Extended Time |
|---|---|---|---|---|---|
| 1 | Last date/closing date for submission of E-Tender | 17/04/2023 | 04:00 P.M. | 20/04/2023 | 04:00 P.M. |
| 5 | Last date for submission of document (Hard copy) in the JSBCL office. | 17/04/2023 | 06:00 P.M. | 20/04/2023 | 06:00 P.M. |
| 6 | Online opening of Technical Bid. | 18/04/2023 | 11:00 A.M. | 21/04/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.

Sd/-
Managing Director
Jharkhand State Beverages Corporation Ltd.
Jharkhand, Ranchi

PR 295221 Excise (23-24)_D

GOVERNMENT OF ODISHA
"e" PROCUREMENT NOTICE
Bid Identification No. 02 of 2023-24

No. O-47: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 03 Nos.
3. Estimated Cost : Rs.245.78 lakh to 521.16 lakh
4. Eligible Class of Contractor : "B", "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding: From | Availability of Tender Online for Bidding: To |
|---|---|---|---|
| Superintending Engineer, RWSS Division, Balangir | 02 of 2023 - 24 | Dt.21.04.2023 at 11.00 hrs. | Dt.03.05.2023 upto 17.00 hrs. |

Further details can be had in the DTCN available in the website www.tendersodisha.gov.in.

Sd./- Superintending Engineer
RWS&S Division, Balangir
OIPR-25033/11/0003/2324

NOTICE

No. C-94: One Lab Technician (only Women/Transgender person of locality) will be hired for Dhenkanal Faecal Sludge Treatment Plant (FSTP), Ward No. 08, Banjhakusuma, Mahisapat, which has to be operated by SHG/Mission Shakti Group.

Qualification:
1. Compulsory: M.Sc. in Chemistry/M.Sc. Biochemistry/M.Sc. Environmental Science or any equivalent degree and B.Sc. Chemistry, I.Sc. Chemistry.

Job Role:
1. To support the CLF/ALF/Mission Shakti Group/Transgender Group towards adherence to the standardized SOP for O&M of the FSTP.
2. To perform all the tests required to be done at the FSTP at every interface as per SOP developed by OWSSB.
3. To maintain record of all data generated and ensure sufficient inventory of all consumables required at the FSTP.
4. To coordinate with the ULB on O&M of FSTP.
5. To seek technical support from OWSSB and ULB as and when required.

Remuneration: Rs.15000/- per month (Consolidated)
- Interested candidates may send their CV (with personal Email Id and Mobile No.) to sulochana.sahu111@gmail.com by 18.04.2023.
- For any query kindly Contact: 7008928613, 8456047739.

Sd./- ALF President
Jeevan Jyoti ALF, Dhenkanal
OIPR-13146/11/0003/2324

NOTICE
IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 817 OF 2022

State Bank of India, Stressed Asset Recovery Branch, Bhubaneswar........ Applicant
-Versus-
M/s. S. R. Beverages and others........ Defendants

To,
1. M/s. S. R. Beverages, Proprietorship Firm At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050, Represented by its Prop.: Mrs. Sasmita Ray
2. Mrs. Sasmita Ray, W/o.: Mr. Prasanta Kumar Ray, At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050
3. Mr. Prasanta Kumar Ray, S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
4. Mr. Dusmanta Ray, S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
5. Mrs. Chanchala Ray, W/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050 ... Defendants

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the Applicant has instituted a suit in O.A. No. 817 of 2022 in the court of Debts Recovery Tribunal at Cuttack for recovery of ₹ 22,67,294/- only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorised agent, in support of their defence to show cause on Dt. 31.05.2023 at 10.30 AM as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this the 11th day of April, 2023.

REGISTRAR
Debts Recovery Tribunal, Cuttack

GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR
Tel & Fax: 06858-222833 (O), E-mail ID: eerbngpur@yahoo.com
e-Procurement Notice
Bid Identification No. S.E. (R&B) - 01/2023-24/NGP

No. 2129 Date: 12.04.2023

No. B-74: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in.

1. Name of the work : Civil Construction Work as mentioned in DTCN
2. No. of work : 04 Nos.
3. Estimated cost : Rs.174.81 lakhs to 297.00 lakhs
4. Period of Completion : 5 Calendar of months
5. Date & time of bidding : From 11.00 hours of 19.04.2023 upto 16.00 hours of 03.05.2023
6. Last date & time for receipt of bids in portal : 16.00 hours of 03.05.2023
7. Bids received online shall be opened on : 11.00 hours of 04.05.2023
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the www.tendersodisha.gov.in.

Sd./- Superintending Engineer
Nabarangpur (R&B) Division
OIPR-34143/11/0001/2324



ଶୁକ୍ରବାର ରାତିରେ ସମ୍ବଲପୁର ଗେଟି ଟକିଜ ରାସ୍ତାରେ ଥିବା ଏକ ଦୋକାନ ପୋଡ଼ିଯାଇଥିବାବେଳେ ଶନିବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପାଣି ପକାଇ ଲିଭାଉଛନ୍ତି।



ଶନିବାର ସମ୍ବଲପୁରରେ କର୍ଫ୍ୟୁ ବଳବତ୍ତର ଥିବାରୁ ଗ୍ରାମାଞ୍ଚଳର ଜଣେ ବ୍ୟକ୍ତି ମୁଣ୍ଡରେ ସାମଗ୍ରୀ ବୋହି ବିକ୍ରି କରିବାକୁ ଯାଉଛନ୍ତି।

# ଅକଥନୀୟ ଦୁର୍ଦ୍ଦଶା ଭୋଗିଲେ ଜନସାଧାରଣ



ଅଇଁଠାପାଲି ବସ୍‌ଷ୍ଟାଣ୍ଡରୁ ଯାତ୍ରୀମାନେ ଫେରି ଯାଉଛନ୍ତି।

ସମ୍ବଲପୁର,୧୫।୪(ବ୍ୟୁରୋ)

**ପ୍ରଶାସନର ରାତିଅଧିଆ କର୍ଫ୍ୟୁ ଘୋଷଣା**

- ମନଇଚ୍ଛା ଦରଦାମ ବୃଦ୍ଧି, ପ୍ରଶାସନ ଚୁପ
- ଜନସାଧାରଣଙ୍କ ସହଯୋଗ ଲୋଡ଼ିଲେ ଜିଲାପାଳ

ହନୁମାନ ଜୟନ୍ତୀ ଶୋଭାଯାତ୍ରା ଓ ବାଇକ୍ ରାଲି ସମୟରେ ଘଟିଥିବା ହିଂସା ଘଟଣାକୁ ନେଇ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ସହରରେ କର୍ଫ୍ୟୁ ଲଗାଯାଇଛି। ଏହାସହ ଆଉ ୪୮ଘଣ୍ଟା ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି। ଫଳରେ ସମ୍ବଲପୁର ଜିଲାବାସୀ ଗତ ୩ଦିନ ହେଲା ଅକଥନୀୟ ଦୁର୍ଦ୍ଦଶା ଭୋଗିଆସୁଛନ୍ତି। ଶୁକ୍ରବାର ରାତିଅଧିଆ କର୍ଫ୍ୟୁ ଘୋଷଣା ହେବାରୁ ଜନସାଧାରଣ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣାବିକା କରିପାରି ନ ଥିଲେ। ଶନିବାର ସକାଳେ ହଠାତ୍ ବଜାରରେ ଭିଡ ଦେଖିବାକୁ ମିଳିଥିଲା। ହାତଗଣତି କେତେକ ଦୋକାନବଜାର ଖୋଲା ରହିଥିଲା। ସାମଗ୍ରୀ କିଣିବାକୁ ଉକ୍ତ ଦୋକାନଗୁଡ଼ିକରେ ଲମ୍ବା ଧାଡି ଲାଗି ରହିଥିଲା। ସମସ୍ତ ପନିପରିବା ବଜାର ଖୋଲି ନ ଥିଲା। ହାତଗଣତି କେତେଜଣ ବ୍ୟବସାୟୀ ଦେକାନ ଖୋଲିଥିବାବେଳେ ସେମାନେ ମନଇଚ୍ଛା ଦର ବୃଦ୍ଧି କରୁଥିଲେ। ଜରୁରୀ ଆବଶ୍ୟକ ଥିବାରୁ ଲୋକମାନେ ମଧ୍ୟ ବାଧ୍ୟ ହୋଇ କିଣିଥିଲେ। ଦରଦାମ ବୃଦ୍ଧି ନେଇ ଏସ୍‌ଏମ୍‌ସି କିମ୍ବା ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା ବୋଲି ଲୋକେ ଅଭିଯୋଗ କରିଥିଲେ। କର୍ଫ୍ୟୁ ଲାଗୁ କରିବା ପୂର୍ବରୁ କିମ୍ବା ପରେ ପ୍ରଶାସନ ଠିକ୍ ଭାବେ ପରିଚାଳନା କରୁ ନ ଥିବା ମଧ୍ୟ ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବସ୍, ଅଟୋ ଚଳାଚଳ ପ୍ରଭାବିତ ହୋଇଥିଲା। ଫଳରେ ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳରେ ପହଞ୍ଚିପାରି ନ ଥିଲେ। ଦୋକାନ ବାଜର ବନ୍ଦ ହେବାରୁ କୋଟି କୋଟି ଟଙ୍କା ବ୍ୟବସାୟ କ୍ଷତି ହୋଇଥିଲା। ଅନ୍ୟପଟେ ଜିଲାପାଳ ଅନନ୍ୟା ଦାସ କହିଛନ୍ତି, ଖୁବ୍‌ଶୀଘ୍ର ଶାନ୍ତି ଫେରିଆସିବ। ଉତ୍ତେଜନା ନିୟନ୍ତ୍ରଣକୁ ଆସୁଛି। କର୍ଫ୍ୟୁ ଲାଗି ରହିବ। ପ୍ରଶାସନକୁ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ।

# ସ୍ୱତନ୍ତ୍ର ଅନୁମତିରେ ବ୍ୟବଚ୍ଛେଦ, ୮ ଅଟକ

ସମ୍ବଲପୁର,୧୫।୪(ବ୍ୟୁରୋ)

**ଶୋଭାଯାତ୍ରାରେ ସାମିଲ ଥିବା ଯୁବକଙ୍କୁ ହତ୍ୟା ଘଟଣା**

ସମ୍ବଲପୁର ହନୁମାନ ଜୟନ୍ତୀ ଶୋଭାଯାତ୍ରା ସାରି ଫେରୁଥିବା ସମୟରେ ଟାଉନ ଥାନା ବାଟମଙ୍ଗଳା ମନ୍ଦିର ନିକଟରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ସାନସିଂହାରି ଗ୍ରାମର ଚନ୍ଦ୍ରଶେଖର ମିର୍ଦ୍ଧା (୩୦)ଙ୍କ ମୃତ୍ୟୁ ହୋଇଥିବା ବେଳେ ଭବାନିପାଲି ଗ୍ରାମର ବିଶ୍ୱଜିତ ଶିଖା ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ହତ୍ୟାକାଣ୍ଡ ରାତି ପ୍ରାୟ ୮ଟା ସମୟରେ ହୋଇଥିବା ବେଳେ ବିଳମ୍ବିତ ରାତିରେ ପୋଲିସ ଜିଲାପାଳଙ୍କ ସ୍ୱତନ୍ତ୍ର ଅନୁମତି ନେଇ ବୁର୍ଲା ମେଡିକାଲରେ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ପ୍ରଶାସନ ସହଯୋଗରେ ପରିବାର ଲୋକେ ରୀତିନୀତି ଅନୁସାରେ ଚନ୍ଦ୍ରଶେଖରଙ୍କ ମୃତଦେହ ସତ୍କାର କରିଥିଲେ। ଏହି ଘଟଣାରେ ପୋଲିସ ନିକଟସ୍ଥ ଟିନାପଡାର ୮ଜଣଙ୍କୁ ରାତିଅଧିଆ ଉଠାଇ ଆଣି ଅଟକ ରଖିଛି। ଆବଶ୍ୟକ ତଥ୍ୟପ୍ରମାଣ ସଂଗ୍ରହ କରୁଥିବାବେଳେ ବ୍ୟବହୃତ ମାରଣାସ୍ତ୍ର ମଧ୍ୟ ଜବତ କରିଛି। ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହ ଓ ତାଙ୍କ ସଂଗଠନ ସଦସ୍ୟମାନେ ମୃତକ ପରିବାରଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାସହ ସରକାରୀ ନିୟମ ଅନୁସାରେ ଚନ୍ଦ୍ରଶେଖରଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ପୋଲିସ ପାଖରେ ଦାବି କରିଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇ କହିଛନ୍ତି, ଘଟଣାକୁ ନେଇ ପୋଲିସ ପଦକ୍ଷେପ ଗ୍ରହଣ କରିଛି। ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଶୁକ୍ରବାର ରାତିରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାରେ ସାମିଲ ହୋଇ ଚନ୍ଦ୍ରଶେଖର, ବିଶ୍ୱଜିତ ଓ ତାଙ୍କ ୪ ଜଣ ସାଙ୍ଗ ସାନସିହାରି ଘରକୁ ଫେରୁଥିଲେ। ସେ ସମୟରେ ରିଂରୋଡରେ ହଠାତ୍ ଅଭିଯୁକ୍ତମାନେ ସେମାନଙ୍କୁ ଖଣ୍ଡା, ଭୁଜାଲିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଚନ୍ଦ୍ରଶେଖର, ବିଶ୍ୱଜିତଙ୍କୁ ସଦର ମେଡିକାଲ ନିଆଯାଇଥିଲା। ସେଠାରେ ଚନ୍ଦ୍ରଶେଖରଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ବିଶ୍ୱଜିତଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରିଛନ୍ତି।

# ସ୍ନାତକୋତ୍ତର ଆଇନରେ ରାଜ୍ୟପାଳଙ୍କଠାରୁ ସ୍ୱର୍ଣ୍ଣ ପଦକ

ଖଡ଼ିଆଳ,୧୫।୪(ଡି.ଏନ.ଏ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ପ୍ରତିଭା ଦାଶ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଆଇନ ଏଲଏଲଏମରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୨୦ ମସିହାରେ ୟୁନିଭରସିଟି ଲ କଲେଜ ଭୁବନେଶ୍ୱରରୁ ସେ ସ୍ନାତକ ଏବଂ ୨୦୨୨ରେ ଏଲଏଲଏମ ସାରିଥିଲେ। ଗତ ୧୨ତାରିଖ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ ଗଣେଶୀଚନ୍ଦ୍ର ଲାଲଙ୍କଠାରୁ ସ୍ୱର୍ଣ୍ଣ ପଦକ ପାଇଥିଲେ। ପ୍ରତିଭା ଜଣେ ମେଧାବୀ ଛାତ୍ରୀ ଓ ପ୍ରଥମ ପ୍ରୟାସରେ ଓଜେଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ କରି ସିଭିଲ ଜଜ୍ ପଦବୀରେ ନିଯୁକ୍ତି ପାଇଛନ୍ତି। ତାଙ୍କ ପିତା ପ୍ରସନ୍ନ କୁମାର ଦାଶ ବିଏସ୍‌ଏଫ୍‌ରେ କାର୍ଯ୍ୟ କରୁଥିବା ବେଳେ ମାତା ପ୍ରିୟଦର୍ଶିନୀ ରଥ ଜଣେ ଆଦର୍ଶ ଗୃହିଣୀ। ନିଜ ସଫଳତାର ଶ୍ରେୟ ସେ ନିଜ ପିତାମାତା, ପରିବାର ଓ ଅଧ୍ୟାପକମାନଙ୍କୁ ଦେଇଛନ୍ତି।



ସ୍ୱର୍ଣ୍ଣପଦକ ପାଇଥିବା ପ୍ରତିଭା ଦାଶ।

# ଷୋହଳ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଖଡ଼ିଆଳ,୧୫।୪(ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ଦମାପଲା–ଚିନ୍ଦାଗୁଡ଼ାଠାରେ ପଣା ସଂକ୍ରାନ୍ତି ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ପାଳିତ ହୋଇଯାଇଛି। ୧୨ ତାରିଖ ଗାଁର ଶହଶହ ମହିଳା ଓ ପୁରୁଷ ବୈଦେହୀ ସାଗରରୁ କଳସ ଯାତ୍ରାରେ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ୧୩ ତାରିଖ ସକାଳରୁ ବଲାଙ୍ଗୀର କଳାହାଣ୍ଡି ତଥା ଆଖପାଖ ଅଞ୍ଚଳର ବଛାବଛା ମହିଳା ଓ ପୁରୁଷ ସଂକୀର୍ତ୍ତନ ଦଳ ଦ୍ୱାରା ଭଗବାନଙ୍କ ହରେକୃଷ୍ଣ ହରେରାମ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ସଂକୀର୍ତ୍ତନ ଦଳମାନଙ୍କ ଚିତାକର୍ଷକ ଗୀତବାଦ୍ୟ ଓ ନୃତ୍ୟରେ ଦର୍ଶକ ଝୁମି ଭଗବାନଙ୍କ ନାମରସ ପାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦମାପଲାର ଜଗବନ୍ଧୁ ପଟେଲ ଓ ତାଙ୍କ ସ୍ତ୍ରୀ ଲୁକେଶ୍ୱରୀ ପଟେଲ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିଲେ। କାର୍ତ୍ତିକ ବିଶି, ଯତୀନ୍ଦ୍ର ବିଶି, ନନ୍ଦ କିଶୋର ପ୍ରଧାନୀ, ଅଚ୍ୟୁତାନନ୍ଦ ପଟେଲ, ଉଗ୍ରସେନ ରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଷୋହଳ ପ୍ରହର ନାମଯଜ୍ଞ ଚାଲିଛି।

# ଆମ୍ବେଦ୍‌କରଙ୍କ ଜୟନ୍ତୀ, ପ୍ରତିମୂର୍ତ୍ତି ଉନ୍ମୋଚନ

ଖଡ଼ିଆଳ,୧୫।୪(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ଖେଳ ପଡିଆଠାରେ ବାବା ସାହେବ ଆମ୍ବେଡ଼କରଙ୍କ ୧୩୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ଖଡ଼ିଆଳ ଆମ୍ବେଡ଼କର ଛକ ଠାରେ ଥିବା ବାବା ସାହେବଙ୍କ ପ୍ରତିମୂର୍ତ୍ତିକୁ ଉଦ୍‌ଘାଟନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ। ପରେ ଏକ ବିରାଟ ଶୋଭାଯାତ୍ରାରେ ହଜାର ହଜାର ଆମ୍ବେଡ଼କର ପ୍ରେମୀ ଖଡ଼ିଆଳ ସହର ପରିକ୍ରମା କରିଥିଲେ। ସନ୍ଧ୍ୟାରେ ଆୟୋଜିତ ସଭାରେ ସଭାପତିତ୍ୱ କରିଥିଲେ ଆମ୍ବେଡ଼କର ପରିବାର ସଭାପତି ନିମାଇଁଚରଣ ତାଣ୍ଡି, ମୁଖ୍ୟ ଅତିଥି ଭାବେ ଯୋଜନା ଓ ସଂଯୋଜକ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଖଡ଼ିଆଳ ନଗରପାଳ ଉଜ୍ଜଳ ଗୁପ୍ତା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ସଦସ୍ୟା ମନ୍ଦାକିନୀ ବଘେଲ, ନୂଆପଡ଼ା ବିଜେଡ଼ି ମହିଳା ସଭାନେତ୍ରୀ ସରସତୀ ବାଗ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିରସେନ ବେହେରା, ମୁଖ୍ୟବକ୍ତା ଅଧ୍ୟାପକ ସମୁଏଲ ଦାନୀ, ଅନ୍ୟତମ ଅତିଥି, ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ମୁଙ୍ଗୁଳି ସମାଜ ଉପ ସଭାପତି ରୁଦ୍ରରାଜ ବାଗ, ହାଡ଼ିପା ଗୁରୁ ସମାଜ ଉପ ସଭାପତି ସୁରେନ୍ଦ୍ର କୁମାର ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି ଆମ ଆଦମୀ ପାର୍ଟି ପକ୍ଷରୁ ପାଳନ କରାଯାଇଥିଲା। ପରୀକ୍ଷିତ ଯୁକ୍ତ ଦୁଇ କଲେଜରେ ପାଳିତ ହୋଇଥିଲା । ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


**ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର**

**ଏକାମ୍ର ହାଟ, ଭୁବନେଶ୍ୱରରେ ଷ୍ଟଲ ଆବଣ୍ଟନ ନିମନ୍ତେ ଦରଖାସ୍ତ ଆହ୍ୱାନ**

ବିଜ୍ଞାପନ ସଂଖ୍ୟା: ୧୨୧୫ ତାରିଖ: ୧୩।୦୪।୨୦୨୩

No. PP-04: ରାଜ୍ୟର ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନଙ୍କଠାରୁ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ବିକ୍ରୟ ଓ ପ୍ରଦର୍ଶନ ନିମନ୍ତେ ଏକାମ୍ର ହାଟରେ ଷ୍ଟଲ ଭଡ଼ା ସୂତ୍ରେ ଆବଣ୍ଟନ ପାଇଁ ନିର୍ଦ୍ଦିଷ୍ଟ ଆବେଦନ ପତ୍ରରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ୨୦୨୩-୨୪ ବର୍ଷ ପାଇଁ ଉଦ୍ଦିଷ୍ଟ ପ୍ରଦର୍ଶନୀ ପଞ୍ଜିକାରେ ଖାଲି ରହିଥିବା ସମୟ ୨୨।୦୫।୨୦୨୩ଠାରୁ ୩୧।୦୫।୨୦୨୩, ୦୧।୦୭।୨୦୨୩ଠାରୁ ୩୧।୦୭।୨୦୨୩ ଓ ୧୬।୧୧।୨୦୨୩ଠାରୁ ୩୦।୧୧।୨୦୨୩ ପାଇଁ କେବଳ ଏହି ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆବେଦନ ପତ୍ର ଓ ସର୍ତ୍ତାବଳୀ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନର ୱେବ୍‌ସାଇଟ୍ **www.sidacodisha.org.in**ରେ ଉପଲବ୍ଧ ଅଛି। ଆଗ୍ରହୀ ହସ୍ତଶିଳ୍ପ କାରିଗର ଓ ହସ୍ତତନ୍ତ ବୁଣାକାରମାନେ ନିଜର ସୁବିଧା ମୁତାବକ ସର୍ବନିମ୍ନ ୧ଟି ଓ ସର୍ବାଧିକ ୩ଟି ଅବଧି ପାଇଁ ଆବେଦନ କରିପାରିବେ। ପୂରଣ ହୋଇଥିବା ଆବେଦନ ପତ୍ର ଓ ଆବଶ୍ୟକୀୟ ଦସ୍ତାବିଜ ଆସନ୍ତା ତା୨୯।୦୪।୨୦୨୩ରିଖ ସନ୍ଧ୍ୟା ୫.୦୦ ସୁଦ୍ଧା, ନିଜ ଜିଲ୍ଲାର ସମ୍ପୃକ୍ତ ସହକାରୀ ନିର୍ଦ୍ଦେଶକ ହସ୍ତଶିଳ୍ପ/ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। କର୍ତ୍ତୃପକ୍ଷ ବିନା କୌଣସି କାରଣ ଦର୍ଶାଇ ନିର୍ଦ୍ଦିଷ୍ଟ କିମ୍ବା ସମସ୍ତ ଆବେଦନକୁ ଗ୍ରହଣ ଅଥବା ପ୍ରତ୍ୟାଖ୍ୟାନ କରିପାରିବେ।

**ଅତିରିକ୍ତ ସଚିବ**

SIDAC **ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ**
ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର
ହାଣ୍ଡିକ୍ରାଫ୍ଟ କମ୍ପ୍ଲେକ୍ସ, ଗଣ୍ଡମୁଣ୍ଡା, ପୋ.: ଖଣ୍ଡଗିରି, ଭୁବନେଶ୍ୱର – ୭୫୧୦୩୦
ଫୋନ୍: ୦୬୭୪–୨୩୫୦୩୧୮, ଇମେଲ୍: sidacorissa@gmail.com
OIPR-31001/11/0001/2324



**JHRKHAND STATE BEVERAGES CORPORATION LTD. RANCHI**
(A GOVT. OF JHARKHAND UNDERTAKING)
Corporate Identification No :-U51228JH2010SGC014519, TIN No – 20520108277
E-mail :- jsbcl.jharkhand@gmail.com
Utpad Bhawan, Ground Floor, Near New Police Station, Kanke Road, Ranchi - 834008

Letter No :-780 Date-15.04.2023

**Corrigendum**

E- Tenders are invited for empanelment of placement agency for supply of manpower for retail vending shops of JSBCL in the designated three (03) zones within the state of Jharkhand through e-tender process vide E Tender Notice No :- JSBCL/08, Dated :- 10.04.2023, PR No.-294784 have been ammended as follows.

**Important dates**

| S.N. | Particulars | Previous Date | Previous Time | Extended Date | Extended Time |
|---|---|---|---|---|---|
| 1 | Last date/closing date for submission of E-Tender | 17/04/2023 | 04:00 P.M. | 20/04/2023 | 04:00 P.M. |
| 5 | Last date for submission of document (Hard copy) in the JSBCL office. | 17/04/2023 | 06:00 P.M. | 20/04/2023 | 06:00 P.M. |
| 6 | Online opening of Technical Bid. | 18/04/2023 | 11:00 A.M. | 21/04/2023 | 11:00 A.M. |

Note :-
1) For details of tender terms & conditions please visit website https://jharkhandtenders.gov.in & http://jsbcl.in from the dates mentioned above.
2) Bidders has to submit their bids online through https://jharkhandtenders.gov.in and physical copy of the same is to be submitted in JSBCL (HQ) at Ranchi.

Sd/-
Managing Director
Jharkhand State Beverages Corporation Ltd.
Jharkhand, Ranchi

PR 295221 Excise (23-24)_D



**GOVERNMENT OF ODISHA**
**"e" PROCUREMENT NOTICE**
**Bid Identification No. 02 of 2023-24**

No. O-47: The Superintending Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different blocks under Balangir District.

1. Nature of Work : Construction of ESR, UGR, pump house with laying of rising main and distribution in different villages of Balangir district.
2. Total No. of Work : 03 Nos.
3. Estimated Cost : Rs.245.78 lakh to 521.16 lakh
4. Eligible Class of Contractor : "B", "A" Contractor
5. Period of Completion : Eighteen Months
6. Other Details :

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To |
|---|---|---|---|
| Superintending Engineer, RWSS Division, Balangir | 02 of 2023 - 24 | Dt.21.04.2023 at 11.00 hrs. | Dt.03.05.2023 upto 17.00 hrs. |

Further details can be had in the DTCN available in the website **www.tendersodisha.gov.in**.

**Sd./- Superintending Engineer**
**RWS&S Division, Balangir**
**OIPR-25033/11/0003/2324**



**NOTICE**

No. C-94: One Lab Technician (only Women/Transgender person of locality) will be hired for Dhenkanal Faecal Sludge Treatment Plant (FSTP), Ward No. 08, Banjhakusuma, Mahisapat, which has to be operated by SHG/Mission Shakti Group.

**Qualification:**
1. **Compulsory:** M.Sc. in Chemistry/M.Sc. Biochemistry/M.Sc. Environmental Science or any equivalent degree and B.Sc. Chemistry, I.Sc. Chemistry.

**Job Role:**
1. To support the CLF/ALF/Mission Shakti Group/Transgender Group towards adherence to the standardized SOP for O&M of the FSTP.
2. To perform all the tests required to be done at the FSTP at every interface as per SOP developed by OWSSB.
3. To maintain record of all data generated and ensure sufficient inventory of all consumables required at the FSTP.
4. To coordinate with the ULB on O&M of FSTP.
5. To seek technical support from OWSSB and ULB as and when required.

**Remuneration: Rs.15000/- per month (Consolidated)**
- Interested candidates may send their CV (with personal Email Id and Mobile No.) to **sulochana.sahu111@gmail.com** by **18.04.2023**.
- For any query kindly Contact: **7008928613, 8456047739**.

**Sd./- ALF President**
**Jeevan Jyoti ALF, Dhenkanal**
OIPR-13146/11/0003/2324



**NOTICE**
**IN THE DEBTS RECOVERY TRIBUNAL, CUTTACK**
C-71, SECTOR-7, CDA, CUTTACK-753014
**O.A. No. 817 OF 2022**

State Bank of India, Stressed Asset Recovery Branch, Bhubaneswar........ Applicant
-Versus-
M/s. S. R. Beverages and others........ Defendants

To,
1. **M/s. S. R. Beverages,** Proprietorship Firm At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050, Represented by its **Prop.: Mrs. Sasmita Ray**
2. **Mrs. Sasmita Ray,** W/o.: Mr. Prasanta Kumar Ray, At: Plot No.: 91, Bisipada, Tirimalla, Near Argul Station, P.O.: Jatni, District: Khurda, Pin-752050
3. **Mr. Prasanta Kumar Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
4. **Mr. Dusmanta Ray,** S/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050
5. **Mrs. Chanchala Ray,** W/o.: Late Godabarish Ray, At: Bisiapada, P.O.: Tirimalla, Via: Jatni, District: Khurda, Pin-752050 ... Defendants

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 817 of 2022** in the court of Debts Recovery Tribunal at Cuttack for recovery of ₹ **22,67,294/-** only together with current and future interest, costs and other reliefs. The above mentioned defendants are therefore hereby directed to appear before the Registrar of this Tribunal in person or through an Advocate or duly authorised agent, in support of their defence to show cause on **Dt. 31.05.2023 at 10.30 AM** as to why reliefs prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this the **11th day of April, 2023.**

**REGISTRAR**
**Debts Recovery Tribunal, Cuttack**



GOVERNMENT OF ODISHA
**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**
Tel & Fax: 06858-222833 (O), E-mail ID: eerbngpur@yahoo.com
**e-Procurement Notice**
Bid Identification No. S.E. (R&B) - 01/2023-24/NGP

**No. 2129** **Date: 12.04.2023**

No. B-74: Bid documents consisting of work, estimated cost, cost of tender paper, EMD, time of completion, class of contractors and the set of terms and conditions of contract and other necessary documents can be seen in Govt. website i.e. **www.tendersodisha.gov.in**.

1. Name of the work : Civil Construction Work as mentioned in DTCN
2. No. of work : 04 Nos.
3. Estimated cost : Rs.174.81 lakhs to 297.00 lakhs
4. Period of Completion : 5 Calendar of months
5. Date & time of bidding : From 11.00 hours of 19.04.2023 upto 16.00 hours of 03.05.2023
6. Last date & time for receipt of bids in portal : 16.00 hours of 03.05.2023
7. Bids received online shall be opened on : 11.00 hours of 04.05.2023
8. Name and address of the Officer Inviting Bid : Superintending Engineer, Nabarangpur (R&B) Division, Nabarangpur

Further details can be seen from the **www.tendersodisha.gov.in**.

**Sd./- Superintending Engineer**
**Nabarangpur (R&B) Division**
OIPR-34143/11/0001/2324

## ହନୁମାନ ଜୟନ୍ତୀ ଉପଲକ୍ଷେ ଶୋଭାଯାତ୍ରା

ଭବାନୀପାଟଣା,(ସଂପ୍ର): କଳାହାଣ୍ଡି ଜିଲା ଭବାନୀପାଟଣାରେ ହନୁମାନ ଜୟନ୍ତୀ ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ମହାବୀର ସେନା ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କରାଯାଇଥିଲା। ଏହି ସମୟରେ ରାଜରାସ୍ତା ଗେରୁଆ ମୟ ହୋଇଉଠିଥିଲା। ହନୁମାନ ଜୟନ୍ତୀ ପୂର୍ବରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଟାଉନ ଥାନା ପକ୍ଷରୁ ଏକ ଶାନ୍ତି କମିଟି ଗଠନ କରଯାଇଥିଲା।

## ସଂକ୍ଷେପରେ

### ରେଲୱେ ପ୍ଲାଟଫର୍ମରୁ ଯୁବକଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ,୧୫।୪:** ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର-୨ରୁ ରାଉରକେଲା ଜିଆର୍‌ପି ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଶନିବାର ଜବତ କରିଛି। ରିପୋର୍ଟ ଲେଖିବା (ରାତି ୮ଟା) ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ତାଙ୍କୁ ପାଖାପାଖି ୩୫ ବର୍ଷ ହେବ। ଜିଆର୍‌ପି ପୋଲିସ ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ କରୁଛି। ମୃତ ଯୁବକ ଜଣଙ୍କ ପ୍ଲାଟଫର୍ମରେ ଭିକ୍ଷାବୃତ୍ତି କରୁଥିବାବେଳେ ଅସୁସ୍ଥ ହୋଇପଡିବାରୁ ଏଭଳି ଅଘଟଣ ଘଟିଥିବା ପୋଲିସ ଅନୁମାନ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୯।୨୩) ରୁଜୁ ହୋଇଛି।

### ସ୍ତ୍ରୀଙ୍କୁ ମାଡ଼ ମାରିବାକୁ ନେଇ ଅଭିଯୋଗ

**ରାଉରକେଲା ଅଫିସ,୧୫।୪:** ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର ଅଞ୍ଚଳରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୯।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ସେକ୍ଟର-୨୦ ଭାଟିଟୋଲା ବସ୍ତିର ସୌଦାମିନୀ ନାୟକଙ୍କୁ ତାଙ୍କ ସ୍ୱାମୀ ପ୍ରମୋଦ ନାୟକ ଗତ ୩ ମାସ ହେଲା ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସୌଦାମିନୀ ବାପ ଘର ଲୋକଙ୍କୁ ଜଣାଇଥିଲେ। ମାତ୍ର ଝିଅର ସଂସାର ଭାଙ୍ଗି ନ ଯାଉ କହି ବାପଘର ଲୋକେ ତାଙ୍କୁ ବୁଝାସୁଝା କରି ସ୍ୱାମୀଙ୍କ ସହ ମିଶି ରହିବାକୁ ପରାମର୍ଶ ଦେଇଥିଲେ। ତେବେ ଶନିବାର ସକାଳ ସାଢେ ୮ଟାରେ ପ୍ରମୋଦ କୌଣସି କଥାକୁ ନେଇ ସୌଦାମିନୀଙ୍କୁ ପୁଣି ମାଡ଼ ମାରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ଟଙ୍କା ଲୁଟ୍ ଅଭିଯୋଗ, ଯୁବକଙ୍କୁ ବାନ୍ଧିଲା ଝାଡ଼ଖଣ୍ଡ ପୋଲିସ

**ରାଉରକେଲା ଅଫିସ,୧୫।୪:** ଜଣେ ସୁନା ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ ଅଭିଯୋଗରେ ଝାଡ଼ଖଣ୍ଡ ପୋଲିସ ରାଉରକେଲାରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଲଗୋଦାମ ଅଞ୍ଚଳର ବିଶାଲ ମଣ୍ଡଳ(୩୨)। ସୂଚନାଯୋଗ୍ୟ, ଦିଲ୍ଲୀରୁ ଜଣେ ସୁନା ବ୍ୟବସାୟୀଙ୍କ ଠାରୁ କିଛି ଦୁର୍ବୃତ୍ତ ୬ କୋଟି ୭୫ ଲକ୍ଷ ଟଙ୍କା ଲୁଟ୍ କରି ଝାଡ଼ଖଣ୍ଡକୁ ଫେରାର ହୋଇଯାଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ପୋଲିସ ତଦନ୍ତ ଚଳାଇଥିବାବେଳେ ଗତ ୫ ତାରିଖରେ ଝାଡ଼ଖଣ୍ଡ ଗୁମଲା ପୋଲିସ ଏକ ବସ୍‌ରୁ ୫ଟି ବ୍ୟାଗରେ ଭର୍ତ୍ତି ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାକୁ ଜବତ କରିଥିଲା। ଏହି ଘଟଣାକୁ ନେଇ ଝାଡ଼ଖଣ୍ଡ ପୋଲିସ ଉକ୍ତ ଅଞ୍ଚଳରୁ ଜଣଙ୍କୁ ଗିରଫ କରିବା ପରେ ଚୋରି ଘଟଣାର ମାଷ୍ଟରମାଇଣ୍ଡ ମାଲଗୋଦାମ ଅଞ୍ଚଳରେ ବିଶାଲ ଥିବା ଜାଣିବାକୁ ପାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଝାଡ଼ଖଣ୍ଡ ପୋଲିସ ରାଉରକେଲାରେ ପହଞ୍ଚି ମାଲଗୋଦାମ ଅଞ୍ଚଳରୁ ବିଶାଲଙ୍କୁ ଗିରଫ କରିଥିଲା।

# କଳାହାଣ୍ଡି ଶିକ୍ଷା ବିଭାଗ ରାଜ୍ୟ ସ୍ତରରେ ପୁରସ୍କୃତ

**ଭବାନୀପାଟଣା,୧୫।୪(ସ୍ୱ.ପ୍ର.)**

ସ୍କାଉଟ୍ ଓ ଗାଇଡ୍‌ର ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନରେ ଉଲ୍ଲେଖନୀୟ ଅବଦାନ ପାଇଁ କଳାହାଣ୍ଡି ଶିକ୍ଷା ବିଭାଗ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛି। ଭୁବନେଶ୍ୱରସ୍ଥିତ ରାଜଭବନ ଅଭିଷେକ ହଲଠାରେ ଶନିବାର ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁରସ୍କାର ପ୍ରଦାନ କରିଛନ୍ତି। କଳାହାଣ୍ଡି ଭାରତ ସ୍କାଉଟ ଓ ଗାଇଡ ମୁଖ୍ୟ କମିଶନର୍ ତଥା ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଓ ଜିଲା ସମ୍ପାଦକ ତଥା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ରାଜ୍ୟ ପୁରସ୍କାର ପରୀକ୍ଷାରେ ଉତ୍ତୀର୍ଣ୍ଣ ଜିଲାର ୧୦୦ରୁ ଉର୍ଦ୍ଧ୍ୱ ସ୍କାଉଟ୍ ଓ ଗାଇଡ୍ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। କଳାହାଣ୍ଡି ସ୍କାଉଟ୍ ଓ ଗାଇଡ୍ ଛାତ୍ରୀଛାତ୍ରଙ୍କ ପ୍ରତିନିଧି ସମୀର ସାଗର ଓ ସରସ୍ୱତୀ



ରାଜ୍ୟପାଳଙ୍କ ଠାରୁ କଳାହାଣ୍ଡି ଜିଲା ଶିକ୍ଷାଧିକାରୀ ତଥା ଶାରୀରିକ ନିରୀକ୍ଷକ ପୁରସ୍କାର ଗ୍ରହଣ କରୁଛନ୍ତି।

**ସ୍କାଉଟ୍ ଓ ଗାଇଡ୍‌ରେ ଉଲ୍ଲେଖନୀୟ ଅବଦାନ**

ଗୋପାଳ ଏହା ଗ୍ରହଣ କରିଥିଲେ। ଏଥିରେ କ୍ରୀଡ଼ା ଶିକ୍ଷକ ସନାତନ ସାହୁ, ପବିତ୍ର ମୋହନ ପାସା ଓ ବୀଣାପାଣି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କଳାହାଣ୍ଡି ସ୍କାଉଟ ଓ ଗାଇଡ ମୁଖ୍ୟ କମିଶନର ଚୋପଦାରଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରଙ୍କ ଚାରିତ୍ରିକ ବିକାଶ, ବ୍ୟକ୍ତିତ୍ୱ ନିର୍ମାଣ ତଥା ସେବା ମନୋଭାବ ଜାଗ୍ରତ ପାଇଁ ବିଭିନ୍ନ ଅଭିନବ କାର୍ଯ୍ୟକ୍ରମ ଜିଲାରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଛି। ଏହା ଭାରତ ସ୍କାଉଟ୍ ଓ ଗାଇଡ୍ କ୍ଷେତ୍ରରେ ଜାଗରଣ ଆଣିବା ସହ ରାଜ୍ୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ପୂର୍ବରୁ ଶ୍ରେଷ୍ଠ କ୍ୟାମ୍ପୋରି ଜିଲା ଭାବେ କଳାହାଣ୍ଡି ସମ୍ବର୍ଦ୍ଧିତ ହୋଇଥିବା ବେଳେ ଏବେ ଏହି ସଫଳତା ନେଇ ଜିଲାରେ ଖୁସିର ଲହରୀ ଖେଳିଯାଇଛି।

# ମାନବବାଦର ପ୍ରତୀକ ଥିଲେ ଆମ୍ବେଡକର

**ବଲାଙ୍ଗୀର ଅଫିସ, ୧୫।୪**

ବଲାଙ୍ଗୀର ଜିଲା ପୁଇତଲା ବ୍ଲକ ଛତାମଖନା ପଞ୍ଚାୟତ ଅନ୍ତର୍ଗତ ପଡିଆବାହାଲ ଗାଁରେ ଭାରତରତ୍ନ ବାବାସାହେବ ଡ. ବିଆର ଆମ୍ବେଦକରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଛି। ପଞ୍ଚାୟତ ପୂର୍ବତନ ସରପଞ୍ଚ ଜନ୍ମ ବାରିକଙ୍କ ଆବାହକତ୍ୱରେ ତଥା ମୁରଲୀ ମହାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ତରଣୀସେନ ସୁନା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଶ୍ଚିମ ଓଡିଶା ଲକ୍ଷେଘର ଗଣ୍ଡା ସମାଜ ସଭାପତି ଓମ ପ୍ରକାଶ କୁମ୍ଭାର, ଗଣ୍ଡବଜା ପତ୍ରିକା ସମ୍ପାଦକ ତ୍ରିଲୋଚନ ନନ୍ଦ, ବଲାଙ୍ଗୀର ବ୍ଲକ ପୂର୍ବତନ ଅଧ୍ୟକ୍ଷା ଲଳିତା ଦୀପ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ମୁଗ୍ରୀ, ଦ୍ରୋଣ କୁମ୍ଭାର, ତରଣୀସେନ ଦୀପ ଓ ପୂର୍ଣ୍ଣଚନ୍ଦ୍ର ପାଇକ ଯୋଗ ଦେଇଥିଲେ। ବାବା ସାହେବ କୌଣସି ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ମଧ୍ୟରେ ସୀମିତ ନାହାନ୍ତି। ସେ ସମଗ୍ର ମାନବଜାତି ପାଇଁ ସଂଘର୍ଷ କରୁଥିଲେ। ବାସ୍ତବରେ ସେ ମାନବବାଦର ପ୍ରତୀକ ଥିଲେ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଆବାହକ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଚିତ୍ତ ରଞ୍ଜନ ଗହୀର । ସଭାପରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆମ୍ବେଡକର ଥିଲେ ମାନବବାଦର ପ୍ରତିଷ୍ଠାତା

**ଲୋଇସିଂହା,୧୫।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜ ଛକ ସ୍ଥିତ ଆଦିବସୀ କଲ୍ୟାଣ ଭବନରେ ସମ୍ବିଧାନ ପ୍ରଣେତା ବି.ଅର.ଆମ୍ବେଡକର ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଲୋଇସିଂହା, ବୁର୍ଡା ଦେଇ ବୁଢୀପଦର ପର୍ଯ୍ୟନ୍ତ ଯାଇଥିଲା। କଲ୍ୟାଣ ଭବନଠାରେ ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ୟାମସୁନ୍ଦର ଭୋଇ ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ସତ୍ୟନାରାୟଣ ଭୋଇ, ବିନୋଦବିହାରୀ ମଲ୍ଲିକ, ଅତିଥିଭାବେ ଯୋଗଦେଇ ଆମ୍ବେଡକରଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ଦାଶରଥୀ ଭୋଇ, ଲଳିତ ପୁଟା, ଦଶରଥ ଛତ୍ରିଆ, ଦଶରଥ ଭୋଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସେହିପରି ବାଞ୍ଜିପାଲିଠାରେ ଆୟୋଜିତ ଉତ୍ସବରେ ମାଧବ ବାଗ, ବିଜୟ ମହାନନ୍ଦ, ସୁନୀଲ ମହାନନ୍ଦ, ସ୍ଥାନୀୟ ସରପଞ୍ଚ ସୁଦୀପ କୁମାର ସା ଅତିଥିଭାବେ ଯୋଗଦେଇ ଆମ୍ବେଡକରଙ୍କୁ ମାନବବାଦର ପ୍ରତିଷ୍ଠାତା ନାରୀ ମୁକ୍ତିଦାତା, ବିଶ୍ୱରତ୍ନ ବୋଲି ମତବ୍ୟକ୍ତ କରିଥିଲେ। ଦେଶ ଓ ସମାଜ ପାଇଁ ରହିଥିବା ତାଙ୍କ ବହୁମୂଲ୍ୟ ତ୍ୟାଗ, ଯୋଗଦାନ ଏବଂ ବିଚାରଧାର ଉପରେ ଆଲୋଚନା କରାଯାଇଥିଲା। ରମାକାନ୍ତ ଦୀପ ସଭା ସଂଯୋଜନା କରିଥିଲେ।

# ସଂସ୍କୃତ ପରିଷଦର ବାର୍ଷିକ ଅଧିବେଶନ

**ବଲାଙ୍ଗୀର ଅଫିସ, ୧୫।୪**

ସ୍ଥାନୀୟ ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ସଂସ୍କୃତ ପରିଷଦର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିଷଦ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି ତଥା ହନୁମାନ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। ସଭାପତି ନାମଯଜ୍ଞ ମିଶ୍ରଙ୍କ ସଭାପତିତ୍ୱରେ ଟୀକେଶ୍ୱର ଗୁରୁ ଓ ନୀଳମଣି ମିଶ୍ର, ଲୋଇସିଂହା ମହାବିଦ୍ୟାଳୟ ଅର୍ଥନୀତି ଅଧାପକ ଡକ୍ଟର ସନ୍ତୋଷ କୁମାର ମେହେର ଦୀପ ପ୍ରଜ୍ବଳନ କରିଥିଲେ। ପଣ୍ଡିତ ବ୍ରଜ ବିହାରୀ ତ୍ରିପାଠୀ ବେଦ ପାଠ କରିଥିଲେ । ସଭାପତିଙ୍କ ମଙ୍ଗଳାଚରଣ ଏବଂ ସଭାର ଉଦ୍ଦେଶ୍ୟ ଜ୍ଞାପନ ପରେ ମୁଖ୍ୟବକ୍ତା ଡ. ମେହେର ବକ୍ତବ୍ୟ ରଖିଥିଲେ। ରାଧାକାନ୍ତ ମିଶ୍ର ବିଷୁବ ସଂକ୍ରାନ୍ତି ଓ ହନୁମାନ ଜନ୍ମବୃତ୍ତାନ୍ତକୁ ଆଧାର କରି ଭାଷଣ ଦେଇଥିଲେ। ସମ୍ପାଦକ ଜୟରାମ ମିଶ୍ର ବାର୍ଷିକ ବିବରଣୀ ପାଠ କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ


ସଂସ୍କୃତ ପରିଷଦର ବାର୍ଷିକ ଅଧିବେଷନରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା।

କରିଥିଲେ । ସହସମ୍ପାଦକ ରାଜକିଶୋର ପଣ୍ଡା ମଞ୍ଚ ପରିଚାଳନା ଓ ଅତିଥି ପରିଚୟ କରାଇବା ସହ ଆର୍ଥିକ ବିବରଣୀ ପାଠ କରିଥିଲେ। ପରିଷଦର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ଏହି ତ୍ରୈବାର୍ଷିକ ଅଧିବେଶନରେ ଉପସ୍ଥିତ ୨୨ ଜଣ ସଭ୍ୟମାନଙ୍କ ଦ୍ୱାରା ନୂତନ କର୍ମକର୍ତ୍ତା ଚୟନ ଓ ମନୋନୟନ କାର୍ଯ୍ୟ ସାମୟିକ ନିର୍ବାଚନ ଅଧିକାରୀ ରାଧାକାନ୍ତ ମିଶ୍ରଙ୍କ ଉପସ୍ଥିତିରେ ହୋଇଥିଲା। ଏହି ଅଧିବେଶନରେ ସର୍ବସମ୍ମତିକ୍ରମେ ନୀଳମଣି ମିଶ୍ର ସଭାପତି, ଡ.ଦୈତାରୀ ପୂଜାରୀ ଉପସଭାପତି, ଜୟରାମ ମିଶ୍ର ସମ୍ପାଦକ, ଧନଞ୍ଜୟ ମିଶ୍ର ଓ ସଂକୀର୍ତ୍ତନ ତ୍ରିପାଠୀ ସହସମ୍ପାଦକ, ରାଜ କିଶୋର ପଣ୍ଡା କୋଷାଧକ୍ଷ ଏବଂ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ଟୀକେଶ୍ୱର ଗୁରୁ, ନାମଯଜ୍ଞ ମିଶ୍ର, ସତ୍ୟବନ୍ତ ବେଦବାକ, ରାଧାକାନ୍ତ ମିଶ୍ର, କିଶୋର ମୋହନ ମିଶ୍ର, ପର୍ଶୁରାମ ନାୟକ, ମଦନ ମୋହନ ରଥ, ଆହ୍ଲାଦ କୁମାର ପୂଜାରୀ ଓ ବ୍ରଜ ବିହାରୀ ତ୍ରିପାଠୀ ମନୋନୀତ ହୋଇଥିଲେ।

### ଦେଶୀ ମଦ ଜବତ, ୮ ଗିରଫ

**ରାଉରକେଲା ଅଫିସ,୧୫।୪**

ରାଉରକେଲା ଅବକାରୀ ପୋଲିସ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝାରତରଙ୍ଗ ବସ୍ତି ଓ ମାରଙ୍ଗଡିହି ଅଞ୍ଚଳରେ ଶନିବାର ଚଢାଉ କରିଥିଲା। ଚଢାଉ ସମୟରେ ପୋଲିସ ୨୧୨ ଲିଟର ନକଲି ଦେଶୀ ମଦ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଦ ଟୋପୋ, ସୁଗି ବେଜ, ସରକାର ବେକ, ଚନ୍ଦୁ କେରକେଟ୍ଟା, ବିରାଶ ଧନୱାର, ବିଟନି ଖେସ, ମୀନା ଖେସ ଓ ବିରେନ ବାର୍ଲା। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

### ଅଜଣା ବୃଦ୍ଧଙ୍କ ମୃତଦେହ ଜବତ

**କୁଆଁରମୁଣ୍ଡା,୧୫।୪(ଡି.ଏନ.ଏ.)**

କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଜଗଦୀଶପୁର ନାଳରେ ଶନିବାର ଏକ ଅଜଣା ବୃଦ୍ଧଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଫାଣ୍ଡି ପୋଲିସ ଜବତ କରିଛି। ମୃତକଙ୍କ ବୟସ ୬୦ରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ ଅନୁମାନ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ସ୍ୱଚ୍ଛତା ପକ୍ଷ ସଚେତନତା ଶୋଭାଯାତ୍ରା

**କୁଆଁରମୁଣ୍ଡା,୧୫।୪(ଡି.ଏନ.ଏ.)**

କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ସ୍ୱଚ୍ଛତା ପକ୍ଷ ସଚେତନତା ଶୋଭାଯାତ୍ରା ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ଶ୍ରୀମନ୍ତ ପଟ୍ଟନାୟକ ଅଧକ୍ଷତା କରିଥିଲେ। ଏହା ସହ ସ୍ୱେଚ୍ଛାସେବୀ ସଙ୍ଗଠନ ସଂସ୍କାର ଓ ହର୍ଷ ଟ୍ରଷ୍ଟର ସଭ୍ୟ ଅମୂଲ୍ୟ ଜେନା, ଘନଶ୍ୟାମ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାଥମିକ କୃଷି ସମବାୟ ସମିତି ଲିଃ ଉଦ୍‌ଘାଟିତ


ଉଦଘାଟନୀ ସମାରୋହରେ ଜୁନାଗଡ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

**ଜୁନାଗଡ,୧୫।୪(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଲ ପଞ୍ଚାୟତରେ ଶନିବାର ଏକ ପ୍ରାଥମିକ କୃଷି ସମବାୟ ସମିତି ଲିଃ ଉଦ୍‌ଘାଟିତ ହୋଇଯାଇଛି। ଜୁନାଗଡ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଏହି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ଅଞ୍ଚଳର ଅନେକ ଚାଷୀ ଉପକୃତ ହୋଇପାରିବେ ବୋଲି କହିଥିଲେ। ଦୁନ୍ଦେଲମାଲ ସରପଞ୍ଚ ଜ୍ୟୋତି ବେମାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟବକ୍ତା ଭାବେ ଭବାନୀପାଟଣା କେନ୍ଦ୍ର ସମବାୟ ସମିତି ଲିଃ ର ସଭାପତି ଗିରିଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜୁନାଗଡ ବ୍ଲକ ଅଧକ୍ଷା ସବିତା ମେହେର, ବ୍ଲକ ଉପାଧକ୍ଷ ପ୍ରମୋଦ ବେହେରା, ସମିତି ସଭ୍ୟ ବଳି ସୁନାନୀ, ସ୍ଥାନୀୟ ସମବାୟ ସମିତିର ସଭାପତି ଉଜ୍ଜ୍ୱଳ ବେମାଲ, ସମ୍ପାଦକ ଲଳିତ ମୋହନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ମଧୁସୁଦନ ତାଣ୍ଡି ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ଜିଲା ପରିଷଦ ସଭ୍ୟ ହରେକୃଷ୍ଣ ମାଝୀ ଧନ୍ୟବାଦ ଦେଇଥିଲେ।

# ମାଲପଡା ବ୍ରାହ୍ମଣ ସମାଜର ମାସିକ ଆଲୋଚନାଚକ୍ର

**ବଲାଙ୍ଗୀର ଅଫିସ, ୧୫।୪**

ବଲାଙ୍ଗୀର ମାଲପଡା ବ୍ରାହ୍ମଣ ସମାଜର ମାସିକ ଆଲୋଚନାଚକ୍ର ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଥିଲା। ଗୀତାସାର ଉପରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଶିକ୍ଷଣୀୟ ମଣ୍ଡଳ ପୂର୍ବତନ ପ୍ରାଦେଶିକ ସାଧାରଣ ସମ୍ପାଦକ ଧର୍ମବ୍ରତ ରଥ ଯୋଗଦେଇ ଜୀବନର ସମସ୍ତ ସମସ୍ୟାର ସମାଧାନ ଗୀତାରେ ରହିଛି। ଏହା ପଠନ ଦ୍ୱାରା ମନ ପରିଷ୍କାର ଏବଂ ଶରୀର ରୋଗମୁକ୍ତ ହୋଇଥାଏ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଗୋପବନ୍ଧୁ ପୁରୋହିତ, ରାଜେଶ


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି, କାର୍ଯ୍ୟକର୍ତ୍ତା।

ପାଣିଗ୍ରାହୀ, ଦିବାକର ହୋତା, ଯୁଧିଷ୍ଠିର ମିଶ୍ର, ଗୋପାଳ କର, ନାରାୟଣ ମିଶ୍ର, ନାରାୟଣ ପାଢୀ, ସରୋଜ ଯୋଷୀ, ଯୁଗଳ ମହାପାତ୍ର, ପ୍ରସନ୍ନ ମିଶ୍ର ଉପସ୍ଥିତ ଥିଲେ।ସମ୍ପାଦକ ଆକୁଳ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଙ୍କୁର ଶିଶୁ ସାହିତ୍ୟ ସଂସଦ ବାର୍ଷିକ ଉତ୍ସବ

**ବଲାଙ୍ଗୀର ଅଫିସ, ୧୫।୪**

ବଲାଙ୍ଗୀର ଅଙ୍କୁର ଶିଶୁ ସାହିତ୍ୟ ସଂସଦର ଦଶମ ପ୍ରତିଷ୍ଠା ଦିବସ ସଭାପତି କସ୍ତୁରୀ ରଥଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନ


ସାହିତ୍ୟିକ ରଘୁନାଥ ବାବୁଙ୍କୁ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଅଙ୍କୁର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରୁଛନ୍ତି।

ବାଳିକା ବିଦ୍ୟାଳୟ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ସାହିତ୍ୟ ସର୍ଜନା ପାଇଁ ରଘୁନାଥ ବାବୁଙ୍କୁ ଅଙ୍କୁର ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ଡା. ଅଶୋକ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନ ସଂସ୍ଥାପକ ମଦନ ମୋହନ ରଥ ଅନୁଷ୍ଠାନର ଭବିଷ୍ୟତ ରୂପରେଖ ଉପରେ ମତ ରଖିଥିଲେ। ପୂର୍ବରୁ ଧୀରେନ୍ଦ୍ର ନାରାୟଣ ସିଂଦେଓଙ୍କ ସଂଯୋଜନାରେ ଏକ କବିତା ପାଠ ହୋଇଥିଲା। ଏହି କବିତା ପାଠରେ ହୃଷୀକେଶ ପୁରୋହିତ, ବଳିଷ୍ଠ ପ୍ରଧାନ, ରତୀ ରଣା, ପୂଜା ସେଠ, ତପସ୍ୱିନୀ ପଶାୟତ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଧର୍ମେନ୍ଦ୍ର ପ୍ରଧାନ, ଜ୍ୟୋତିରାଣୀ ମିଶ୍ର, ଗିରିଜା ଶଙ୍କର ରଥ, ବ୍ରହ୍ମାନନ୍ଦ ବନଛୋର, କପିଳ ପତି, ରମାକାନ୍ତ ନାଏକ, ମୃଗେଶ ବୈଷ୍ଣବ ପାଣିଗ୍ରାହୀ, ସବିତା ମହରା, ଉମେଶ ବିଶ୍ୱାଳ ଓ ଚୁମକୀ ଦାଶ ସ୍ୱରଚିତ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୀତାଂଶୁ ନାୟକ, ମଧୁ ସାହୁ, ସୁନାଧର ବନଛୋର, ଚୂଡେନ୍ଦ୍ର କୁମାର ବେହେରା, ଅରୁଣ ଖୁଆସ ଓ କହ୍ନେଇ ଭରାସାଗର ସହଯୋଗ କରିଥିଲେ। କବି ରତ୍ନମୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହିତ୍ୟ, ସଂସ୍କୃତି ପକ୍ଷରୁ ବିଷୁବ ମିଳନ

**ଟିଟିଲାଗଡ଼,୧୫।୪ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ପ୍ରଭାବତୀ ପବ୍ଲିକ ସ୍କୁଲ ପରିସରରେ ସାହିତ୍ୟ, ସଂସ୍କୃତି ଅନୁଷ୍ଠାନ ଟିଟିଲାଗଡ ପକ୍ଷରୁ ବିଷୁବ ମିଳନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଚିବ ଡ. ନୃପରାଜ ସାହୁ, ସମ୍ମାନୀତ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଗୋପୀନାଥ ବାଗ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାରମ୍ଭିକ ସଙ୍ଗୀତ ପର୍ଶୁରାମ ବାଗ ଓ ସାଥୀ, ରାଜୀବ ଲୋଚନ ପାଢୀ ଉଦ୍ଦେଶ୍ୟ ଜ୍ଞାପନ, ସମ୍ପାଦକ ସତ୍ୟବ୍ରତ ପଣ୍ଡା ବିବରଣୀ ପାଠ ଓ ପ୍ରମୋଦ ପାଲ ଧନ୍ୟବାଦ ଅର୍ପଣ


ଅତିଥି ବୃନ୍ଦ ଅନୁଷ୍ଠାନର ବାର୍ଷିକ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

କରିଥିଲେ। ଏହି ଅବସରରେ ଡ. ସଞ୍ଜୟ ମିଶ୍ରଙ୍କୁ ବିଷୁବ ସମ୍ମାନ, ସୁରେନ୍ଦ୍ର ଚନ୍ଦ୍ର ନାଗଙ୍କୁ ଶିକ୍ଷା ସମ୍ମାନ, ପର୍ଶୁରାମ ବାଗ, ନରେନ୍ଦ୍ର ମହାନ୍ତିଙ୍କୁ ଶିଳ୍ପୀ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷାବିତ୍ ଉମେଶ ଚନ୍ଦ୍ର ଦାଶ ମାନପତ୍ର ପାଠ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବାର୍ଷିକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ଅବସରପ୍ରାପ୍ତ ଇଂ. ଅନିରୁଦ୍ଧ ସାହୁଙ୍କ ପରିବାର ପକ୍ଷରୁ ପୁସ୍ତକ ପ୍ରକାଶନ ନେଇ ସହାୟତା କରିଥିବା ନେଇ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସପତ୍ନୀକ ସମ୍ମାନୀତ କରାଯାଇଥିଲା। ଲେଖକ ସେବକ ଚରଣ ଦାଶଙ୍କ ୩୨ତମ କୋଶଲି କାହାଣୀ ପୁସ୍ତକ 'ତାଲ ଖୁପୁଡି'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରାମ ଠାକୁର, ଜଗନ୍ନାଥ ପଣ୍ଡା, ଡ. ଗୋବର୍ଦ୍ଧନ ସାହୁ, ଡ. ଯୁଗଳ କିଶୋର ଷଡଙ୍ଗୀ, ଡା. ଘନଶ୍ୟାମ ଜୈନ, ଭିକାରି ମିଶ୍ର, ନୀଳମଣୀ ସାହୁ, ବନମାଳି ଦାଶ, ଚିନ୍ତାମଣୀ ମହାପାତ୍ର, ରାଜୁ ମିଶ୍ର, କୃଷ୍ଣଚନ୍ଦ୍ର ସାହୁ, ଆଇନଜୀବୀ ରବିକିରଣ ସ୍ୱାଇଁ, ଜ୍ୟୋତିପ୍ରକାଶ ଗଡତିଆ ପ୍ରମୁଖ ବହୁ ବୁଦ୍ଧିଜୀବୀ ସଭାରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରେଲୱେ ପ୍ଲାଟଫର୍ମରୁ ଯୁବକଙ୍କ ମୃତଦେହ ଜବତ

**ରାଉରକେଲା ଅଫିସ,୧୫।୪:** ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନମ୍ବର-୨ରୁ ରାଉରକେଲା ଜିଆର୍‌ପି ପୋଲିସ ଜଣେ ଯୁବକଙ୍କ ମୃତଦେହକୁ ଶନିବାର ଜବତ କରିଛି । ରିପୋର୍ଟ ଲେଖିବା (ରାତି ୮ଟା) ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳିନାହିଁ। ତାଙ୍କୁ ପାଖାପାଖି ୩୫ ବର୍ଷ ହେବ। ଜିଆର୍‌ପି ପୋଲିସ ମୃତଦେହକୁ ଆର୍‌ଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ କରୁଛି। ମୃତ ଯୁବକ ଜଣଙ୍କ ପ୍ଲାଟଫର୍ମରେ ଭିକ୍ଷାବୃତ୍ତି କରୁଥିବାବେଳେ ଅସୁସ୍ଥ ହୋଇପଡିବାରୁ ଏଭଳି ଅଘଟଣ ଘଟିଥିବା ପୋଲିସ ଅନୁମାନ କରୁଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨୯।୨୩) ରୁଜୁ ହୋଇଛି।

### ସ୍ତ୍ରୀଙ୍କୁ ମାଡ଼ ମାରିବାକୁ ନେଇ ଅଭିଯୋଗ

**ରାଉରକେଲା ଅଫିସ,୧୫।୪:** ସେକ୍ଟର-୧୯ ଥାନା ଅନ୍ତର୍ଗତ ହମିରପୁର ଅଞ୍ଚଳରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୯।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ସେକ୍ଟର-୨୦ ଭାଟିଟୋଲା ବସ୍ତିର ସୌଦାମିନୀ ନାୟକଙ୍କୁ ତାଙ୍କ ସ୍ୱାମୀ ପ୍ରମୋଦ ନାୟକ ଗତ ୩ ମାସ ହେଲା ନିର୍ଯାତନା ଦେଉଥିଲେ। ନିର୍ଯାତନା ଅସହ୍ୟ ହେବାରୁ ସୌଦାମିନୀ ବାପ ଘର ଲୋକଙ୍କୁ ଜଣାଇଥିଲେ। ମାତ୍ର ଝିଅର ସଂସାର ଭାଙ୍ଗି ନ ଯାଉ କହି ବାପଘର ଲୋକେ ତାଙ୍କୁ ବୁଝାସୁଝା କରି ସ୍ୱାମୀଙ୍କ ସହ ମିଶି ରହିବାକୁ ପରାମର୍ଶ ଦେଇଥିଲେ। ତେବେ ଶନିବାର ସକାଳ ସାଢେ ୮ଟାରେ ପ୍ରମୋଦ କୌଣସି କଥାକୁ ନେଇ ସୌଦାମିନୀଙ୍କୁ ପୁଣି ମାଡ଼ ମାରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ।

### ଟଙ୍କା ଲୁଟ୍ ଅଭିଯୋଗ, ଯୁବକଙ୍କୁ ବାନ୍ଧିଲା ଝାଡ଼ଖଣ୍ଡ ପୋଲିସ

**ରାଉରକେଲା ଅଫିସ,୧୫।୪:** ଜଣେ ସୁନା ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ୍ ଅଭିଯୋଗରେ ଝାଡ଼ଖଣ୍ଡ ପୋଲିସ ରାଉରକେଲାରୁ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଲଗୋଦାମ ଅଞ୍ଚଳର ବିଶାଲ ମଣ୍ଡଲ(୩୨)। ସୂଚନାଯୋଗ୍ୟ, ଦିଲ୍ଲୀରୁ ଜଣେ ସୁନା ବ୍ୟବସାୟୀଙ୍କ ଠାରୁ କିଛି ଦୁର୍ବୃତ୍ତ ୬ କୋଟି ୭୫ ଲକ୍ଷ ଟଙ୍କା ଲୁଟ୍ କରି ଝାଡ଼ଖଣ୍ଡକୁ ଫେରାର ହୋଇଯାଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ପୋଲିସ ତଦନ୍ତ ଚଳାଇଥିବାବେଳେ ଗତ ୫ ତାରିଖରେ ଝାଡ଼ଖଣ୍ଡ ଗୁମଲା ପୋଲିସ ଏକ ବସ୍‌ରୁ ୫ଟି ବ୍ୟାଗରେ ଭର୍ତ୍ତି ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାକୁ ଜବତ କରିଥିଲା। ଏହି ଘଟଣାକୁ ନେଇ ଝାଡ଼ଖଣ୍ଡ ପୋଲିସ ଉକ୍ତ ଅଞ୍ଚଳରୁ ଜଣଙ୍କୁ ଗିରଫ କରିବା ପରେ ଚୋରି ଘଟଣାର ମାଷ୍ଟରମାଇଣ୍ଡ ମାଲଗୋଦାମ ଅଞ୍ଚଳରେ ବିଶାଲ ଥିବା ଜାଣିବାକୁ ପାଇଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଝାଡ଼ଖଣ୍ଡ ପୋଲିସ ରାଉରକେଲାରେ ପହଞ୍ଚି ମାଲଗୋଦାମ ଅଞ୍ଚଳରୁ ବିଶାଲଙ୍କୁ ଗିରଫ କରିଥିଲା।

### ଦେଶୀ ମଦ ଜବତ, ୮ ଗିରଫ

ରାଉରକେଲା ଅଫିସ,୧୫।୪: ରାଉରକେଲା ଅବକାରୀ ପୋଲିସ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଝାରତରଙ୍ଗ ବସ୍ତି ଓ ମାରଙ୍ଗଡିହି ଅଞ୍ଚଳରେ ଶନିବାର ଚଢାଉ କରିଥିଲା। ଚଢାଉ ସମୟରେ ପୋଲିସ ୨୧୨ ଲିଟର ନକଲି ଦେଶୀ ମଦ ଜବତ କରିବା ସହ ୮ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଦ ଟୋପୋ, ସୁଗି ବେଜ, ସରକାର ବେକ, ଚନ୍ଦ୍ରୁ କେରକେଟ୍ଟା, ବିରାଶ ଧନୱାର, ବିଟନି ଖେସ, ମୀନା ଖେସ ଓ ବିରେନ ବାର୍ଲା। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

### ଦେଓଗାଁ ବ୍ଲକରେ ଜାଲ୍ ସାର୍ଟିଫିକେଟ୍‌କୁ ନେଇ ଚର୍ଚ୍ଚା

**ଦେଓଗାଁ,୧୫।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ମୁଖ୍ୟାଳୟସ୍ଥିତ ପୋଷ୍ଟ ଅଫିସରେ ଜାଲ୍ ସାର୍ଟିଫିକେଟ ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି । ଜାଲ୍ ସାର୍ଟିଫିକେଟ୍‌ରେ ଚାକିରି କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଏବେ ଛନକା ପଶିଛି। ଦେଓଗାଁ ବ୍ଲକରେ ପ୍ରାଥମିକ ଓ ଉଚ୍ଚଶିକ୍ଷା ବିଭାଗରେ କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ଜାଲ୍ ସାର୍ଟିଫିକେଟ୍ ବ୍ୟବହାର କରି ଦୀର୍ଘବର୍ଷ ହେଲା ଚାକିରି କରୁଥିବା ଚର୍ଚ୍ଚା ହେଉଛି । ଏପରିକି ଉକ୍ତ ବ୍ଲକର ଜଣେ ପାକ୍ସ ସମ୍ପାଦକ ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରି କରୁଥିବା କେତେକ ଆଶାୟୀ ପ୍ରାର୍ଥୀ ଜିଲାପାଳଙ୍କଠାରେ ଅଭିଯୋଗ କରିଥିବା ଜଣାପଡିଛି। ସମ୍ପୃକ୍ତ ପାକ୍ସ ସମ୍ପାଦକ ଜାଲିଆତି ସାର୍ଟିଫିକେଟ୍‌କୁ ରଫାଦଫା କରିବାପାଇଁ ଅଫିସ କାର୍ଯ୍ୟାଳୟ ଦୌଡୁଥିବା ଚର୍ଚ୍ଚା ଯୋର ଧରିଛି ।

# ଆର୍‌ଏସ୍‌ପି ଜିଇଏମ୍ କ୍ରୟରେ ୩ଶହ ପ୍ରତିଶତରୁ ଊର୍ଦ୍ଧ୍ୱ ଅଭିବୃଦ୍ଧି

**ରାଉରକେଲା ଅଫିସ,୧୫।୪**

ଆର୍‌ଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗର ୨୦୨୨-୨୩ ଆର୍ଥିକ ବର୍ଷରେ ବହୁମୁଖୀ ଆଭିମୁଖ୍ୟ କାରଖାନାର ଉତ୍ପାଦନ ଶୃଙ୍ଖଳକୁ ସୁଗମ କରିଛି। ଆର୍‌ଏସ୍‌ପି ଗତ ଆର୍ଥିକ ବର୍ଷରେ ସରକାରୀ ଇ-ବଜାର ସ୍ଥଳୀ (ଇଜିଏମ୍) ପୋର୍ଟାଲ ମାଧ୍ୟମରେ ୧୮୭୩.୨୨କୋଟି ଟଙ୍କା ମୂଲ୍ୟର ଉତ୍ପାଦ କ୍ରୟ କରିଛି ଯାହା ପୂର୍ବ ଆର୍ଥିକ ବର୍ଷ ପରିମାଣ ତୁଳନାରେ ୩ଶହ ପ୍ରତିଶତରୁ ଅଧିକ। ଜିଇଏମ୍ ପୋର୍ଟାଲ ମାଧ୍ୟମରେ କ୍ରୟ ସମୁଦାୟରେ ୩୦୧୬ କୋଟି ଟଙ୍କାର ପ୍ରାୟ ୬୨ପ୍ରତିଶତ ଅଟେ। ସେହିପରି ଆଲୋଚ୍ୟ ଆର୍ଥିକ ବର୍ଷରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଇ)ରୁ ସର୍ବକାଳୀନ ଶ୍ରେଷ୍ଠ ୭୧୮.୩୭କୋଟି ଟଙ୍କାର ସାମଗ୍ରୀ କ୍ରୟ କରାଯାଇଛି। ଏହା ପୂର୍ବର ଶ୍ରେଷ୍ଠ ୨୦୨୧-୨୨ ଆର୍ଥିକ ବର୍ଷର ପରିମାଣରୁ ୭୪.୫ ପ୍ରତିଶତ ବୃଦ୍ଧି ଅଟେ। ଅନୁସୂଚିତ ଜାତି ଓ ଜନଜାତି ଉଦ୍ୟୋଗୀଙ୍କଠାରୁ କ୍ରୟର ପରିମାଣ ପୂର୍ବ ଆର୍ଥିକ ବର୍ଷର ୩.୩୭ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୨-୨୩ ଆର୍ଥିକ ବର୍ଷରେ ୫.୮୫ କୋଟି ଟଙ୍କା ହୋଇଥିବା ବେଳେ ମହିଳା ଉଦ୍ୟୋଗୀଙ୍କ ଠାରୁ କ୍ରୟରେ ମଧ୍ୟ ୨ଶହ ପ୍ରତିଶତ ବୃଦ୍ଧି ପାଇଛି। ଯାହା ଗତ ଆର୍ଥିକ ବର୍ଷରେ ସର୍ବଶ୍ରେଷ୍ଠ ୪୦.୧୨ କୋଟି ରହିଥିଲା। ଏହାବ୍ୟତୀତ ଆର୍‌ଏସ୍‌ପିର ଆମଦାନୀ କ୍ରୟ ୨୦୨୧-୨୨ ଆର୍ଥିକ ବର୍ଷର ୬୯.୩୨ କୋଟି ଟଙ୍କା ତୁଳନାରେ ୧୭.୪ ପ୍ରତିଶତ ହ୍ରାସ ପାଇ ୫୭.୨୩କୋଟି ଟଙ୍କାରେ ପହଞ୍ଚିଛି। ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ପାଇଁ ପାରସ୍ପରିକ ଲାଭ ତଥା ବ୍ୟବସାୟିକ ସହଭାଗିତା ଗଠନ ଏବଂ ବୈଷୟିକ ଜ୍ଞାନକୌଶଳର ଉନ୍ନତି ପାଇଁ ଆର୍‌ଏସ୍‌ପି ଏମ୍‌ଏମ୍ ବିଭାଗ ଆନୁକୂଲ୍ୟରେ ବିଭିନ୍ନ ସମୟରେ ବିବିଧ ବିକ୍ରୟ ବିକାଶମୁଖୀ କାର୍ଯ୍ୟକ୍ରମ ଏବଂ ମତ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହାବ୍ୟତୀତ ଏମ୍‌ଏମ୍ ବିଭାଗର ପ୍ରଗାଢ ପ୍ରୟାସ ମଧ୍ୟରେ ମାସ୍ ଉପଯୋଗକୁ ମଧ୍ୟ ୫.୬୩ରୁ ୫.୨୪କୁ ହ୍ରାସ କରାଯାଇପାରିଛି।

# କୋଲାବିରାରେ ବୁଥ୍ ପରିଦର୍ଶନ କଲେ ଜିଲାପାଳ


ଏକ ମତଦାନ କେନ୍ଦ୍ର ବୁଲିବା ଅବସରରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

**କୋଲାବିରା,୧୫।୪ (ଡି.ଏନ.ଏ.)**

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ଜିଲାପାଳ ଆବୋଲି ସୁନିଲ ନରୱଣେ ଶନିବାର କୋଲାବିରା ବ୍ଲକର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି। ଆସନ୍ତା ମେ' ୧୦ରେ ୨,୨୧,୦୭୩ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ। ଏଥିପାଇଁ ଜିଲାର ଝାରସୁଗୁଡା ମ୍ୟୁନିସିପାଲିଟିରେ ୭୨, ଝାରସୁଗୁଡା ବ୍ଲକରେ ୪୮, କିର୍ମିରାରେ ୩୫, କୋଲାବିରାରେ ୪୬ ଓ ଲଇକେରା ବ୍ଲକରେ ୫୨ ମୋଟ ୨୫୩ଟି ମତଦାନ କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରିଛି ପ୍ରଶାସନ। କୋଲାବିରା ବ୍ଲକରେ ୪୬ ମତଦାନ କେନ୍ଦ୍ର ରହିଥିବା ବେଳେ ସେଥିରୁ ଦୁଇଟି ପିଙ୍କ ଓ ୧୦ଟି ମଡେଲ ବୁଥ୍ ରହିଛି। ଜିଲାପାଳ ଶିରିଆପାଲି, ପରମାଣପୁର, ଦଣ୍ଡାବୁଡା, କୋଲାବିରା, ସମାସିଂହା, ଧୁବେନବୁଡ, କୁଲିହାମାଲ, କୁଣ୍ଡରୁସିଂହାଠାରେ ରହିଥିବା ମତଦାନ କେନ୍ଦ୍ର ବୁଲି ଦେଖିବା ସହିତ ପାନୀୟ ଜଳ, ଶୌଚାଳୟ, ବିଦ୍ୟୁତ୍ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତପିରାମ ମାଝି, ଆରକ୍ଷୀ ଅଧୀକ୍ଷକ ସ୍ମିତ ପି.ପରମାରଙ୍କ ସମେତ କୋଲାବିରା ବିଡିଓ ଅଶ୍ୱିନୀ କୁମାର ପଣ୍ଡା, ଏବିଡିଓ ରାଜେଶ ରୋଶନ ଗୁଡିଆ, ସହକାରୀ ଯନ୍ତ୍ରୀ ସହଦେବ ମୁଣ୍ଡାରୀ, ବିଇଓ ସତ୍ୟବ୍ରତ ସାହୁ, କୋଲାବିରା ଥାନା ଅଧିକାରୀ ଆନ୍ନା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

# ୭୫୭ ଛାତ୍ରୀଛାତ୍ରଙ୍କୁ ୧୫.୨୨ ଲକ୍ଷ ଛାତ୍ରବୃତ୍ତି ପ୍ରଦାନ



ଛାତ୍ରବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କ ଗହଣରେ ଅତିଥିବୃନ୍ଦ ।

**ରାଉରକେଲା ଅଫିସ,୧୫।୪**

ଆର୍‌ଏସ୍‌ପି ସିଏସ୍‌ଆର କାର୍ଯ୍ୟକ୍ରମ ଅଧୀନ ନୂଆଗାଁ, ବିସ୍ରା, କୁଆଁରମୁଣ୍ଡା ଓ ଲାଠିକଟା ବ୍ଲକ, ପୁନର୍ବସତି କଲୋନୀ ଓ ଆଦର୍ଶ ଇସ୍ପାତ ଗ୍ରାମ ଆଦି ପାର୍ଶ୍ୱାଞ୍ଚଳ ଗ୍ରାମଗୁଡିକର ୯୫ଟି ୟୁପି ସ୍କୁଲ ଓ ୨୦୨ ହାଇସ୍କୁଲରୁ ୭ମ ଓ ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ ୭୫୭ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ସିଏସ୍‌ଆର ବିଭାଗର ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଅଜୟ କୁମାର ନାୟକ ୧୨ଜଣ ଛାତ୍ରୀଛାତ୍ରଙ୍କୁ ପ୍ରତୀକ ଚେକ୍ ପ୍ରଦାନ କରିଥିଲେ। ଏହି ଟଙ୍କା ସମସ୍ତ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି। ଏଥିରେ ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ର, ଏଜିଏମ୍ ଟି.ବି. ଟପ୍ପୋ ଓ ଆର୍‌ଏସ୍‌ପିର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୧୮-୧୯ ଶିକ୍ଷାବର୍ଷ ପରୀକ୍ଷାର ଫଳାଫଳ ଅନୁସାରେ ଛାତ୍ରୀଛାତ୍ରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ଚୟନ କରାଯାଇଥିଲା। ପ୍ରତ୍ୟେକ ସ୍କୁଲର ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନଙ୍କୁ ୩ହଜାର ଟଙ୍କା ଓ ୨ୟ, ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ୨ହଜାର ଓ ୧ହଜାର ପ୍ରଦାନ କରାଯାଇଛି। ଏଥିପାଇଁ ମୋଟ ୧୫,୨୨୦୦୦ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ସିଏସ୍‌ଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ବେନେଡିକ୍ଟ ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଆମ୍ବେଡ୍‌କର ଜୟନ୍ତୀରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ରାଉରକେଲା ଅଫିସ,୧୫।୪**

ଭାରତରତ୍ନ ଡ. ଆମ୍ବେଡ୍‌କରଙ୍କ ୧୩୨ତମ ଜନ୍ମବାର୍ଷିକୀ ଉପଲକ୍ଷେ ରାଉରକେଲା ଏନ୍‌ଆଇଟି ତରଫରୁ କମ୍ୟୁନିଟି ସେଣ୍ଟରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ପ୍ରଫେସର ହୃଷୀକେଶ ନାୟକ ସ୍ୱାଗର ଭାଷଣ ଦେଇ ବାବାସାହେବଙ୍କ ଜୀବନୀ ଓ ଶିକ୍ଷା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ରାଓ ଦେଶର ଶେଷ ବ୍ୟକ୍ତି ବିକଶିତ କିମ୍ବା ସଶକ୍ତ ନ ହେବା ଯାଏ ଭାରତ ବିକଶିତ ନୁହେଁ ବୋଲି କହିଥିଲେ। ଏହାସହ ଯୁବସମାଜ ଏକାଠି ହୋଇ ଲକ୍ଷ୍ୟସ୍ଥଳକୁ ଅଗ୍ରସର ହେବାକୁ ହେଲେ ଜି-୨୦ ଜନ ଭାଗୀଦାରିରେ ଅଂଶୀଦାର ହେବା ଆବଶ୍ୟକ ବୋଲି ସେ କହିଥିଲେ। ପ୍ରଫେସର ସନାତନ ପଧାନ ବାବା ସାହେବଙ୍କ କଠିନ ଜୀବନଯାତ୍ରା ବିଷୟରେ ଆଲୋକପାତ କରି କୌଣସି ପରିସ୍ଥିତିରେ ନିରାଶ ନ ହୋଇ ମୁକାବିଲା କରିବାକୁ କହିଥିଲେ। ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ଜାତିଧର୍ମ ଭାବନା ନ ରଖି ସମାଜର ସେବକ ହେବା ପାଇଁ ସମସ୍ତଙ୍କୁ ପ୍ରସ୍ତୁତ ହେବାକୁ କହିଥିଲେ। ଶିବିରରେ ଡାକ୍ତରମାନେ ୫୦ଜଣ ଶ୍ରମିକ ଓ ତାଙ୍କ ପରିବାରବର୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପ୍ରଫେସର ସନ୍ତୋଷ କୁମାର ସାହୁ ଏବଂ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କଳାହାଣ୍ଡି ଜିଲାର ବିଭିନ୍ନ ଜଙ୍ଗଲରେ ନିଆଁ



**ଭବାନୀପାଟଣା,୧୫।୪(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାରେ ଗତ କିଛି ଦିନ ହେବ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଏପରି ପରିସ୍ଥିତିରେ ଜିଲାର ବିଭିନ୍ନ ସ୍ଥାନରେ ଥିବା ଜଙ୍ଗଲ ଗୁଡିକରେ ନିଆଁ ଲାଗୁଥିବା ସୂଚନା ମିଳିଛି। ଜିଲାର ଉତ୍ତର ଡିଭିଜନରେ ଶୁକ୍ରବାର ୨୭ ଗୋଟି ସ୍ଥାନ ରେ ନିଆଁ ଲାଗି ଯାଇଥିଲା। ତେବେ ରାତି ସୁଦ୍ଧା ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଥିବା ଉତ୍ତର ବନଖଣ୍ଡ ଅଧିକାରୀ ଅନୁରାଗ ମିଶ୍ର ସୂଚନା ଦେଇଛନ୍ତି। ପ୍ରବଳ ତାତି ଏବଂ ଅନ୍ୟାନ୍ୟ କାରଣରୁ ଶୁକ୍ରବାର ଜିଲାର ମଦନପୁର ରାମପୁର ଡିଭିଜନର ଜୁରାଖମନ, ମଦନପୁର ଜଙ୍ଗଲରେ ବଡଧରଣର ନିଆଁ ଲାଗିଥିଲା। ସେହିପରି ଭବାନୀପାଟଣା ଡିଭିଜନ ଥୁଆପଦର ଗୁଣ୍ଡି ଜଙ୍ଗଲ ଏବଂ ଭଟାଙ୍ଗପଦର ଜଙ୍ଗଲରେ ମଧ୍ୟ ନିଆଁ ଲାଗିଥିବା ବେଳେ ନିଆଁକୁ ଆୟତ୍ତ କରାଯାଇଛି। ଏହାସହିତ ସାଉଥ ଡିଭିଜନ ଅଧୀନରେ ଥିବା ଗୋଲାମୁଣ୍ଡା ବ୍ଲକର ଗରଗାବ, ଦଶପୁର, ବୋର୍ଡା, କେଗାଁସମେତ ଧର୍ମଗଡ ରେଞ୍ଜ ଅଧୀନରେ ଥିବା ଆମପାଣି ସେକ୍ସନର ସାହାଜଖୋଲ ଜଙ୍ଗଲରେ ନିଆଁ ଲାଗିଥିଲା। ଏହାକୁ ବନବିଭାଗ ଅଧିକାରୀ ଏବଂ କର୍ମଚାରୀମାନଙ୍କ ତତ୍ତ୍ୱାବଧାନରେ ଆୟତ୍ତ କରାଯାଇଛି।

# ସମ୍ବଲପୁର ହିଂସାକୁ ନେଇ ସ୍ମାରକପତ୍ର ପ୍ରଦାନ

**ରାଉରକେଲା ଅଫିସ,୧୫।୪**


ରାଉରକେଲା ଏଡିଏମ୍‌ଙ୍କ ଅଫିସ ସମ୍ମୁଖରେ ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟଗଣ ।

ଗତ ୧୨ତାରିଖରେ ସମ୍ବଲପୁର ସହରରେ ହନୁମାନ ଭକ୍ତଙ୍କ ବାଇକ୍ ଶୋଭାଯାତ୍ରା ଉପରକୁ ହୋଇଥିବା ଆକ୍ରମଣ ଘଟଣାର ନ୍ୟାୟୋଚିତ ବିଚାର ଦାବିରେ ଶନିବାର ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମ୍‌ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ହନୁମାନ ଭକ୍ତମାନଙ୍କ ଉପରେ ଯେଉଁଭଳି ହିଂସାତ୍ମକ ଆକ୍ରମଣ ହେଲା ତାହା ଅତ୍ୟନ୍ତ ନିନ୍ଦନୀୟ । ଏଣୁ ଦୋଷୀମାନଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ପରିଷଦ ସଭାପତି ଗୋଦାବରୀଶ ଶତପଥିଙ୍କ ତତ୍ତ୍ୱାବଧାନରେ ସର୍ବେଶ୍ୱର ଦାଶ, ଅରୁଣ କୁମାର ମହଲା, ବିକାଶ ଗୋୟଲ, ପ୍ରଦୀପ ମହତୋ, ସୁବ୍ରତ ସାନ୍ତରା, ଧୀରେନ ସେନାପତି, ଲକ୍ଷ୍ମୀ ନାରାୟଣ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମରେ ଉପସ୍ଥିତ ଥିଲେ।

### ଦେଶୀ ମଦ ଜବତ, ଜଣେ ଗିରଫ

**ବେଲପାହାଡ,୧୫।୪(ଡି.ଏନ.ଏ.)**

ଲଖନପୁର ଥାନା ପୋଲିସ ଚୋରା ମଦ କାରବାରରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲଖନପୁର ଥାନା ଅନ୍ତର୍ଗତ ଖଣ୍ଡସା ପର୍ଦ୍ଧିଆପଡ଼ାର ବିକେଶ୍ୱର ସା। ତାଙ୍କଠାରୁ ପୋଲିସ ୯ଲିଟର ଦେଶୀମଦ ଜବତ କରିଛି। ମଦ ଚାଲାଣ କରୁଥିବା ପୋଲିସ ଯମୁନା ନିକଟରୁ ତାଙ୍କୁ ଧରିଥିଲା।

### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ବେଲପାହାଡ଼,୧୫।୪(ଡି.ଏନ.ଏ.)**

ବେଲପାହାଡ଼ ପୌରାଞ୍ଚଳ ଜମିଦାରପଡ଼ାସ୍ଥିତ ହନୁମାନ ମନ୍ଦିର ପରିସରରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଶନିବାର ଉଦଯାପିତ ହୋଇଯାଇଛି। ଗୁରୁବାର କଳସଯାତ୍ରା ଅଧିବାସ, ଶୁକ୍ରବାର ନାମାରମ୍ଭ ଓ ଶନିବାର ନଗରଭ୍ରମଣ, କାର୍ଯ୍ୟକ୍ରମ ହୋଇଥିଲା। ପ୍ରକାଶ ଆର୍ଯ୍ୟ ଓ ସ୍ତ୍ରୀ ତନୟା ଆର୍ଯ୍ୟ ପୂଜା କାର୍ଯ୍ୟ ତୁଲାଇ ଥିବାବେଳେ ପୂଜକ ଭାବରେ ସୁରେଶ ଆର୍ଯ୍ୟ ପୂଜାର୍ଚ୍ଚନା କରିଥିଲେ। ନାମଯଜ୍ଞରେ ଜୟବୁଡିଆ, ଜାହାଜପଡା, ଟିନିଆ(କନିକା), ଜଜୁନାଡିହର ସଂକୀର୍ତ୍ତନ ଦଳ ସାମିଲ ଥିଲେ। କମିଟିର ଯୋଗେଶର ସାହୁ, ଭୋଗିଲାଲ ଆର୍ଯ୍ୟ, ସନ୍ତୋଷ ଶର୍ମା, ପ୍ରତାପ ଆର୍ଯ୍ୟ ଆୟୋଜନରେ ସହଯୋଗ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କୋଲାବିରା,୧୫।୪(ଡି.ଏନ.ଏ.)**

କୋଲାବିରା ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟର ଯୁକ୍ତତିନି ଶେଷବର୍ଷ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ପରିସରରେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଶୀଲ କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଦାୟୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ଅଧ୍ୟରେ ଅଧ୍ୟାପିକା ସନ୍ଧ୍ୟାରାଣୀ ପୂଜାରୀ, ଅଧ୍ୟାପକ ସରୋଜ କୁମାର ପଟେଲ, ନୃପରାଜ ଭୋଇ, ଲବ ପ୍ରଧାନ, ସୁମନ୍ତ ପଟେଲ, ରୋହିତ ଖରସେଲ, ସରିତା ବେହେରା ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସୁନାଗରିକ ଭାବରେ ନିଜକୁ ଗଢିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ସମ୍ବର୍ଦ୍ଧନା ସଭାରେ ଅତିଥିମାନେ।

# ଆଦି ମହୋତ୍ସବର ଆକର୍ଷଣ ପାଲଟିଛି ଆଦିବାସୀ ସଂସ୍କୃତି

**ରାଉରକେଲା ଅଫିସ,୧୫।୪**

ଆର୍‌ଏସ୍‌ପି ଓ ଟ୍ରାଇଫେଡ୍‌ର ମିଳିତ ଆନୁକୂଲ୍ୟରେ ଭଞ୍ଜ ଭବନର ପ୍ରଦର୍ଶନୀ ପଡିଆରେ ଚାଲିଛି ଆଦି ମହୋତ୍ସବ-୨୦୨୩। ଏହି ମହୋତ୍ସବରେ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଭାରତର ସମୃଦ୍ଧ ଆଦିବାସୀଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିବା ସଂସ୍କୃତି, ହସ୍ତଶିଳ୍ପ ଏବଂ ବ୍ୟଞ୍ଜନର ସମ୍ଭାର। ମହୋତ୍ସବରେ ଭାରତର ବିଭିନ୍ନ ପ୍ରାନ୍ତରୁ ବହୁ ଆଦିବାସୀ ଯୋଗଦେଇ ହସ୍ତତନ୍ତ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି। ସଭିଙ୍କ ପାଇଁ ମହୋତ୍ସବରେ ଷ୍ଟଲ ବ୍ୟବସ୍ଥା ରହିଛି। ଏଠାରେ ଆଦିବାସୀଙ୍କ ସ୍ୱସ୍ୱାଦୁ ବ୍ୟଞ୍ଜନ ସଭିଙ୍କୁ ଆକର୍ଷିତ କରୁଛି। ଏଥିସହ ୨୦୨୩ ବର୍ଷକୁ ମିଲେଟ ବର୍ଷ ଭାବେ ପାଳନ କରାଯାଉଥିବା ବେଳେ ଅନେକ ଷ୍ଟଲରେ ମିଲେଟ୍ ଆଧାରିତ ଖାଦ୍ୟ ସାମଗ୍ରୀ ମଧ୍ୟ ପ୍ରଦର୍ଶିତ ହେଉଛି। ଏସବୁ ବ୍ୟତିରେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆଦିବାସୀ ନାଚଗୀତ ଓ ସଙ୍ଗୀତ ଦର୍ଶକଙ୍କୁ ବିମୋହିତ କରୁଛି। ଶୁକ୍ରବାର ମହୋତ୍ସବର ସାଂସ୍କୃତିକ ସନ୍ଧ୍ୟାରେ ସୁନ୍ଦରଗଡ ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ମୁଖ୍ୟଅତିଥି ଓ ରାଉରକେଲା ଆର୍‌ସିସିଏଫ୍ ଡାକ୍ତର ଏ. କେ. ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ଗୁରୁବାର ସାଂସ୍କୃତିକ ସନ୍ଧ୍ୟାରେ ଆର୍‌ଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ଇଡି ପି. କେ. ଶତପଥି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଷ୍ଟଲଗୁଡିକ ପରିଦର୍ଶନ କରିବା ସହିତ ସଂସ୍କୃତି, ପରମ୍ପରା, କଳା ଏବଂ ହସ୍ତଶିଳ୍ପ ଦୃଷ୍ଟିରୁ ମେଳାର ବିବିଧ ପ୍ରକୃତିର ପ୍ରଶଂସା କରିଥିଲେ।


ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ବଢୁଛି ତାତି, ମିଳୁନି ନିସ୍ତାର





ଯୁବତୀମାନେ ତାତିରୁ ରକ୍ଷା ପାଇବା ପାଇଁ ଓଢ଼ଣୀ ଘୋଡ଼ାଇ ଯାଉଛନ୍ତି । ତାତି ଯୋଗୁ ଲସି ଠେଲାରେ ଭିଡ଼ ଜମିଛି ।

ବରଗଡ଼ ଅଫିସ୍,୧୫।୪

ବରଗଡ଼ ଜିଲାରେ ଗତ କିଛିଦିନ ହେଲା ତାତି ଥମିବା ନାଁ ନେଉନାହିଁ। ଦିନକୁ ଦିନ ପାରଦ ବଢ଼ିବାରେ ଲାଗିଛି। ଶୁକ୍ରବାର ଜିଲାରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା। ଶନିବାର ଏହା ୪୦.୬ ଡିଗ୍ରୀକୁ ବୃଦ୍ଧି ପାଇଛି। ଜିଲାରେ ଏଭଳି ତାପମାତ୍ରା ବୃଦ୍ଧି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ଦିନ ୧୧ଟାରୁ ତାତି ଅନୁଭୂତ ହେଉଥିବାରୁ ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇ ପଡୁଛି। ଟାଣଖରା, ଗ୍ରୀଷ୍ମ ପ୍ରବାହ ଯୋଗୁ ଜୀବନ ଦହଗଞ୍ଜ ହୋଇ ପଡୁଛି । ରାସ୍ତାଘାଟ ଖାଁ ଖାଁ ଲାଗୁଥିବାବେଳେ ପୂର୍ବରୁ ଜନଗହଳି ରହୁଥିବା ବସ୍‌ଷ୍ଟାଣ୍ଡ, ଅନ୍ୟ ଛକ ଗୁଡ଼ିକରେ ମଧ୍ୟ ଆଗଭଳି ଭିଡ଼ ଦେଖିବାକୁ ମିଳୁନାହିଁ । ଅପରାହ୍ନ ୫ଟା ହେଲେ କିଛିଟା ଆଶ୍ୱସ୍ତି ମିଳୁଛି।

ତାତିରୁ ରକ୍ଷା ପାଇବା ପାଇଁ ଲୋକେ ମୁଣ୍ଡରେ ପଗଡ଼ି ଏବଂ ମହିଳାମାନେ ଓଢ଼ଣୀ ଘୋଡ଼ାଇ ଯିବାଆସିବା କରୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଆଖୁରସ, ଲସି, ସରବତ, ଦହିବରା ସମେତ ପଇଡ଼, ଲେମ୍ବୁ, ତରଭୁଜ, କାକୁଡ଼ି ଆଦିର ଚାହିଦା ବଢ଼ି ଚାଲିଛି। ଆଖୁ, ଲସି, ସରବତ ଗ୍ଲାସ ପ୍ରତି ୨୦ଟଙ୍କାରେ ବିକ୍ରିହେଉଛି। ସେହିପରି ପଇଡ଼ ଗୋଟାକୁ ୪୦ରୁ ୫୦ଟଙ୍କାରେ ବିକ୍ରି ହେଉଥିବାବେଳେ ଲେମ୍ବୁ ଦର ମଧ୍ୟ ଗୋଟିଏ ପ୍ରତି ମଧ୍ୟ ୫ଟଙ୍କାକୁ ଛୁଇଁଛି। ତରଭୁଜ, କାକୁଡ଼ି ଦର ମଧ୍ୟ ସେଭଳି ବୃଦ୍ଧି ପାଇଛି। ଏଭଳିସ୍ଥଳେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଜଳଛତ୍ର ଖୋଲାଯାଇନାହିଁ। କାଁ ଭାଁ କେତେକ ସ୍ଥାନରେ ଜଳଛତ୍ର ଖୋଲିଛି, ହେଲେ ତାହା ଧର୍ମକୁ ଆଖିଠାର ଭଳି ହୋଇଛି। ସେହିପରି ଆଶ୍ରୟ ନେବା ପାଇଁ ବ୍ୟସ୍ତବହୁଳ ସ୍ଥାନରେ ଏଯାଏ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲାଯାଇନାହିଁ। ଲୋକେ ଗଛମୂଳେ କିମ୍ବା କୌଣସି ଦୋକାନ ବାରଣ୍ଡାରେ ଆଶ୍ରୟ ନେଉଥିବା ପରିଲକ୍ଷିତ ହେଉଛି। ତେବେ ଯେଉଁ ସ୍ଥାନଗୁଡ଼ିକରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ କିମ୍ବା ଯାତ୍ରୀ ପ୍ରତୀକ୍ଷାଳୟ ନାହିଁ, ସେଠାରେ ତାତି ଯୋଗୁ ଯାତ୍ରୀଙ୍କୁ ବହୁ ହଟହଟା ହେବାର ସମ୍ମୁଖୀନ ହେବାକୁ ପଡୁଛି ।

**ବରଗଡ଼ ଜିଲା**

ତାତି ବୃଦ୍ଧି ଯୋଗୁ ଅଙ୍ଗନୱାଡ଼ିଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ, ବେସରକାରୀ ସ୍କୁଲ ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାକୁ ବନ୍ଦ ରଖାଯାଇଛି। ତେବେ ଏହି ଅବଧି ରବିବାର ପର୍ଯ୍ୟନ୍ତ ରହିଛି। ତାତି ଥମିବାର ନାଁ ନେଉ ନ ଥିବା ଯୋଗୁ ଯଦି ସୋମବାର ଉକ୍ତ ଶ୍ରେଣୀର ପାଠପଢ଼ା ଚାଲେ ତେବେ ପିଲାମାନେ ତାତିରେ ସ୍କୁଲ ଯିବା ଆସିବା କାଠିକର ପାଠ ହୋଇପଡିବ। ସେହିପରି ଅଂଶୁଘାତ ଭୟ ମଧ୍ୟ ରହିଛି। ଏ ସମ୍ପର୍କରେ ଜିଲାପାଳ ମୋନିଷା ବାନାର୍ଜୀ କହିଛନ୍ତି, ତାତି ଓ ଗ୍ରୀଷ୍ମ ପ୍ରବାହ ବୃଦ୍ଧିକୁ ଦୃଷ୍ଟିରେ ରଖି ସମସ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ଲୋକଙ୍କୁ ସଚେତନ କରାଯିବା ସହ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେହିପରି ନଳକୂପଗୁଡ଼ିକୁ କାର୍ଯ୍ୟକ୍ଷମ ରଖିବାକୁ ଆର୍‌ଡବ୍ଲୁଏସ୍‌ଏସ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ପାଇବାର ୨୪ ଘଣ୍ଟା ମଧ୍ୟରେ ନଳକୂପ ମରାମତି କରିବା ତଥା ଜଳଛତ୍ର ଖୋଲିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା

ବରଗଡ଼ ଅଫିସ୍,୧୫।୪: ବରଗଡ଼ ବ୍ଲକ ଅନ୍ତର୍ଗତ କୁରୁଆଁ ଗ୍ରାମରେ ହନୁମାନ ଜୟନ୍ତୀ ପାଳିତ ହୋଇଛି। ସ୍ଥାନୀୟ ହନୁମାନ ଜୟନ୍ତୀ ସମିତି ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ବାଇକ୍ ଶୋଭାଯାତ୍ରା ହୋଇଥିଲା। ମାଁ ଉମା ମାହେଶ୍ୱରୀଙ୍କ ଆଶୀର୍ବାଦ ନେଇ ଆନ୍ଧ୍ରପଡ଼ା ଶ୍ରୀରାମ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ବାଇକ୍ ଶୋଭାଯାତ୍ରା ଗଣ୍ଡପାଲି, କର୍ଣ୍ଣଟିକ୍ରା, ଥାଟିକ୍ରା, ପତରାପାଲି, ବାଉଶେନପାଲି, କୁରୁଆଁ ଆଦି ଗ୍ରାମ ପରିକ୍ରମା କରିଥିଲା।

### ୩୮ କୁଇଣ୍ଟାଲ ମହୁଲ ଜବତ, ଜଣେ ଗିରଫ

ପଦ୍ମପୁର,୧୫।୪(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅନ୍ତର୍ଗତ ମଡୋମହୁଲ ଗାଁର ଟିକେଶ୍ୱର ମେହେରଙ୍କ ବାଦିମାଲ ଛକ ନିକଟସ୍ଥ ଘରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଚୋରା ଚାଲାଣ ପାଇଁ ରଖାଯାଇଥିବା ୩୮.୪୦ କୁଇଣ୍ଟାଲ ମହୁଲକୁ ଅବକାରୀ ଟିମ୍ ଜବତ କରିଛି। ଏହି ଘଟଣାରେ ଟିକେଶ୍ୱରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପଦ୍ମପୁର ଅବକାରୀ ଓଆଇସି ଏଚ୍. ଜଗାରାଓ ସୂଚନା ଦେଇଛନ୍ତି। ଅବକାରୀ ଅଧୀକ୍ଷକ ସୁବନ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ାଉ କରାଯାଇଥିଲା।

### ମଧୁର ଜଳଛତ୍ର ଶୁଭାରମ୍ଭ




ବରଗଡ଼ ଅଫିସ୍,୧୫।୪: ବରଗଡ଼ ସହରର ବାନ୍ଧୁଟିକ୍ରାରେ ଶନିବାର ମଧୁର ଜଳଛତ୍ରର ଶୁଭାରମ୍ଭ କରାଯାଇଛି । ଏହି ଜଳଛତ୍ରରେ ୨ମାସ ପର୍ଯ୍ୟନ୍ତ ଦହିପାଣି ଦେବା ବ୍ୟବସ୍ଥା ରହିଛି ବୋଲି ଆୟୋଜକ ଚଞ୍ଚଳା ରାଉତ, ଶୈଳେନ୍ଦ୍ର ମହାରଣା ସୂଚନା ଦେଇଛନ୍ତି। ଜନକଲ୍ୟାଣ ସେବା ଟ୍ରଷ୍ଟର ସଭାପତି ମୁକୁନ୍ଦ ଦାଶ ଏହାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମମତା ଅଗ୍ରୱାଲ, ମୀନାରାଣୀ ତ୍ରିପାଠୀ, ପ୍ରତିମା ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ।

### ଭାଜପା କର୍ମୀଙ୍କ ପରଲୋକ

ଭେଡ଼େନ, ୧୫।୪(ଡି.ଏନ.ଏ): ବରଗଡ଼ ଜିଲା ଭେଡ଼େନ ବ୍ଲକ ଝରାପାଲି ଗ୍ରାମର ବର୍ଷିୟାନ ଭାଜପା କର୍ମୀ ପବିତ୍ର ଖେତିଙ୍କ ୭୫ ବର୍ଷ ବୟସରେ ଶନିବାର ପରଲୋକ ହୋଇଯାଇଛି। ସେ ଜଣେ ଭଗବତ୍ ପ୍ରେମୀ, ମେଳାପୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଖବର ପାଇ ଖବରଦାତା ହୃଷୀକେଶ ଖମାରୀ, ମନବୋଧ ପଧାନ, ଲୋକନାଥ ଖେତି, ମାନସ ଦନ୍ତା ପ୍ରମୁଖ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ତାଙ୍କ ବଡ଼ ପୁଅ କୁଞ୍ଜ ଖେତି ମୁଖାଗ୍ନି ଦେଇଥିଲେ।

## କ୍ରିକେଟ: ମାହେଶ୍ୱରୀ ସ୍ପୋର୍ଟିଂ ଚାମ୍ପିୟନ

ଭେଡ଼େନ, ୧୫।୪(ଡି.ଏନ.ଏ)

ବରଗଡ଼ ଜିଲା ଭେନେନ ବ୍ଲକ ଲୁପୁରସିଂହା ପଞ୍ଚାୟତ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ମାହେଶ୍ୱରୀ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ୨୨ ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟରେ ୧୧ ଟାଇଗର ଏବଂ ମାହେଶ୍ୱରୀ ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ୧୧ ଟାଇଗର ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୧ ରନ୍ ସଂଗ୍ରହ କରିଥିଲା। ଜବାବରେ ମାହେଶ୍ୱରୀ ସ୍ପୋର୍ଟିଂ ୧୪ ଓଭରରେ ୭ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରତାପ ହୋତା ମୁଖ୍ୟ ଅତିଥି, ଖବରଦାତା ମୁକୁନ୍ଦ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚାମ୍ପିୟନ ଓ ଉପ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ସୁରୁ ନାଏକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ପ୍ରେମାନନ୍ଦ ବିଶି ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ। ଦିନେଶ ହୋତା, ଚନ୍ଦ୍ର ବେହେରା ଖେଳ ପରିଚାଳନା କରିଥିବା ବେଳେ ଏମ୍‌ଏମ୍‌ସିଟି କ୍ଲବର ସଦସ୍ୟ ସହଯୋଗ କରିଥିଲେ।

## ସୁର୍ ମନ୍ଦିରର ବାର୍ଷିକୋତ୍ସବ




ବିଦ୍ୟାର୍ଥୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ।

ବରଗଡ଼ ଅଫିସ୍,୧୫।୪

ବରଗଡ଼ର ନୃତ୍ୟ, ସଙ୍ଗୀତ ଓ ଚିତ୍ରକଳା ଅନୁଷ୍ଠାନ ସୁର ମନ୍ଦିରର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଆନ୍ତର୍ଜାତିକ ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, ଶାସ୍ତ୍ରୀୟ ଓ ଓଡ଼ିଶୀ କଣ୍ଠଶିଳ୍ପୀ ଦିବ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ନାରାୟଣ ବାରିକ ସଭାପତିତ୍ୱ କରିଥିବାବେଳେ ସମ୍ପାଦିକା ଅନୁରାଧା ମହାନ୍ତି ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶାଶ୍ୱତ ଯୋଶୀଙ୍କୁ ଅଶୋକ ରଥ ସମ୍ମାନ ଏବଂ ଦିବ୍ୟରଞ୍ଜନ ପଟ୍ଟନାୟକଙ୍କୁ ପ୍ରଭାସିନୀ ରଥ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର କୃତୀ ବିଦ୍ୟାର୍ଥୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଚୋରି ଘଟଣା, ନାବାଳକଙ୍କ ସମେତ ୨ ଗିରଫ

ସରଣ୍ଡା/ଅତାବିରା,୧୫।୪(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ଦୁଲମପୁର ସତ୍ୟ ଏକାଡ଼େମୀ ପଡ଼ାରୁ ଗୁରୁବାର ରାତିରେ ଚୋରି ହୋଇଥିବା ଘଟଣାର ପର୍ଦ୍ଦାଫାଶ ହୋଇଛି। ପୋଲିସ ଏଥିରେ ସମ୍ପୃକ୍ତ ଜଣେ ନାବାଳକଙ୍କ ସମେତ ୨ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରୁ ଅଭିଯୁକ୍ତ ସମ୍ବଲପୁର ଜିଲା ବୁର୍ଲା ଥାନା ଗୋଶାଳା କଦମପଡ଼ାର କରନ କୁମ୍ଭାର(୨୦)ଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ସମ୍ପୃକ୍ତ ନାବାଳକଙ୍କୁ ବରଗଡ଼ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ଼ରେ ହାଜର କରାଯାଇଛି। ଅଭିଯୁକ୍ତଙ୍କ ପାଖରୁ ଏକ ସ୍କୁଟି (ନଂ.ଓଡ଼ି୧୫ୟୁ/୮୫୮୮) ଜବତ ହୋଇଛି। ସେହିପରି ଚୋରି ହୋଇଥିବା ମୋବାଇଲ ଏବଂ ଇଣ୍ଡକ୍ସନ କୁକରକୁ ମଧ୍ୟ ଅଭିଯୁକ୍ତଙ୍କ ପାଖରୁ ପୋଲିସ ଉଦ୍ଧାର କରିଛି। ଏ ନେଇ ଅତାବିରା ଥାନାରେ ଏକ ମାମଲା (ନଂ.୧୫୦/୨୩) ରୁଜୁ ହୋଇଛି । ଗତ ୧୩ତାରିଖ ରାତିରେ ଅଭିଯୁକ୍ତମାନେ ତାଙ୍କ ଘରୁ ଚୋରି କରିଥିବା ନେଇ ସତ୍ୟ ଏକାଡ଼େମୀ ପଡ଼ାର ଏ. ଚିନ୍ନା ରାଓ ପୋଲିସରେ ଏତଲା ଦେବା ପରେ ପୋଲିସ ଅନୁସନ୍ଧାନ ଆରମ୍ଭ କରିଥିଲା।

## ହୃଦ୍‌ରୋଗ ପୀଡ଼ିତା ଶିଶୁର ସଫଳ ଅସ୍ତ୍ରୋପଚାର

ପାଇକମାଲ,୧୫।୪(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ ବ୍ଲକ ଝିଟକି ଗ୍ରାମର ସତରାମ ମାଝୀଙ୍କ ଝିଅ ଆଲିସା ମାଝୀଙ୍କ ସଫଳ ହୃଦ୍‌ରୋଗ ଅସ୍ତ୍ରୋପଚାର ହୋଇଛି। ଆଲିସା ଜନ୍ମରୁ ହୃଦ୍‌ରୋଗ ପିଡିତା ଥିଲେ। ଏଥିପାଇଁ ପରିବାର ଲୋକ ଚିନ୍ତାରେ ଥିଲେ। ପାଇକମାଲ ବ୍ଲକ ଆର୍‌ବିଏସ୍‌କେ ହେଲ୍ଥ ଟିମ୍‌ର ଡାକ୍ତର କୋଶଳ କୁମାର ନାଏକ, ଡାକ୍ତର ପ୍ରିୟଙ୍କା ଜାଲ, ଫାର୍ମାସିଷ୍ଟ ବିଭାକର ମହାପାତ୍ର ଓ ଏନ୍‌ଏନ୍‌ଏମ୍ ଲଳିତ ନନ୍ଦଙ୍କ ସହାୟତାରେ ଶିଶୁକୁ ପ୍ରଥମେ ବରଗଡ଼ ସ୍ଥିତ ଡିଇଆଇସି ଏବଂ ପରେ ଇକୋ ଟେଷ୍ଟ ପାଇଁ ଭିମ୍‌ସାରକୁ ନିଆଯାଇଥିଲା। ପରେ ବରଗଡ଼ ଆର୍‌ବିଏସ୍‌କେ ମ୍ୟାନେଜର ରାକେଶ ମହାପାତ୍ରଙ୍କ ସହାୟତାରେ ଶିଶୁକୁ ରାୟପୁର ସ୍ଥିତ ଏନ୍‌ଏଚ୍‌ଏମ୍‌ଏମ୍‌ଆଇ ନାରାୟଣ ସୁପର ସ୍ପେଶିଆଲ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ରାଷ୍ଟ୍ରୀୟ ବାଳସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ସହାୟତାରେ ଆଲିସାଙ୍କ ମାଗଣାରେ ଅସ୍ତ୍ରୋପଚାର କରାଯାଇଥିଲା। ଶିଶୁଟି ଏବେ ସୁସ୍ଥ ହୋଇ ଘରକୁ ଫେରିଛି।

## ଦେବହୁତୀ ସ୍ମୃତି ସମ୍ମାନ ସମାରୋହ



ଛାତ୍ରୀଛାତ୍ରଙ୍କୁ ଦେବହୁତୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଉଛି ।

ବରଗଡ଼ ଅଫିସ୍,୧୫।୪

ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଦେବହୁତୀ ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇ ଯାଇଛି। ବିଦ୍ୟାଳୟ କମିଟି ସଭାପତି ଡଃ ଜୟଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ଭାଜପା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, ବିଦ୍ୟାଳୟ କମିଟି ଉପସଭାପତି ସୌଭାଗ୍ୟ ରଞ୍ଜନ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପାଦକ ରବି ନାରାୟଣ ସାହୁ, ସ୍ୱର୍ଗତା ଦେବହୁତୀ ଭୋଇଙ୍କ ସ୍ୱାମୀ ତଥା ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିବା ଅବସରପ୍ରାପ୍ତ ଶିକ୍ଷକ ଗୌରଚନ୍ଦ୍ର ଭୋଇ, ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭୟ କୁମାର ପ୍ରଧାନ, ବଧିର ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଏବଂ ମାନସିକ ଅନଗ୍ରସର ବିଦ୍ୟାଳୟର ପ୍ରଧାନଶିକ୍ଷକ ମେଘନାଦ ସାହୁ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାଳୟର ୩ ଛାତ୍ରୀଛାତ୍ର ଅର୍ଥାତ୍ ଦୃଷ୍ଟିହୀନ ବିଦ୍ୟାଳୟର ନୂତନ ବୁଡ଼େକ, ବଧିର ବିଦ୍ୟାଳୟର ତୁଲେଶ ବଡ଼େଇ, ମାନସିକ ଅନଗ୍ରସର ବିଦ୍ୟାଳୟର ଦୀପେନ କଠାରଙ୍କୁ ଦେବହୁତୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷକ ନେପାଳ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ଶନିବାର ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ ପୋଲିସ ବିଭାଗ ପକ୍ଷରୁ ହେଲ୍‌ମେଟ୍ ଯାଞ୍ଚ କରାଯାଉଛି।

## ବିଭିନ୍ନ ସ୍ଥାନରେ ଆମ୍ବେଡ୍‌କର ଜୟନ୍ତୀ

ବରଗଡ଼ ଅଫିସ୍,୧୫।୪

ବରଗଡ଼ର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ଆମ୍ବେଡ଼କର ଜୟନ୍ତୀ ପାଳିତ ହୋଇଛି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହର ଉପକଣ୍ଠ ଘୁଲିପାଲିସ୍ଥିତ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହାସହ କଚେରୀ ସମ୍ମୁଖ, ଅମ୍ବାପାଲି, ହାଟପଦା ଏବଂ ତୋରାସ୍ଥିତ ଆମ୍ବେଡ୍‌କରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଆମ୍ ଆଦ୍‌ମୀ ପାର୍ଟିର ଜିଲା ଆବାହକ ଭବାନୀ ପ୍ରସାଦ ସାହୁ, ସ୍ୱରୂପ ଭୋଇ, ରମେଶ ପତି, ଅସିତ୍ ସାହୁ, ଅବିନାଶ ବାଗ, ଅଭୟ ସାମଲ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଭଟଲିରେ ଆମ୍ବେଡ୍‌କର ଜୟନ୍ତୀ ଅବସରରେ ଶୋଭାଯାତ୍ରା, ଆଲୋଚନାଚକ୍ର ହୋଇଥିଲା। କାର୍ଯ୍ୟକ୍ରମରେ ସୋନପୁରର ଡଃ ମୀନକେତନ କୁମ୍ଭାର ମୁଖ୍ୟଅତିଥି, ମନୋଜ କୁମାର କଲେଜ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସରପଞ୍ଚ ପ୍ରହ୍ଲାଦ ପ୍ରଧାନ, ନିମାଇଁ ମହାନନ୍ଦ, ବିଜୁ କୁମ୍ଭାର, ସାଧୁ ବନଛୋର, ଚୈତନ୍ୟ ମେହେର, ଲୁଗ ରୋହିଦାଶ, ବିହାରୀ ବନଛୋର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କିଶନଲାଲ ରୋହିଦାସ, ଶାନ୍ତନୁ ତାଣ୍ଡି, ସୁବାଷ ପାଣିଗ୍ରାହୀ, ସମୀର ରୋହିଦାସ, ଭୋଜରାଜ ରୋହିଦାସ, ରାଜୁ ରୋହିଦାସ ପ୍ରମୁଖ ସହଯୋଗ କରିଥିଲେ।

## ବରପାଲିରେ ଆମ୍ବେଡ୍‌କର ଜୟନ୍ତୀ

ବରପାଲି,୧୫।୪(ଡି.ଏନ.ଏ.)

ବରପାଲିରେ ଲକ୍ଷେ ଘରିଆ ଦଳିତ ଉନ୍ନୟନ ସଂଘ ପକ୍ଷରୁ ଡ. ବି. ଆର୍. ଆମ୍ବେଡ୍‌କରଙ୍କ ୧୩୨ତମ ଜିଲାସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମ ଶୁକ୍ରବାର ପାଳିତ ହୋଇଛି। ବରପାଲି କେନାଲ ରୋଡ୍ ଆମ୍ବେଦକର ଭବନଠାରେ ବୀରେନ ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି, ପୂର୍ବତନ ଏମ୍‌ପି ଡ. ପ୍ରଭାସ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଈଶ୍ୱର ନାଗ ସଭା ସଂଯୋଜନା କରିଥିବା ବେଳେ ବାଲ କିଶୋର ଛତର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ସୁରେନ୍ଦ୍ର ସୁନା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପ ସଭାପତି ପଙ୍କଜାକ୍ଷ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଆମ୍ବେଡ୍‌କର ଯେଉଁ ସମ୍ବିଧାନ ଲେଖିଯାଇଥିଲେ ତାହାର କିଛି ଭାଗ ଆଇନରେ ପରିଣତ ହୋଇଛି ଏବଂ ଯେଉଁ ନିୟମ ପରିଣତ ହୋଇଛି ତାହା ଲୋକଙ୍କ ପାଇଁ ଏକ ଐତିହ୍ୟ ବୋଲି ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ମହିଳା ପୁରୁଷ ଉପସ୍ଥିତ ଥିଲେ। ଏହି ଅବସରରେ ଡ. ଆମ୍ବେଡ୍‌କର ଓ ଗୌତମ ବୁଦ୍ଧଙ୍କ ଫଟୋ ଚିତ୍ର ସହ ଏକ ବିରାଟ ଶୋଭାଯାତ୍ରା ବରପାଲି ନଗର ପରିକ୍ରମା କରିଥିଲା।




ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିଗଣ।

## ବସ୍ ଚଳାଚଳ ବ୍ୟାହତ, ଯାତ୍ରୀ ହଟହଟା

ବରଗଡ଼ ଅଫିସ୍,୧୫।୪

**ବରଗଡ଼ରେ ସମ୍ବଲପୁର କର୍ଫ୍ୟୁ ପ୍ରଭାବ**

ହନୁମାନ ଜୟନ୍ତୀ ଶୋଭାଯାତ୍ରାବେଳେ ହୋଇଥିବା ହିଂସାକୁ ନେଇ ସମ୍ବଲପୁରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କର୍ଫ୍ୟୁ ଘୋଷଣା କରାଯାଇଛି। ଏହାର ପ୍ରଭାବ ବରଗଡ଼ ଜିଲାରେ ମଧ୍ୟ ଅନୁଭୂତ ହୋଇଛି। ସମ୍ବଲପୁରରେ କର୍ଫ୍ୟୁ ଜାରି କରାଯାଇଥିବା ଯୋଗୁ ଶନିବାର ବସ୍ ଚଳାଚଳ ବ୍ୟାହତ ହୋଇପଡିଥିଲା। ହାତ ଗଣତି ଅଳ୍ପ ସଂଖ୍ୟକ ଯାତ୍ରୀବାହୀ ବସ୍‌କୁ ଛାଡ଼ିଦେଲେ ଅଧିକାଂଶ ବସ୍ ଉଭୟ ସରକାରୀ ଏବଂ ଘରୋଇ ବସଷ୍ଟାଣ୍ଡରେ ଅଟକି ରହିଥିଲା। ଫଳରେ ଯାତ୍ରୀମାନଙ୍କୁ ହଟହଟା ହେବାକୁ ପଡ଼ିଥିଲା।

ବରଗଡ଼ରୁ ସମ୍ବଲପୁରକୁ ସରକାରୀ ବସ୍, ସିଟି ବସ୍ ସମେତ ଘରୋଇ ଯାତ୍ରୀବାହୀ ନିୟମିତ ଯାତାୟାତ କରେ। ଛାତ୍ରୀଛାତ୍ରଙ୍କଠାରୁ ଅନେକ ସରକାରୀ, ଘରୋଇ କର୍ମଚାରୀ ସବୁଦିନ ସେହି ବସ୍ ଉପରେ ନିର୍ଭର କରିଥାନ୍ତି। ହେଲେ ସମ୍ବଲପୁରରେ କର୍ଫ୍ୟୁ ଜାରି ହେବା ପରେ ଶନିବାର ସେଠାକୁ ବସ୍ ଚଳାଚଳ ବନ୍ଦ ରହିଥିଲା। ଯାତ୍ରୀମାନେ ସରକାରୀ, ଘରୋଇ ବସ୍‌ଷ୍ଟାଣ୍ଡକୁ ଆସିଥିଲେ, ମାତ୍ର ବସ୍ ସମ୍ବଲପୁର ଅଭିମୁଖେ ନ ବାହାରିବାରୁ ନିରାଶରେ ଘରକୁ ଫେରିବାକୁ ପଡ଼ିଥିଲା। ତେବେ ପରେ ଅଳ୍ପ କେତୋଟି ବସ୍ ସମ୍ବଲପୁର ଅଭିମୁଖେ ଯାଇଥିଲେ ସୁଦ୍ଧା କିଛି ଅଧାବାଟରୁ ଫେରି ଆସୁଥିଲା ଏବଂ ଆଉ କିଛି ସମ୍ବଲପୁର ଘରୋଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ ମଧ ତୁରନ୍ତ ବସଷ୍ଟାଣ୍ଡ ଛାଡ଼ି ବରଗଡ଼ ଅଭିମୁଖେ ଫେରି ଆସୁଥିଲା। ଏ ସମ୍ପର୍କରେ ବରଗଡ଼ ଘରୋଇ ବସ୍ ମାଲିକ ସଂଘର ସମ୍ପାଦକ ଶେଖ୍ ନଜିମୁଦ୍ଦିନଙ୍କୁ ପଚାରିବାରୁ ସେ କହିଥିଲେ, ବରଗଡ଼ରୁ ସମ୍ବଲପୁରକୁ ପ୍ରାୟ ୪୦ ଯାତ୍ରୀବାହୀ ବସ୍ ସବୁଦିନ ମୋଟ୍ ପ୍ରାୟ ୧୧୦ଥର ଯିବା ଆସିବା କରିଥାନ୍ତି। ତେବେ ସମ୍ବଲପୁରରେ କର୍ଫ୍ୟୁ ଜାରି କରାଯାଇଥିବା ଯୋଗୁ ତାକୁ ଦୃଷ୍ଟିରେ ରଖି ସେଠାକୁ ବସ ଚଳାଚଳ ବନ୍ଦ ରହିଥିଲା। ରବିବାରଠାରୁ ସମ୍ବଲପୁରକୁ ବସ୍ ଚଳାଚଳ ସ୍ୱାଭାବିକ ହେବ ବୋଲି ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଥିଲେ।



ବରଗଡ଼ ସରକାରୀ ବସଷ୍ଟାଣ୍ଡରେ ସିଟିବସ୍ ଅଟକି ରହିଛି ।

# କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ନାଗରିକ ସମ୍ବର୍ଦ୍ଧନା ଉତ୍ସବ

## ୨୦ ଦେଶର ୨୧ ପ୍ରତିନିଧି ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୫।୪

କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ଏକ ନାଗରିକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଉକ୍ତ ଉତ୍ସବରେ ଆମେରିକା, ବ୍ରିଟେନ, ଜର୍ମାନୀ, ୟୁକ୍ରେନ୍, ସୁଇଜରଲାଣ୍ଡ, ପୋଲାଣ୍ଡ, ଆର୍ମେନିଆ, ସ୍ଲୋଭାକିଆ, ବୁଲ୍‌ଗେରିଆ, କଙ୍ଗୋ, ଆଇଭେରି କୋଷ୍ଟ ଭଳି ୨୦ ଦେଶର ସାଂସଦ, ଶିକ୍ଷାବିତ୍‌ଙ୍କ ସମେତ ୫ଟି ଦେଶର କୂଟନୀତିଜ୍ଞଙ୍କୁ ମଧ୍ୟ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି। ଜି-୨୦ ସମ୍ମିଳନୀ ପରିପ୍ରେକ୍ଷୀରେ ଗତ ଦୁଇ ଦିନ ଧରି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ସମ୍ମାନଜନକ ୟୁଥ୍-୨୦ ପରାମର୍ଶ କର୍ମଶାଳା ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୨୦ ଦେଶର ୨୧ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟପାଳ ସମସ୍ତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତକରି ବସୁଧୈବ କୁଟୁମ୍ବକମ୍ ଉପରେ ଗୁରୁତ୍ୱ ଦେଇଥିଲେ। ଏପରିକି ରାଜ୍ୟପାଳ କହିଥିଲେ, ସମାଜରେ ଶାନ୍ତି, ସମୃଦ୍ଧି ଓ ସାମ୍ୟତା ବଜାୟ ରଖିବା ପାଇଁ ଜି-୨୦ ଅଧୀନରେ ୟୁଥ୍-୨୦ କର୍ମଶାଳା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସମସ୍ତ ଅନ୍ତର୍ଜାତୀୟ ପ୍ରତିନିଧି କିଟ୍ ଓ କିସ୍‌ର ବିଭିନ୍ନ କ୍ୟାମ୍ପସ ପରିଦର୍ଶନ କରି କିଟ୍ ଓ କିସ୍ ପରିଦର୍ଶନକରି ସେମାନେ ପ୍ରତିଷ୍ଠାନର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହା ସହ କିଟ୍ ପକ୍ଷରୁ ତାଙ୍କୁ ମିଳିଥିବା ଆତିଥେୟତାରେ ସେମାନେ ଅଭିଭୂତ ବୋଲି କହିଥିଲେ। ଓଡ଼ିଶାର ଲୋକମାନେ ଅତ୍ୟନ୍ତ ଭଲ ଓ ଅତିଥି ପରାୟଣ ବୋଲି ପ୍ରତିନିଧିମାନେ ମତ ଦେବା ସହ ସେମାନଙ୍କ ଓଡ଼ିଶା ଗସ୍ତ କେବେ ବି ଭୁଲିପାରିବେ ନାହିଁ ମତପ୍ରକାଶ କରିଥିଲେ।

ଏ ସମ୍ପର୍କରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଥିଲେ, ତାଙ୍କ ଅନୁରୋଧ ରକ୍ଷାକରି ୨୦ ଦେଶର ସାଂସଦ, କୂଟନୀତିଜ୍ଞ ଓ ବିଶିଷ୍ଟ ଶିକ୍ଷାବିତ୍‌ମାନେ ଏଠାକୁ ଆସିଥିବାରୁ ଏହା ଉଭୟ କିଟ୍ ତଥା ଓଡ଼ିଶା ପାଇଁ ଗୌରବର ବିଷୟ। ସେଥିପାଇଁ ସେ କର୍ମଶାଳାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଥିଲେ।



ଶନିବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଅନ୍ତର୍ଜାତୀୟ ପ୍ରତିନିଧିଙ୍କୁ ସମ୍ମାନୀତ କରୁଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସମେତ ରଗ୍‌ବୀ ଇଣ୍ଡିଆର ସଭାପତି ତଥା ବଲିଉଡ୍ ଅଭିନେତା ରାହୁଲ ବୋଷ, କିଟ୍ ଓ କିସ୍‌ର ସଭାପତି ଶାଶ୍ୱତୀ ବଳ ଏବଂ ଉପସଭାପତି ଉମାପଦ ବୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ଲାଷ୍ଟୋର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧୫।୪




ଦେଶର ପ୍ରମୁଖ ପ୍ଲାଷ୍ଟିକ ସାମଗ୍ରୀ ଉତ୍ପାଦକ କମ୍ପାନୀ ପ୍ଲାଷ୍ଟୋ ପକ୍ଷରୁ ନିକଟରେ ଏକ ନୂତନ ଉତ୍ପାଦର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ପ୍ରମୁଖ ବ୍ରାଣ୍ଡ୍ ପାଣିଟାଙ୍କିର ଏକ ୬ସ୍ତରୀୟ ବିଶିଷ୍ଟ ଏକ ଡବଲ ଫୋମ୍ ସହ ଇନୋଭେଟିଭ ଡବଲ ଫୋମ୍ ଟେକ୍ନୋଲୋଜି, ୟୁଭି ସୁରକ୍ଷା, ଦୀର୍ଘସ୍ଥାୟୀ ପାଣିଟାଙ୍କିର ବଜାର ପ୍ରବେଶ କରାଯାଇଛି। ସେହିଭଳି କମ୍ପାନୀର ଉକ୍ତ ଉତ୍ପାଦରେ ଅନେକ ବୈଶିଷ୍ଟ୍ୟ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଉକ୍ତ ପାଣିଟାଙ୍କି ବିଶେଷକରି ନିଜସ୍ୱ ଗୃହ, ବାଣିଜ୍ୟିକ କ୍ଷେତ୍ର ଏବଂ ଶିଳ୍ପାଞ୍ଚଳ ଆଦିରେ ବ୍ୟବହୃତ ହୋଇପାରିବ। ଅପରପକ୍ଷରେ କମ୍ପାନୀର ଉକ୍ତ ଉତ୍ପାଦରେ ୬ସ୍ତରୀୟ ଡବଲ ଫୋମ ଟ୍ୟାଙ୍କ ସହ ଗୁଣାତ୍ମକ ମାନ ଓ ଉନ୍ନତ ମାନର ପ୍ଲାଷ୍ଟିକରେ ନିର୍ମାଣ କରାଯାଇଛି। ଏହା ସବୁ ପ୍ରକାର ଉତ୍ତାପ ଓ ପରିବେଶ ଅନୁକୂଳ ଭିତ୍ତିରେ ଉପଯୋଗୀ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଦୀର୍ଘ ବର୍ଷ ହେବ କମ୍ପାନୀ ଭାରତୀୟ ବଜାରରେ ବିଭିନ୍ନ ବର୍ଗର ଉତ୍ପାଦ ନିର୍ମାଣ କରୁଛି। ବିଶେଷକରି ପାଣିଟାଙ୍କି, ପାଇପ ଭଳି ଆବଶ୍ୟକ ସାମଗ୍ରୀର ବଜାର ଲିଡର ଭାବେ କମ୍ପାନୀ ସ୍ୱୀକୃତି ଲାଭ କରିଛି।

# ଅରୁନ୍ଧତୀର ସର୍ବଶ୍ରେଷ୍ଠ ଅକ୍ଷୟତୃତୀୟା ଅଫର




ଭୁବନେଶ୍ୱର,୧୫।୪

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଚଳିତ ବର୍ଷର ଅକ୍ଷୟ ତୃତୀୟା ଉପଲକ୍ଷେ ସର୍ବଶ୍ରେଷ୍ଠ ଅକ୍ଷୟ ତୃତୀୟା ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାନର ଆକର୍ଷଣୀୟ ଡିଜାଇନ ଓ କଲେକ୍ସନ ସହ ୧୦,୦୦୦ର ଅଧିକ ଡିଜାଇନ ଉପଲବ୍ଧ। ଏପରିକି ଏଚ୍‌ୟୁଆଇଡି ଗହଣାର କିଣା ମୂଲ୍ୟ ଉପରେ ମାଗଣା ସ୍ୱର୍ଣ୍ଣମୁଦ୍ରା ସହ ୩୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ଦିଆଯାଉଛି। ସେହିଭଳି ପ୍ରତି କ୍ରୟ ଉପରେ ଭିଆଇପି ବ୍ୟାଗ୍ ଓ ପୁରୁଣା ଗହଣା ଆଦି ଉପରେ ୫୦୦ ଟଙ୍କାର ଅତିରିକ୍ତ ଏକ୍ସଚେଞ୍ଜ ବୋନସ ସହ ହୀରା ଗହଣାର ମୂଲ୍ୟ ଉପରେ ଫ୍ଲାଟ୍ ୨୧%ର ରିହାତି ପ୍ରଦାନ କରାଯାଉଛି। ଏହି ଅଫର ଜରିଆରେ ଚଳିତ ମାସ ୨୧ ତାରିଖ ପର୍ଯ୍ୟନ୍ତ ଆଡଭାନ୍ସ ଗହଣା ବୁକିଂ କରୁଥିବା ଗ୍ରାହକଙ୍କ ପାଇଁ ବୁକିଂ ଗହଣା ଉପରେ ସର୍ବନିମ୍ନ ଫ୍ଲେକ୍ସିବଲ ସୁନା ଦର ଲାଗୁ ହେବ। ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ପବିତ୍ର ଅକ୍ଷୟ ତୃତୀୟାରେ ଗ୍ରାହକଙ୍କୁ ସର୍ବଶ୍ରେଷ୍ଠ ଅକ୍ଷୟ ତୃତୀୟା ଅଫର ପ୍ରଦାନକରି ଆମେ ବେଶ୍ ଆନନ୍ଦିତ । ଏହି ଅବସରରେ ଗ୍ରାହକମାନେ ଆକର୍ଷଣୀୟ ଅଳଙ୍କାର ଓ ଗହଣା ସୁଲଭ ମୂଲ୍ୟ ଓ ସ୍ୱତନ୍ତ୍ର ସୁବିଧା ଓ ରିହାତିରେ ପାଇପାରିବେ।

# ଲାଲଚାନ୍ଦ୍‌ର 'ଗ୍ରେଟ୍ ଅକ୍ଷୟତୃତୀୟା ଅଫର'

ଭୁବନେଶ୍ୱର,୧୫।୪

ଓଡ଼ିଶାର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ୍ ଜୁଏଲର୍ସ ପକ୍ଷରୁ 'ଗ୍ରେଟ୍ ଅକ୍ଷୟ ତୃତୀୟା ଅଫର' ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ପ୍ରତିଷ୍ଠାନର ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରସ୍ଥିତ ଶୋ'ରୁମ୍ ପାଇଁ ଗଢ଼ା ମଜୁରି ଉପରେ ବିଶେଷ ଅଫର ମଧ୍ୟ ପ୍ରଦାନ କରାଯାଉଛି। ଏପରିକି ସୁନା ଗହଣା କ୍ରୟ ଉପରେ ଗ୍ରାମ୍ ପିଛା ଗଢ଼ା ମୂଲ୍ୟ ଫ୍ଲାଟ୍ ୬୯୯ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଥିସହିତ ୨୫,୦୦୦ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ୨୦୦ ମିଲିଗ୍ରାମ୍‌ର ୨୪ କ୍ୟାରେଟ୍ ସ୍ୱର୍ଣ୍ଣମୁଦ୍ରା ଗ୍ରାହକମାନେ ମାଗଣା ପାଇପାରିବେ ବୋଲି ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ୫୦,୦୦୦ ଟଙ୍କା ମୂଲ୍ୟର ହୀରା ଗହଣା କ୍ରୟ ଉପରେ ୫୦୦ ମିଲିଗ୍ରାମ୍‌ର ୨୪ କ୍ୟାରେଟ୍ ସ୍ୱର୍ଣ୍ଣମୁଦ୍ରା ଏବଂ ୧ ଲକ୍ଷ ଟଙ୍କା ମୂଲ୍ୟର ହୀରା ଗହଣା ଉପରେ ୨ଗ୍ରାମ୍‌ର ୨୪ କ୍ୟାରେଟ୍ ସ୍ୱର୍ଣ୍ଣମୁଦ୍ରା




ଗ୍ରାହକମାନେ ମାଗଣାରେ ପାଇପାଇବେ। ସେହିଭଳି ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦%ର ରିହାତି ରହିଛି। ଏହା ସହ ଲାଲଚାନ୍ଦ୍ ସିଲେକ୍ଟ ବ୍ରାଣ୍ଡେଡ୍ ଘଣ୍ଟା ଉପରେ ୨୦% ପର୍ଯ୍ୟନ୍ତ ଏବଂ ବ୍ରାଣ୍ଡେଡ୍ ଗିଫ୍ଟ ଆଇଟମ୍ ଉପରେ ୧୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଅକ୍ଷୟ ତୃତୀୟାରେ ଲାଲଚାନ୍ଦ୍ ଜୁଏଲର୍ସର ବ୍ରହ୍ମପୁର ଷ୍ଟୋରର ପ୍ରଥମ ବାର୍ଷିକୀ ଉପଲକ୍ଷେ ମଧ୍ୟ ଆକର୍ଷଣୀୟ 'ଡବଲ ଧମାକା ଅଫର'ର ଶୁଭାରମ୍ଭ କରାଯାଇଛି। ଏହି ଅଫର ଜରିଆରେ ଗ୍ରାହକ ସର୍ବନିମ୍ନ ୨୦,୦୦୦ ଟଙ୍କା ମୂଲ୍ୟର ଗହଣା କିଣି ଇଲେକ୍ଟ୍ରିକ୍ ସ୍କୁଟର ଜିତିବାର ସୁବର୍ଣ୍ଣ ସୁଯୋଗ ପାଇପାରିବେ। ଏପରିକି ଲକି ଡ୍ର' ମାଧ୍ୟମରେ ୩ ଜଣ ଭାଗ୍ୟଶାଳୀ ବିଜେତା ଉକ୍ତ ଅଫରର ଲାଭ ଉଠାଇପାରିବେ। ଏହା ସହିତ କନ୍ୟା ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଲାଲଚାନ୍ଦ୍ ବ୍ରହ୍ମପୁର ପକ୍ଷରୁ 'ଗୁଡ୍ ଲକ୍ ଅଫର' ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ଜରିଆରେ ଝିଅର ମାଟ୍ରିକ୍ ଆଡ୍‌ମିଟ୍ କାର୍ଡ ଦେଖାଇ ଅଭିଭାବକମାନେ ଗହଣା କିଣାକିଣି ଉପରେ 'ଗୁଡ୍ ଲକ୍ କଏନ୍' ମାଗଣା ପାଇପାରିବେ। ଏହା ସହ ସ୍ୱତନ୍ତ୍ର ଆନିଭର୍ସାରି ଅଫର ଜରିଆରେ ଗ୍ରାହକମାନେ ପ୍ରତ୍ୟେକ କ୍ରୟ ଉପରେ ଏକ ନିଶ୍ଚିତ ଉପହାର ମଧ୍ୟ ପାଇପାରିବେ। ଏହି ସମସ୍ତ ଅଫର ୨୦୨୩ ଏପ୍ରିଲ ୩୦ ପର୍ଯ୍ୟନ୍ତ ବୈଧ ରହିଛି। ସେହିପରି ଲାଲଚାନ୍ଦ୍ ଜୁଏଲର୍ସରେ ଶତ ପ୍ରତିଶତ ଏଚ୍‌ୟୁଆଇଡି (ହଲ୍‌ମାର୍କଯୁକ୍ତ ଏକକ ପରିଚୟପତ୍ର) ଉତ୍ପାଦ ସହ ନିୟମ ଅନୁପାଳନ କରିଥାଏ।

# ଲେଖ ଆପ୍ ଉନ୍ମୋଚନ ସମାରୋହ

ଭୁବନେଶ୍ୱର,୧୫।୪

ଅନ୍ତଃରାଷ୍ଟ୍ରୀୟ ଆଇଟି ସେବା ପ୍ରଦାନକାରୀ ସଂସ୍ଥା ନିର୍ମାଲ୍ୟ ଲାବ୍ସ ପକ୍ଷରୁ ଏକ ଅତ୍ୟାଧୁନିକ ଆପ୍ 'ଲେଖ'ର ବିକଶିତ କରାଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିଜ୍ଞ ଆଇଟି ବିଶେଷଜ୍ଞଙ୍କ ଦ୍ୱାରା ଉକ୍ତ ଆପ୍‌ର ପରିକଳ୍ପନା ସହ ନିର୍ମାଣ ହୋଇଛି। ବିଶେଷକରି ବ୍ୟସ୍ତବହୁଳ ଜୀବନ ଓ ଡିଜିଟାଲ ଯୁଗରେ ସବୁ ବର୍ଗର ଗ୍ରାହକ ସର୍ବଦା ଡିଜିଟାଲ ପ୍ଲାଟ୍‌ଫର୍ମକୁ ଗୁରୁତ୍ୱ ଦେଇଆସୁଛନ୍ତି। ଫଳରେ ସମୟ ରକ୍ଷା ଓ ସୁଲଭ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ଓ ସେବା ଗ୍ରାହକ ପାଇପାରୁଛନ୍ତି। ଏଭଳି ସ୍ଥିତିରେ ସବୁ ବର୍ଗର ଗ୍ରାହକଙ୍କ ଅତି ଗୁରୁତ୍ୱ ଓ ଆବଶ୍ୟକ ଦୈନନ୍ଦିନ ଅତ୍ୟାବଶ୍ୟକ ସାମଗ୍ରୀର ଆଧୁନିକ ସେବା ଯୋଗାଇବା ଲକ୍ଷ୍ୟରେ ଉକ୍ତ ଆପ୍ ବିଶେଷ ଭାବେ ସହାୟତା କରିବ ବୋଲି ଆପ୍ ବିକଶିତ ଟିମ୍ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଦେଶର ପ୍ରମୁଖ ମସଲା କମ୍ପାନୀ ମହାରାଜା ମସଲା ଓ ନିର୍ମାଲ୍ୟ ଲାବ୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ହୋଇଥିବା ଜଣାପଡ଼ିଛି। ସେହିଭଳି ଉଭୟ ନିର୍ମାଲ୍ୟ ଲାବ୍ସ ଓ ମହାରାଜା ମସଲାର ମିଳିତ ଉଦ୍ୟମରେ ଶୁକ୍ରବାର ଉକ୍ତ ଆପ୍‌ର ଆନୁଷ୍ଠାନିକ ଉନ୍ମୋଚନ ହୋଇଯାଇଛି। ଏପରିକି ପବିତ୍ର ପଣାସଂକ୍ରାନ୍ତି ଅବସରରେ ଉଭୟ ସଂସ୍ଥା ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଉକ୍ତ ସମାରୋହରେ ମହାରାଜା ମସଲାର କଣ୍ଟ୍ରି ହେଡ୍ ଅଭିନାଶ ସାହାଣୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମାଲ୍ୟ ଲାବ୍ସର ଭିପି ତୁଷାର ମହାନ୍ତି, ନିର୍ଦ୍ଦେଶିକା ସ୍ମୃତି ଦାଶଙ୍କ ସମେତ ଉଭୟ ସଂସ୍ଥାର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଅଭିନାଶ ସାହାଣୀ କହିଛନ୍ତି, ଏହି ଆପ୍ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଏକ ସମତୁଲ ସମ୍ପର୍କ ସୃଷ୍ଟି ସହ କାରବାରରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା କରାଇବ।

ଫୁର୍‌ସତ୍

# ଅଧିକ ଉଚ୍ଚତା ଯୋଗୁ ମିଳୁନି ବୟଫ୍ରେଣ୍ଡ

ୱାଶିଂଟନ

ସମସ୍ତେ ସୁନ୍ଦର ଚେହେରା, ଉଚ୍ଚତା ପସନ୍ଦ କରନ୍ତି। ହେଲେ ଉଚ୍ଚତାକୁ ନେଇ ଜଣେ ଝିଅଙ୍କୁ ଅସୁବିଧା ହେଉଥିବା ସେ କହିଛନ୍ତି। ତାଙ୍କର ଅଧିକ ଉଚ୍ଚତା ଯୋଗୁ ତାଙ୍କୁ ବୟଫ୍ରେଣ୍ଡ ମିଳିବା ମଧ୍ୟ କଷ୍ଟକର ହେଉଛି। ଆମେରିକାର ଜଣେ ୬ଫୁଟ ୨ ଇଞ୍ଚ ଉଚ୍ଚତା ବିଶିଷ୍ଟ ୨୮ ବର୍ଷୀୟା ମୈରୀ ଟେମାରା ତାଙ୍କ ଉଚ୍ଚତାକୁ ନେଇ ଦୁଃଖରେ ଥିବା କହିଛନ୍ତି। ଯେଉଁଥିପାଇଁ ତାଙ୍କୁ ବୟଫ୍ରେଣ୍ଡ ଖୋଜିବାରେ ଅସୁବିଧା ହେଉଛି। ଥରେ ସେ ୬ଫୁଟ ୩ ଇଞ୍ଚ ବିଶିଷ୍ଟ ଜଣେ ପୁଅକୁ ଦେଖା କରିବାକୁ ଯାଇଥିଲେ। ହେଲେ ସେଠାରେ ପହଞ୍ଚି ଜଣାପଡିଲା ଯେ, ପୁଅର ଉଚ୍ଚତା ୫ ଫୁଟ ୧୧ ଇଞ୍ଚ। ମୈରୀଙ୍କୁ ସେଠାରେ ତାଙ୍କ ଉଚ୍ଚତା ପାଇଁ ଟ୍ରୋଲ ହେବାକୁ ପଡିଥିଲା। କଥାରେ ଅଛି, ଝିଅଙ୍କ କମ୍ ଉଚ୍ଚତା ହେଲେ ଚଳିବ, କିନ୍ତୁ ପୁଅଙ୍କ ଉଚ୍ଚତା ଝିଅଙ୍କଠାରୁ ଅଧିକ ହେବା ଉଚିତ। ଏବେ ମୈରୀ ଏହି ରୁଢି କଥାକୁ ଭାଙ୍ଗିବାକୁ ଚାହୁଁଛନ୍ତି। ସେ ଏବେ ତାଙ୍କଠାରୁ କମ୍ ଉଚ୍ଚତା ବିଶିଷ୍ଟ ପୁଅଙ୍କୁ ଡେଟ୍ କରିବା ଆରମ୍ଭ କରିଛନ୍ତି। ମୈରୀଙ୍କ ମା'ଙ୍କ ଉଚ୍ଚତା ୬ ଫୁଟ ୫ ଇଞ୍ଚ ହୋଇଥିବାବେଳେ ବାପାଙ୍କ ଉଚ୍ଚତା ୬ଫୁଟ ୩ ଇଞ୍ଚ। ତାଙ୍କ ୨ ଭାଇଙ୍କ ମଧ୍ୟରୁ ଜଣଙ୍କ ଉଚ୍ଚତା ୬ଫୁଟ ୯ ଇଞ୍ଚ ହୋଇଥିବାବେଳେ ଅନ୍ୟଜଣଙ୍କ ୬ଫୁଟ୍ ୧୦ ଇଞ୍ଚ। ତାଙ୍କ ଘରେ ସମସ୍ତଙ୍କ ଉଚ୍ଚତା ୬ଫୁଟ ଉପରେ ଥିବାରୁ ବାହାର ଲୋକେ ସେମାନଙ୍କୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ତେବେ ମୈରୀ ଆଥ୍‌ଲେଟ ହେବା ସହ ଜଣେ ମଡେଲର ମଧ୍ୟ।



# ଭୁଲ୍ ଟୁଇଟ୍ ପାଇଁ କ୍ଷମା ମାଗିଲେ ହେମା

ମୁମ୍ବାଇ

ଆସାମର ସବୁଠୁ ବଡ଼ ପର୍ବ ହେଲା 'ବିହୁ'। ଏହି ପର୍ବ ପ୍ରତିବର୍ଷ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ପଡିଥାଏ। ଫସଲ ଅମଳ ଆରମ୍ଭ ହେବା ସମୟକୁ ସେଠାକାର ଲୋକେ ଏହି ପର୍ବ ପାଳିଥାନ୍ତି। ତେବେ ଏହି ପର୍ବ ଉପଲକ୍ଷେ ଅଭିନେତ୍ରୀ ହେମା ମାଳିନୀ ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଲେଖି ଶୁଭେଚ୍ଛା ଜଣାଇଥିଲେ। ହେଲେ ସେ ସେଥିରେ ଭୁଲବଶତଃ ବିହୁକୁ ଆସାମର ପର୍ବ ଲେଖିବା ପରିବର୍ତ୍ତେ ବିହାର ପର୍ବ ବୋଲି ଲେଖିଥିଲେ। ଯେଉଁଥିପାଇଁ ଅନେକ ଟ୍ରୋଲ ହେବାକୁ ପଡିଥିଲା। ଏବେ ହେମା ତାଙ୍କ ଭୁଲକୁ ସ୍ୱୀକାର କରି ସମସ୍ତଙ୍କୁ କ୍ଷମା ମାଗିଛନ୍ତି। ସେ ଏକ ଟୁଇଟ୍ ଜରିଆରେ ଲେଖିଛନ୍ତି, ବିହୁକୁ ବିହାର ପର୍ବ ବୋଲି ସେ ଭୁଲରେ ଲେଖିଛନ୍ତି। ବାସ୍ତବରେ ଏହା ଆସାମର ପର୍ବ। ସେ ତାଙ୍କର ଏପରି ଭୁଲ ପାଇଁ ଦୁଃଖିତ। ତାଙ୍କର ଏପରି ଟୁଇଟ୍‌ରେ ଅନେକ ୟୁଜର୍ସ ଭିନ୍ନ ଭିନ୍ନ କମେଣ୍ଟ କରିଥିଲେ।



# କମ୍ପାନୀ ପକ୍ଷରୁ ବ୍ୟକ୍ତିଙ୍କୁ ୩୬୫ ଦିନ ପେଡ୍ ଲିଭ୍

**ବେଜିଂ:** ଲୋକେ ତାଙ୍କ ସୁବିଧା ଅସୁବିଧା ପାଇଁ ତାଙ୍କ କର୍ମସ୍ଥାନରୁ କିଛିଦିନ ବିରତି ନେଇଥାନ୍ତି। ସେଥିରେ ତାଙ୍କର କିଛି ଦିନର ଦରମା କଟି ନ ଥାଏ। ହେଲେ ନିକଟରେ ଜଣେ ବ୍ୟକ୍ତିଙ୍କୁ କାର୍ଯ୍ୟରତ ଥିବା ଏକ କମ୍ପାନୀଠାରୁ ବର୍ଷକର ବିରତି ମିଳିଛି। ଏଥିସହ ତାଙ୍କୁ ସବୁ ମାସର ଦରମା ମଧ୍ୟ ମିଳିବ ବୋଲି ଘୋଷଣା ହୋଇଛି। ଚାଇନାର ଏକ କମ୍ପାନୀ ତା' କର୍ମଚାରୀଙ୍କ ପାଇଁ ଲକି ଡ୍ରର ଆୟୋଜନ କରିଥିଲା। ସେଥିରେ ଜଣେ ବ୍ୟକ୍ତି ଲକି ଡ୍ରରେ ପେଡ୍ ଲିଭ୍ ଜିତିଛନ୍ତି। ରିପୋର୍ଟ ମୁତାବକ, ସେହି କମ୍ପାନୀ କର୍ମଚାରୀଙ୍କ କାମ ପ୍ରତି ଆଗ୍ରହ ବଢାଇବାକୁ ୩ ବର୍ଷରେ ଥରେ ଲକି ଡ୍ରର ଆୟୋଜନ କରିଥାଏ। କମ୍ପାନୀରେ ପ୍ରଶାସନ ସମ୍ବନ୍ଧୀୟ ଜଣେ କର୍ମଚାରୀଙ୍କୁ ଲକି ଡ୍ର ମାଧ୍ୟମରେ ୩୬୫ ଦିନ ଛୁଟି ମିଳିଛି।



# ବର୍ଗାକାର ଚକା ବିଶିଷ୍ଟ ସାଇକେଲ

ନୂଆଦିଲ୍ଲୀ

ଲୋକେ ଗୋଟେ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବା ପାଇଁ ବିଭିନ୍ନ ପ୍ରକାର ଯାନବାହନ ବ୍ୟବହାର କରିଥାନ୍ତି। ହେଲେ ସବୁ ଯାନର ଚକା ଗୋଲାକୃତି ହୋଇଥିବା ଦେଖିବାକୁ ମିଳେ। ଯଦି କୌଣସି ଯାନର ଚକା ଆକୃତି ଗୋଲାକାର ବଦଳରେ ଅନ୍ୟ ଆକାର ଧାରଣ କରେ, ତେବେ କ'ଣ ଏହା ଚାଲିପାରିବ? କିଛି ଲୋକଙ୍କ ମନରେ ନିଶ୍ଚିତ ଏପରି ପ୍ରଶ୍ନ ଆସିଥାଏ। ତେବେ ନିକଟରେ ଇଞ୍ଜିନିୟର ସର୍ଗି ଗୋର୍ଡିଇଭ୍ ଗୋଲାକାର ବଦଳରେ ଏକ ବର୍ଗାକାର ଚକା ବିଶିଷ୍ଟ ସାଇକେଲ ତିଆରି କରିଛନ୍ତି। ଯାହାକି ବରଫାବୃତ୍ତ ଅଞ୍ଚଳରେ ଚାଲିପାରିବ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଲୋକେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି। ଭିଡିଓରେ ସର୍ଗି ଏକ ବର୍ଗାକାର ଚକା ବିଶିଷ୍ଟ ସାଇକେଲ ଚଳାଉଥିବା ନଜରକୁ ଆସିଛନ୍ତି। ପ୍ରକୃତରେ ସେ ବ୍ୟକ୍ତି କହିଛନ୍ତି, ସେହି ସାଇକେଲକୁ ଏପରି ଡିଜାଇନ କରାଯାଇଛି ଯେ ସେଥିରେ ଲାଗିଥିବା ଚକା ବୁଲୁନି। ଚକାରେ ଲାଗିଥିବା ଟାୟାର ବୁଲୁଥିବାରୁ ସାଇକେଲଟି ଗଡିବାରେ କୌଣସି ଅସୁବିଧା ହେଉନି। ହେଲେ ଗୋଲାକାର ଚକା ଯେମିତି ସରଳ ଏବଂ ଅଧିକ ସ୍ପିଡ୍‌ରେ ଯାଇପାରିବ, ତାହା ଏହି ସାଇକେଲରେ ସମ୍ଭବ ନୁହେଁ। ତେବେ ଏପରି ବିଚିତ୍ର ଚକା ଥିବା ସାଇକେଲ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।



# ବିଲେଇ ପାଇଁ ସ୍ୱାମୀଙ୍କୁ ଛାଡ଼ପତ୍ର

**ୱାଶିଂଟନ:** ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ କଳି ଲାଗି ବିବାହ ବିଚ୍ଛେଦ ହୋଇଥାଏ। ହେଲେ ନିକଟରେ ଘରେ ପାଳିଥିବା ବିଲେଇକୁ ସ୍ୱାମୀ ବାହାର କରିଦେବାରୁ ସ୍ତ୍ରୀ ତାଙ୍କୁ ଛାଡପତ୍ର ଦେଇଥିବା ନଜରକୁ ଆସିଛି। ଜଣେ ମହିଳା ତାଙ୍କ ବାପାଙ୍କ ଦେହାନ୍ତ ପରେ ବେନ୍‌ଜି ନାମକ ଏକ ବିଲେଇ ପାଳିଥିଲେ। ମହିଳା ସେହି ବିଲେଇକୁ ତାଙ୍କ ବାପାଙ୍କ ପୁନର୍ଜନ୍ମ ବୋଲି ଭାବୁଥିଲେ। ଧୀରେ ଧୀରେ ମହିଳା ଉକ୍ତ ବିଲେଇକୁ ଅଧିକ ସ୍ନେହ କରିବାକୁ ଲାଗିଲେ। ଏହା ଦେଖି ତାଙ୍କ ସ୍ୱାମୀ ଅତ୍ୟନ୍ତ ବିରକ୍ତ ହେଉଥିଲେ। ଦିନେ ମହିଳା ତାଙ୍କ ମା'ଙ୍କ ଜନ୍ମଦିନ ପାଳନ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ତାଙ୍କ ସ୍ୱାମୀ ପାଳିତ ବିଲେଇକୁ ପ୍ରାଣୀ ରହୁଥିବା ସ୍ଥାନରେ ଛାଡି ଦେଇଥିଲେ। ଏଥିରେ ସ୍ତ୍ରୀ ବ୍ୟସ୍ତ ହୋଇ ଛଡାଯାଇଥିବା ସ୍ଥାନରୁ ବିଲେଇକୁ ସାଙ୍ଗରେ ଆଣିଥିଲେ। ହେଲେ ସ୍ୱାମୀଙ୍କ ଏପରି କାର୍ଯ୍ୟ ଯୋଗୁ ସେ ତାଙ୍କୁ ଛାଡପତ୍ର ଦେବାକୁ ନିଷ୍ପତ୍ତି ନେଇଛନ୍ତି।

# କେଜ୍‌ରିୱାଲଙ୍କୁ ମୋଦି ଡରୁଛନ୍ତି : ଏଏପି

ନୂଆଦିଲ୍ଲୀ,୧୫।୪

ସିବିଆଇ ପକ୍ଷରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନିକଟକୁ ପଠାଯାଇଥିବା ସମନ ପ୍ରସଙ୍ଗକୁ ନେଇ ଆମ ଆଦମୀ ପାର୍ଟି(ଏଏପି) ମୁଖପାତ୍ର ସୌରଭ ଭରଦ୍ୱାଜ ଭାଜପାକୁ ଟାର୍ଗେଟ କରିଛନ୍ତି। ଶନିବାର ଭରଦ୍ୱାଜ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯଦି ଦେଶର କୌଣସି ନେତାଙ୍କୁ ଭୟ କରୁଛନ୍ତି, ତେବେ ସେ ହେଉଛନ୍ତି କେଜ୍‌ରିୱାଲ। ସ୍ୱାଧୀନତାର ୭୫ ବର୍ଷ ମଧ୍ୟରେ ଆମେ ଅନେକ ଦଳର ସରକାର, ରାଜନୈତିକ ବନ୍ଧୁତା ଏବଂ ଶତ୍ରୁତା ଦେଖିଛୁ, କିନ୍ତୁ କେନ୍ଦ୍ରୀୟ ଏଜେନ୍ସିଗୁଡିକର ଏପରି ଅପବ୍ୟବହାର ଆଜି ପର୍ଯ୍ୟନ୍ତ ହୋଇ ନ ଥିଲା। ଉଦାହରଣ ସ୍ୱରୂପ, ପ୍ରଥମେ ଆମ ଦଳର ତିନି ନମ୍ବର ନେତା ଏବଂ ତା'ପରେ ଦୁଇ ନମ୍ବର ନେତାଙ୍କୁ ଗିରଫ କରାଗଲା। ଆଉ ଏବେ ଏକ ନମ୍ବର ନେତାଙ୍କୁ ଗିରଫ କରିବା ପାଇଁ ପ୍ରସ୍ତୁତି ଚାଲିଛି। ଆମେ ସବୁଠାରୁ ଛୋଟ,ନୂଆ ଜାତୀୟ ପାର୍ଟି। ଆମର ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ କୌଣସି ତୁଳନା ନାହିଁ, ସେ ନିଜେ କହିଛନ୍ତି, ସବୁଠି ତାଙ୍କର ପ୍ରଶଂସାର ବାଜା ବାଜୁଛି। ଦିଲ୍ଲୀର ଜଣେ ଗରିବ ଏବଂ କୋଠାରେ ରହୁଥିବା ବାସିନ୍ଦା ମଧ୍ୟ ପ୍ରଶ୍ନ କରୁଛନ୍ତି ଭାଜପା କାହିଁକି ଏଏପି ବିରୋଧରେ ନିଜର ସମ୍ପୂର୍ଣ୍ଣ ଶକ୍ତି ଲଗାଇଛି। ଏପରିକି ଦିଲ୍ଲୀ ନିର୍ବାଚନରେ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରଚାରପତ୍ର ବାଣ୍ଟିଥିଲେ ମଧ୍ୟ ଦିଲ୍ଲୀର ଲୋକମାନେ ଏଏପିକୁ ଚୟନ କରିଥିଲେ। ଆମର ବିଧାୟକଙ୍କୁ କିଣିବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ଏଏପି ସରକାର ଭାଙ୍ଗିଲା ନାହିଁ। ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି କେଜ୍‌ରିୱାଲଙ୍କୁ ଶେଷ କରିବାକୁ ପଡିବ, ତେଣୁ ତାଙ୍କୁ ଜେଲରେ ରଖିବାକୁ ପ୍ରସ୍ତୁତି ଚାଲିଛି। ତାଙ୍କୁ ୬ ମାସରୁ ବର୍ଷେ ଜେଲରେ ରଖାଯିବା ପାଇଁ ଷଡ଼ଯନ୍ତ୍ର ହେଉଛି। ତା'ପରେ ଦିଲ୍ଲୀ ଏବଂ ପଞ୍ଜାବରେ ତଦନ୍ତ ଏଜେନ୍ସିର ଏକ ତାଣ୍ଡବ କରାଯିବ। ନେତାମାନଙ୍କୁ ଗିରଫ କରି ସରକାରଙ୍କୁ ଭଙ୍ଗାଯିବାର ଯୋଜନା ଭାଜପା ସରକାର କରୁଛନ୍ତି। ଦେଶରେ ଅନେକ ନେତା ଅଛନ୍ତି, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ମନରେ କେଜରିୱାଲଙ୍କ ପ୍ରତି ଭୟ ରହିଛି । ଯେତେବେଳେ ରାହୁଲ ଗାନ୍ଧୀ ଅଯୋଗ୍ୟ ହୋଇଥିଲେ, ସେତେବେଳେ କେଜ୍‌ରିୱାଲ ତାଙ୍କୁ ସମର୍ଥନ କରିଥିବା ପ୍ରଥମ ଅଣ–କଂଗ୍ରେସ ନେତା ଥିଲେ। ଏହାକୁ ନେଇ ଭାଜପା କ୍ରୋଧ ପ୍ରକାଶ କରୁଥିବା ସୌରଭ ଅଭିଯୋଗ କରିଛନ୍ତି।



ଜମ୍ମୁ–କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ୍ ପୁଲ୍‌ୱାମା ଆକ୍ରମଣ ପାଇଁ କେନ୍ଦ୍ର ସରକାରଙ୍କ ଭୁଲ୍ ନିଷ୍ପତ୍ତିକୁ ଦାୟୀ କରିବା ପରେ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଶନିବାର ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ ଏହା ଉପରେ ପ୍ରଶ୍ନ ଉଠାଇଛନ୍ତି। ସିଆରପିଏଫ୍ ଯବାନଙ୍କୁ ବିମାନ କ'ଣ ପାଇଁ ଦିଆଗଲା ନାହିଁ ବୋଲି ଜୟରାମ ପ୍ରଶ୍ନ କରିବା ସହ ଭାଜପା 'ସର୍ବନିମ୍ନ ଶାସନ ଓ ସର୍ବାଧିକ ଚୁପ୍ କରାଇବା'ରେ ବିଶ୍ୱାସ କରୁଥିବା ଅଭିଯୋଗ କରିଛନ୍ତି। ନିକଟରେ କଂଗ୍ରେସ ନେତ୍ରୀ ସୁପ୍ରିୟା ଶ୍ରୀନାଟେ ଉପସ୍ଥିତ ଅଛନ୍ତି। (ଫଟୋ : ଚମନ ଗୌତମ)

# ଶ୍ରମମନ୍ତ୍ରୀଙ୍କ ବହିଷ୍କାର ଦାବି : ଭାଜପା, କଂଗ୍ରେସର ବିକ୍ଷୋଭ




ରାମମନ୍ଦିର ଛକ ନିକଟରେ ଭାଜପା ପକ୍ଷରୁ ବିକ୍ଷୋଭ କରାଯାଉଛି ।

## ଗିରଫ ଦାବିକଲେ ଉଭୟ ଦଳ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ବିଜେଡି ନେତ୍ରୀ ନିଜ ପ୍ରତି ହୋଇଥିବା ଯୌନ ବ୍ୟଭିଚାର ଭଳି ସଙ୍ଗିନ ଅଭିଯୋଗ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ବିରୋଧରେ ଆଣିଛନ୍ତି। ଏହାକୁ ଦୃଢ଼ ନିନ୍ଦା କରିବା ସହ ଶନିବାର ଭାଜପା ଭୁବନେଶ୍ୱର ଜିଲା ସଙ୍ଗଠନ ଏବଂ ଭୁବନେଶ୍ୱର ଜିଲା କଂଗ୍ରେସ ଓ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ କରାଯାଇଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରୁ କର୍ମୀମାନେ ପଦଯାତ୍ରାରେ ବାହାରି ରାମମନ୍ଦିର ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହିଳାଙ୍କ ସମ୍ମାନକୁ ଅକ୍ଷୁଣ୍ଣ ରଖିବା ପାଇଁ ତୁରନ୍ତ ନବୀନବାବୁ ଆଉ ଏକ ଯୌନ ବ୍ୟଭିଚାରୀ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର ଏବଂ ଗିରଫ କରନ୍ତୁ ବୋଲି ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ କହିଛନ୍ତି। ମୁଖ୍ୟମନ୍ତ୍ରୀ ବାରମ୍ବାର ମା'ଙ୍କୁ ସମ୍ମାନ ଦେଉଛନ୍ତି ବୋଲି କହୁଛନ୍ତି। ଯଦି ନାରୀଙ୍କୁ ସମ୍ମାନ ଦେଉଛନ୍ତି ତେବେ ଶାସକ ଦଳର ନେତ୍ରୀଙ୍କ ମାମଲା କାହିଁକି ରୁଜୁ କରାଯାଉନି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡିର ମନ୍ତ୍ରୀମାନେ କ'ଣ ଆଇନର ଉର୍ଦ୍ଧ୍ୱରେ କି ବୋଲି ବାବୁ ସିଂ କହିଛନ୍ତି। ଶ୍ରମ ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇବା ସହ ତୁରନ୍ତ ଗିରଫ କରିବାକୁ ଭାଜପା ଦାବି କରିଛି ।

ସେହିପରି ପ୍ରଦେଶ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରା ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ରାସ୍ତା ଅବରୋଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ କହିଛନ୍ତି, ନବୀନ ପଟ୍ଟନାୟକଙ୍କର ମା'କୁ ସମ୍ମାନ ଆହ୍ୱାନ ପ୍ରତାରଣା ପୂର୍ଣ୍ଣ । ୨୩ ବର୍ଷର ଶାସନରେ ଶାସକ ଦଳର ବିଧାୟକ, ମନ୍ତ୍ରୀ, ଏମ୍‌ପି ଓ ନେତାମାନେ ବହୁ ମହିଳା ବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଘଣ୍ଟ ଘୋଡାଉଛନ୍ତି। ଶ୍ରମମନ୍ତ୍ରୀଙ୍କ ବିରୋଧରେ ସିଧାସଳଖ ଜଣେ ମହିଳା ବଳାତ୍କାର ଅଭିଯୋଗ ନେଇ ଥାନାରେ ଏତଲା ଦେବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ମଧ୍ୟ ସୁରକ୍ଷା ଦେବା ପାଇଁ ଚକ୍ରାନ୍ତ ଚାଲିଛି। ପୀଡ଼ିତା ମହିଳାଙ୍କ ଉପରେ ଚାପ ପକାଯାଉଛି । ଭୁବନେଶ୍ୱର ଜିଲା, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ମିଳିତ ଭାବେ ହାଇକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଟଣାର ଏସ୍‌ଆଇଟି ତଦନ୍ତ ଦାବି କରିଛି। ଏଥିସହ ମନ୍ତ୍ରୀଙ୍କର ତୁରନ୍ତ ଇସ୍ତଫା ଓ ଗିରଫଦାରି ମଧ୍ୟ ଦାବି କରାଯାଇଛି ।




ଭୁବନେଶ୍ୱର ଜିଲା, ଛାତ୍ର ଓ ମହିଳା କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ।

# ନାମାଙ୍କନ କଲେ କଂଗ୍ରେସ ପ୍ରାର୍ଥୀ

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଝାରସୁଗୁଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେ ଶନିବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ପ୍ରାର୍ଥିପତ୍ର ଦାଖଲ କରିବା ସମୟରେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଧାୟକ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ ଓ ନିକଟରେ ଦଳରେ ଯୋଗ ଦେଇଥିବା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ପ୍ରମୁଖ ତାଙ୍କ ସହିତ ଉପସ୍ଥିତ ଥିଲେ। ପୂର୍ବାହ୍ଣ ୧୧ଟାରେ ତରୁଣ ପାଣ୍ଡେ ଦଳୀୟ ନେତା ଓ କର୍ମୀଙ୍କ ସହ ମନମୋହନ ସ୍କୁଲ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଉପଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ।

ପ୍ରାର୍ଥିପତ୍ର ଦାଖଲ କରିବା ପରେ ତରୁଣ କହିଛନ୍ତି, ବିଜେଡି ସରକାରର ୨୩ ବର୍ଷ ଶାସନ ଭିତରେ ଝାରସୁଗୁଡ଼ାର ସେପରି କିଛି ବିକାଶ ହୋଇପାରି ନାହିଁ। ଏ ପର୍ଯ୍ୟନ୍ତ ଗୋଟିଏ ବି ସରକାରୀ କଲେଜ ଝାରସୁଗୁଡ଼ାରେ ଖୋଲିପାରିଲା ନାହିଁ। ଏଠାରେ ପାନୀୟ ଜଳର ସମସ୍ୟା ରହିଛି। ଖାଲି ରାସ୍ତାଘାଟ ତିଆରି କରି ଲାଇଟ ଲଗାଇ ଦେଲେ ବିକାଶ କୁହାଯିବ ନାହିଁ। ସ୍ଥାନୀୟ ସମସ୍ୟାଗୁଡ଼ିକର ସମାଧାନ ହୋଇନି। ଏଠାରେ ଶିଳ୍ପ ଅଛି, କିନ୍ତୁ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ମିଳୁନି। ବେକାରି ସଂଖ୍ୟା ବଢ଼ିଚାଲିଛି। ସେହିପରି କଳକାରଖାନାଗୁଡ଼ିକୁ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବା ଯୋଗୁ ଝାରସୁଗୁଡ଼ା ପ୍ରଦୂଷଣଜନିତ ସମସ୍ୟାର ଶିକାର ହେଉଛି। ଏହିସବୁ ପ୍ରସଙ୍ଗ ପ୍ରଚାର ବେଳେ ଉଠାଯିବ ବୋଲି ସେ କହିଛନ୍ତି। ମତଦାତା ଏଥର ତାଙ୍କୁ ଭୋଟ ଦେଇ ବିଜୟୀ କରାଇବେ ବୋଲି ତରୁଣ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୮ ତାରିଖରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ନାମାଙ୍କନପତ୍ର ଦାଖଲ କରିବେ ବୋଲି ଜଣାପଡ଼ିଛି । ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ କେବେ ପ୍ରାର୍ଥିପତ୍ର ଦାଖଲ କରିବେ ସେ ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇ ନାହିଁ। ଝାରସୁଗୁଡ଼ା ଉପନିର୍ବାଚନ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଏହାର ଫଳାଫଳ ୨୦୨୪ ନିର୍ବାଚନକୁ ପ୍ରଭାବିତ କରିବା ସମ୍ଭାବନା ରହିଛି । ଏହି ଦୃଷ୍ଟିକୋଣରୁ ବିଜେଡି ଉକ୍ତ ଆସନକୁ ନିଜ ସପକ୍ଷରେ ନେବା ପାଇଁ ସମସ୍ତ କୌଶଳ ପ୍ରୟୋଗ କରିବ। ଅନ୍ୟପକ୍ଷରେ ଭାଜପା ଓ କଂଗ୍ରେସ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡକୁ ମୁଖ୍ୟ ଅସ୍ତ୍ର କରି ବିଜେଡିକୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛନ୍ତି।

**ଝାରସୁଗୁଡ଼ା ଉପନିର୍ବାଚନ**

# ଟିକେଟ ନେଲେ ଦୀପାଳି



ନବୀନ ନିବାସଠାରେ ଶନିବାର ଝାରସୁଗୁଡା ବିଜେଡି ପ୍ରାର୍ଥୀ ଦୀପାଳି ଦାସ ସଭାପତି ନବୀନ ପଟ୍ଟନାୟକଙ୍କ ଠାରୁ ଟିକେଟ ଗ୍ରହଣ କରୁଛନ୍ତି ।

ଭୁବନେଶ୍ୱର,୧୫।୪(ବ୍ୟୁରୋ)

ଝାରସୁଗୁଡ଼ା ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଶନିବାର ନବୀନ ନିବାସରୁ ଟିକେଟ ନେଇ ଫେରିଛନ୍ତି । ବିଜେଡି ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଟିକେଟ ପ୍ରଦାନ କରିଛନ୍ତି। ଦୀପାଳିଙ୍କ ନାଁ ଦଳ ପକ୍ଷରୁ ପୂର୍ବରୁ ଘୋଷଣା ହୋଇଥିଲା । ଟିକେଟ ପାଇବା ପରେ ଦୀପାଳି ଗଣମାଧ୍ୟମକୁ ଟିକେଟ ଦେଖାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ନେଇଛନ୍ତି। ବିଜୟୀ ହେବାନେଇ ସେ ସମ୍ପୂର୍ଣ୍ଣ ଆଶାବାଦୀ ଅଛନ୍ତି। ବିଜୟୀ ହୋଇ ମୁଖ୍ୟମନ୍ତ୍ରୀଙ୍କୁ ଗର୍ବିତ କରାଇବେ ବୋଲି ସେ କହିଛନ୍ତି । ଏଥିସହ ଝାରସୁଗୁଡ଼ାରେ କିଛି ବିକାଶ ହୋଇ ନ ଥିବା ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଝାରସୁଗୁଡ଼ାରେ ବିମାନବନ୍ଦରଠୁ ନେଇ ପାନୀୟ ଜଳ ଭଳି ଅନେକ କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହୋଇଛି ବୋଲି ସେ କହିଛନ୍ତି। ଦୀପାଳି ଭାଇ ବିଶାଲ ଓ ଝାରସୁଗୁଡ଼ା ବିଜେଡି ପର୍ଯ୍ୟବେକ୍ଷକ ଦେବୀ ମିଶ୍ରଙ୍କ ସହ ନବୀନ ନିବାସରେ ପହଞ୍ଚି ନବୀନ ପଟ୍ଟନାୟକଙ୍କଠାରୁ ଟିକେଟ ନେଇଛନ୍ତି । ଆସନ୍ତା ୧୮ ତାରିଖରେ ସେ ପ୍ରାର୍ଥିପତ୍ର ଦାଖଲ କରିବେ । ଦୀପାଳିଙ୍କୁ ଜିତାଇବା ପାଇଁ ବିଜେଡି ଜୋରଦାର ପ୍ରସ୍ତୁତି ଚଳାଇଛି । ଦଳ ପକ୍ଷରୁ ୩ ଜଣ ବରିଷ୍ଠ ପର୍ଯ୍ୟବେକ୍ଷକ, ୧୨ ଜଣ ବ୍ଲକ ଏବଂ ମ୍ୟୁନିସିପାଲିଟି ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ବିଜେଡିର ବରିଷ୍ଠ ନେତାମାନେ ଝାରସୁଗୁଡ଼ାରେ ଡେରା ପକାଇଛନ୍ତି । ଦୀପାଳିଙ୍କୁ ବଡ଼ ବ୍ୟବଧାନରେ ଜିତାଇବାକୁ ସ୍ୱତନ୍ତ୍ର ରଣନୀତି ଦଳ ପକ୍ଷରୁ ପ୍ରସ୍ତୁତ କରାଯାଇଛି।

## ରାଜ୍ୟ ଖବର

# ଭୁଜାଲି ଆକ୍ରମଣରେ ଭିଣୋଇ ମୃତ, ଶାଳକ ଗୁରୁତର

ଆଳି,୧୫।୪(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ ସହିରା ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି । ମୃତକଙ୍କ ଶାଳକ ବି ଭୁଜାଲି ମାଡ଼ରେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାକୁ ନେଇ ସହିରା ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ଅମିତ ପାତ୍ର । ଆହତ ଶାଳକ ହେଲେ ସଞ୍ଜୟ ଜେନା । ପୋଲିସ ଉକ୍ତ ଘଟଣାର ତନାଘନା ଆରମ୍ଭ କରିଛି ।

ମୃତ ଅମିତଙ୍କ ଦାଦା ମନୋରଞ୍ଜନ ପାତ୍ର ଆଳି ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତିରେ ଦହିଅଣ୍ଟା ଗ୍ରାମରେ ଭାଗବତ ପାରାୟଣ ସପ୍ତାହ ଅନୁଷ୍ଠିତ ହେଉଥିଲା।



ମୃତ ଅମିତ



ଆହତ ସଞ୍ଜୟ ।

ସେଠାକୁ ଭୋଜି ଖାଇବାକୁ ଅମିତ ଓ ତାଙ୍କ ଶାଳକ ସଞ୍ଜୟ ଯାଇଥିଲେ । ରାତି ପ୍ରାୟ ୧୧.୩୦ ସମୟରେ ସେମାନେ ଘରକୁ ଫେରୁଥିବା ବେଳେ ଦହିଅଣ୍ଟା ଛକରେ ଅମିତଙ୍କ ସହିତ ରଶ୍ମିରଞ୍ଜନ ରାଉଳଙ୍କ ବଚସା ହୋଇଥିଲା । ଧୀରେ ଧୀରେ ତାହା ଉଗ୍ରରୂପ ଧାରଣ କରିଥିଲା । ଏଥିରେ ଉତ୍ତେଜିତ ହୋଇ ରଶ୍ମିରଞ୍ଜନ ଅମିତଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଅମିତଙ୍କୁ ରକ୍ଷା କରିବାକୁ ଯାଇ ସଞ୍ଜୟ ବି ଭୁଜାଲି ମାଡ଼ରେ ଗୁରୁତର ହୋଇଛନ୍ତି। ଖବର ପାଇ ପରିବାର ଲୋକେ ଅମିତ ଓ ସଞ୍ଜୟଙ୍କୁ ପଟ୍ଟାମୁଣ୍ଡାଇ ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ଅମିତଙ୍କୁ ମୃତ ଘୋଷଣା କରିଥିଲେ । ସଞ୍ଜୟଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି । ମନୋରଞ୍ଜନ ତାଙ୍କ ପୁତୁରା ହତ୍ୟା ଘଟଣାରେ ରଶ୍ମିରଞ୍ଜନ ରାଉଳ, ମନୋରଞ୍ଜନ ରାଉଳ ଓ ଦେବାଶିଷ ଦାଶଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି । ଏଥିସହିତ ସେ ଏତଲାରେ ଦର୍ଶାଇଛନ୍ତି, ରଶ୍ମିରଞ୍ଜନ ବର୍ଷେ ହେବ ନିଜ ପାଖରେ ମାରଣାସ୍ତ୍ର ରଖି ବିଭିନ୍ନ ଲୋକଙ୍କୁ ଧମକଚମକ ଦେଇ ଆସୁଥିଲେ । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୩୬୮/୨୩) ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରା ସୂଚନା ଦେଇଛନ୍ତି। ଏହି ହତ୍ୟାକାଣ୍ଡ ପଛରେ ରାଜନୈତିକ ଶତ୍ରୁତା ଥିବା ଆଲୋଚନା ହେଉଛି ।

## ପୂର୍ବ ଶତ୍ରୁତା କାଳ ହେଲା

# ଦୁବାଇ ଯିବେ ମାଲକାନଗିରି ବଣ୍ଡା ଛାତ୍ରୀ ବୁଦ୍ରୀ

ମାଲକାନଗିରି,୧୫।୪(ଡି.ଏନ.ଏ.)

ବଣ୍ଡା ଜନଜାତିର ଛାତ୍ରୀ ଯିବେ ଦୁବାଇ। ଏହାକୁ ନେଇ ମାଲକାନଗିରି ଜିଲାରେ ବେଶ୍ ଖୁସି ପ୍ରକାଶ ପାଇଛି। ଦେଶ ଦେଶ ମଧ୍ୟରେ ଜ୍ଞାନକୌଶଳର ଆଦାନପ୍ରଦାନ ପାଇଁ ଓଡ଼ିଶାର ୫ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ଏହି ୫ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମୁଦୁଲିପଡା ଅନ୍ତର୍ଗତ ଦାନ୍ତିପଡ଼ା ଗ୍ରାମର ବଣ୍ଡା ଯୁବତୀ ବୁଦ୍ରୀ କିର୍ଷାନୀ। ମାଆବାପା ଛେଉଣ୍ଡ ବୁଦ୍ରୀ ଇପିକଲ ପକ୍ଷରୁ ଦୁବାଇରେ କରାଯାଉଥିବା ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଆଇଟିଆଇରେ ପାଠପଢ଼ା ଶେଷ ପରେ ଡାଇରେକ୍ଟର ଅଫ୍ ଟେକ୍ନିକାଲ ଏଜୁକେଶନ ନିର୍ଦ୍ଦେଶକଙ୍କୁ ତାଙ୍କ ନାମ ସୁପାରିସ କରାଯାଇଥିଲା। ସ୍କିଲ ଇଣ୍ଡିଆ ମାଧ୍ୟମରେ ଦେଶର ବିଭିନ୍ନ ଅଞ୍ଚଳରୁ କୃତୀ ଛାତ୍ରୀଛାତ୍ର ଦୁବାଇ ଯିବାକୁ ଚୟନ ବେଳେ ବୁଦ୍ରୀ ସ୍ଥାନ ପାଇଛନ୍ତି। ମାଆବାପାଙ୍କୁ ହରାଇବା ପରେ ବୁଦ୍ରୀ ତାଙ୍କ ଭଉଣୀଙ୍କ ପାଖରେ ରହି ପାଠ ପଢୁଥିଲେ। ଭଉଣୀଙ୍କୁ ସେ ଏହି ସଫଳତାର ଶ୍ରେୟ ଦେଇଛନ୍ତି।



# ଗୁରୁସିଙ୍ଗା ପ୍ରାଥମିକ ବିଦ୍ୟାଳୟର ୧୦ ଛାତ୍ରଙ୍କୁ କରୋନା

ଝରିଗାଁ,୧୫।୪(ସ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଗୁରୁସିଙ୍ଗା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ୧୦ ଛାତ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ବିଦ୍ୟାଳୟ ଛାତ୍ରାବାସରେ ୫ ଅନ୍ତେବାସୀଙ୍କୁ ଥଣ୍ଡା ଏବଂ ଜ୍ୱର ହୋଇଥିଲା। ଶନିବାର ସକାଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ସେମାନଙ୍କ କରୋନା ପରୀକ୍ଷା କରାଯିବାରେ ରିପୋର୍ଟ ପଜିଟିଭ ବାହାରିଥିଲା। ଏହାପରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ ବିଦ୍ୟାଳୟରେ ପହଞ୍ଚି ଥଣ୍ଡାରେ ଆକ୍ରାନ୍ତ ଥିବା ଛାତ୍ରମାନଙ୍କ ନମୁନା ପରୀକ୍ଷା କରିବାରୁ ଆଉ ୫ ଜଣ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ସେହିପରି ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମସ୍ତ ଆକ୍ରାନ୍ତଙ୍କୁ ଔଷଧ ଦିଆଯିବା ସହ ଘରେ ଅଲଗା ରହିବାକୁ ପରାମର୍ଶ ଦିଆଯାଇଛି।

# ବାଇକ ଚୋରି ଗ୍ୟାଙ୍ଗ୍ ଧରାପଡ଼ିଲା

## ୧୨ ଗାଡ଼ି ଜବତ, ୫ ଗିରଫ

ବାଲେଶ୍ୱର ଅଫିସ,୧୫।୪

ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୋଲିସ ଶନିବାର ଏକ ବାଇକ୍ ଚୋରି ଗ୍ୟାଙ୍ଗର ୫ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ୧୨ଟି ବାଇକ୍ ଓ ୭ଟି ମୋବାଇଲ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିଳ୍ପାଞ୍ଚଳ ଥାନା ସୋମନାଥପୁର ଅଞ୍ଚଳର ସେକ୍ କରାମଦ (୪୬), ସେକ୍ ରାଜୁ (୨୫), ଅଚ୍ୟୁତପୁର ଅଞ୍ଚଳର ବିଜୟ ବେହେରା (୨୯), ସହଦେବଖୁଣ୍ଟା ଥାନା ଯାଦପୁର ଅଞ୍ଚଳର ଶିବ ମହାଳିକ (୨୨),



ଗିରଫ ବାଇକ୍ ଚୋରି ଗ୍ୟାଙ୍ଗର ୫ ଅଭିଯୁକ୍ତ।

ଅରଡ଼ବଜାର ଅଞ୍ଚଳର ଶମ୍ଭୁ ଦାସ (୨୫)।

ସହଦେବଖୁଣ୍ଟା ଥାନା ଅଧୀନ ଅଶୋକ କୁମାର ନାୟକ ତାଙ୍କର ବାଇକ୍ ଚୋରି ହେବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ. ୧୫୫/୨୩) ରୁଜୁ କରାଯାଇଥିଲା। ଏହି ମାମଲାକୁ ଆଧାର କରି ତଦନ୍ତ ଆରମ୍ଭ ହୋଇଥିଲା ବୋଲି ଆଇଆଇସି ଶୁଭ୍ରାଂଶୁ ଶେଖର ନାୟକ ଶନିବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି।

# ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ, ସ୍ୱାମୀ ଗିରଫ

ଲକ୍ଷ୍ମୀପୁର,୧୫।୪ (ସ୍ୱ.ପ୍ର.)

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ କୁସୁମଗୁଡ଼ା ପଞ୍ଚାୟତ କୁଟୁନି ପଦର ଗ୍ରାମରେ ଶନିବାର ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ପଦ୍ମା ବୈପାରି (୩୫)। ଅଭିଯୁକ୍ତ ସ୍ୱାମୀ ରମେଶ ବୈପାରିଙ୍କୁ ପୋଲିସ ଗିରଫ କରିଛି।

ପ୍ରକାଶ ଯେ, ରମେଶ ଅଧିକାଂଶ ସମୟ ନିଶାସକ୍ତ ହୋଇ ଘରକୁ ଆସଥାନ୍ତି। ଶନିବାର ମଧ୍ୟାହ୍ନରେ ସେ କୌଣସି ଏକ କଥାକୁ ନେଇ ସ୍ତ୍ରୀ ପଦ୍ମାଙ୍କ ସହ ଯୁକ୍ତିତର୍କ କରିଥିଲେ। ପରେ ସେ ଉତ୍ତ୍ୟକ୍ତ ହୋଇ ପଦ୍ମାଙ୍କୁ ଟାଙ୍ଗିଆରେ ପ୍ରହାର କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମର କେତେଜଣ ଲୋକ ଏହା ଦେଖି ପୋଲିସକୁ ଖବର ଦେଇଥିଲେ । ଲକ୍ଷ୍ମୀପୁର ଥାନା ଏସ୍‌ଆଇ ପଞ୍ଚାନନ ଶତପଥୀ, କକିରିଗୁମ୍ମା ଆଇଆଇସି ଦାମୋଦର ବିହାରୀ ଏବଂ ସାଇଣ୍ଟିଫିକ ଟିମ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତ ରମେଶଙ୍କୁ ଗିରଫ କରିଥିଲା। ସେଠାରୁ ଟାଙ୍ଗିଆ ମଧ୍ୟ ଜବତ କରାଯାଇଛି। ଏ ନେଇ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ ଶ୍ରୀୟା
ପରିବାରବର୍ଗ


ଜନ୍ମେଞ୍ଜୟ
ପରିବାରବର୍ଗ


ଦିବ୍ୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସେମିରେ ପ୍ରମୋଦ-ସୁକାନ୍ତ, ଦିଲେଶ୍ୱର-ନବୀନ

## ବ୍ରାଜିଲ ଓପନ ପାରା ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୧୫।୪(ସ୍ପୋର୍ଟ୍ସ ବ୍ୟୁରୋ)

ସାଓପାଓଲୋରେ ଅନୁଷ୍ଠିତ ବ୍ରାଜିଲ୍ ଓପନ୍ ପାରା ବ୍ୟାଡ୍‌ମିଣ୍ଟନ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଦିଲେଶ୍ୱର ରାଓ-ନବୀନ ଶିବକୁମାର ଏବଂ ପ୍ରମୋଦ ଭଗତ-ସୁକାନ୍ତ କଦମ। ଦିଲେଶ୍ୱର-ନବୀନ ଯୋଡି ଅନ୍ୟତମ ଭାରତୀୟ ଖେଳାଳି ଅଭିଜିତ ସାକୁଜା ଓ ବିକ୍ରମ କୁମାରଙ୍କୁ ୧୮-୨୧,୨୧-୧୨, ୨୧-୧୮ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରି ଦେଶ ପାଇଁ ପଦକ ପକ୍କା କରିଛନ୍ତି। ସେମାନେ ସେମିଫାଇନାଲରେ କୋରିଆର ଖେଳାଳିଙ୍କୁ ଭେଟିବେ। ପାରା ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତ ଓ ତାଙ୍କ ଯୋଡ଼ି ସୁକାନ୍ତ କଦମ କ୍ୱାର୍ଟର ଫାଇନାଲ ମ୍ୟାଚରେ ପେରୁର ରେଞ୍ଜୋ ଡିକ୍ୱେଜ୍ ବାନ୍ସେସ୍ ମୋରାଲେସ୍ ଓ ପେଡ୍ରୋ ପାବ୍‌ଲୋ ଡେ ଭିନାଟେଙ୍କୁ ୨୧-୧୦, ୨୧-୧୪ରେ ପରାସ୍ତ କରି ସେମିରେ ପ୍ରବେଶ କରିଛନ୍ତି। ଶୁକ୍ରବାର ପ୍ରମୋଦ ଏକକରେ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେ ସେମିଫାଇନାଲରେ ଜାପାନର ଫୁଜିହାରଙ୍କୁ ଭେଟିବେ। ପ୍ରମୋଦ ଭଗତ ଓ ମନୀଷା ରାମଦାସ ମିଶ୍ରିତ ଯୁଗଳ ଯୋଡି କ୍ୱାର୍ଟର ଫାଇନାଲରେ ଇଣ୍ଡୋନେସିଆ ଯୋଡିଙ୍କଠାରୁ ୧୪-୨୧, ୧୨-୨୧ରେ ପରାଜିତ ହୋଇ ବିଦାୟ ନେଇଛନ୍ତି। ଓଡ଼ିଶାର ଦୁଇ ଖେଳାଳି ପ୍ରମୋଦ ଓ ଦିଲେଶ୍ୱର ଭାରତ ପାଇଁ ୩ ପଦକ ସୁନିଶ୍ଚିତ କରିଛନ୍ତି।


ପ୍ରମୋଦ ଭଗତ ଓ ଦିଲେଶ୍ୱର ରାଓ।

# ପଞ୍ଜାବ କିଙ୍ଗ୍ସର ତୃତୀୟ ବିଜୟ

ଲକ୍ଷ୍ନୌ,୧୫।୪

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚକୁ ୨ ଉଇକେଟରେ ଜିତି ତୃତୀୟ ବିଜୟ ହାସଲ କରିଛି ପଞ୍ଜାବ କିଙ୍ଗ୍ସ। ଅଧିନାୟକ ଲୋକେଶ ରାହୁଲଙ୍କ ୭୪ ରନ୍ ବଳରେ ଲକ୍ଷ୍ନୌ ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଜବାବରେ ସିକନ୍ଦର ରାଜାଙ୍କ ୫୭ ରନ୍ ବଳରେ ୩ ବଲ୍ ବାକିଥାଇ ୮ ଉଇକେଟ ହରାଇ ମ୍ୟାଚ୍ ଜିତିନେଇଥିଲା ପଞ୍ଜାବ। ଶିଖର ଧାୱନଙ୍କ ସ୍ଥାନରେ ସାମ୍ କୁରାନ୍ ଅଧିନାୟକ ଦାୟିତ୍ୱ ନିର୍ବାହ କରିଥିଲେ। କାଇଲ ମେୟର୍ସଙ୍କ ସ୍ଥାନରେ କ୍ରିଷ୍ଣପ୍ପା ଗୌତମ ଓ ରାହୁଲ ଚହରଙ୍କ ସ୍ଥାନରେ ପ୍ରଭସିମରନ୍ ସିଂ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବେ ଆସିଥିଲେ।

ଟସ୍ ହାରି ବ୍ୟାଟିଂ କରିଥିବା ସୁପର ଜାଏଣ୍ଟ୍ସ ପକ୍ଷରୁ କାଇଲ ମେୟର୍ସ(୨୯) ଓ ଲୋକେଶ ରାହୁଲ( ୭୪) ପ୍ରଥମ ଉଇକେଟରେ ୫୩ ରନ୍ ଯୋଡିଥିଲେ। ଦୀପକ ହୁଡା ମାତ୍ର ୨ ଓ କୃନାଲ ପାଣ୍ଡ୍ୟା ୧୮ ଅତ୍ୟନ୍ତ ଧୀମା ବ୍ୟାଟିଂ କରିଥିଲେ। ଲଗାତର ବଲ୍‌ରେ କୃଣାଲ ପାଣ୍ଡ୍ୟା ଓ ବିପଜ୍ଜନକ ନିକୋଲାସ ପୁରନଙ୍କୁ ଖାତା ଖୋଲିବା ପୂର୍ବରୁ ଆଉଟ କରିଥିଲେ କାଗିସୋ ରାବଡା। ଏହାପରେ ସୁପର ଜାଏଣ୍ଟ୍ସର ସ୍କୋର ଧୀମେଇ ଯାଇଥିଲା। ଟପ୍ ସ୍କୋରର ରହିଥିବା ରାହୁଲ ୧୯ ତମ ଓଭରରେ ବଡ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ୫୬ ବଲ୍ ଖେଳି ୭୪ ରନ୍ କରିଥିବା ରାହୁଲଙ୍କ ଇନିଂସରେ ୮ ଚୌକା ଓ ୧ ଛକା ସାମିଲ ଥିଲା। ଏହା ସହିତ ରାହୁଲ ଆଇପିଏଲରେ ଦ୍ରୁତତମ ୪ ହଜାର ରନ୍ ହାସଲକାରୀ ପାଲଟିଛନ୍ତି। ପଞ୍ଜାବ ପକ୍ଷରୁ ସାମ୍ କୁରାନ୍ ୩ ଉଇକେଟ ନେଇଥିବା ବେଳେ କାଗିସୋ ରବାଡା ୨ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଶଦୀପ୍ ସିଂ, ହରପ୍ରୀତ ବ୍ରାର ଓ ସିକନ୍ଦର ରାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୦ ରନ୍‌ର ପିଛା କରୁଥିବା ପଞ୍ଜାବ କିଙ୍ଗ୍ସର ଆରମ୍ଭ ଭଲ ରହିନଥିଲା। ଲକ୍ଷ୍ନୌର ଯୁଧବୀର ଚରକ ଆରମ୍ଭରୁ ଦୁଇ ଉଇକେଟ ନେବାରୁ ପଞ୍ଜାବ ୧୭ ରନ୍‌ରେ ୨ ଉଇକେଟ ହରାଇଥିଲା। ତେବେ ମାଥ୍ୟୁ ଶର୍ଟ ୩୪ ଓ ସିକନ୍ଦର ରାଜା ୫୭ ଇନିଂସ ସଜାଡିଥିଲେ। ଦଳୀୟ ସ୍କୋର ୪୫ରେ ଶର୍ଟ ଆଉଟ ହୋଇଥିଲେ। ହରପ୍ରୀତ ସିଂ ଭାଟିଆ(୨୨)ଙ୍କୁ ସାଥୀ କରି ୩୦ ରନ୍ ଯୋଡିଥିଲେ ରାଜା। ଭାଟିଆଙ୍କ ଉଇକେଟ ପତନ ପରେ ରାଜା ଆକ୍ରମଣାତ୍ମକ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିଥିଲେ। ୪୧ ବଲ୍ ଖେଳି ସେ ୪ ଚୌକା ଓ ୩ ଛକା ମାରିଥିଲେ। ଶେଷକୁ ଶାହରୁଖ ଖାନ୍ ୧୦ ବଲ୍‌ରୁ ୨୩ ରନ୍ କରିପଞ୍ଜାବକୁ ଜିତାଇଥିଲେ। ଯୁଧ୍‌ବୀର ସିଂ ଚରକ,ମାର୍କ ଉଡ୍ ଓ ରବି ବିଷ୍ଣୋଇ ୨ଟି ଲେଖାଏ ଉଇକେଟ ନେଇଥିଲେ।


ଏକ ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ଲୋକେଶ ରାହୁଲ।

### ସଂକ୍ଷିପ୍ତ ସ୍କୋର

ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ୨୦ ଓଭରରେ ୧୫୯/୮(ଲୋକେଶ ରାହୁଲ-୭୪, କାଇଲ ମେୟର୍ସ-୨୯, କୃନାଲ ପାଣ୍ଡ୍ୟା-୧୮, ସାମ୍ କୁରାନ୍-୩/୩୧, କାଗିସୋ ରାବଡା-୨/୩୪, ହରପ୍ରୀତ୍ ବ୍ରାର-୧/୧୦)।

ପଞ୍ଜାବ କିଙ୍ଗ୍ସ ୧୯.୩ ଓଭରରେ ୧୬୧/୮( ସିକନ୍ଦର ରାଜା-୫୭, ମାଥ୍ୟୁ ଶର୍ଟ-୩୪, ଶାହରୁଖ ଖାନ୍-୨୩*, ଯୁଧ୍‌ବୀର ସିଂ ଚରକ-୨/୧୯,ମାର୍କ ଉଡ୍-୨/୩୫, ରବି ବିଷ୍ଣୋଇ-୨/୧୮)।

## ଦ୍ରୁତତମ ୪୦୦୦ ରନ୍ କ୍ଲବରେ ରାହୁଲ

ଲକ୍ଷ୍ନୌ,୧୫।୪

ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ଅଧିନାୟକ ଲୋକେଶ ରାହୁଲ ଆଇପିଏଲ୍‌ରେ ୪ ହଜାର ରନ୍ ପୂରଣ କରିଛନ୍ତି। ଶନିବାର ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ୭୪ ରନ୍‌ର ଇନିଂସ ଖେଳିଥିବା ରାହୁଲ ଆଇପିଏଲରେ ଦ୍ରୁତତମ ୪ ହଜାର ରନ୍ ହାସଲକାରୀ ପାଲଟିଛନ୍ତି। ୧୦୫ ନମ୍ବର ଇନିଂସରୁ ରାହୁଲ ୪ ହଜାର ରନ୍ ପୂରଣ କରିଥିବା ବେଳେ କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭାଙ୍ଗିଛନ୍ତି। ୟୁନିଭର୍ସ ବସ୍ ଗେଲ୍ ୧୧୨ଟି ଇନିଂସରୁ ୪ ହଜାର ରନ୍ ପୂରଣ କରିଥିଲେ। ଏହା ସହିତ ଏହି ତାଲିକାରେ ସାମିଲ ସମସ୍ତ ଖେଳାଳିଙ୍କ ମଧ୍ୟରେ ରାହୁଲଙ୍କ ଆଭରେଜ୍ ସର୍ବାଧିକ ୪୭.୦୬ ରହିଛି।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ମୁମ୍ବାଇ ବନାମ କୋଲକାତା**
ସ୍ଥାନ:ମୁମ୍ବାଇ,
ସମୟ: ଅପରାହ୍ନ ୩.୩୦

**ଗୁଜରାଟ ବନାମ ରାଜସ୍ଥାନ**
ସ୍ଥାନ: ଅହମଦାବାଦ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଲକ୍ଷ୍ନୌ ଦଳରେ ମୟଙ୍କଙ୍କ ସ୍ଥାନରେ ଗୁଲେରିଆ

ଲକ୍ଷ୍ନୌ, ୧୫।୪(ପି.ଟି.)

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ପେସ୍ ବୋଲର ମୟଙ୍କ ଯାଦବ ଆଘାତପ୍ରାପ୍ତ ହୋଇଥିବାରୁ ତାଙ୍କ ସ୍ଥାନରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଅବଶିଷ୍ଟାଂଶ ପାଇଁ ହିମାଚଳ ପ୍ରଦେଶ ଡାହାଣହାତୀ ପେସ୍ ବୋଲର ଅର୍ପିତ ଗୁଲେରିଆଙ୍କୁ ଦଳରେ ନିଆଯାଇଛି। ଆୟୋଜକଙ୍କ ପକ୍ଷରୁ ଶନିବାର ଏହା ଘୋଷଣା କରାଯାଇଛି। ଏଲ୍‌ଏସ୍‌ଜି ଗୁଲେରିଆଙ୍କୁ ୨୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ମୟଙ୍କ କିପରି ଆଘାତପ୍ରାପ୍ତ ହେଲେ ସମ୍ପର୍କରେ ସ୍ପଷ୍ଟ କରାଯାଇ ନାହିଁ। ଗୁଲେରିଆ ହିମାଚଳ ପ୍ରଦେଶ ତରଫରୁ ଘରୋଇ କ୍ରିକେଟରେ ତାଙ୍କ ଖେଳ ଆରମ୍ଭ କରିଥିଲେ। ନିକଟରେ ସେ ସର୍ଭିସେସ୍ ତରଫରୁ ଖେଳିଥିଲେ। ସେ ୧୫ ପ୍ରଥମଶ୍ରେଣୀ ମ୍ୟାଚ ଏବଂ ୧୨ ଲିଷ୍ଟ-ଏ ମ୍ୟାଚ୍ ଖେଳି ଯଥାକ୍ରମେ ୪୪ ଓ ୧୧ ଉଇକେଟ ଅକ୍ତିଆର କରିଛନ୍ତି।


ଅର୍ପିତ ଗୁଲେରିଆ


# Classified Everyday 0674-2580101, 2549949


MATRIMONIAL

**BRIDE WANTED**

DOB: 11.04.1986, 2/1 ୩୭ ବର୍ଷୀୟ ସରକାରୀ ଚାକିରି କରୁଥିବା ୩୦,୦୦୦/- ଦରମା ପାଉଥିବା ବ୍ରାହ୍ମଣ ପୁଅ ପାଇଁ ବ୍ରାହ୍ମଣ କନ୍ୟା ପାତ୍ରୀ ଆବଶ୍ୟକ। (ଓଡ଼ିଶାରେ ରହୁଥିବା ଓଡ଼ିଆ, ବଙ୍ଗାଳୀ, ବିହାରୀ, ଦ୍ୱିତୀୟ ବିବାହ ସବୁ ମାନ୍ୟ ଅଟେ।) ପୁଅର ନାମ ଓ ନମ୍ବର- ଆଶିଷ କୁମାର ପାଣିଗ୍ରାହୀ, ୯୪୩୯୦୭୯୩୯୪. D-0093

**GROOM WANTED**

47 ବର୍ଷର ମହିଳା SBI Bankରେ କାର୍ଯ୍ୟରତ, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 8455853154. D-0107

Searching Kaibarta Groom in Bhubaneswar for Very Fair Kaibarta Bride. Contact Brother, Mob.: 9990161440. D-0105


REAL ESTATE

**SALE**

**Land for sale near Samantarapur Bhubaneswar. Area: 2650sqft. Contact: 9090030068.** D-0112

**Individual 3500sqft. gharabari plot Balianta, 2400sqft. Janala for immediate registration, possession: 9937850303 (ବିଷ୍ଣୁ)** D-0023

Hurry! Akshaya Trutiya ten grams Gold coin offer on purchase of ready to move BDA/ Bank project approved two numbers 1BHK flat in multi storied apartment near Shani Temple, 500 meters from National Highway, Patrapada, Bhubaneswar. 9238326233. D-38585

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛଡାବର 1200sqft.- 3,00,000/-, ନଖରା 300/-, 6371569855. D-74837

**Hitech Medical ପଛପଟେ 30ft ପିଚୁରୋଡ ଥାଇ ପ୍ଲଟ ମିଳୁଛି-7008699350.** D-74844

**Schedule Caste plot for sale BDA Town Planning Scheme, Phase one, Plot No. 1364. Contact: 9937446498.** D-74533

2BHK superbuilt apartment flat near Garage Chhak, Bhubaneswar. Contact: 7873492433. D-74402

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Grandbazar** ସମ୍ମୁଖରୁ **walkable** ଦୂରତାରେ ଘର ଉପଯୋଗୀ **plot** କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। **8249310759.** D-74841

**A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452.** D-74672



House for rent- 1BHK, Flat, Ground Floor, 1Bathroom for Family. Lingaraj Vihar, Pokhariput. Contact: 9938136307. D-0110

My house at Nayapalli 1BHK, 2BHK, 3BHK for Family. 9438490107, 8895096862. D-0106

2BHK Residential Accommodation for Bank/PSU/ Corporate Professional at Acharya Vihar, Call - 9853526268. D-0116


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd., 9439856856.** D-2931

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork-SNV Construction. 9439295469. D-74842

**Construct your dream home with competitive rate and for sharing projects. Contact: Besco Developers, Bhubaneswar, 7735330028, 9778855101.** D-0081



Newly open health benefits Spa special offer @999 Nayapalli. 7846814019. D-73699

All type of professional full body massage by professional therapist at Rajmahal @ 999. Contact: 7855053566. D-0078

Newly open Spa Positively health benefit with expert. Contact- 7749976301 D-74532

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

**Relax, Refresh your body, Mind at Saikrupa Spa with best therapies. 8984068077.** D-0034

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74670

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**44th Happy Birthday to my beloved Husband**


Mrs.- Shreeya Das
W/o- Mr. Janmejay Mohanty
LB-107, BDA Colony, Laxmisagar, BBSR
Many many happy returns of the day. Wish you an auspicious Happy Birth Day.
From Wife & Son
ଧ-୦୦୨୬

**Happy Birthday**


I hope all your wishes come true! Many many happy returns of the day....Happy birthday dibya......
Best Wishes.... Bubu Family & Relatives...
D-0111

**14th Marriage Anniversary**


Janmejay & Shreeya
Old Town, Bhubaneswar
"Cheers to two imperfect pieces that fit perfectly together!"
Best wishes from: Family & Relatives
D-0091

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ଜିଆଇ ଟ୍ୟାଗ୍ ପାଇଥିବା 'ମିର୍ଚ୍ଚା' ଚାଉଳ ...... ରାଜ୍ୟରେ ମିଳିଥାଏ ?
୨– ୱାର୍ଲ୍ଡ ହୋମିଓପାଥି ଡେ' .......... ତାରିଖରେ ପାଳନ କରାଯାଏ ?
୩– ମାଇଁ ଭିଲେଜ୍, ମାଇଁ ହେରିଟେଜ୍ ପ୍ରୋଗ୍ରାମରେ ..........ଟି ଗ୍ରାମକୁ ସାମିଲ କରାଯାଇଛି ?
୪– ଷ୍ଟାଣ୍ଡ ଅପ୍ ଇଣ୍ଡିଆ ସ୍କିମ୍‌ର ସମୟସୀମାକୁ .......... ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ?
୫– ଆମେରିକାକୁ ............. ଦେଶ ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଉପହାରରେ ଦେଇଥିଲା ?

## ଗତ ଥରର ଉତ୍ତର

୧ ଆସାମ
୨ ରାଜେଶ ମାଲ୍‌ହୋତ୍ରା
୩ ମଧ୍ୟପ୍ରଦେଶ
୪ ୟୁନିୟନ୍ ମିନିଷ୍ଟ୍ରି ଅଫ୍ ଟେକ୍ସଟାଇଲ
୫ ମାନ୍‌ସୀ ଗୁଲାଟି

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଉତ୍ତରଦାତା

୧– ବିଭୁଦତ୍ତ ବଳିୟାରସିଂ, ଖୋର୍ଦ୍ଧା
୨– ସୁନୟନା ତ୍ରିପାଠୀ, ବରଗଡ଼
୩– କୃଷ୍ଣପ୍ରିୟା ମଲ୍ଲିକ, କଟକ
୪– ଶିଲ୍ପା ଜୈନ, କଳାହାଣ୍ଡି

## ଟପ୍ ୧୦

**ଲୋକପ୍ରିୟ ସ୍ମାର୍ଟ ୱାଚ୍**

(୧)........ ସାମ୍‌ସଙ୍ଗ୍ ଗାଲାକ୍ସି ୱାଚ୍ ୪ କ୍ଲାସିକ୍
(୨)........ ଆପ୍‌ଲ ୱାଚ୍ ସିରିଜ୍ ୭
(୩)........ ସାମ୍‌ସଙ୍ଗ୍ ଗାଲାକ୍ସି ୱାଚ୍ ୪
(୪)........ ଫିଟ୍‌ବିଟ୍ ସେନ୍ସ
(୫)........ପୋଲାର ଗ୍ରିଟ୍ ଏକ୍ସ(X) ପ୍ରୋ
(୬)........ ଓପୋ ୱାଚ୍–ଦି ଆପ୍‌ଲ ୱାଚ୍ ଫର୍ ଆଣ୍ଡ୍ରଏଡ୍ ୟୁଜର୍ସ
(୭)........ ଆମାଜ୍‌ଫିଟ୍ ଜିଟିଆର୍ ୩ ପ୍ରୋ
(୮)........ ଫସିଲ୍ ଜେନ୍ ୫
(୯)........ ହୁଆଇ ୱାଚ୍ ଜିଟି ୩
(୧୦)........ ସୁଣ୍ଟୁ ୭

### ୟୁଥ୍ ଆଲର୍ଟ

# ଦୂର ହେବ ଝାଳଗନ୍ଧ

ଖରା ଦିନକୁ ଦିନ ପ୍ରଖର ହେବାରେ ଲାଗିଛି। ଏମିତିରେ ସଭିଙ୍କ ଶରୀରରୁ ଅଧିକ ଝାଳ ମଧ୍ୟ ବାହାରୁଛି। ହେଲେ କାହା କାହାଠାରେ ଏହି ଝାଳ ଖୁବ୍ ଗନ୍ଧ ହୋଇଥାଏ, ଯାହାକୁ ଦୂର କରିବା ଲାଗି ସେମାନେ ପର୍‌ଫ୍ୟୁମ୍, ଡିଓଡରାଣ୍ଟ, ପାଉଡର ଆଦି ବ୍ୟବହାର କରନ୍ତି। ଯଦି ଆପଣଙ୍କର ବି ଏଭଳି ସମସ୍ୟା ରହିଛି ତେବେ କେତେକ ଘରୋଇ ଉପଚାର ଦ୍ୱାରା ଉପକୃତ ହୋଇପାରିବେ...

**ପ୍ରତିଦିନ ଗାଧାନ୍ତୁ:** ପ୍ରତିଦିନ ଭଲ ଭାବେ ଗାଧୋଇବା ସହ ନିଜ ପୋଷାକପତ୍ରକୁ ମଧ୍ୟ ସଫା ରଖନ୍ତୁ। କାରଣ ବାସ୍ତବରେ ଝାଳରେ କୌଣସି ଗନ୍ଧ ନ ଥାଏ। ହେଲେ ବିଭିନ୍ନ କାରଣରୁ ବ୍ୟାକ୍ଟେରିଆ ହେବା ଦ୍ୱାରା ଝାଳଗନ୍ଧ ଆରମ୍ଭ ହୋଇଥାଏ। ତେଣୁ ଭଲ ଭାବେ ଗାଧୋଇବା ଦ୍ୱାରା ବ୍ୟାକ୍ଟେରିଆ ସୃଷ୍ଟି ହୋଇ ନ ଥାଏ ଏବଂ ଝାଳଗନ୍ଧ ମଧ୍ୟ ହୋଇ ନ ଥାଏ।

**ନଡ଼ିଆ ତେଲ ଉପକାରୀ:** ଗାଧୋଇବା ପରେ ଅଳ୍ପ ନଡ଼ିଆ ତେଲ ଲଗାଇଲେ ଉପକୃତ ହେବେ। କାରଣ ଏଥିରେ ଥିବା ଆଣ୍ଟିମାଇକ୍ରୋବାୟାଲ୍ ତତ୍ତ୍ୱ ଶରୀରରେ ବ୍ୟାକ୍ଟେରିଆ ଉତ୍ପନ୍ନ ହେବାକୁ ଦେଇ ନ ଥାଏ। ଫଳରେ ଝାଳଗନ୍ଧ ହୋଇ ନ ଥାଏ। ନଡ଼ିଆ ତେଲ ବ୍ୟତୀତ ଆପଣ ଅନ୍ୟ ଆରୋମା ଅଏଲ୍ ମଧ୍ୟ ବ୍ୟବହାର କରିପାରିବେ।

**ଗନ୍ଧରୁ ଦୂରେଇ ରଖିବ ଗୋଲାପ ଜଳ:** ଗାଧୁଆ ପାଣିରେ କିଛି ଗୋଲାପ ଜଳ ମିଶାଇ ପ୍ରତିଦିନ ଗାଧୋଇବା ଦ୍ୱାରା ଝାଳଗନ୍ଧ ଦୂର ହୋଇଥାଏ। ତୁଳାରେ କିଛି ଗୋଲାପ ଜଳ ନେଇ ଝାଳ ହେଉଥିବା ସ୍ଥାନରେ ଲଗାଇପାରିବେ କିମ୍ବା ସ୍ପ୍ରେ କରିବା ଦ୍ୱାରା ଏହା ଶରୀରକୁ ପ୍ରାକୃତିକ ସୁଗନ୍ଧ ଦେବାରେ ସାହାଯ୍ୟ କରିବ।

**କଞ୍ଚାଆଳୁ ହଟାଇବ ଗନ୍ଧ:** ଝାଳଗନ୍ଧ ନ ହେବା ଲାଗି କଞ୍ଚାଆଳୁ ଆପଣଙ୍କୁ ବେଶ୍ ସାହାଯ୍ୟ କରିବ। କଟା କଞ୍ଚାଆଳୁକୁ କାଖରେ ଘଷନ୍ତୁ। ପ୍ରତିଦିନ ଏପରି କଲେ କିଛିଦିନ ମଧ୍ୟରେ ଧୀରେ ଧୀରେ ଆପଣ ଝାଳଗନ୍ଧ ଦୂର ହୋଇଥିବା ଅନୁଭବ କରିପାରିବେ।



**ଫିଟ୍‌କିରି, ପୋଦିନା ବି ଲାଭଦାୟକ:** ପ୍ରତିଦିନ ଗାଧୋଇବା ପାଣିରେ ଖଣ୍ଡେ ଫିଟ୍‌କିରି ଏବଂ କିଛି ପୋଦିନା ପତ୍ର ପକାଇ ଗାଧାନ୍ତୁ। କିଛିଦିନ ଏପରି ପାଣିରେ ଗାଧୋଇବା ଅଭ୍ୟାସ କରନ୍ତୁ। ଦେଖିବେ ଝାଳଗନ୍ଧ ଖୁବ୍‌ଶୀଘ୍ର ଦୂର ହୋଇଯିବ।

**ଲେମ୍ବୁ, ନିମ୍ବ ଦେବ ଗନ୍ଧରୁ ମୁକ୍ତି:** କାଖରେ ଖଣ୍ଡେ ଲେମ୍ବୁ ଘଷିବା ଦ୍ୱାରା ଝାଳଗନ୍ଧ ହୋଇ ନ ଥାଏ। ସେହିପରି ନିମ୍ବପତ୍ର ବଟା କାଖରେ ଲଗାଇଲେ ବ୍ୟାକ୍ଟେରିଆ ମରିଯିବା ଦ୍ୱାରା ଏହି ଗନ୍ଧ ଦୂର ହୋଇଥାଏ।





# ସ୍ୱାସ୍ଥ୍ୟ ପାଇଁ ଅମୃତ ପଇଡ଼ ପାଣି

ବର୍ତ୍ତମାନ ଖରାର ପ୍ରଭାବ ଦିନକୁ ଦିନ ଯେତେ ଯେତେ ବଢ଼ୁଛି, ରାସ୍ତାକଡ଼ରେ ବିଭିନ୍ନ ଥଣ୍ଡାପାନୀୟ ଦୋକାନ ଆଗରେ ଭିଡ଼ ସେତେ ଜମୁଛି। ହେଲେ ସ୍ୱାସ୍ଥ୍ୟ ସଚେତନତା ଦୃଷ୍ଟିରୁ ଉଦୁଉଦିଆ ଖରାଦାଉରୁ ପେଟ ଥଣ୍ଡା ରଖିବା ଲାଗି ପଇଡ଼ ପାଣି ସାଜିଛି ଅଧିକାଂଶଙ୍କ ପାଇଁ ଅମୃତ ସଦୃଶ...

ବର୍ତ୍ତମାନ ଚାରିଆଡ଼େ ପ୍ରବଳ ଖରା ହେଉଛି। ଓଡ଼ିଶାର କେତେକ ସ୍ଥାନରେ ଚଳିତ ବର୍ଷ ସର୍ବାଧିକ ତାପମାତ୍ରା ରେକର୍ଡ ମଧ୍ୟ କରିଛି। ଏମିତିରେ ବାହାରକୁ କିଛି ସମୟ ବାହାରିବା ମାତ୍ରେ ପାଖରେ ପାଣି ବୋତଲ ଜରୁରୀ ହୋଇପଡୁଛି। ଏହାବ୍ୟତୀତ ସ୍ୱାଦ ସହ ଆରାମ ଲାଗି ବିଭିନ୍ନ ଥଣ୍ଡା ପାନୀୟର ଚାହିଦା ଖୁବ୍ ବଢ଼ିଯାଇଛି। ଏମିତିକି ଅନେକେ ବିଶେଷକରି ଯୁବପିଢ଼ି କୋଲ୍ଡ ଡ୍ରିଙ୍କ୍‌କୁ ପାଣି ଭଳି ଦୈନନ୍ଦିନ ପାନୀୟ ତାଲିକାରେ ସାମିଲ କରିଦେଇଥିବା ବି ଦେଖିବାକୁ ମିଳୁଛି। ହେଲେ ବର୍ତ୍ତମାନ ସ୍ୱାସ୍ଥ୍ୟ ପ୍ରତି ସଚେତନ ଥିବା ଯୁବପିଢି ପଇଡ଼ ପାଣି ପିଇବାକୁ ଭଲ ପାଉଛନ୍ତି। କାରଣ ଏହାର ଅନେକ ଉପକାରୀ ଗୁଣ ରହିଛି...

**ଭରିରହିଛି ପୋଷକତତ୍ତ୍ୱ:** ଏହାକୁ ପିଇବା ଦ୍ୱାରା ଶରୀର ଫିଟ୍ ରହିଥାଏ। କାରଣ ଏଥିରେ ଅନ୍ୟ ଥଣ୍ଡାପାନୀୟ ଭଳି କାର୍ବନ ଡାଇଅକ୍ସାଇଡ କିମ୍ବା ସ୍ୱାସ୍ଥ୍ୟ ପ୍ରତି ହିତକର ଉପାଦାନ ବଦଳରେ ଭରିରହିଛି ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ, ଯାହା ସ୍ୱାସ୍ଥ୍ୟ ପାଇଁ ଅମୃତ।

**ବୃଦ୍ଧିକରେ ରୋଗ ପ୍ରତିରୋଧକ ଶକ୍ତି:** ଖରାଦିନେ ଝାଳ ଆକାରରେ ଶରୀରରୁ ପୋଟାସିଅମ୍, ଶ୍ୱେତସାର, କ୍ଲୋରାଇଡ୍, ମ୍ୟାଗ୍ନେସିଅମ୍ ଭଳି ବିଭିନ୍ନ ଉପାଦାନ କ୍ଷୟ ହେଉଥିବାରୁ ଅନେକଙ୍କଠାରେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇଥାଏ। ଏ ସମସ୍ତ ଉପାଦାନ ପଇଡ଼ ପାଣିରେ ଭରିରହିଛି। ତେଣୁ ଏହାକୁ ପିଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଦୂର ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ତେଣୁ ଡାକ୍ତରମାନେ ମଧ୍ୟ ରୋଗୀଙ୍କୁ ପଇଡ଼ ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି।

**ରୋଗରୁ ଦୂରେଇ ରଖେ:** ପାଠପଢ଼ା, ଜବ୍, ଖେଳ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗି ଖରାରେ ବାହାରକୁ ଯାଉଥିବା ଯୁବପିଢ଼ିଙ୍କ ଏହା ବେଶ୍ ଉପକାରୀ। କାରଣ ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଭରିରହିଛି, ଯାହା ସମସ୍ତ ପ୍ରକାରର ଅଣସଂକ୍ରାମକ ରୋଗ ଏବଂ ଲାଇଫ୍ ଷ୍ଟାଇଲ୍ ଡିଜ୍‌ଅର୍ଡର ରୋଗ ଦୂର କରିଥାଏ। ଏଥିରେ ବେଶିମାତ୍ରାରେ ଇଲେକ୍ଟ୍ରୋଲାଇଟ୍ ଭରି ରହିଛି ; ଯାହାକୁ ପିଇବା ଦ୍ୱାରା ଖରାଦିନେ ହେଉଥିବା ପେଟ ଗରମ, ପରିସ୍ରାପୋଡ଼ା, ଇନ୍‌ଫେକ୍ସନ ଭଳି ସମସ୍ୟା ଦୂର ହୋଇଥାଏ।



**ସନ୍‌ଟ୍ୟାନ୍‌ରୁ ଦିଏ ମୁକ୍ତି:** ପଇଡ଼ ପାଣି ପିଇବା ଯେତିକି ଉପକାରୀ ଏହାକୁ ତ୍ୱଚାରେ ଲଗାଇଲେ ସେତିକି ସୁଫଳ ମିଳିଥାଏ। ସୂର୍ଯ୍ୟକିରଣ ପ୍ରଭାବରୁ ସୃଷ୍ଟି ହେଉଥିବା ସନ୍‌ବର୍ନ ଏବଂ ଅନ୍ୟାନ୍ୟ ସମସ୍ୟା ଥିଲେ ପଇଡ଼ ପାଣି ଲଗାଇ ୨୦–୩୦ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ଏଥିରେ ଭରପୂର ମାତ୍ରାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି' ଏହି ସମସ୍ୟା ଦୂର କରିଥାଏ। ଏମିତିକି ହାଡ଼ଫୁଟି, ବ୍ରଣ ଆଦିର ଦାଗ ଦୂର କରିବା ଲାଗି ମଧ୍ୟ ଏହା ବେଶ୍ ଉପକାରୀ।

**ଦୂର କରେ ସ୍କିନ୍ ଇନ୍‌ଫେକ୍ସନ:** ହର୍ମୋନ୍ ପରିବର୍ତ୍ତନ, ଅସନ୍ତୁଳିତ ଖାଦ୍ୟାଭ୍ୟାସ, ଖରା, ପ୍ରଦୂଷଣ ଆଦି କାରଣରୁ ବର୍ତ୍ତମାନ ଅନେକ ଯୁବତୀଯୁବକଙ୍କଠାରେ ବ୍ରଣ ସମସ୍ୟା ଦେଖାଦେଉଛି, ଯାହାକୁ ଦୂର କରିବା ଲାଗି ପଇଡ଼ ପାଣି ଉପକାରୀ। ଏଥିରେ ଥିବା ଆଣ୍ଟି ଫଙ୍ଗାଲ୍ ଓ ଆଣ୍ଟି ମାଇକ୍ରୋବିଆଲ ଉପାଦାନ ବ୍ରଣ ଦୂର କରିବା ସହ ତ୍ୱଚାକୁ ଚିକ୍କଣ ଏବଂ ବେଦାଗ କରିଥାଏ।

**ରୋକିଥାଏ ଏଜିଂ ସମସ୍ୟା:** ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷଣ ଭଳି ବିଭିନ୍ନ କାରଣରୁ ବର୍ତ୍ତମାନ ଯୁବାବସ୍ଥାରୁ ଅନେକଙ୍କଠାରେ ରିଙ୍କିଲ୍, ଫାଇନ୍ ଲାଇନ୍, ବ୍ଲାକ୍ ସ୍ପଟ୍ ଭଳି ବିଭିନ୍ନ ଏଜିଂ ସମସ୍ୟା ସୃଷ୍ଟି କରୁଛି ; ଯାହାକୁ ପ୍ରାକୃତିକ ଉପାୟରେ ଦୂର କରିବା ଲାଗି ପଇଡ଼ ପାଣି ସବୁଠୁ ଭଲ। ପଇଡ଼ରେ ଥିବା ଲରିକ୍ ଏସିଡ୍, ଯାହାକୁ ଆଣ୍ଟି ମାଇକ୍ରୋବିଆଲ୍ ପାୱାରହାଉସ୍ ବୋଲି କୁହାଯାଇଥାଏ ଏହା ସ୍କିନ୍ ଇନ୍‌ଫେକ୍ସନ ଦୂର କରିଥାଏ। ସେହିପରି ଏଥିରେ ଥିବା ସାଇଟୋକାଇନ୍ସ ନାମକ ପ୍ରୋଟିନ୍ କୋଷଗୁଡ଼ିକୁ ବୃଦ୍ଧି ଏବଂ କାର୍ଯ୍ୟକ୍ଷମ କରାଇବାରେ ସାହାଯ୍ୟ କରିଥାଏ ; ଯାହାକି ଏଜିଂ ସମସ୍ୟା ହେବାକୁ ଦେଇ ନ ଥାଏ।

## ପଇଡ଼ ପାଣିର ବଢ଼ୁଛି ଚାହିଦା



**ବୁଦ୍ଧିଆ ବାରିକ**(ବ୍ୟବସାୟୀ, ପୁରୀ)– ପୁରୀ ବେଳାଭୂମିରେ ପ୍ରାୟ ୧୫ ବର୍ଷ ହେବ ପଇଡ଼ ବ୍ୟବସାୟ କରିଆସୁଛି। ଆରମ୍ଭରୁ ଏବେ ପର୍ଯ୍ୟନ୍ତ ଦାମ୍ ୫ ଟଙ୍କାରୁ ୩୦–୪୦ ଟଙ୍କାରେ ପହଞ୍ଚିଥିଲେ ହେଁ ବର୍ଷର ପ୍ରତିଟି ସମୟରେ ପଇଡ଼ର ଚାହିଦା କେବେ କମିଥିବା ଦେଖିନି। ହେଲେ ଖରାଦିନେ ଏହାର ବିକ୍ରି ସର୍ବାଧିକ। ଗ୍ରାହକଙ୍କ ପସନ୍ଦ ଅନୁଯାୟୀ କେବଳ ପାଣି ପଇଡ଼, ଅଳ୍ପ ନାଳି ଏବଂ ମୋଟା ନାଳି ପଇଡ଼ର ଦାମ୍ ଭିନ୍ନ ଭିନ୍ନ ରହିଛି। ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ପ୍ରତ୍ୟେକେ ଏହାକୁ ଭଲ ପାଇଥାନ୍ତି। ପୁରୀ ଆସୁଥିବା ପର୍ଯ୍ୟଟକମାନେ ସମୁଦ୍ର କୂଳିଆ ପବନରେ ପଇଡ଼ ପାଣି ପିଇବାର ମଜା ନେଉଛନ୍ତି। ତେବେ ଚଳିତ ବର୍ଷ ଖରା ଅଧିକ ହେଉଥିବାରୁ ଏହାର ଡିମାଣ୍ଡ ବେଶି ଥିବାରୁ ଭଲ ବେପାର ହୋଇପାରୁଛି। ପ୍ରତିଦିନ ସାକ୍ଷୀଗୋପାଳରୁ ପଇଡ଼ ମଗାଇ ବିକ୍ରି କରିଥାଏ। କେବେ କେବେ ଗ୍ରାହକଙ୍କ ଚାହିଦା ଅଧିକ ହେଲେ ପଇଡ଼ ବେଶି ମଗାଇବାକୁ ପଡୁଛି।

## ଏମାନେ କ'ଣ କୁହନ୍ତି



**ଲିଜା ସାହୁ**( ଛାତ୍ରୀ, କଟକ)– ଖରାଦିନେ ପେଟ ଥଣ୍ଡା ରଖିବା ଲାଗି ପଇଡ଼ ପାଣି ବେଷ୍ଟ। ଏହା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ହିତକର। ତେଣୁ ବାହାରକୁ ଯାଇଥିଲେ ଶୋଷ ଲାଗିବା ସମୟରେ ଏହାକୁ ପିଇଥାଏ। ଖାଲି ଏତିକି ନୁହେଁ, ଖରାଦିନେ କଲେଜରୁ ଫେରିବା ପରେ ବେଳେବେଳେ ମୁହଁରେ ବି ପଇଡ଼ ପାଣି ଲଗାଏ। ଏହାଦ୍ୱାରା ତ୍ୱଚାର ଡଲ୍‌ନେସ୍ ଏବଂ ଟ୍ୟାନ୍ ଦୂର ହେବା ସହ ଫ୍ରେଶ୍ ବି ଲାଗିଥାଏ।



**ସତ୍ୟ କୁମାର**(ବ୍ୟବସାୟୀ, ଭୁବନେଶ୍ୱର)– ଖରାଦିନ ପାଇଁ ଦୋକାନରେ ପ୍ରାୟ ସବୁ ପ୍ରକାରର ଥଣ୍ଡାପାନୀୟ ରଖିଛି। ଯାହା ଭଲ ବିକ୍ରି ମଧ୍ୟ ହେଉଛି। ହେଲେ ଏବେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଅନେକେ ଡିମାଣ୍ଡ କରୁଥିବାରୁ ପଇଡ଼ ମଧ୍ୟ ଆଣି ରଖିଛି। ଆଗାମୀ ବର୍ଷକୁ ଏହି ବ୍ୟବସାୟ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ସତ କହିବାକୁ ଗଲେ, ନିଜେ ମଧ୍ୟ ବାହାରକୁ ଗଲେ କୋଲ୍ଡ ଡ୍ରିଙ୍କ୍ସ ବଦଳରେ ପଇଡ଼ ପାଣି ପିଇବାକୁ ବେଶି ଭଲପାଏ।





### ଜାଣନ୍ତୁ ଦୁନିଆ

# ବୃହତ୍ ପ୍ରାଣୀ



ଆମେ ପ୍ରତିଦିନ ବିଭିନ୍ନ ପ୍ରକାରର ପ୍ରାଣୀଙ୍କୁ ଦେଖୁ। ସେମାନଙ୍କ ଆକାର ଏବଂ ପ୍ରକାରକୁ ନେଇ ମନ ଭିତରେ ଏକ ନିର୍ଦ୍ଦିଷ୍ଟ ଛବି ମଧ୍ୟ ରହିଯାଇଥାଏ। ହେଲେ ପୃଥିବୀରେ ସେଭଳି ପ୍ରାଣୀମାନଙ୍କର ସର୍ବବୃହତ୍ ପ୍ରଜାତି ରହିଛି, ଯାହା ବିଷୟରେ ଜାଣିଲେ ଯେକେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଜାଣିବା ସେଭଳି କେତେକ ବୃହତ୍ ପ୍ରାଣୀଙ୍କ ସମ୍ପର୍କରେ...

**ସବୁଠୁ ବଡ଼ ସାପ; ଗ୍ରୀନ୍ ଆନାକୋଣ୍ଡା:** ଏହା ହେଉଛି ପୃଥିବୀର ସବୁଠୁ ବଡ଼ ସାପ, ଯାହାର ଲମ୍ବ ୩୦ ଫୁଟ୍ ହୋଇଥିବା ବେଳେ ଓଜନ ପ୍ରାୟ ୫୫୦ ପାଉଣ୍ଡ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ। ତେବେ ଅଣ୍ଡିରା ସାପ ତୁଳନାରେ ମାଈ ସାପର ଲମ୍ବ ଅଧିକ ହୋଇଥାଏ। ଏହି ସାପ ବ୍ରାଜିଲର ସନ୍ତସନ୍ତିଆ ସ୍ଥାନରେ ଏବଂ ଆମାଜନ୍ ରେନ୍‌ଫରେମଷ୍ଟରେ



ଦେଖାଯାଆନ୍ତି। ସେମାନେ ବନ୍ୟ ଜୀବଜନ୍ତୁଙ୍କୁ ନିଜ ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି।



**ବଡ଼ ଗାଈ; ଚିଆନିନା:** ଇଟାଲୀର ଟସ୍କାନିରେ ଦେଖିବାକୁ ମିଳୁଥିବା ଏହି ଗାଈ ୨ ମିଟର ପର୍ଯ୍ୟନ୍ତ ଉଚ୍ଚ ହୋଇଥିବା ବେଳେ ଓଜନ ୧୭୦୦ କିଲୋଗ୍ରାମ୍‌ରୁ ଊର୍ଦ୍ଧ୍ୱ, ଯେଉଁଥିପାଇଁ ଏହା ଉଭୟ ଓଜନ ଏବଂ ଉଚ୍ଚତାରେ ପୃଥିବୀର ସବୁଠୁ ଗାଈ



ପ୍ରଜାତି। ଏହାକୁ ମୁଖ୍ୟତଃ ମାଂସ ପାଇଁ ପାଳନ କରାଯାଏ।

**ବଡ଼ ବେଙ୍ଗ; ଗୋଲିଆଥ୍ ବୁଲ୍‌ଫ୍ରଗ୍:** ବର୍ଷାଦିନେ ନଈ, ପୋଖରୀ, ବିଲ କିମ୍ବା ରାସ୍ତାକଡ଼ରେ ଛୋଟରୁ ବଡ଼ ଅନେକ ଆକାରର ବେଙ୍ଗ ଦେଖିଥିବେ। ହେଲେ ଭାବିଛନ୍ତି କି ବେଙ୍ଗ କେବେ ୩୨ ସେଣ୍ଟିମିଟର ଲମ୍ବର ବି ହୋଇପାରେ। ଆଶ୍ଚର୍ଯ ଲାଗୁଥିଲେ ବି ଏହା ସତ। ପୃଥିବୀର ସବୁଠୁ ବଡ଼ ପ୍ରଜାତିର ଏହି ବେଙ୍ଗର ନାମ ହେଉଛି ଗୋଲିଆଥ୍ ବୁଲ୍‌ଫ୍ରଗ୍। ଏହାର ଓଜନ ପାଖାପାଖି ୩.୩ କିଲୋଗ୍ରାମ୍। ଏହି ବେଙ୍ଗ ପଶ୍ଚିମ ଆଫ୍ରିକାରେ ଦେଖାଯାଆନ୍ତି। ସେଠାରେ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ।

**ବିଶାଳ ମାଛ ; ହ୍ୱେଲ୍ ଶାର୍କ:** ଏହା ହେଉଛି ପୃଥିବୀର ସବୁଠୁ ବଡ଼ ମାଛ, ଯାହାର ଲମ୍ବ ପ୍ରାୟ ୧୨ ଫୁଟ୍। ସେମାନଙ୍କ ଦାନ୍ତ ଖୁବ୍ ଛୋଟ ହୋଇଥିବାରୁ ସେମାନେ କାମୁଡ଼ି କିମ୍ବା ଚୋବାଇ ଖାଇପାରନ୍ତି ନାହିଁ। ତେଣୁ ସେମାନେ ଛୋଟ ମାଛ ଏବଂ ଜଳଚର ଜୀବ ଗିଳିଥା'ନ୍ତି। ଏହି ମାଛର ବୟସସୀମା ପ୍ରାୟ ୧୫୦ ବର୍ଷ। ତେବେ ମାତ୍ର ୧୦ ପ୍ରତିଶତ ମାଛ ହିଁ ଏତେ ବଡ଼ ହେବା ପର୍ଯ୍ୟନ୍ତ ବଞ୍ଚିଥାନ୍ତି।

# ବାଙ୍ଗାଲୋର ୨୩ ରନ୍‌ରେ ବିଜୟୀ



ଉଇକେଟ ନେବା ପରେ ବିଜୟ କୁମାର ବୈଶାକ।



ପ୍ଲେୟର ଅଫ୍ ଦ ମ୍ୟାଚ୍ ବିରାଟ କୋହଲି।

**ବେଙ୍ଗାଲୁରୁ,୧୫।୪:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କ୍ରମାଗତ ପଞ୍ଚମ ମ୍ୟାଚରେ ମଧ୍ୟ ପଏଣ୍ଟ ଖାତା ଖୋଲିପାରିନାହିଁ ଦିଲ୍ଲୀ କ୍ୟାପିଟାଲ୍ସ। ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି) ନିକଟରୁ ୨୩ ରନ୍‌ରେ ହାରିବା ସହ ଡେଭିଡ୍ ୱାର୍ନରଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଲଗାତର ପଞ୍ଚମ ପରାଜୟ ବରଣ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ବିରାଟ କୋହଲିଙ୍କ ଅର୍ଦ୍ଧଶତକ ବଳରେ ୨୦ ଓଭରରେ ୬ ଉଇକେଟରେ ୧୭୪ ରନ୍ କରିଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୫୧ ରନ୍ କରିବାରେ ସମର୍ଥ ହୋଇଥିଲା। ମହିପାଲ ଲୋମରୋରଙ୍କ ସ୍ଥାନରେ ଅନୁଜ ରାୱତ ଓ ମୁସ୍ତାଫିଜୁର ରେହମାନଙ୍କ ସ୍ଥାନରେ ପୃଥ୍ୱୀ ଶ' ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ଭାବରେ ଆସିଥିଲେ। **କୋହଲିଙ୍କ ତୃତୀୟ ଅର୍ଦ୍ଧଶତକ:** ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆରସିବିକୁ ବିରାଟ କୋହଲି(୫୦) ଓ ଫାଫ୍ ଡୁ ପ୍ଲେସି(୨୨) ଏକ ଦୃଢ଼ ଆରମ୍ଭ କରିଥିଲେ। ଉଭୟ ଓପନିଂ ଯୋଡ଼ିରେ ୪୨ ରନ୍ ଯୋଡ଼ିଥିଲେ। ଚତୁର୍ଥ ମ୍ୟାଚ୍‌ରେ ବିରାଟ ତୃତୀୟ ଅର୍ଦ୍ଧଶତକ ହାସଲ କରିବା ସହିତ ଦଳ ଏକ ବିଶାଳ ସ୍କୋର ଆଡ଼କୁ ଅଗ୍ରସର ହେଉଥିଲା। କୋହଲି ୩୪ ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୫୦ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ମଧ୍ୟକ୍ରମରେ ଦିଲ୍ଲୀ ସ୍ପିନରଙ୍କ ପ୍ରଭାବୀ ବୋଲିଂ କାରଣରୁ ଆରସିବି ୧୭୪ ରନ୍ କରିଥିଲା। ୧୫ତମ ଓଭରରେ କୁଲଦୀପ୍ ଯାଦବ ମେଡେନ୍ ସହ ୨ ଉଇକେଟ ନେବାରୁ ଆର୍‌ସିବିର ରନ୍‌ଗତି ଉପରେ ଅଙ୍କୁଶ ଲାଗିଥିଲା। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କୁଲଦୀପ୍ ଯାଦବ ଓ ମିଚେଲ ମାର୍ଶ ଦୁଇଟି ଲେଖାଏ ଉଇକେଟ ନେଇଥିବା ବେଳେ ଅକ୍ଷର ପଟେଲ ଓ ଲଳିତ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। **ବିଜୟଙ୍କ ଘାତକ ବୋଲିଂ:** ୧୭୫ ବିଜୟ ରନ୍ ଲକ୍ଷ୍ୟ ନେଇ ବ୍ୟାଟିଂ ଆରମ୍ଭ କରିଥିବା ଦିଲ୍ଲୀ ମାତ୍ର ଦୁଇ ରନ୍‌ରେ ୩ ଉଇକେଟ ହରାଇଥିଲା। ପୃଥ୍ୱୀ ଶ' ଓ ମିଚେଲ ମାର୍ଶ ଖାତା ଖୋଲିବାରେ ସମର୍ଥ ହୋଇ ନ ଥିବାବେଳେ ୟାଶ ଧୂଲ ୧ ରନ୍ କରିଥିଲେ। ଡେଭିଡ୍ ୱାର୍ନର (୧୯) ଓ ମନୀଷ ପାଣ୍ଡେ(୫୦) ଇନିଂସ ସଜାଡ଼ିବାକୁ ପ୍ରୟାସ କରିଥିଲେ। ଉଭୟ ୨୮ ରନ୍ ଯୋଡ଼ିଥିବା ବେଳେ ପଦାର୍ପଣକାରୀ ବିଜୟ କୁମାର ବୈଶାକ ୩ ଉଇକେଟ ନେଇଥିଲେ। ପ୍ରଥମ ବଲ୍‌ରେ ୱାର୍ନରଙ୍କ ଉଇକେଟ ଅକ୍ତିଆର କରିବା ସହିତ ସେ ଅକ୍ଷର ପଟେଲ ଓ ଲଳିତ ଯାଦବଙ୍କୁ ମଧ୍ୟ ପ୍ୟାଭିଲିୟନ ପଠାଇଥିଲେ। ମନୀଷ ପାଣ୍ଡେ ୩୮ ବଲ୍ ଖେଳି ୫୦ ରନ୍ କରିଥିଲେ। ଆରସିବି ପକ୍ଷରୁ ବିଜୟ ୩, ମହମ୍ମଦ ସିରାଜ ୨, ୱେନ୍ ପାର୍ନେଲ୍, ୱନିନ୍ଦୁ ହସରଙ୍ଗା ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିରାଟ କୋହଲିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। **ସଂକ୍ଷିପ୍ତ ସ୍କୋର: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର** ୨୦ ଓଭରରେ ୧୭୪/୬(ବିରାଟ କୋହଲି-୫୦, ମହିପାଲ ଲୋମରୋର-୨୬, ଗ୍ଲେନ୍ ମ୍ୟାକ୍ସୱେଲ-୨୪, କୁଲଦୀପ ଯାଦବ-୨/୨୩, ମିଚେଲ୍ ମାର୍ଶ-୨/୧୮)। **ଦିଲ୍ଲୀ କ୍ୟାପିଟାଲ୍ସ** ୨୦ ଓଭରରେ ୧୫୧/୯(ମନୀଷ ପାଣ୍ଡେ-୫୦, ଆନରିଚ୍ ନର୍ଜେ-୨୩*, ଅକ୍ଷର ପଟେଲ-୨୧, ବିଜୟ କୁମାର-୩/୨୦, ମହମ୍ମଦ ସିରାଜ-୨/୨୩)।

## ଦିଲ୍ଲୀର କ୍ରମାଗତ ପଞ୍ଚମ ପରାଜୟ

## ପାକିସ୍ତାନ ବିଜୟୀ

**ଲାହୋର, ୧୫।୪:** ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ପାକିସ୍ତାନ ୮୮ ରନ୍‌ରେ ବିଜୟ ହାସଲ କରିଛି। ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜ ୧-୦ରେ ଅଗ୍ରଣୀ ହୋଇଛି।













Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ